- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR

♦VOLUME- 43 ♦ISSUE-343 ♦THURSDAY ♦11 JUNE 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୩୪୩ ♦ଗୁରୁବାର ♦୧୧ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ଫିଫା ବିଶ୍ୱକପ୍ ଉଦ୍‌ଘାଟନ ଆଜି




■ ମେକ୍ସିକୋ ସିଟି, ୧୦।୬ (ସମିସ): ଫିଫା ବିଶ୍ୱକପ୍ ଫୁଟବଲର ୨୩ତମ ସଂସ୍କରଣ ଆସନ୍ତାକାଲିଠାରୁ ଆରମ୍ଭ ହେବ। ବିଶ୍ୱର ଏହି ସର୍ବାଧିକ ଲୋକପ୍ରିୟ ପ୍ରତିଯୋଗିତାକୁ ପ୍ରଥମଥର ୩ଟି ଦେଶ ଯୁକ୍ତରାଷ୍ଟ୍ର ଆମେରିକା, ମେକ୍ସିକୋ ଏବଂ କାନାଡା ମିଳିତ ଭାବେ ଆୟୋଜନ କରୁଛନ୍ତି। ଜୁନ୍ ୧୧ରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇ ଜୁଲାଇ ୧୯ରେ ଶେଷ ହେବ। ଏହି ସଂସ୍କରଣରେ ମଧ୍ୟ ସର୍ବାଧିକ ୪୮ଟି ଦେଶ ଅଂଶଗ୍ରହଣ କରୁଥିଲାବେଳେ ସର୍ବାଧିକ ୧୦୪ଟି ମ୍ୟାଚ୍ ୩ଟି ଦେଶର ୧୬ଟି ଷ୍ଟାଡିୟମ୍‌ରେ ଖେଳାଯିବାର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ଏହା ମଧ୍ୟରୁ ଆମେରିକାର ସର୍ବାଧିକ ୧୧ଟି ଭେନ୍ୟୁରେ ଫାଇନାଲ ଓ କ୍ୱାର୍ଟରଫାଇନାଲ ପରଠାରୁ ସମସ୍ତ ନକ୍‌ଆଉଟ ମ୍ୟାଚ୍ ସମେତ ମୋଟ ୭୮ଟି, ଅନ୍ୟ ଦୁଇ ସହ ଆୟୋଜକ ଦେଶ ୧୩ଟି ଲେଖାଏଁ ମ୍ୟାଚ୍ ଆୟୋଜନ କରିବେ। ଜୁଲାଇ ୧୯ ତାରିଖ ରାତି ୧୨ଟା ୩୦ ମିନିଟ୍‌ରେ ଫାଇନାଲ ମୁକାବିଲା ନ୍ୟୁ ଜର୍ସୀର ମେଟ୍‌ଲାଇଫ ଷ୍ଟାଡିୟମ୍‌ରେ ଖେଳାଯିବ। ଭାରତରେ ମ୍ୟାଚ୍ ଗୁଡିକର ସିଧାସଳଖ ପ୍ରସାରଣ ଜୀ ଏଣ୍ଟରଟେନ୍‌ମେଣ୍ଟ ନେଟ୍‌ୱର୍କରେ ପ୍ରସାରଣ କରାଯିବ। ଜୀ ଟିଭି ପକ୍ଷରୁ ୟୁନିଟ୍୮ -ସ୍ପୋର୍ଟ୍ସ ନାମରେ ୪ଟି ଚ୍ୟାନେଲ ହିନ୍ଦୀ ଓ ଇଂରାଜୀରେ ସିଧାସଳଖ ପ୍ରସାରଣ କରାଯିବ।

ଆସନ୍ତାକାଲି ବା ଗୁରୁବାର ମେକ୍ସିକୋ ସିଟିରେ ଭାରତୀୟ ସମୟ ରାତି ୧୦ଟା ୩୦ ମିନିଟ୍‌ରୁ ଦେଢ଼ ଘଣ୍ଟା ଲାଗି ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବର ଆୟୋଜନ କରାଯାଇଛି। ଆମେରିକା ଓ କାନାଡାରେ ମଧ୍ୟ ଏକ ସଙ୍ଗେ ଉତ୍ସବର ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ପ୍ରଖ୍ୟାତ ଗାୟିକା ସାକିରା ଉଦ୍‌ଘାଟନୀ ଉତ୍ସବର ମୁଖ୍ୟ ଆକର୍ଷଣ ସାଜିବେ। କାନାଡାର ଟରଣ୍ଟୋ ଓ ଆମେରିକାରେ ମଧ୍ୟ ଉଦଘାଟନୀ ଉତ୍ସବର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ଦୁଃସ୍ଥିତି ଆଣିବ ‘ଗଡ଼ଜିଲା ଏଲ୍ ନିନୋ’

■ ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହେଉଥିବା ଏକ ପ୍ରାକୃତିକ ଜଳବାୟୁ ପରିବର୍ତ୍ତନ ‘ଏଲ୍ ନିନୋ’ ଏବେ ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। ବୈଜ୍ଞାନିକମାନେ ଏହାକୁ ‘ଗଡ଼ଜିଲା ଏଲ୍ ନିନୋ’ ବା ଅତି ଶକ୍ତିଶାଳୀ ଏଲ୍ ନିନୋର ଆଖ୍ୟା ଦେଇଛନ୍ତି। ଯଦିଓ ଏହି ପରିବର୍ତ୍ତନ ଭାରତଠାରୁ ହଜାର ହଜାର କିଲୋମିଟର ଦୂରରେ ସୃଷ୍ଟି ହେଉଛି, ତଥାପି ଏହାର ସିଧାସଳଖ ପ୍ରଭାବ ଭାରତର ସାଧାରଣ ଜୀବନଯାତ୍ରା, ଚାଷକାର୍ଯ୍ୟ ଏବଂ ବ୍ୟବସାୟ ଉପରେ ପଡ଼ିବାକୁ ଯାଉଛି। ବିଶ୍ୱ ଅର୍ଥନୈତିକ ମଞ୍ଚ ସମେତ ଅନେକ ଅନ୍ତର୍ଜାତୀୟ ସଂଗଠନ ଏହାକୁ ନେଇ ସତର୍କ ସୂଚନା ଜାରି କରିଛନ୍ତି। ଭାରତର ଲକ୍ଷ ଲକ୍ଷ ଚାଷୀଙ୍କ ପାଇଁ ମୌସୁମୀ ଋତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏବେ ବି ଦେଶର ପ୍ରାୟ ଅଧା କୃଷି ଜମି ଜଳସେଚନ ବଦଳରେ ବର୍ଷା ଜଳ ଉପରେ ନିର୍ଭର କରେ। ଏଲ୍ ନିନୋ ପ୍ରଭାବରେ ମୌସୁମୀ ବର୍ଷା କମିଯାଏ କିମ୍ବା ଦୀର୍ଘ ଦିନ ଧରି ମରୁଡ଼ି ପରିସ୍ଥିତି ସୃଷ୍ଟି ହୁଏ। ଏହାଦ୍ୱାରା ଧାନ, ଡାଲି, ସୋୟାବିନ୍, କପା ଏବଂ ମକା ଭଳି ମୁଖ୍ୟ ଫସଲର ବୁଣାକାର୍ଯ୍ୟ ବାଧାପ୍ରାପ୍ତ ହେବ। ବର୍ଷା ଅଭାବରୁ ଉତ୍ପାଦନ କମିଲେ ବଜାରରେ ଖାଦ୍ୟ ସାମଗ୍ରୀର ଅଭାବ ଦେଖାଦେବ। ଫଳରେ ଦୈନନ୍ଦିନ ବ୍ୟବହୃତ ▸ପୃଷ୍ଠା-୭



**ଚାଷଠାରୁ ଆରମ୍ଭ କରି ବିଦ୍ୟୁତ ଗ୍ରୀଡ୍ ପର୍ଯ୍ୟନ୍ତ ସବୁକିଛି ପ୍ରଭାବିତ ହେବ**

# ନେହରୁଙ୍କ ରେକର୍ଡ ଭାଙ୍ଗିଲେ ମୋଦୀ

## ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଶାସନରେ ସର୍ବାଧିକ ସମୟ



■ ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ଭାରତୀୟ ରାଜନୀତିରେ ଆଜି ଆଉ ଏକ ଐତିହାସିକ ଅଧ୍ୟାୟ ଯୋଡ଼ି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଦେଶର ସର୍ବାଧିକ ସମୟ କାର୍ଯ୍ୟ କରିବାର ରେକର୍ଡ ସ୍ଥାପନ କରିଛନ୍ତି। ଜୁନ ୧୦ ତାରିଖରେ ସେ ଲଗାତାର ୪, ୩୯୯ ଦିନ ପ୍ରଧାନମନ୍ତ୍ରୀ ପଦରେ ରହି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ୪, ୩୯୮ ଦିନର ରେକର୍ଡକୁ ଅତିକ୍ରମ କରିଛନ୍ତି।

୨୦୧୪ ମସିହା ମେ ୨୬ରେ ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିବା ନରେନ୍ଦ୍ର ମୋଦୀ କ୍ରମାଗତ ତିନିଟି ଲୋକସଭା ନିର୍ବାଚନରେ ବିଜୟ ହାସଲ କରି ଏହି ରେକର୍ଡ ସ୍ଥାପନ କରିଛନ୍ତି। ଏହା ପୂର୍ବରୁ କେବଳ ଜବାହରଲାଲ ନେହରୁ ଲଗାତାର ତିନିଥର ସାଧାରଣ ନିର୍ବାଚନ ଜିତି ଏପରି ସଫଳତା ହାସଲ କରିଥିଲେ। ନେହରୁ ୧୯୪୭ରୁ ୧୯୬୪ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଥିବା ବେଳେ ସେ ଏବେ ମଧ୍ୟ ଭାରତର ସର୍ବାଧିକ ସମୟ ଧରି ପ୍ରଧାନମନ୍ତ୍ରୀ ରହିଥିବା ନେତା ଭାବେ ପରିଚିତ। ତେବେ ନିର୍ବାଚନ ଜିତି ଲଗାତାର କାର୍ଯ୍ୟକାଳ ଆଧାରରେ ମୋଦୀ ଏବେ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ମୋଦୀ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ମଧ୍ୟ ଦୀର୍ଘ ୧୨ ବର୍ଷରୁ ଅଧିକ ସମୟ ଦାୟିତ୍ୱରେ ଥିଲେ। ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଭାବେ ତାଙ୍କର ମୋଟ ଶାସନକାଳ ୯ ହଜାର ଦିନରୁ ଅଧିକ ହୋଇଛି। ଏହା ସହ ସେ ଦେଶର ସର୍ବାଧିକ ସମୟ ନିର୍ବାଚିତ ସରକାରର ମୁଖ୍ୟ ଭାବେ କାର୍ଯ୍ୟ କରିବାର ରେକର୍ଡ ମଧ୍ୟ ହାସଲ କରିଛନ୍ତି।

ଲୋକସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ପ୍ରଦର୍ଶନ ମଧ୍ୟ ଏହି ଯାତ୍ରାର ଏକ ମୁଖ୍ୟ ଅଂଶ। ୨୦୦୯ରେ ୧୧୬ଟି ଆସନ ଜିତିଥିବା ଦଳ ୨୦୧୪ରେ ୨୮୨ ଏବଂ ୨୦୧୯ରେ ୩୦୩ଟି ଆସନ ଜିତିଥିଲା। ୨୦୨୪ରେ ଆସନ ସଂଖ୍ୟା ୨୪୦କୁ ଖସିଥିଲେ ମଧ୍ୟ ଦଳ ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ନେତୃତ୍ୱରେ କ୍ଷମତା ବଜାୟ ରଖିଥିଲା। ଅନ୍ୟପଟେ କଂଗ୍ରେସ ୨୦୦୯ରେ ୨୦୬ଟି ଆସନ ଜିତିଥିବା ବେଳେ ୨୦୧୪ରେ ଏହା ୪୪କୁ ଖସିଯାଇଥିଲା। ତେବେ ୨୦୨୪ରେ ଦଳ ପୁଣି ୯୯ଟି ଆସନ ଜିତି ନିଜର ସ୍ଥିତିକୁ କିଛିଟା ସୁଦୃଢ଼ କରିଥିଲା। ନରେନ୍ଦ୍ର ମୋଦୀଙ୍କ ୪, ୩୯୯ ଦିନର ଲଗାତାର ପ୍ରଧାନମନ୍ତ୍ରୀ ପଦର ଯାତ୍ରା କେବଳ ଏକ ବ୍ୟକ୍ତିଗତ ସଫଳତା ନୁହେଁ; ବରଂ ଭାରତୀୟ ରାଜନୀତିରେ ଏକ ନୂତନ ମାଇଲଖୁଣ୍ଟ। ଏହି ରେକର୍ଡ ଆଗାମୀ ଦିନରେ ଭାରତର ରାଜନୈତିକ ଇତିହାସରେ ଏକ ସ୍ମରଣୀୟ ଅଧ୍ୟାୟ ଭାବେ ଲିପିବଦ୍ଧ ହୋଇ ରହିବ।

## ମମତାଙ୍କ ଘର ବାହୁଡ଼ା !

# କଂଗ୍ରେସରେ ମିଶିବ ଟିଏମ୍‌ସି ?



■ ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ମମତା ବାନାର୍ଜୀଙ୍କ ଘର ୱାପସି ହେବ କି? ୧୯୯୮ରେ ଗଠିତ ତୃଣମୂଳ କଂ।।ଗ୍ରେସ ବା ଟିଏମ୍‌ସି କଣ କଂଗ୍ରେସରେ ମିଶିଯିବ? ସଂପ୍ରତି ଏଭଳି ଅନେକ ପ୍ରଶ୍ନ ଜାତୀୟ ରାଜନୀତିକୁ ସରଗରମ କରି ରଖିଛି। ଦୀର୍ଘ ୨୮ ବର୍ଷ ଧରି ପଶ୍ଚିମ ବଙ୍ଗ ରାଜନୀତିରେ ଛାଇ ହୋଇ ରହିଥିବା ମମତା ବାନାର୍ଜୀଙ୍କୁ ନେଇ ଅନେକ କଳ୍ପନାଜଳ୍ପନା ଲାଗି ରହିଛି। କ୍ରମାଗତ ୧୫ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଥିବା ମମତା ହାରିଯିବା ପରେ ତାଙ୍କ ବିରୋଧରେ ଦଳ ଭିତରେ ଏମିତି ବିଦ୍ରୋହ ହେବ ବୋଲି କେହି କେବେହେଲେ କଳ୍ପନା କରିନଥିଲେ। ଗତ ୨୮ ବର୍ଷ ଧରି ତାଙ୍କର ଅତି ଘନିଷ୍ଠ ଓ ନିର୍ଭରଯୋଗ୍ୟ ସହଯୋଗୀ ଥିବା ନେତାମାନେ ବିପଦ ସମୟରେ ତାଙ୍କୁ ଛାଡ଼ିଦେଇ ବିରୋଧୀ ଶିବିରରେ ମିଶିବାରେ ଲାଗିଛନ୍ତି। ଏଥିରେ ହତାଶ ହୋଇ ସେ କଂଗ୍ରେସରେ ମିଶିବା ଲାଗି ଯୋଜନା କରୁଥିବା କୁହାଯାଉଛି। ରାଜନୀତିରେ କିଛି ଅସମ୍ଭବ ନାହିଁ। ରାଜନୀତିରେ ଚିର ଦିନ ପାଇଁ କେହି ଶତ୍ରୁ କି ମିତ୍ର ନାହାନ୍ତି। ଗତ ଏକ ▸ପୃଷ୍ଠା-୭

## ଦଳର ବିଧାୟକ ପ୍ରାର୍ଥୀଙ୍କ ସହ ବୈଠକ

# ଏସ୍‌ଆଇଆର୍ ସମୟରେ ସତର୍କ ଓ ସଜାଗ ରୁହ: ନବୀନ



- ଦୁଇ ବର୍ଷରେ ଭୁଶୁଡ଼ି ଯାଇଛି ଆଇନଶୃଙ୍ଖଳା
- ଭୟରେ ଅଛନ୍ତି ସାରା ଓଡ଼ିଶାର ଜନସାଧାରଣ
- ପୂର୍ବରୁ ରାଜ୍ୟରେ ଦେଖା ନ ଥିଲା ଏଭଳି ଅବ୍ୟବସ୍ଥା
- ପଞ୍ଚାୟତ ଓ ପୌର ନିର୍ବାଚନ ପ୍ରସ୍ତୁତି ଆରମ୍ଭ କର
- ପରିବର୍ତ୍ତନର ସୂଚନା ଦେଉଛି ନାରୀ ଅଧିକାର ଅଭିଯାନ

■ ଭୁବନେଶ୍ୱର, ୧୦।୬ (ସମିସ): ୨୦୨୪ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଥିବା ବିଧାୟକ ପ୍ରାର୍ଥୀଙ୍କ ସହ ବୁଧବାର ସାଂଗଠନିକ ବୈଠକ କରିଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଶଙ୍ଖ ଭବନରେ ଅନୁଷ୍ଠିତ ଏହି ବୈଠକରେ ନବୀନ ବିଭିନ୍ନ ନିର୍ବାଚନମଣ୍ଡଳୀରେ ଦଳର ସାଂଗଠନିକ ସ୍ଥିତି ଓ ସ୍ଥାନୀୟ ସମସ୍ୟା ସମ୍ପର୍କରେ ମତ ବିନିମୟ କରିଛନ୍ତି। ରାଜ୍ୟର ସାମଗ୍ରିକ ସ୍ଥିତି, ଶାସନ ବ୍ୟବସ୍ଥା ତଥା ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ ନବୀନ। ସେ କହିଛନ୍ତି ଯେ ଗତ ଦୁଇ ବର୍ଷରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡି ଯାଇଛି। ଜନସାଧାରଣ ଭୟରେ ରହିଛନ୍ତି। ହତ୍ୟା, ଧର୍ଷଣ, ଲୁଟ୍, ନାରୀ ନିର୍ଯାତନା ଆଦି ଅପରାଧ ସୀମା ଲଙ୍ଘି ସାରିଲାଣି। ଅର୍ଥନୈତିକ ଅବସ୍ଥା ▸ପୃଷ୍ଠା-୭

## ଇନ୍ଧନ ସଙ୍କଟ

# ପେଟ୍ରୋଲ୍‌ର ବିକଳ୍ପ ସାଜିବ ଇଥାନଲ୍ !

## ଇ-୮୫ ଓ ଇ-୨୦ ଫ୍ଲେକ୍ସ-ଫୁଏଲ୍‌କୁ ନେଇ ଦ୍ୱନ୍ଦ୍ୱରେ ଗ୍ରାହକ



- ଇ-୮୫ ଫ୍ଲେକ୍ସ-ଫୁଏଲ ଟେକ୍ନୋଲୋଜି ଯାନ
- ଇ-୨୦ ଇନ୍ଧନରେ ସୁରକ୍ଷିତ ଚାଲିପାରିବ ତ?

■ ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ସମ୍ପ୍ରତି ଇ-୮୫ ଇନ୍ଧନକୁ ନେଇ ସାରା ଦେଶରେ ଚର୍ଚ୍ଚା। ଏହି ନୂଆ ଇନ୍ଧନ କେବଳ ପରିବେଶ ଅନୁକୂଳ ନୁହେଁ, ଦାମ ମଧ୍ୟ କମ୍। ଇ-୨୦ ଇନ୍ଧନ ଅପେକ୍ଷା ଲିଟର ପିଛା ୨୦ ଟଙ୍କା ଶସ୍ତା। ଦିଲ୍ଲୀରେ ପ୍ରଚଳନ ହୋଇଥିବା ଏହି ଇନ୍ଧନକୁ ନେଇ ସରକାର ଏଭଳି ଯୁକ୍ତି ବାଢ଼ୁଥିବା ବେଳେ ଗାଡ଼ି ମାଲିକ କିନ୍ତୁ ଚିନ୍ତାରେ। ସେମାନଙ୍କର ଗାଡ଼ିର ଇଞ୍ଜିନ ଇ-୨୦ ପେଟ୍ରୋଲ ଅନୁକୂଳ ଥିବା ବେଳେ ଏହା ଇ-୮୫ରେ ଚାଲିପାରିବ ତ? ଇ-୨୦ ପେଟ୍ରୋଲ ଗାଡ଼ିକୁ ନେଇ ▸ପୃଷ୍ଠା-୭

## ନିଟ୍ ବିଭ୍ରାଟକୁ ନେଇ ଛାତ୍ର କଂଗ୍ରେସର ବିକ୍ଷୋଭ

# କେନ୍ଦ୍ରମନ୍ତ୍ରୀ ଇସ୍ତଫା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ: କହ୍ନେୟା କୁମାର



■ ସମ୍ବଲପୁର, ୧୦।୬ (ସମିସ): ସମ୍ବଲପୁର ବୀର ସୁରେନ୍ଦ୍ର ସାଏଙ୍କ ମାଟି। ଏହି ମାଟି କେତେ ଆନ୍ଦୋଳନକାରୀଙ୍କୁ ଜନ୍ମ ଦେଇଛି। ନିଟ୍ ପ୍ରଶ୍ନ ପତ୍ର ବିଭ୍ରାଟରେ କେତେ ଛାତ୍ରଙ୍କ ଜୀବନ ସହ ଖେଳ ହୋଇଛି। ତେଣୁ ଏହି ମାଟିରୁ ଛାତ୍ର ଆନ୍ଦୋଳନକାରୀ ଜନ୍ମ ନେବା ଉଚିତ। ଯେଉଁ ସରକାର ଗୋଟିଏ ପରୀକ୍ଷା ଠିକ୍ ଭାବରେ ପରିଚାଳନା କରିପାରୁନାହିଁ ଏବଂ ଯେଉଁ ଶିକ୍ଷାମନ୍ତ୍ରୀ ଏଥିପାଇଁ ଦାୟୀ ତାଙ୍କର ସେହି ପଦରେ ରହିବାର କୌଣସି ଅଧିକାର ନାହିଁ। ଉତ୍ତରଦାୟିତ୍ୱକୁ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କୁ ଇସ୍ତଫା ଦେବାକୁ ପଡ଼ିବ ବୋଲି କହିଛନ୍ତି କଂଗ୍ରେସ ନେତା କହ୍ନେୟା କୁମାର। ପ୍ରଶ୍ନପତ୍ର ବିଭ୍ରାଟକୁ ନେଇ ସ୍ଥାନୀୟ ଧନକଉଡ଼ା ପଡ଼ିଆରେ ଯୁବଛାତ୍ର କଂଗ୍ରେସ ପକ୍ଷରୁ ଆକ୍ରୋଶ କାର୍ଯ୍ୟକ୍ରମରେ କହ୍ନେୟା କୁମାର କହିଛନ୍ତି ଯେ ଆଜିର କାର୍ଯ୍ୟକ୍ରମରୁ ଅଧିକାଂଶ ଛାତ୍ରନେତା ସୃଷ୍ଟି ହେବେ। ବିଜେପି କ୍ଷମତାରେ ଆସିବାପରେ ୮୦ରୁ ଅଧିକ ଥର ବିଭିନ୍ନ ସ୍ଥାନରେ ପ୍ରଶ୍ନ ପତ୍ର ଲିକ୍ ହୋଇଛି। ଓଡ଼ିଶାର ପୁଅ ଧର୍ମେନ୍ଦ୍ର ରାଜ୍ୟର ନାଁ ▸ପୃଷ୍ଠା-୭






## ୨୦୩୦ ସୁଦ୍ଧା ଶେଷ ହେବ 'ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ'ର ଯାତ୍ରା

■ ପ୍ରଶାନ୍ତ ମହାସାଗରରେ ଖସାଇବ ନାସା
■ ଖର୍ଚ୍ଚ ହେବ ୯, ୫୦୦ କୋଟି ଟଙ୍କା

ନ୍ୟୁୟର୍କ, ୧୦।୬(ଏଜେନ୍ସି): ପୃଥିବୀ ପୃଷ୍ଠରୁ ପ୍ରାୟ ୪୦୦ କିଲୋମିଟର ଉପରେ ରହି ବିଗତ ୨୫ ବର୍ଷ ଧରି କାର୍ଯ୍ୟ କରୁଥିବା ବିଶ୍ୱର ସବୁଠାରୁ ବଡ଼ ସ୍ପେସ୍ ଲାବୋରେଟୋରୀ 'ଆନ୍ତର୍ଜାତୀୟ ମହାକାଶ ଷ୍ଟେସନ' (ଆଇଏସ୍ଏସ୍) ନିଜର ଶେଷ ସମୟରେ ପହଞ୍ଚିଛି। ଆମେରିକାର ମହାକାଶ ସଂସ୍ଥା 'ନାସା' ଏହାକୁ ୨୦୨୮ରୁ ୨୦୩୦ ମସିହା ମଧ୍ୟରେ ସୁରକ୍ଷିତ ଭାବେ ପୃଥିବୀକୁ ଫେରାଇ ଆଣିବାକୁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଛି। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ପାଇଁ ପ୍ରାୟ ୧ ବିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୯, ୫୦୦ କୋଟି ଟଙ୍କା) ଖର୍ଚ୍ଚ କରାଯିବ। ମହାକାଶ ଷ୍ଟେସନଟି ତାର ନିର୍ଦ୍ଧାରିତ ସମୟ ସୀମାଠାରୁ ବହୁତ ଅଧିକ ଦିନ କାର୍ଯ୍ୟ କରିସାରିଛି। ଏବେ ଏଥିରେ ଅନେକ ଯାନ୍ତ୍ରିକ ତ୍ରୁଟି ଦେଖାଯାଉଛି ଏବଂ ଏହାର ରକ୍ଷଣାବେକ୍ଷଣ ପାଇଁ ଅତ୍ୟଧିକ ଖର୍ଚ୍ଚ ହେଉଛି। ଏହା ବଦଳରେ ନାସା ଏବେ ଚନ୍ଦ୍ର ଓ ମଙ୍ଗଳ ଅଭିଯାନ ଉପରେ ଅଧିକ ଧ୍ୟାନ ଦେବାକୁ ଚାହୁଁଛି। ପ୍ରାୟ ୪, ୫୦, ୦୦୦ କିଲୋଗ୍ରାମ ଓଜନର ଏହି ବିଶାଳ ଷ୍ଟେସନକୁ ଏକ ସ୍ୱତନ୍ତ୍ର ସ୍ପେସକ୍ରାଫ୍ଟ ସାହାଯ୍ୟରେ ପୃଥିବୀର ବାୟୁମଣ୍ଡଳକୁ ଠେଲି ଦିଆଯିବ। ବାୟୁମଣ୍ଡଳର ଘର୍ଷଣ ଯୋଗୁଁ ଏହାର ଅଧିକାଂଶ ଅଂଶ ଜଳିଯିବ। ଜଳିବା ପରେ ବଞ୍ଚିଯାଇଥିବା ବଡ଼ ବଡ଼ ଖଣ୍ଡଗୁଡ଼ିକୁ ପ୍ରଶାନ୍ତ ମହାସାଗରର ଏକ ଦୂରବର୍ତ୍ତୀ ଅଞ୍ଚଳ 'ପଏଣ୍ଟ ନେମୋ'ରେ ଖସାଯିବ। ଏହି ସ୍ଥାନରେ କୌଣସି ଜନବସତି ନାହିଁ ଏବଂ ଏହାକୁ ମହାକାଶର ଆବର୍ଜନା ପକାଇବା ପାଇଁ ବ୍ୟବହାର କରାଯାଏ। ଏହା ମହାକାଶରେ ମଣିଷ ଦ୍ୱାରା ନିର୍ମିତ ସବୁଠାରୁ ବଡ଼ ଗଠନ, ଯାହାର ଆକାର ଏକ ଫୁଟବଲ୍ ପଡ଼ିଆ ସହ ସମାନ। ଏପର୍ଯ୍ୟନ୍ତ ୧୯ଟି ଦେଶର ୨୫୦ରୁ ଅଧିକ ମହାକାଶଚାରୀ ଏଠାକୁ ଗସ୍ତ କରିସାରିଛନ୍ତି। ଆଇଏସ୍ଏସ୍'ର ଅବସର ପରେ ଅନେକ ବେସରକାରୀ କମ୍ପାନୀ (ଯେପରିକି ବ୍ଲୁ ଓରିଜିନ୍, ଆକ୍ସିଅମ୍ ସ୍ପେସ୍) ନିଜସ୍ୱ ସ୍ପେସ୍ ଷ୍ଟେସନ ନିର୍ମାଣ କରୁଛନ୍ତି। ଚୀନ୍‌ର ନିଜସ୍ୱ ସ୍ପେସ୍ ଷ୍ଟେସନ ମଧ୍ୟ ରହିଛି। ଅନ୍ୟପଟେ ଭାରତୀୟ ମହାକାଶ ସଂସ୍ଥା 'ଇସ୍ରୋ' ୨୦୩୫ ସୁଦ୍ଧା ନିଜର ସ୍ୱଦେଶୀ ମହାକାଶ ଷ୍ଟେସନ ସ୍ଥାପନ କରିବା ପାଇଁ କାମ କରୁଛି।

## ବିଶ୍ୱର ଶ୍ରେଷ୍ଠ ଖାଦ୍ୟ ସହର ତାଲିକାରେ ଭାରତର ଏକମାତ୍ର ସହର ବେଙ୍ଗାଲୁରୁ

ନୂଆଦିଲ୍ଲୀ, ୧୦।୬(ଏଜେନ୍ସି): ବିଶ୍ୱର ଶ୍ରେଷ୍ଠ ଖାଦ୍ୟ ସହରଗୁଡ଼ିକର ତାଲିକାରେ ଭାରତର ଏକମାତ୍ର ପ୍ରତିନିଧି ଭାବେ ବେଙ୍ଗାଲୁରୁ ସ୍ଥାନ ପାଇଛି। ଆନ୍ତର୍ଜାତିକ ପତ୍ରିକା 'ଟାଇମ୍ ଆଉଟ୍' ପକ୍ଷରୁ ପ୍ରକାଶିତ 'ବିଶ୍ୱର ୨୦ଟି ଶ୍ରେଷ୍ଠ ଖାଦ୍ୟ ସହର-୨୦୨୬' ତାଲିକାରେ ବେଙ୍ଗାଲୁରୁ ୧୩ତମ ସ୍ଥାନ ଅଧିକାର କରିଛି। ସୁଗନ୍ଧିତ ବିରିୟାନି, ପାରମ୍ପରିକ ଦକ୍ଷିଣ ଭାରତୀୟ ଖାଦ୍ୟ ଏବଂ ନୂଆ ଧରଣର ପାନୀୟ ସଂସ୍କୃତି ପାଇଁ ସହରଟି ବିଶ୍ୱସ୍ତରରେ ପ୍ରଶଂସା ସାଉଁଟିଛି। ୨୪ ହଜାରରୁ ଅଧିକ ଲୋକଙ୍କ ମତାମତକୁ ଆଧାର କରି ଏହି ତାଲିକା ପ୍ରସ୍ତୁତ କରାଯାଇଛି। ବେଙ୍ଗାଲୁରୁର ୮୨ ପ୍ରତିଶତ ବାସିନ୍ଦା ସହରର ଖାଦ୍ୟ ସଂସ୍କୃତିକୁ ଅତ୍ୟନ୍ତ ଭଲ ବୋଲି ମତ ଦେଇଛନ୍ତି। ବେଙ୍ଗାଲୁରୁର ପରିଚୟ କେବଳ ସୂଚନା ପ୍ରଯୁକ୍ତି କେନ୍ଦ୍ର ଭାବେ ସୀମିତ ନୁହେଁ। ଏଠାର ପାରମ୍ପରିକ ଖାଦ୍ୟାଳୟ, ଦକ୍ଷିଣ ଭାରତୀୟ ଜଳଖିଆ, ସାମରିକ ଶୈଳୀର ଭୋଜନାଳୟ ଓ ଆଧୁନିକ ଭୋଜନ ସଂସ୍କୃତି ଖାଦ୍ୟପ୍ରେମୀଙ୍କୁ ଆକର୍ଷିତ କରୁଛି। ବେନ୍‌ନେ ଦୋସା, ଇଡ୍ଲି, ବଡା, ନଡ଼ିଆ ଚଟଣୀ ଓ ପ୍ରସିଦ୍ଧ 'ଦୋନେ ବିରିୟାନି' ସହରର ଖାଦ୍ୟ ପରିଚୟକୁ ସମୃଦ୍ଧ କରିଛି।





## ଚନ୍ଦ୍ରରେ ଅବତରଣ ସ୍ୱପ୍ନକୁ ସାମୟିକ ବିରାମ

ୱାସିଂଟନ, ୧୦।୬(ଏଜେନ୍ସି): ଚନ୍ଦ୍ର ଅଭିଯାନର ନୂଆ ଅଧ୍ୟାୟ ଲେଖିବା ଦିଗରେ ଆଗେଇ ଚାଲିଥିବା ନାସା ଆର୍ଟେମିସ-୩ ଅଭିଯାନ ପାଇଁ ମହାକାଶଯାତ୍ରୀ ଦଳର ନାମ ଘୋଷଣା କରିଛି। ତେବେ ଏହି ଅଭିଯାନ ଆଉ ଚନ୍ଦ୍ରପୃଷ୍ଠରେ ଅବତରଣ କରିବ ନାହିଁ। ପୂର୍ବ ଯୋଜନା ଅନୁସାରେ ଚନ୍ଦ୍ରର ଦକ୍ଷିଣ ଧ୍ରୁବ ଅଞ୍ଚଳରେ ମଣିଷଙ୍କୁ ଅବତରଣ କରାଇବାର ଲକ୍ଷ୍ୟ ଥିଲେ ମଧ୍ୟ, ବର୍ତ୍ତମାନ ଏହାକୁ ପୃଥିବୀର ନିମ୍ନ କକ୍ଷପଥରେ ପରୀକ୍ଷାମୂଳକ ଅଭିଯାନରେ ପରିଣତ କରାଯାଇଛି। ଅଭିଯାନର ନେତୃତ୍ୱ ନେବେ ଅଭିଜ୍ଞ ମହାକାଶଯାତ୍ରୀ ରାଣ୍ଡି ବ୍ରେସନିକ। ଲୁକା ପାର୍ମିଟାନୋ ଅଭିଯାନର ପାଇଲଟ୍ ଭାବେ କାର୍ଯ୍ୟ କରିବେ। ଆଣ୍ଡ୍ରେ ଡଗଲାସ ଓ ଫ୍ରାଙ୍କ ରୁବିଓଙ୍କୁ ଅଭିଯାନ ବିଶେଷଜ୍ଞ ଭାବେ ନିଯୁକ୍ତ କରାଯାଇଛି। ବବ୍ ହାଇଣ୍ଟ୍ସ ବିକଳ୍ପ ସଦସ୍ୟ ଭାବେ ରହିବେ। ନାସା ଫେବୃଆରୀ ମାସରେ ଆର୍ଟେମିସ-୩'ର ରୂପରେଖାରେ ପରିବର୍ତ୍ତନ ଆଣିଥିଲା। ବର୍ତ୍ତମାନ ଏହି ଅଭିଯାନ ଚନ୍ଦ୍ରକୁ ଯିବା ପରିବର୍ତ୍ତେ ପୃଥିବୀଠାରୁ ପ୍ରାୟ ୪୬୦ କିଲୋମିଟର ଉଚ୍ଚତାରେ ଥିବା ନିମ୍ନ କକ୍ଷପଥରେ ରହିବ। ସେଠାରେ ମହାକାଶଯାନଟି ଚନ୍ଦ୍ର ଅବତରଣ ଯାନର ପ୍ରାରମ୍ଭିକ ନମୁନା ସହ ସଂଯୋଗ ସ୍ଥାପନ କରିବ ଏବଂ ବିଭିନ୍ନ ପ୍ରଯୁକ୍ତିର ପରୀକ୍ଷା କରାଯିବ। ଅଭିଯାନ ସମୟରେ ନୂତନ ମହାକାଶ ପୋଷାକ, ଜୀବନରକ୍ଷା ବ୍ୟବସ୍ଥା ଏବଂ ଚନ୍ଦ୍ର ଅବତରଣ ଯାନର ପ୍ରଯୁକ୍ତିଗତ କ୍ଷମତା ଯାଞ୍ଚ କରାଯିବ। ଏହାସହ ପୃଥିବୀର ବାୟୁମଣ୍ଡଳକୁ ଫେରିବା ବେଳେ ଉନ୍ନତ ତାପ ସୁରକ୍ଷା କବଚର ପରୀକ୍ଷା ମଧ୍ୟ କରାଯିବ। ଚନ୍ଦ୍ର ଅବତରଣ ଯୋଜନା ସ୍ଥଗିତ ହେବାର ପ୍ରମୁଖ କାରଣ ହେଉଛି ଚନ୍ଦ୍ର ଅବତରଣ ପାଇଁ ପ୍ରସ୍ତାବିତ ଯାନର ପ୍ରସ୍ତୁତି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନ ହେବା। ସେହିପରି କକ୍ଷପଥରେ ଇନ୍ଧନ ଭରଣ ପ୍ରଣାଳୀର ସଫଳ ପରୀକ୍ଷା ମଧ୍ୟ ହୋଇନାହିଁ। ଏହି ସମସ୍ତ ପ୍ରଯୁକ୍ତିଗତ ଚ୍ୟାଲେଞ୍ଜ ଦୂର ହେବା ପରେ ଆର୍ଟେମିସ-୪ ଅଭିଯାନରେ ଚନ୍ଦ୍ରରେ ମଣିଷଙ୍କୁ ଅବତରଣ କରାଇବାକୁ ନାସା ଆଶା ରଖିଛି। ନାସାର ଦୀର୍ଘମିଆଦୀ ଲକ୍ଷ୍ୟ ହେଉଛି ଚନ୍ଦ୍ରରେ ସ୍ଥାୟୀ ମାନବ ବସତି ସ୍ଥାପନ କରିବା। ଏହା ଭବିଷ୍ୟତରେ ମଙ୍ଗଳ ଗ୍ରହ ଅଭିଯାନ ପାଇଁ ଆବଶ୍ୟକ ପ୍ରଯୁକ୍ତି ଓ ଅନୁଭବ ସଂଗ୍ରହରେ ସହାୟକ ହେବ ବୋଲି ବୈଜ୍ଞାନିକମାନେ ମନେ କରୁଛନ୍ତି। ଆର୍ଟେମିସ-୩ ଚନ୍ଦ୍ରରେ ଅବତରଣ ନ କରିଥିଲେ ମଧ୍ୟ ଏହା ଭବିଷ୍ୟତର ଚନ୍ଦ୍ର ଅଭିଯାନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ପର୍ବ ଭାବେ ବିବେଚିତ ହେଉଛି। ଏହି ଅଭିଯାନର ସଫଳତା ଆଗାମୀ ଦିନରେ ମଣିଷଙ୍କୁ ପୁଣିଥରେ ଚନ୍ଦ୍ରପୃଷ୍ଠରେ ପହଞ୍ଚାଇବାର ପଥକୁ ଅଧିକ ସୁଗମ କରିବ।

### ଆର୍ଟେମିସ-୩ ପାଇଁ ନୂଆ ମହାକାଶଚାରୀ ଦଳ ଘୋଷଣା କଲା ନାସା

## ଦକ୍ଷିଣ ଆଫ୍ରିକାରେ ଗୁଳିକାଣ୍ଡ; ୧୨ ନିହତ

ଜୋହାନ୍ସବର୍ଗ, ୧୦।୬(ଏଜେନ୍ସି): ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗ ସହର ନିକଟସ୍ଥ କ୍ଲିଭଲ୍ୟାଣ୍ଡ ଅଞ୍ଚଳର ଏକ ଅସ୍ଥାୟୀ ବସତିରେ ଘଟିଥିବା ଗଣଗୁଳିକାଣ୍ଡରେ ଅତି କମରେ ୧୨ ଜଣଙ୍କ ମୃତ୍ୟୁ ଘଟିଛି ଏବଂ ୯ ଜଣ ଆହତ ହୋଇଛନ୍ତି। ପୁଲିସ ଅନୁଯାୟୀ, ଦଶରୁ ଅଧିକ ଦୁର୍ବୃତ୍ତ ଏକ ଧଳା ରଙ୍ଗର ଯାନରେ ଆସି ବସତି ଅଞ୍ଚଳକୁ ବିଭିନ୍ନ ପ୍ରବେଶ ପଥ ଦେଇ ପ୍ରବେଶ କରିଥିଲେ। ପରେ ସେମାନେ ଅଲଗା ଅଲଗା ଦଳରେ ବିଭକ୍ତ ହୋଇ ବିଭିନ୍ନ ସ୍ଥାନରେ ଲୋକମାନଙ୍କ ଉପରେ ଆଖିବୁଜା ଗୁଳିଚାଳନା କରିଥିଲେ। ମଙ୍ଗଳବାର ରାତି ପ୍ରାୟ ସାଢେ ଏଗାରଟା ସମୟରେ ଗୁଳିଚାଳନା ସମ୍ପର୍କରେ ସୂଚନା ପାଇ ଜରୁରୀ ସେବା ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତକମାନଙ୍କ ମଧ୍ୟରେ ଆଠ ଜଣ ପୁରୁଷ ଏବଂ ତିନି ଜଣ ମହିଳା ଥିବା ବେଳେ ଆଉ ଜଣେ ଆହତ ବ୍ୟକ୍ତି ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ଆହତମାନଙ୍କୁ ବିଭିନ୍ନ ଚିକିତ୍ସାଳୟକୁ ପଠାଯାଇଛି। ଏହି ଆକ୍ରମଣ ପଛର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ପୁଲିସ ତଦନ୍ତ ଜାରି ରଖିଛି ଏବଂ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବ୍ୟାପକ ଖୋଜାଖୋଜି ଆରମ୍ଭ କରିଛି।

## ଜାହାଜ ଉପରେ ଆକ୍ରମଣ: ଆମେରିକାକୁ ପ୍ରତିବାଦ ଜଣାଇଲା ଭାରତ

ନୂଆଦିଲ୍ଲୀ, ୧୦।୬(ଏଜେନ୍ସି): ଓମାନ ଉପକୂଳ ନିକଟରେ ଏକ ବାଣିଜ୍ୟିକ ଜାହାଜ ଉପରେ ହୋଇଥିବା ଆକ୍ରମଣ ପରେ ୨୪ ଜଣ ଭାରତୀୟ ନାବିକଙ୍କ ମଧ୍ୟରୁ ୨୧ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ୩ ଜଣ ଏପର୍ଯ୍ୟନ୍ତ ନିଖୋଜ ଥିବା ଜଣାପଡ଼ିଛି। ଘଟଣାକୁ ନେଇ ଭାରତ ସରକାର ଗଭୀର ଚିନ୍ତା ପ୍ରକାଶ କରିବା ସହ ଏହି ଆକ୍ରମଣକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ଭାରତ ସରକାର ଆଜି ଆମେରିକାର ରାଷ୍ଟ୍ରଦୂତଙ୍କୁ ଡାକି ପ୍ରତିବାଦ ଜଣାଇଛନ୍ତି। ଭାରତ କୁହାଯାଇଛି ଯେ ଓମାନ ଉପକୂଳରେ 'ସେଟେବେଲୋ' ନାମକ ଜାହାଜ ଉପରେ ଆମେରିକା ପକ୍ଷରୁ ଆକ୍ରମଣ ଅତ୍ୟନ୍ତ ଚିନ୍ତାଜନକ। ଜାହାଜରେ ଥିବା ୨୪ ଜଣ ଭାରତୀୟ କ୍ରୁ ସଦସ୍ୟଙ୍କ ମଧ୍ୟରୁ ୨୧ ଜଣଙ୍କୁ ଉଦ୍ଧାର କରାଯାଇଛି ଏବଂ ୩ ଜଣ ନିଖୋଜ ଅଛନ୍ତି। ଭାରତୀୟ ଦୂତାବାସ ଓମାନ ସରକାରଙ୍କ ସହ ନିରନ୍ତର ଯୋଗାଯୋଗରେ ରହିଛି ଏବଂ ଚାଲିଥିବା ତଲାସ ଓ ଉଦ୍ଧାର ଅଭିଯାନ ଉପରେ ନଜର ରଖିଛି।

## ଲଣ୍ଡନ ଆପାର୍ଟମେଣ୍ଟରୁ ଡେଇଁ ଭାରତୀୟ ଦମ୍ପତିଙ୍କ ଆତ୍ମହତ୍ୟା

ଲଣ୍ଡନ, ୧୦।୬(ଏଜେନ୍ସି): ଲଣ୍ଡନର ଏକ ସୁଉଚ୍ଚ ଆପାର୍ଟମେଣ୍ଟର ୩୬ ତଲା ବାଲକୋନିରୁ ଖସି ଜଣେ ଭାରତୀୟ ଦମ୍ପତି ଏବଂ ସେମାନଙ୍କ ୯ ବର୍ଷର ପୁଅଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ରାକେଶ ପାଇ (୪୭), ଅଦିତି ପାରଲକର (୪୬) ଏବଂ ସେମାନଙ୍କ ପୁଅ ସିଡ୍। ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ମାମଲା ବୋଲି ସନ୍ଦେହ କରାଯାଉଛି। ପୁଅ ସିଡ୍ ଜନ୍ମରୁ ଏକ ଅସାଧ୍ୟ କିଡନୀ ରୋଗରେ ପୀଡ଼ିତ ଥିଲା ଏବଂ ସେ କଥା କହିପାରୁନଥିଲା। ଡାକ୍ତରମାନେ ତାର ଚିକିତ୍ସା ଆଉ ସମ୍ଭବ ନୁହେଁ ବୋଲି କହିବା ପରେ ଦମ୍ପତି ଜଣକ ମାନସିକ ସ୍ତରରେ ଭାଙ୍ଗି ପଡ଼ିଥିଲେ ଏବଂ ଏହି ଚରମ ନିଷ୍ପତ୍ତି ନେଇଥିବା କୁହାଯାଉଛି। ମୁମ୍ବାଇର ଏହି ଦମ୍ପତି ୨୦୦୦ ମସିହାରେ ଲଣ୍ଡନ ଆସି ସେଠାରେ ଭଲ ଚାକିରି କରୁଥିଲେ। ପୁଅର ଚିକିତ୍ସା ପାଇଁ ସେମାନେ କିଛି ଦିନ ମୁମ୍ବାଇ ମଧ୍ୟ ଫେରିଥିଲେ, କିନ୍ତୁ କୌଣସି ସୁଫଳ ନମିଳିବାରୁ ପୁଣି ୟୁକେ ଫେରିଆସିଥିଲେ। ବର୍ତ୍ତମାନ ବ୍ରିଟିଶ୍ ପୁଲିସ ଏହି ଅପ୍ରତ୍ୟାଶିତ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ଅଧିକ ତଦନ୍ତ ଚଳାଇଛି।

## କାଶ୍ମୀରରେ ବିସ୍ଫୋରଣ, ୨ ଯବାନ ସହିଦ

ଶ୍ରୀନଗର, ୧୦।୬(ଏଜେନ୍ସି): ଉତ୍ତର କାଶ୍ମୀରର ଉରି ସେକ୍ଟରରେ ଲାଇନ୍ ଅଫ୍ କଣ୍ଟ୍ରୋଲ୍ (ଏଲ୍ଓସି) ନିକଟରେ ଘଟିଥିବା ଏକ ଦୁର୍ଘଟଣାଜନିତ ବିସ୍ଫୋରଣରେ ଭାରତୀୟ ସେନାର ଦୁଇ ଜଣ ଯବାନ ଶହୀଦ ହୋଇଛନ୍ତି। ବୁଧବାର ସକାଳେ ସୀମା ନିକଟରେ କୌଣସି କାରଣରୁ ଏକ ହଠାତ୍ ବିସ୍ଫୋରଣ ଘଟିଥିଲା, ଯେଉଁଥିରେ ଦୁଇ ଜଣ ଯବାନ ଗୁରୁତର ଭାବେ ଆହତ ହୋଇଥିଲେ। ଆହତ ଯବାନମାନଙ୍କୁ ତୁରନ୍ତ ସ୍ଥାନୀୟ ହସ୍ପିଟାଲ୍‌କୁ ନିଆଯାଇଥିଲା ଏବଂ ପରେ ସେଠାରୁ ଶ୍ରୀନଗରସ୍ଥିତ ସେନାର '୯୨ ବେସ୍ ହସ୍ପିଟାଲ୍'କୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସେମାନେ ପ୍ରାଣ ହରାଇଥିଲେ। ସେନା ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଶହୀଦ ହୋଇଥିବା ଦୁଇ ଜଣ ଯବାନ ମହାରାଷ୍ଟ୍ରର ବାସିନ୍ଦା ଅଟନ୍ତି।

# ଆମେରିକା ଆକ୍ରମଣର ଜବାବ ଦେଲା ଇରାନ

ତେହରାନ, ୧୦।୬(ଏଜେନ୍ସି): ହର୍ମୁଜ ପ୍ରଣାଳୀ ନିକଟରେ ଆମେରିକାର ଏକ ଆପାଚି ହେଲିକପ୍ଟରକୁ ଇରାନ ଅସ୍ତ୍ରଶସ୍ତ୍ର ଦ୍ୱାରା ଖସାଇ ଦେବା ପରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ଜବାବରେ ଆମେରିକା ସେନା ଇରାନ ଉପରେ ବଡ଼ ଧରଣର ଆକ୍ରମଣ କରିଥିବା ବେଳେ ଏବେ ଇରାନ ମଧ୍ୟ ଓଲଟା ଆକ୍ରମଣ କରି ଆମେରିକାର ସେନାଘାଟି ଏବଂ ଏଫ୍-୩୫ ଯୁଦ୍ଧବିମାନ ରହୁଥିବା ସ୍ଥାନଗୁଡ଼ିକୁ ଟାର୍ଗେଟ୍ କରିଛି। ଏହି ଘଟଣା ପରେ

### ଟାର୍ଗେଟରେ ଆଶ୍ରୟସ୍ଥଳୀ ଓ ସେନାଘାଟି

ସମଗ୍ର ଅଞ୍ଚଳରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଆମେରିକାର ଆକ୍ରମଣ ପରେ ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଗଚି ଏକ କଡ଼ା ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ, 'ଆମେରିକା ଆମର ଧୈର୍ଯ୍ୟ ଏବଂ ସଂକଳ୍ପର ପରୀକ୍ଷା ନେବାକୁ ଚେଷ୍ଟା କରିଛି। ଇରାନର ସେନା କୌଣସି ବି ଆକ୍ରମଣ କିମ୍ବା ଧମକର ଜବାବ ନଦେଇ ଛାଡ଼ିବ ନାହିଁ। ଯଦି ନିଜକୁ ସୁରକ୍ଷିତ ରଖିବାକୁ ଚାହୁଁଛ, ତେବେ ଆମ ଅଞ୍ଚଳ ଛାଡ଼ି ପଳାଅ'। ଇରାନର ସେନା ଏବଂ ଇସଲାମିକ ବିପ୍ଳବୀ ସେନାବାହିନୀ (ଆଇଆରଜିସି) ମିଳିତ ଭାବେ ବହାରିନରେ ଥିବା ଆମେରିକାର ନୌସେନା ବାହିନୀ ଉପରେ ଡ୍ରୋନ୍ ସାହାଯ୍ୟରେ ଶକ୍ତିଶାଳୀ ଆକ୍ରମଣ କରିଛନ୍ତି। ଯଦି ଆମେରିକା ନିଜର ଆକ୍ରମଣ ବନ୍ଦ ନକରେ, ତେବେ ଆଗକୁ ଆହୁରି ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଇରାନ ଚେତାବନୀ ଦେଇଛି। ଏହି ଆକ୍ରମଣ ପରେ ବହାରିନ ସରକାର ନିଜ ନାଗରିକମାନଙ୍କୁ ଶାନ୍ତ ରହିବାକୁ ଏବଂ ନିକଟସ୍ଥ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୁଦ୍ଧ ଶେଷ କରିବାକୁ ଚେଷ୍ଟା କରୁଥିବା ସମୟରେ ହିଁ ଆମେରିକା ସେନା ପକ୍ଷରୁ ଇରାନ ଉପରେ ତିନି ପର୍ଯ୍ୟାୟରେ ଆକ୍ରମଣ କରାଯାଇଥିଲା। ସେପଟେ ଆମେରିକା ଦାବି କରିଛି ଯେ, ଆମେରିକା ବାୟୁସେନା ଏବଂ ନୌସେନାର ଯୁଦ୍ଧବିମାନଗୁଡ଼ିକ ଇରାନର ଆକାଶ ମାର୍ଗ ସୁରକ୍ଷା ବ୍ୟବସ୍ଥା, ଯୋଗାଯୋଗ କେନ୍ଦ୍ର ଏବଂ ସତର୍କ ସୂଚନା ଦେଉଥିବା ରାଡାରଗୁଡ଼ିକୁ ସେମାନଙ୍କର ସୂକ୍ଷ୍ମ ଅସ୍ତ୍ରଶସ୍ତ୍ର ଦ୍ୱାରା ଧ୍ୱଂସ କରିଦେଇଛନ୍ତି। ଇରାନର ଗଣମାଧ୍ୟମ ଅନୁଯାୟୀ, ଦକ୍ଷିଣ ଇରାନର ଜାସ୍କ, ସିରିକ୍ ଏବଂ କେଶମ ଦ୍ୱୀପରେ ପ୍ରଚଣ୍ଡ ବିସ୍ଫୋରଣ ଶବ୍ଦ ଶୁଣାଯାଇଛି। ଆମେରିକା ଆକ୍ରମଣରେ ଏକ ଯୋଗାଯୋଗ ଟାୱାର କ୍ଷତିଗ୍ରସ୍ତ ହେବା ସହ ସିରିକ୍ ଅଞ୍ଚଳର ଦୁଇଟି ବଡ଼ ପାଣି ଟାଙ୍କି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଆମେରିକା ସେନାର କେନ୍ଦ୍ରୀୟ କମାଣ୍ଡ ପକ୍ଷରୁ କୁହାଯାଇଛି ଯେ ଇରାନ ବିରୋଧରେ ସେମାନଙ୍କର ଆତ୍ମରକ୍ଷାମୂଳକ ସାମରିକ କାର୍ଯ୍ୟାନୁଷ୍ଠାନ ଏବେ ଶେଷ ହୋଇଛି। ଆମେରିକାର ହେଲିକପ୍ଟରକୁ ଇରାନର ଏକ ଡ୍ରୋନ୍ ଆଘାତ କରି ଖସାଇ ଦେଇଥିବା ତଦନ୍ତରୁ ଜଣାପଡ଼ିବା ପରେ ହିଁ ଏହି ଓଲଟା ଆକ୍ରମଣ କରାଯାଇଥିଲା। ଆମେରିକା ଏହାକୁ ଏକ ଉପଯୁକ୍ତ ଜବାବ ବୋଲି ଦର୍ଶାଇଛି ଏବଂ ଆଗକୁ ଯଦି ଇରାନ କୌଣସି ଅଯଥା ଆକ୍ରମଣ କରେ, ତେବେ ତାହାର ମୁହଁତୋଡ଼ ଜବାବ ଦେବା ପାଇଁ ସେମାନଙ୍କ ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି କହିଛି।



## ଆଫଗାନିସ୍ତାନରେ ପାକିସ୍ତାନର ପୁଣି ଆକ୍ରମଣ

### ୧୧ ଶିଶୁଙ୍କ ସମେତ ୨୦ ମୃତ, ୧୪ ଆହତ

କାବୁଲ, ୧୦।୬(ଏଜେନ୍ସି): ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ଚାଲିଥିବା ବିବାଦ ଆହୁରି ଉଗ୍ର ରୂପ ନେଇଛି। ଆଫଗାନିସ୍ତାନର ତାଲିବାନ ସରକାର ଅଭିଯୋଗ କରିଛନ୍ତି ଯେ ପାକିସ୍ତାନୀ ସେନା ବିମାନ ଗତ ମଙ୍ଗଳବାର ଏବଂ ବୁଧବାର ସେମାନଙ୍କ ଆକାଶ ସୀମା ଉଲ୍ଲଂଘନ କରି ଆଫଗାନିସ୍ତାନ ଭିତରେ ବୋମା ବର୍ଷଣ କରିଛି। ଏହି ଆକ୍ରମଣରେ ଅତିକମରେ ୨୦ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଥିବା ବେଳେ ୧୪ ଜଣ ଆହତ ହୋଇଛନ୍ତି। ତେବେ ପାକିସ୍ତାନ ପକ୍ଷରୁ ଏନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। ତାଲିବାନ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ୍‌ଙ୍କ ଅନୁସାରେ, ପାକିସ୍ତାନୀ ସେନା କୁନାର, ଖୋସ୍ତ ଏବଂ ପାକ୍ତିକା ପ୍ରଦେଶର ସାଧାରଣ ଲୋକଙ୍କ ଘରକୁ ଟାର୍ଗେଟ୍ କରି ଏହି ଆକ୍ରମଣ କରିଛି। ମୃତକଙ୍କ ମଧ୍ୟରେ ୧୧ ଜଣ ଶିଶୁ, ଜଣେ ମହିଳା ଏବଂ ଜଣେ ବୃଦ୍ଧ ଅଛନ୍ତି। ଏହା ସହିତ ୧୪ ଜଣ ମହିଳା ଆହତ ହୋଇଛନ୍ତି। ଗତ ବର୍ଷେ ହେବ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସବୁଠାରୁ ଖରାପ ସ୍ଥିତିରେ ପହଞ୍ଚିଛି। ଗତ ମାର୍ଚ୍ଚ ମାସରେ ପାକିସ୍ତାନୀ ସେନା କାବୁଲର ଏକ ପୁନରୁଦ୍ଧାର କେନ୍ଦ୍ର ଉପରେ ଆକ୍ରମଣ କରି ୨୬୯ ଜଣଙ୍କୁ ମାରିଦେଇଥିବା ତାଲିବାନ ଦାବି କରିଛି। ଅକ୍ଟୋବର ୨୦୨୫ରୁ ଏହି ବିବାଦ ଏକ ବଡ଼ ଯୁଦ୍ଧର ରୂପ ନେଇଛି, ଯେଉଁଥିପାଇଁ ହଜାର ହଜାର ଆଫଗାନ ନାଗରିକ ନିଜ ଘର ଛାଡ଼ି ପଳାଇଛନ୍ତି। ପାକିସ୍ତାନର କହିବା କଥା ହେଉଛି, ତାଲିବାନ ନିଜ ମାଟିରେ 'ତେହରିକ-ଇ-ତାଲିବାନ ପାକିସ୍ତାନ' (ଟିଟିପି) ଏବଂ 'ବେଲୁଚିସ୍ତାନ ଲିବରେସନ ଆର୍ମି' (ବିଏଲ୍ଏ) ଭଳି ଆତଙ୍କବାଦୀ ସଂଗଠନକୁ ଆଶ୍ରୟ ଦେଉଛି, ଯେଉଁମାନେ ପାକିସ୍ତାନ ଉପରେ ଆକ୍ରମଣ କରୁଛନ୍ତି। ଅନ୍ୟପଟେ ତାଲିବାନ ଏହି ଅଭିଯୋଗକୁ ଅସ୍ୱୀକାର କରିଛି। କିଛି ବର୍ଷ ପୂର୍ବ ପର୍ଯ୍ୟନ୍ତ ପାକିସ୍ତାନକୁ ତାଲିବାନର ସବୁଠାରୁ ବଡ଼ ସମର୍ଥକ ବୋଲି କୁହାଯାଉଥିଲା। କିନ୍ତୁ ୨୦୨୧ରେ ତାଲିବାନ ଆଫଗାନିସ୍ତାନର ଶାସନ ଗ୍ରହଣ କରିବା ପରଠାରୁ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସମ୍ପୂର୍ଣ୍ଣ ଭାବେ ବିଗିଡ଼ି ଯାଇଛି। ଗତ ବର୍ଷ ଅକ୍ଟୋବରଠାରୁ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାର ମଧ୍ୟ ବନ୍ଦ ରହିଛି।



## ଅପହରଣର ମାସେ ପରେ ୬ ନାଗା ବନ୍ଧକଙ୍କ ମୃତଦେହ ମିଳିଲା

ଇମ୍ଫାଲ, ୧୦।୬(ଏଜେନ୍ସି): ହିଂସା ଜର୍ଜରିତ ମଣିପୁରରେ ମେ' ୧୩ ତାରିଖରେ ଅପହୃତ ହୋଇଥିବା ୬ ଜଣ ନାଗା ବନ୍ଧକଙ୍କ ମୃତଦେହ ବୁଧବାର ଉଦ୍ଧାର କରାଯାଇଛି। କାଙ୍ଗପୋକପି ଜିଲ୍ଲାର ଖାରାମ ୱାଇଫେଇ ଗାଁ ନିକଟରୁ ଏହି ମୃତଦେହଗୁଡ଼ିକ ମିଳିଥିବା ନେଇ ମଣିପୁର ପୁଲିସ ସୂଚନା ଦେଇଛି। ପୁଲିସ କହିଛି ଯେ ପ୍ରାୟ ୨୪ ଘଣ୍ଟା ଧରି ଚାଲିଥିବା ବ୍ୟାପକ ତଲାସି ଅଭିଯାନ ପରେ ମୃତଦେହଗୁଡ଼ିକ ଠାବ କରାଯାଇଥିଲା। ଏହି ଅଭିଯାନରେ ମଣିପୁର ପୁଲିସ, କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ ଏବଂ ଆସାମ ରାଇଫଲ୍ସର ପ୍ରାୟ ୪୫୦ ଜଣ ଯବାନ ସାମିଲ ଥିଲେ। ସନ୍ଧାନୀ କୁକୁର ଓ ଫରେନସିକ୍ ବିଶେଷଜ୍ଞ ଦଳ ମଧ୍ୟ ଅଭିଯାନରେ ସହଯୋଗ କରିଥିଲେ। ସୂଚନା ଅନୁସାରେ, କୁକି ଓ ନାଗା ସମ୍ପ୍ରଦାୟ ମଧ୍ୟରେ ହୋଇଥିବା ହିଂସା ସମୟରେ ଲେଇଲୋନ ୱାଇଫେଇ ଅଞ୍ଚଳରୁ ଏହି ୬ ଜଣଙ୍କୁ ବନ୍ଧକ କରାଯାଇଥିଲା। ତିନିଜଣ କୁକି ଚର୍ଚ୍ଚ ନେତାଙ୍କ ହତ୍ୟା ଓ ଅନ୍ୟ ପାଞ୍ଚଜଣଙ୍କ ଆହତ ଘଟଣା ପରେ ଏହି ସଂଘର୍ଷ ଆରମ୍ଭ ହୋଇଥିଲା। ଏହାର ଗୋଟିଏ ଦିନ ପୂର୍ବରୁ ୧୪ ଜଣ କୁକି ବନ୍ଧକଙ୍କୁ ମୁକ୍ତ କରାଯାଇଥିବା ନେଇ ଯୁକ୍ତ ନାଗା ପରିଷଦ ସୂଚନା ଦେଇଥିଲା। ଏହା ପରେ ୬ ଜଣ ନାଗା ବନ୍ଧକଙ୍କ ମୃତଦେହ ଉଦ୍ଧାର ଘଟଣା ଅଞ୍ଚଳରେ ନୂଆ ଚିନ୍ତା ସୃଷ୍ଟି କରିଛି। ସରକାରୀ ସୂତ୍ର ଅନୁଯାୟୀ, ମୃତଦେହଗୁଡ଼ିକର ଶବବ୍ୟବଚ୍ଛେଦ ଇମ୍ଫାଲସ୍ଥିତ ଆଞ୍ଚଳିକ ଚିକିତ୍ସା ବିଜ୍ଞାନ ପ୍ରତିଷ୍ଠାନରେ କରାଯିବ। ପରେ ସେଗୁଡ଼ିକ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ମଣିପୁରରେ ଦୀର୍ଘଦିନ ଧରି ଚାଲିଥିବା ସାମ୍ପ୍ରଦାୟିକ ହିଂସା ଓ ବନ୍ଧକ ସଙ୍କଟ ରାଜ୍ୟର ଶାନ୍ତି ଓ ସୁରକ୍ଷା ପାଇଁ ବଡ଼ ଆହ୍ୱାନ ପାଲଟିଛି। ସରକାର ସ୍ଥିତି ସ୍ୱାଭାବିକ କରିବାକୁ ଉଦ୍ୟମ ଜାରି ରଖିଛନ୍ତି।

### ମଣିପୁରରେ ଉତ୍ତେଜନା

## ବିଦ୍ରୋହୀ ଶିବିରରେ ୟୁସୁଫ, ସାୟୋନି, ଶତ୍ରୁଘ୍ନ

କୋଲକାତା, ୧୦।୬(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ପରାଜୟ ପରେ ତୃଣମୂଳ କଂଗ୍ରେସ (ଟିଏମ୍ସି)ରେ ବଡ଼ ଧରଣର ବିଦ୍ରୋହ ସୃଷ୍ଟି ହୋଇଛି। ଦଳର ୧୯ ଜଣ ଲୋକସଭା ସାଂସଦ ଅଲଗା ଗୋଷ୍ଠୀ ଗଠନ କରି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)କୁ ସମର୍ଥନ ଜଣାଇବା ପାଇଁ ଆଗକୁ ଆସିଥିବା ଖବର ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ଲୋକସଭା ସାଂସଦ କାକୋଲି ଘୋଷ ଦସ୍ତିଦାରଙ୍କ ନେତୃତ୍ୱରେ ଏହି ବିଦ୍ରୋହୀ ଗୋଷ୍ଠୀ ଗଠିତ ହୋଇଛି। ଦଳର କିଛି ପ୍ରମୁଖ ଚେହେରା ମଧ୍ୟ ଏଥିରେ ସାମିଲ ଥିବା ଜଣାପଡ଼ିଛି। ବିଦ୍ରୋହୀ ଶିବିରରେ ଥିବା ସାଂସଦମାନେ ହେଲେ: କାକୋଲି ଘୋଷ ଦସ୍ତିଦାର, ସାୟୋନୀ ଘୋଷ, ଶତ୍ରୁଘ୍ନ ସିହ୍ନା, ୟୁସୁଫ ପଠାନ, ଜଗଦୀଶ ଚନ୍ଦ୍ର ବାସୁନିଆ, ରଚନା ବାନାର୍ଜୀ, ମାଲା ରାୟ, ଶତାବ୍ଦୀ ରାୟ, ଆବୁ ତାହିର ଖାନ, ଜୁନ୍ ମାଲିଆ, ଅସିତ କୁମାର ମଲ, ଖଲିଲୁର ରହମାନ, ବାପି ହାଲଦାର, ପାର୍ଥ ଭୌମିକ, ମିତାଲି ବାଗ, କାଳୀପଦ ସୋରେନ, ଅରୂପ ଚକ୍ରବର୍ତ୍ତୀ, ଦୀପକ ଅଧିକାରୀ (ଦେବ) ଓ ଶର୍ମିଳା ସରକାର। ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ, ଦଳର ଏତେ ସଂଖ୍ୟକ ସାଂସଦଙ୍କ ବିଦ୍ରୋହ ତୃଣମୂଳ କଂଗ୍ରେସ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ବିଶେଷ କରି ସାୟୋନୀ ଘୋଷ, ୟୁସୁଫ ପଠାନ ଏବଂ ଶତ୍ରୁଘ୍ନ ସିହ୍ନାଙ୍କ ଭଳି ଚର୍ଚ୍ଚିତ ନେତାଙ୍କ ନାମ ସାମ୍ନାକୁ ଆସିବା ଦଳକୁ ଅଧିକ ଅସୁବିଧାରେ ପକାଇପାରେ। ତୃଣମୂଳ କଂଗ୍ରେସ ଗଠନ ପରଠାରୁ ଏହାକୁ ସବୁଠାରୁ ବଡ଼ ରାଜନୈତିକ ସଙ୍କଟ ବୋଲି କୁହାଯାଉଛି। ବିଦ୍ରୋହୀ ସାଂସଦମାନଙ୍କ ପରବର୍ତ୍ତୀ ପଦକ୍ଷେପ ଏବଂ ମମତା ବାନାର୍ଜୀଙ୍କ ପ୍ରତିକ୍ରିୟା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

ଇତିମଧ୍ୟରେ ଟିଏମସିର ଜଣେ ପ୍ରମୁଖ ନେତ୍ରୀ ତଥା ରାଜ୍ୟସଭା ସଦସ୍ୟା ସୁସ୍ମିତା ଦେବ ଦଳର ସମସ୍ତ ପଦବୀ ଏବଂ ସଂସଦ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଚଳିତ ସପ୍ତାହରେ ସେ ହେଉଛନ୍ତି ଦ୍ୱିତୀୟ ସାଂସଦ ଯିଏ ଦଳ ଛାଡ଼ିଛନ୍ତି। ଏହି ଇସ୍ତଫାର କିଛି ସମୟ ପରେ ସେ ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କୁ ତାଙ୍କ ଦିଲ୍ଲୀ ବାସଭବନରେ ଭେଟିଥିବା ଦେଖିବାକୁ ମିଳିଛି, ଯାହାକୁ ନେଇ ଏବେ ରାଜନୀତି ଜୋର ଧରିଛି। ସେ କହିଛନ୍ତି ଯେ, 'ମୁଁ କାହିଁକି ଏହି ନିଷ୍ପତ୍ତି ନେଲି, ତାହା ଏକ ବହୁତ ଲମ୍ବା କାହାଣୀ। ରାଜନୀତିରେ ସବୁକଥା ସାର୍ବଜନୀନ କରାଯାଏ ନାହିଁ। ସେ ବର୍ତ୍ତମାନ କୌଣସି ଦଳରେ ନାହାନ୍ତି ଏବଂ କିଛି ଦିନ ରାଜନୀତିରୁ ବିରତି ନେବେ। ସୁସ୍ମିତା ଦେବ ହେଉଛନ୍ତି ଆସାମ କଂଗ୍ରେସର ପ୍ରଭାବଶାଳୀ ନେତା ସନ୍ତୋଷ ମୋହନ ଦେବଙ୍କ ଝିଅ। ସେ ପୂର୍ବରୁ କଂଗ୍ରେସର ସାଂସଦ ଥିଲେ ଏବଂ କଂଗ୍ରେସର ମହିଳା ସଂଗଠନର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇଥିଲେ।



ଟିଏମସି ଛାଡ଼ିଲେ ରାଜ୍ୟସଭା ସାଂସଦ ସୁସ୍ମିତା ଦେବ

## କାନାଡାରେ ଭାରତୀୟ ବଂଶୋଦ୍ଭବ ପୁଲିସ ଅଧିକାରୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟା

ଅଟ୍ଟାୱା, ୧୦।୬(ଏଜେନ୍ସି): କାନାଡାର ଓଣ୍ଟାରିଓ ପ୍ରଦେଶରେ କାର୍ଯ୍ୟରତ ଜଣେ ୨୯ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ପୁଲିସ କନଷ୍ଟେବଳ ତରୁଣ ବାଲିଙ୍କୁ ଗାଡ଼ି ଚଢ଼ାଇ ହତ୍ୟା କରାଯାଇଛି। ଏହି ଘଟଣାରେ ପୁଲିସ ଜଣେ ୧୮ ବର୍ଷୀୟ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଯୁବକ ଜଣକ ମାନସିକ ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ଯାଞ୍ଚ ପାଇଁ ଏକ ମେଡିକାଲରେ ଭର୍ତ୍ତି ହୋଇଥିଲେ, ଯେଉଁଠାରୁ ସେ ଫେରାର ହୋଇଯାଇଥିଲେ। ପୁଲିସ ତାଙ୍କୁ ଧରିବାକୁ ଚେଷ୍ଟା କରୁଥିବା ସମୟରେ, ସେ ନିଜ ଗାଡ଼ି ସାହାଯ୍ୟରେ ଡ୍ୟୁଟିରେ ଥିବା ଅଫିସର ତରୁଣ ବାଲିଙ୍କୁ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ତରୁଣଙ୍କର ମୃତ୍ୟୁ ହୋଇଛି। ଓଣ୍ଟାରିଓ ପୁଲିସ ଅଭିଯୁକ୍ତ ଯୁବକ ବିରୋଧରେ ପ୍ରଥମ ଶ୍ରେଣୀ ହତ୍ୟା ଏବଂ ବିପଜ୍ଜନକ ଭାବେ ଗାଡ଼ି ଚଲାଇବା ଅଭିଯୋଗରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ମୃତ ତରୁଣ ବାଲି ଓଣ୍ଟାରିଓ ପୁଲିସର ଡଫେରିନ୍ ବିଭାଗରେ କାର୍ଯ୍ୟ କରୁଥିଲେ।




୧୨ ବର୍ଷ ଶାସନର ପୂର୍ତ୍ତି ଅବସରରେ ନୂଆଦିଲ୍ଲୀରେ ବିଜେପି ଶାସିତ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବରିଷ୍ଠ ନେତୃବୃନ୍ଦ

# ଆଗକୁ ବଢୁନି ମୌସୁମୀ

**■ ସାରା ରାଜ୍ୟରେ ଜାରି ରହିଛି ଭୀଷଣ ତାତି ଓ ଗୁଳୁଗୁଳି**
**■ ପର୍ଯ୍ୟାୟ କ୍ରମେ ଓଡ଼ିଶାକୁ ପ୍ରବେଶ କରିବ ମୌସୁମୀ**

ଭୁବନେଶ୍ୱର,୧୦।୬(ସମିସ): ରାଜ୍ୟରେ ଭୀଷଣ ତାତି ସାଙ୍ଗକୁ ଗୁଳୁଗୁଳି ଜାରି ରହିଛି। ଯଦିଓ ଖରାର ପ୍ରଭାବ ସାମାନ୍ୟ କମିଛି, ମାତ୍ର ସକାଳୁ ଗୁଳୁଗୁଳି ଆରମ୍ଭ ହୋଇଯାଉଥିବାରୁ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାରେ ଆର୍ଦ୍ରତା ପରିମାଣ ଅଧିକ ରହୁଥିବା ହେତୁ ଏଠାରେ ଲୋକେ ସବୁଠୁ ଅଧିକ କଷ୍ଟ ଭୋଗୁଛନ୍ତି। ଅନ୍ୟପଟେ ମୌସୁମୀ କେରଳ ଛୁଇଁବା ପରେ ଓ ଓଡ଼ିଶାକୁ ଆଗମନ ପୂର୍ବରୁ ସାଧାରଣତଃ ଉତ୍ତର ବଙ୍ଗୋପସାଗରରେ କୌଣସି ଲଘୁଚାପ ସୃଷ୍ଟି ହେଲେ ଏହାକୁ ଓଡ଼ିଶାକୁ ଭିଡ଼ି ଆଣିଥାଏ। ହେଲେ ଚଳିତ ବର୍ଷ ସୁସଂଗଠିତ ଲଘୁଚାପ କିମ୍ବା ଅବପାତର ଅଭାବ ହେତୁ ମୌସୁମୀ ଆଗକୁ ବଢ଼ିବାରେ ଅନୁକୂଳ ପାଗ ସୃଷ୍ଟି ହୋଇପାରୁ ନାହିଁ। ହେଲେ ବଙ୍ଗୋପସାଗରରେ ଜଳୀୟବାଷ୍ପ ବ୍ୟାପକ ଅଞ୍ଚଳରେ ବିକ୍ଷିପ୍ତ ହୋଇ ରହିଥିବାରୁ ମୌସୁମୀ ପର୍ଯ୍ୟାୟକ୍ରମେ ଆଗକୁ ବଢୁଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ବିଗତ କିଛି ଦିନ ହେବ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବଙ୍ଗୋପସାଗରରେ ଧୀରେ ଧୀରେ ଆଗକୁ ବଢୁଛି। ତେବେ ମୌସୁମୀର ଗତିକୁ ଅତି ଦ୍ରୁତ କରିବା ଭଳି କୌଣସି ଶକ୍ତିଶାଳୀ ଲଘୁଚାପ କ୍ଷେତ୍ର କିମ୍ବା ଅବପାତ ଏପର୍ଯ୍ୟନ୍ତ ବଙ୍ଗୋପସାଗରରେ ସୃଷ୍ଟି ହୋଇନାହିଁ କିମ୍ବା ନିକଟରେ ସୃଷ୍ଟି ହେବାର ସଙ୍କେତ ମିଳୁନାହିଁ। ଫଳସ୍ୱରୂପ, ଓଡ଼ିଶାରେ ମୌସୁମୀ ଏକାସଙ୍ଗେ ସମଗ୍ର ରାଜ୍ୟକୁ ନଛୁଇଁ ପର୍ଯ୍ୟାୟକ୍ରମେ ଧୀରେ ଧୀରେ ଆଗକୁ ବଢ଼ିବ ବୋଲି ଆକଳନ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ଅର୍ଥାତ ୧୩-୧୫ ତାରିଖ ମଧ୍ୟରେ ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାକୁ ମୌସୁମୀ ଆଗମନ ହୋଇପାରେ। ଏହି କ୍ରମରେ ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଯାଜପୁର, ଭଦ୍ରକ ଏବଂ ବାଲେଶ୍ୱର ଜିଲ୍ଲାକୁ ମୌସୁମୀ ଛୁଇଁପାରେ। ଏମାନଙ୍କ ମଧ୍ୟରୁ ଗଞ୍ଜାମ, ପୁରୀ ଏବଂ ଖୋର୍ଦ୍ଧା ଜିଲ୍ଲା ଦେଇ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କରିବାର ସବୁଠାରୁ ଅଧିକ ସମ୍ଭାବନା ଅଛି। ଏହି ସମୟ ମଧ୍ୟରେ ଆନ୍ଧ୍ରପ୍ରଦେଶ ଉପକୂଳରୁ ଆର୍ଦ୍ରତା ଉପରକୁ ଆସୁଥିବାରୁ ଦକ୍ଷିଣ ଓଡ଼ିଶାର ଗଜପତି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଏବଂ ମାଲକାନଗିରି ଜିଲ୍ଲାରେ ମଧ୍ୟ ମୌସୁମୀ ପ୍ରବେଶ କରିବ। ମୌସୁମୀ ଛୁଇଁବା ପୂର୍ବରୁ ଏହି ସବୁ ଜିଲ୍ଲାରେ ପ୍ରବଳ ଗୁଳୁଗୁଳି, ମେଘୁଆ ପାଗ ଏବଂ ବାରମ୍ବାର ଘଡ଼ଘଡ଼ି ସହ ବର୍ଷା ହେଉଥିଲା ଏବଂ ତାପମାତ୍ରା ଧୀରେ ଧୀରେ କମିବାର ସମ୍ଭାବନା ରହିଛି।

୧୪-୧୭ ମଧ୍ୟରେ ମୌସୁମୀ ପାଗ ଧୀରେ ଧୀରେ କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ ସୁବର୍ଣ୍ଣପୁର ଜିଲ୍ଲାକୁ ସମ୍ପ୍ରସାରିତ ହେବ। ମୌସୁମୀ ପ୍ରବେଶ କରିବା ପୂର୍ବରୁ ଏଠାରେ ମଝିରେ ମଝିରେ ଗ୍ରୀଷ୍ମ ପ୍ରବାହ ବଢୁଥିବା ଆର୍ଦ୍ରତା ଏବଂ ଅପରାହ୍ଣ କିମ୍ବା ସନ୍ଧ୍ୟା ସମୟରେ ବାରମ୍ବାର ଘଡ଼ଘଡ଼ି ସହ ବର୍ଷା ଜାରି ରହିବ। ୧୫-୧୯ ମଧ୍ୟରେ ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ବୌଦ୍ଧ ଏବଂ କନ୍ଧମାଳ ଜିଲ୍ଲାରେ ମୌସୁମୀ ଆଗମନ ହୋଇପାରେ। ଏହି ଜିଲ୍ଲାଗୁଡ଼ିକୁ ଶେଷ ପର୍ଯ୍ୟାୟରେ ମୌସୁମୀ ଅଗ୍ରସର ହେବାର ସମ୍ଭାବନା ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

**ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲା**

# ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ପୁରୁଷ ବନ୍ଧୁ ଭୀମସେନ

କଟକ,୧୦।୬(ସମିସ): ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ରହସ୍ୟଜନକ ମୃତ୍ୟୁ ଘଟଣା ଉପରୁ ଏପର୍ଯ୍ୟନ୍ତ ପରଦା ହଟି ନଥିବା ବେଳେ ଏହି ମାମଲା ଦିନକୁ ଦିନ ନୂଆ ମୋଡ଼ ନେବାରେ ଲାଗିଛି। ବାରଙ୍ଗ ଥାନାରେ ରୁଜୁ ଏହି ମାମଲାରେ ସମ୍ଭାବ୍ୟ ଗିରଫଦାରୀ ଏଡ଼ାଇବା ପାଇଁ ଚନ୍ଦ୍ରିକାଙ୍କ ପୁରୁଷ ବନ୍ଧୁ ତଥା ଓଏଏସ ଅଧିକାରୀ ଭୀମସେନ ପ୍ରସାଦ ଟୁଡୁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଭୀମସେନଙ୍କୁ ଗିରଫ କରିବା ପାଇଁ ପୂର୍ବରୁ ପୁଲିସ ୩ଟି ଟିମ ଗଠନ କରିଥିବା କହିଥିବା ବେଳେ ତାଙ୍କୁ ଅଦ୍ୟାବଧି ଗିରଫ କରାଯାଇପାରିନାହିଁ।

ଅନ୍ୟପକ୍ଷରେ ଚନ୍ଦ୍ରିକାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ଯେ ଭୀମସେନଙ୍କ ସହ ଥିବା ସମ୍ପର୍କ ଓ ମାନସିକ ଚାପ ଯୋଗୁଁ ଚନ୍ଦ୍ରିକା ଆତ୍ମହତ୍ୟା କରିଥିଲେ। ଏହି ଅଭିଯୋଗ ପରଠାରୁ ଭୀମସେନ ଫେରାର ଥିବା କୁହାଯାଇଛି। ଚନ୍ଦ୍ରିକାଙ୍କ ମୃତ୍ୟୁ ଆତ୍ମହତ୍ୟା ନା ଏହା ପଛରେ ଅନ୍ୟ କୌଣସି କାରଣ ରହିଛି, ସେନେଇ ଏବେ ବି ଅନେକ ପ୍ରଶ୍ନ ଉଠୁଛି। ଲାପଟପ୍ ଓ ଟାବଲେଟ୍‌ରୁ ମିଳୁଥିବା ତଥ୍ୟ ହିଁ ଚନ୍ଦ୍ରିକା ମୃତ୍ୟୁ ମାମଲାର ଅସଲ ସତ୍ୟ ସାମ୍ନାକୁ ଆଣିବ ବୋଲି ଚର୍ଚ୍ଚା ହେଉଛି। ପ୍ରକାଶଥାଉକି, କାଠଯୋଡି ନଦୀ କୂଳ ତ୍ରିଶୁଳିଆ ନେତାଜୀ ସେତୁ ତଳୁ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲର ଅଧ୍ୟୟନ କରୁଥିବା ମୟୂରଭଞ୍ଜ ଅଞ୍ଚଳର ୨୮ ବର୍ଷୀୟା ଏମବିବିଏସ ତୃତୀୟ ବର୍ଷ ଛାତ୍ରୀ ଚନ୍ଦ୍ରିକାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।

**ସାମ୍ନାକୁ ଆସିଲା କନଷ୍ଟେବଲ ସୌମ୍ୟଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ**


# ମୃତ ଶରୀରରେ ୨୧ ବାହ୍ୟ ଆଘାତ

ଭୁବନେଶ୍ୱର ୧୦।୬ (ସମିସ): ବାଲିଅନ୍ତା ଭିଡ଼ ହତ୍ୟା ମାମଲର ଶବ ବ୍ୟବଚ୍ଛେଦ ରିପୋର୍ଟ ସାମ୍ନାକୁ ଆସିଛି। ବ୍ୟବଚ୍ଛେଦ ରିପୋର୍ଟ ଅନୁଯାୟୀ ସୌମ୍ୟଙ୍କୁ କଠିନ ଓ ଭାରୀ ବସ୍ତୁରେ ବହୁବାର ଆକ୍ରମଣ କରାଯାଇଛି। ଶରୀର ବିଭିନ୍ନ ସ୍ଥାନରେ ପ୍ରଚଣ୍ଡ ଆଘାତ ଦ୍ୱାରା ତାଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ଶରୀରରେ ୨୧ ସ୍ଥାନରେ ବାହ୍ୟ ଆଘାତ ସହ ଆଭ୍ୟନ୍ତରୀଣ ଆଘାତ ଲାଗିଛି । ଫଳରେ ତାଙ୍କର ଫୁସଫୁସ୍ ସଂକୁଚିତ ହୋଇ ଏଥିରେ ରକ୍ତ ଜମାଟ ବାନ୍ଧିଛି। ସେହିପରି ଆଘାତ ଯୋଗୁଁ ହୃତପିଣ୍ଡର ଉଭୟ ଭାଗରେ ଫ୍ଲୁଇଡ୍ ବ୍ଲଡ୍ ମିଳିଛି। ମୃତ୍ୟୁ ପୂର୍ବରୁ ସୌମ୍ୟ ଅଣନିଶ୍ୱାସୀ ହୋଇଯାଇଥିଲେ, ଏବଂ ଅତ୍ୟଧିକ କଷ୍ଟ ଯୋଗୁଁ ସେ ମୃତ୍ୟୁବରଣ କରିଥିବା କୁହାଯାଇଛି ।

## ଆକ୍ରମଣ ଅତ୍ୟନ୍ତ ଭୟଙ୍କର ଓ ବୀଭତ୍ସ

ପିଜିମର୍ କ୍ୟାପିଟାଲ ହସ୍ପିଟାଲର ଫୋରେନ୍ସିକ୍ ମେଡିସିନ୍ ବିଭାଗ ଦ୍ୱାରା ଜାରି ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି ଯେ ସୌମ୍ୟଙ୍କ ମୃତ୍ୟୁ କଠିନ ଓ ଭାରୀ ବସ୍ତୁର ମାଡ଼ ଯୋଗୁଁ ହୋଇଛି। ମୁଣ୍ଡ ଓ ମସ୍ତିଷ୍କରେ ଗୁରୁତର ଆଘାତ ହିଁ ମୃତ୍ୟୁର ମୁଖ୍ୟ କାରଣ । ମୃତକଙ୍କ ଶରୀରରେ ୨୧ଟି ବାହ୍ୟ ଆଘାତ ଚିହ୍ନ ମିଳିଛି। ଡାହାଣ ଆଖି ଭ୍ରୂଲତା, ନାକ, ଥୋଡ଼ି, ମୁଣ୍ଡର ଡାହାଣ ପାର୍ଶ୍ୱର, ବାମ କାନ୍ଧ, ପିଠି, ହାତ ଓ ଗୋଡ଼ରେ ବିଭିନ୍ନ ଆକାରର କଳା ଦାଗ ରହିଛି। ଡାହାଣ ହାତ, ବାମ ହାତରେ ଘୋଷଡ଼ା କ୍ଷତ ଚିହ୍ନ ରହିଛି। ପୁନଶ୍ଚ ଶରୀରର ଅଭ୍ୟନ୍ତର ଅର୍ଥାତ୍ ମୁଣ୍ଡର ଚର୍ମ ଓ ଖପୁରୀ ତଳେ ରକ୍ତ ଜମାଟ ବାନ୍ଧିଥିଲା। ମସ୍ତିଷ୍କର ସମ୍ମୁଖ, ପାର୍ଶ୍ୱ ପଶ୍ଚାତ ଭାଗରେ ରକ୍ତସ୍ରାବ ହୋଇଥିଲା। ଡାହାଣ ସେରେବ୍ରାଲ ହେମିସ୍ଫିୟରର ଲୋବ୍‌ରେ ଅତ୍ୟଧିକ ରକ୍ତ ବାହାରି ଆଖପାଖ ଟିସୁକୁ ମାଡି ଯାଇଥିଲା। ଫୁସଫୁସରେ ତରଳ ରକ୍ତ ରହିଥିଲା ଓ ହୃତପିଣ୍ଡର ଉଭୟ କୋଠରୁ ରକ୍ତପୂର୍ଣ୍ଣ ରହିଥିଲା।

ସେହିପରି ନିଶା ଦ୍ରବ୍ୟ ସେବନ ଜାଣିବା ପାଇଁ ଭିସେରା, ରକ୍ତ, ପରିସ୍ରା ନମୁନା, ନଖ , ମୁଣ୍ଡ ବାଳ ଓ ରକ୍ତ ଭିଜା ଗଜ୍ ସଂଗ୍ରହ କରି ପୁଲିସକୁ ହସ୍ତାନ୍ତର କରାଯାଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ପୁଲିସ ଅନୁରୋଧ କ୍ରମେ ପୋଷ୍ଟମର୍ଟମର ଭିଡିଓଗ୍ରାଫି କରାଯାଇଛି। ମେ’ ୮ ରେ ପିଜିଆଇଏମ୍‌ଇଆର୍ ଏଫ୍‌ଏମ୍‌ଟି ବିଭାଗର ବରିଷ୍ଠ ରେସିଡେଣ୍ଟ ଡା. ଲକ୍ଷ୍ମୀକାନ୍ତ ମେହେର, ସହକାରୀ ପ୍ରଫେସର ଡା. ପ୍ରଜ୍ଞାପ୍ରମିତା ମିଶ୍ର ଜିଆର୍‌ପି କନ୍‌ଷ୍ଟେବଲ୍ ସୌମ୍ୟଙ୍କ ବ୍ୟବଚ୍ଛେଦ କରିଥିଲେ। ମୂଳ ରିପୋର୍ଟ କ୍ୟାପିଟାଲ ହସ୍ପିଟାଲ ଅଧୀକ୍ଷକଙ୍କୁ ପ୍ରଦାନ କରାଯାଇଥିବାବେଳେ ଏହାର ନକଲ ପୁଲିସକୁ ହସ୍ତାନ୍ତର କରାଯାଇଛି। ତେବେ ଭିସେରା ରିପୋର୍ଟ ଏପର୍ଯ୍ୟନ୍ତ ପ୍ରକାଶ ପାଇ ନାହିଁ।



**■ କନ୍ୟା ଦେଖିବାକୁ ଯାଇ ଚାଲିଗଲା ଜୀବନ**

# ଯୁବକକୁ ଦଳିଦେଲା ହାତୀ

ଦେବଗଡ଼,୧୦।୬(ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ବନାଞ୍ଚଳ କୁଣ୍ଡେଇଗୋଲା ଫରେଷ୍ଟ ସେକ୍ସନ ସଂଘାପଶି ଗ୍ରାମରେ ବୁଧବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। କନ୍ୟା ଦେଖିବାକୁ ଆସିଥିବାବେଳେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଅନୁଗୋଳ ଜିଲ୍ଲା ଜଗନ୍ନାଥପୁର ଗ୍ରାମର ସୁଶାନ୍ତ ନାୟକ। ପ୍ରକାଶ ଯେ, ସୁଶାନ୍ତ ଅନ୍ୟ ୪ ଜଣ ବନ୍ଧୁ ଓ ସମ୍ପର୍କୀୟଙ୍କ ସହିତ ଉକ୍ତ ଗ୍ରାମର ପୋଲସ୍ତି ମାଝୀଙ୍କ ଘରକୁ କନ୍ୟା ଦେଖିବାକୁ ଆସିଥିଲେ। ସନ୍ଧ୍ୟା ପ୍ରାୟ ୫ଟାରେ ଝିଅ ଦେଖିସାରି ସୁଶାନ୍ତ ଦୁଇ ଜଣ ବନ୍ଧୁଙ୍କୁ ଧରି କାର୍ ବୁଲାଇବାକୁ ହରିଜନ ସାହିକୁ ଯାଉଥିବାବେଳେ ବାଟରେ ହଠାତ କାର ସାମ୍ନାକୁ ହାତୀ ଆସିଯାଇଥିଲା। ଭୟଭୀତ ସୁଶାନ୍ତ କାର୍‌ରୁ ଓହ୍ଲାଇ ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ହାତୀଟି ସୁଶାନ୍ତଙ୍କୁ ଶୁଣ୍ଢରେ ଟେକି ନେଇ କଚାଡ଼ି ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ଲେଖାଯିବା ସୁଦ୍ଧା ମୃତଦେହ ନିକଟରେ ୧୮ ଟିକିଆ ହାତୀପଲ ଜଗି ରହିଥିବା ସୂଚନା ମିଳିଛି। ଉକ୍ତ ଗ୍ରାମରେ କିଛିଦିନ ମଧ୍ୟରେ ହାତୀ ଆକ୍ରମଣରେ ୫ ଜଣଙ୍କର ଜୀବନ ଗଲାଣି। ସୁଶାନ୍ତଙ୍କ ମୃତ୍ୟୁ ପରେ ଉତ୍ତେଜନା ପ୍ରକାଶ ପାଇଛି।



ମୃତଦେହକୁ ଜଗି ରହିଛନ୍ତି ହାତୀପଲ

# ଡିଏଲ୍‌ଆର୍, ୱାର୍କଚାର୍ଜ କର୍ମଚାରୀ ପାଇବେ ପେନ୍‌ସନ

କଟକ,୧୦।୬(ସମିସ): ଡିଏଲଆର କର୍ମଚାରୀ ଭାବେ ସରକାରଙ୍କ ବିଭିନ୍ନ ବିଭାଗରେ କାମ କରିବା ପରେ ୱାର୍କଚାର୍ଜ କର୍ମଚାରୀ ଓ ଶେଷରେ ନିୟମିତ ହୋଇଥିବା କର୍ମଚାରୀଙ୍କୁ ମିଳିବ ପେନସନ ଓ ଅବସରକାଳୀନ ପ୍ରାପ୍ୟ। ଏହି ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ ଦାବିକୁ ସରକାର ଖାରଜ କରି ପ୍ରଦାନ କରିଥିବା ଗତ ୨୦୨୫ ମେ୨୧ର ନିର୍ଦ୍ଦେଶକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏଥିସହ ତିନି ମାସ ଭିତରେ ଆବେଦନକାରୀଙ୍କୁ

**■ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ହାଇକୋର୍ଟରେ ଖାରଜ**
**■ ଉପକୃତ ହେବେ ୫୦ ହଜାର ଅବସରପ୍ରାପ୍ତ କର୍ମଚାରୀ**

ପେନସନ ଓ ଅନ୍ୟାନ୍ୟ ଅବସରକାଳୀନ ସୁବିଧା ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଆଲୋକଚନ୍ଦ୍ର ଦାସ ଓ ଅନ୍ୟମାନଙ୍କ ତରଫରୁ ଦାୟର ମାମଲାର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ରାୟ ପ୍ରଦାନ କରିଛନ୍ତି। ହାଇକୋର୍ଟଙ୍କ ରାୟ ପରେ ଡିଏଲଆର, ୱାର୍କଚାର୍ଜ କର୍ମଚାରୀ ଭାବେ ଦୀର୍ଘ ବର୍ଷ ଚାକିରି କରି ଅବସରର ମାତ୍ର କିଛି ବର୍ଷ ପୂର୍ବରୁ ନିୟମିତ ହୋଇଥିବା ପ୍ରାୟ ୫୦ ହଜାରରୁ ଅଧିକ ବ୍ୟକ୍ତିଙ୍କ ପାଇଁ ପେନସନ ଓ ଅବସରକାଳୀନ ପ୍ରାପ୍ୟ ପାଇବା ପାଇଁ ବାଟ ଫିଟିଛି। ପ୍ରକାଶଥାଉକି, ନିୟମିତ କର୍ମଚାରୀ ଭାବେ ୧୦ ବର୍ଷ କାର୍ଯ୍ୟ କରି ନ ଥିବାରୁ ୧୯୯୨ର ନିୟମାବଳୀ ଅନୁସାରେ ଏହି ଅବସରପ୍ରାପ୍ତ କର୍ମଚାରୀ ମାନେ ପେନସନ ପାଇବାକୁ ଅଯୋଗ୍ୟ ବୋଲି ଦର୍ଶାଇ ସେମାନଙ୍କ ଦରଖାସ୍ତକୁ ୨୦୨୫, ମେ ୨୧ରେ ରାଜ୍ୟ ସରକାର ଖାରଜ କରିଥିଲେ। ଡିଏଲଆର, ୱାର୍କଚାର୍ଜ ଓ ନିୟମିତ କର୍ମଚାରୀ ଭାବେ ଦୀର୍ଘ ବର୍ଷ ସରକାରଙ୍କ ଅଧୀନ?ରେ କାର୍ଯ୍ୟକରି ଅବସର ନେଇଥିବାରୁ ତଥା ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ପୂର୍ବ ରାୟ ଅନୁସାରେ ଆବେଦନକାରୀ ପେନସନ ଓ ଅନ୍ୟ ଅବସରକାଳୀନ ସୁବିଧା ପାଇବାକୁ ଯୋଗ୍ୟ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୧୯୮୩ରୁ ୧୯୮୫ ମଧ୍ୟରେ ପୂର୍ତ୍ତ ବିଭାଗରେ ଡିଏଲଆର ଭାବେ ଆବେଦନକାରୀ ମାନେ ଡିଏଲଆର ଭାବେ ଯୋଗ ଦେଇ ୨୦୧୧ରୁ ୱାର୍କଚାର୍ଜ ହୋଇଥିଲେ। ସେହିଭଳି ୨୦୧୮ ପରେ ସେମାନଙ୍କ ଚାକିରି ନିୟମିତ କରାଯାଇଥିଲା ବେଳେ ଏମାନେ ୨୦୨୪-୨୫ରେ ଚାକିରିରୁ ଅବସର ନେଇଥିଲେ। ତିନି ଦଶନ୍ଧି ଧରି କାର୍ଯ୍ୟ କରିଥିଲେ ମଧ୍ୟ ତାଙ୍କୁ ପେନସନ ନମିଳିବାରୁ କେତେକ କର୍ମଚାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ତନ୍ମୟ ମିଶ୍ର ସହାୟତା କରୁଥିଲେ।






**ଚାରିଦ୍ୱାର ଖୋଲି କି ଲାଭ?**

# ସାମାଜିକ ଗଣମାଧ୍ୟମରେ ବୁଲୁଛି ଭକ୍ତଙ୍କ କ୍ଷୋଭ

ପୁରୀ,୧୦।୬(ସମିସ): ରାଜ୍ୟରେ ନୂଆ ସରକାର ଆସିବା ପରେ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲାଗଲା ବୋଲି ପ୍ରବଳ ପ୍ରଚାର ହେଲା। ହେଲେ ଭିତରେ ଦର୍ଶନ କିଭଳି ଶୃଙ୍ଖଳିତ ହେବ ସେଥିଲାଗି କୌଣସି ବ୍ୟବସ୍ଥା କରାଗଲା ନାହିଁ। ଇତିମଧ୍ୟରେ ଦୁଇବର୍ଷ ବିତିଲାଣି। ପ୍ରାୟ ପ୍ରତିଦିନ ଭକ୍ତ ଭିତରେ କଲବଲ ହେଉଛନ୍ତି। ପ୍ରବଳ ଭିଡ଼ ହେଉଥିବା ବେଳେ ବହୁ ଶ୍ରଦ୍ଧାଳୁ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ବିଶେଷକରି ଛୁଟିଦିନ ଏବଂ ପର୍ବପର୍ବାଣି ଦିନରେ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି। ପ୍ରାୟ ପ୍ରତିଦିନ ଶ୍ରୀମନ୍ଦିରକୁ ଆସୁଥିବା ଅଧିକାଂଶ ଭକ୍ତ କ୍ଷୋଭ ପ୍ରକାଶ କରୁଛନ୍ତି। ନୀତିକାନ୍ତି ବିଳମ୍ବ ଯୋଗୁଁ ଘଣ୍ଟା ଘଣ୍ଟା ଧରି ଲାଇନରେ ଛିଡ଼ା ହେଉଥିବାବେଳେ ବିଭିନ୍ନ ସମୟରେ ଦର୍ଶନ ପାଇଁ ହାତଗୁଞ୍ଜାର ଅଭିଯୋଗ ବି ଶୁଣିବାକୁ ମିଳୁଛି। ନିକଟରେ ଜଣେ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ। ପଶ୍ଚିମ ଦ୍ୱାରରେ ଥିବା ଧାଡ଼ିରେ ଛିଡ଼ା ହୋଇଥିଲେ। ହେଲେ ଟଙ୍କା ଦେଇ ନ ଥିବାରୁ ତାଙ୍କୁ ଧାଡ଼ିରୁ ବାହାରିଯିବାକୁ ପଡ଼ିଲା। ତାଙ୍କୁ ମନ୍ଦିର ଭିତରକୁ ନେବା ପାଇଁ ଟଙ୍କା ମଗାଗଲା। ମାତ୍ର ରାଜି ନ ହେବାରୁ ତାଙ୍କୁ ଗାଳିମନ୍ଦ ଶୁଣିବାକୁ ପଡ଼ିଥିଲା। ଏପରିକି ମାଡ଼ ମାରିବା ଉଦ୍ଦେଶ୍ୟରେ ତାଙ୍କ ଉପରକୁ ହାତ ଉଠିଥିଲା ବୋଲି ନିଜ ଫେସ୍‌ବୁକ୍ ପେଜ୍‌ରେ ଅନୁଭୂତି ବଖାଣିଛନ୍ତି ସୂର୍ଯ୍ୟକାନ୍ତ ପ୍ରଧାନ ନାମକ ଜଣେ ଭକ୍ତ। ତାଙ୍କର ଏହି କ୍ଷୋଭ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି, ସରକାର ଚାରିଦ୍ୱାର ଖୋଲିଦେଲେ ବୋଲି କହି ବାହାବା ନେବାକୁ ଚେଷ୍ଟା କରୁଥିବାବେଳେ ବାସ୍ତବରେ କିପରି ଭକ୍ତ ଶୋଷଣ ଏବଂ ନିର୍ଯାତିତ ହେଉଛି ତାହା ଦେଖିବାକୁ କିନ୍ତୁ କେହି ନାହିଁ। ଗତ ସୋମବାର ସୂର୍ଯ୍ୟକାନ୍ତ ତାଙ୍କ ଫେସ୍‌ବୁକ୍ ପେଜ୍‌ରେ ଦର୍ଶନ ଅନୁଭୂତି ଉଲ୍ଲେଖ କରିଛନ୍ତି। ସେ ଲେଖିଛନ୍ତି, ‘ଆଜି ମୁଁ ଆମର ଆରାଧ୍ୟ

## ‘ମୁଣ୍ଡପିଛା ୫୦୦ ଦିଅ, ମନ୍ଦିର ଭିତରକୁ ନେଇଯିବି’

ଦେବତା ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଇଥିଲି। ପଶ୍ଚିମ ଦ୍ୱାରରେ ପହଞ୍ଚିବା ପରେ ଷ୍ଟାଣ୍ଡରେ ଜୋତା ଏବଂ ମୋବାଇଲ ରଖିଥିଲି। ବହୁତ ଲୋକ ଧାଡ଼ିରେ ଛିଡ଼ା ହୋଇଥିଲେ। ମୁଁ ସେହି ଧାଡ଼ିରେ ଛିଡ଼ା ହେଇ କିଛିବାଟ ଆଗକୁ ଗଲି। ପଶ୍ଚିମ ଦ୍ୱାରରେ କିଛି ପୁଲିସ କର୍ମଚାରୀ ଏବ ସେବାୟତ ମତେ ଅଟକାଇ ପଚାରିଲେ ତମକୁ କେଉଁ ପଣ୍ଡା ଆଣିଛନ୍ତି। କହିଲି ନା ମୁଁ ଧାଡ଼ିରେ ଆସିଛି। ସେମାନେ କହିଲେ ଧାଡ଼ିରେ ଯଦି ଆସିବ ତାହେଲେ ସିଂହଦ୍ୱାର ଦେଇକି ଆସ। ଏ ପାଖେ କେବଳ ପଣ୍ଡାମାନଙ୍କ ଲୋକ ହିଁ ଯାଇପାରିବେ। ମାନେ ସେବାୟତ ଯାହାକୁ ଆଣିଥିବେ ସେଇମାନେ ଯାଇପାରିବେ। ଏହାପରେ ମୋତେ ଧାଡ଼ିରୁ ବାହାରିଯାଇ କୌଣସି ଜଣେ ସେବାୟତ କିମ୍ବା ପଣ୍ଡାଙ୍କୁ ଧରନ୍ତୁ ବୋଲି କହିଥିଲେ। ମୁଁ ମଧ୍ୟ ସେଇୟା କଲି। ଜଣେ ପଣ୍ଡାଙ୍କୁ ଦେଖାକରି କହିଲି ମତେ ଟିକେ ଭିତରକୁ ନେଇଯାଆନ୍ତୁ। ସେ କହିଲେ ତମେ କେତେ ଜଣ? ମୁଁ କହିଲି ୨ଜଣ। ସେ ମୋତେ ୧,୦୦୦ ଟଙ୍କା ମାଗିଲେ। କହିଲେ ହଜାରେ ଟଙ୍କା ଦିଅ ମନ୍ଦିର ଭିତରକୁ ନେଇଯିବି। ମୁଁ କହିଲି ଟଙ୍କା କ’ଣ ଦେବି ଫ୍ରି’ ନୁହେଁ କି? ସେ କହିଲେ ମୁଣ୍ଡ ଗୋଟିକୁ ୫୦୦ ଟଙ୍କା। ତା’ପରେ ମୁଁ ସେଠାରୁ ଫେରିଆସି ଧାଡ଼ିରେ ଯେଉଁ ଲୋକେ ଥିଲେ ପଚାରିଲି, ଆପଣମାନେ କ’ଣ ସେବାୟତଙ୍କୁ ଟଙ୍କା ଦେଇ ମନ୍ଦିର ଭିତରକୁ ପ୍ରବେଶ କରୁଛନ୍ତି କି? ସେ କହିଲେ ହଁ! ଏଠି ଫ୍ରି’ରେ କିଏ ଛାଡ଼ିବ? ପରେ ମୁଁ ଏକ ମୋ ଫୋନ୍‌ରେ ଭିଡିଓ କରିବାକୁ ଲାଗିଲି। ଜଣେ ସେବାୟତ ଏବଂ ସେଠାରେ ଥିବା ପୋଲିସ୍ (ପଶ୍ଚିମ ଦ୍ୱାର) ମୋ ଫୋନ୍ ଛଡ଼େଇବା ସହିତ ମତେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ବାଡ଼େଇବା ପାଇଁ ହାତ ଉଠେଇ କହିଲେ ଏବେ ଏଠାରୁ ଯିବ ନା ମାଡ଼ ଖାଇବ? ମୁଁ ସେଠାରୁ ଆସି ପାଚେରି ପାଖରେ ମୋର ବନ୍ଧୁଙ୍କୁ ଫୋନ୍ କରୁଥିଲି। ପୁନର୍ବାର ଜଣେ ପୁଲିସ ବାବୁ ଆସି ମୋ ହାତ ଟାଣିଟାଣି ନେଲେ। ପଶ୍ଚିମ ଦ୍ୱାରରେ ଥିବା ତାଙ୍କର ସହକର୍ମୀ ପୁଲିସ୍ ମୋ ସହ ଖରାପ ବ୍ୟବହାର କରିଲେ ଏବଂ ଫୋନ୍ ଛଡ଼େଇ ନେଇଥିଲେ। ମୋର ବିଜେପି ସରକାରଙ୍କ ଉପରେ ବହୁତ୍ ଭରସା ଥିଲା। ଆଗରୁ ଯେମିତି ଶ୍ରୀମନ୍ଦିରରେ ସେବାୟତମାନଙ୍କ ମନମୁଖୀ ଶାସନ ଚାଲିଥିଲା ତାହା ବନ୍ଦ ହେଇଥିବ। କିନ୍ତୁ ମୁଁ ଭୁଲ୍ ଥିଲି। ଅସଲ ଚୋରି ଶ୍ରୀଜଗନ୍ନାଥ ମନ୍ଦିର ପଶ୍ଚିମଦ୍ୱାରରେ ହିଁ ହେଉଛି। ମୋ ସହ ଏହି ଘଟଣାଟି ଠିକ୍ ମଧ୍ୟାହ୍ନ ୧୨ଟାରୁ ୧ଟା ଭିତରେ ଘଟିଛି। ଶ୍ରୀମନ୍ଦିର ପ୍ରଶାସନ ଚାହିଁଲେ ପଶ୍ଚିମ ଦ୍ୱାର ସିସିଟିଭି ଯାଞ୍ଚ କରିଲେ ସତ୍ୟାସତ୍ୟ ଜାଣିପାରିବେ। ମୋର ଅନୁରୋଧ ଶ୍ରୀମନ୍ଦିର ପ୍ରଶାସନ ଏହାର ତଦନ୍ତ କରନ୍ତୁ’।

ଏହା କେବଳ ସୂର୍ଯ୍ୟକାନ୍ତଙ୍କ କ୍ଷୋଭ ନୁହେଁ, ପ୍ରତିଦିନ ଏମିତି ଶହଶହ ଭକ୍ତ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। ତେଣୁ ମନ୍ଦିର ପ୍ରଶାସନ ତୁରନ୍ତ ଏହି ଅଭିଯୋଗର ସତ୍ୟାସତ୍ୟ ତଦନ୍ତ କରି ଭକ୍ତଙ୍କୁ ଦର୍ଶନ ସୁବିଧା ଦେଉ। ନଚେତ୍ ରାଜ୍ୟ ସରକାର ଚାରିଦ୍ୱାର ଖୋଲିଦେଲେ ବୋଲି ଯେଉଁ ଡିଣ୍ଡିମ ପିଟୁଛନ୍ତି ତାହା କେବଳ ବାହାସ୍ଫୋଟ ଛଡ଼ା ଆଉ କିଛି ନୁହେଁ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ଚର୍ଚ୍ଚା ହେଉଛି। ସୂର୍ଯ୍ୟକାନ୍ତଙ୍କ ଏହି କ୍ଷୋଭର ପୋଷ୍ଟ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବାରେ ଲାଗିଛି।

# ମା'-ଝିଅଙ୍କ ମୃତ୍ୟୁକୁ ନେଇ ବିଜେଡିର ଏତଲା

## ଦୁର୍ଘଟଣା ଘଟାଇଥିବା ଟ୍ରକ୍ ମାଲିକ ବିରୋଧରେ ବିଜେଡି ଫେରାଦ୍

## ପୌରାଧ୍ୟକ୍ଷା ଓ ନିର୍ବାହୀ ଅଧିକାରୀଙ୍କ ବିରୋଧରେ କଂଗ୍ରେସର ଅଭିଯୋଗ

ବଲାଙ୍ଗିର,୧୦।୬(ସମିସ)

ବଲାଙ୍ଗିର ସହରରେ ଜଳାଶୟ କାମରେ ଲାଗିରହିଥିବା ବିବାଦ ଭିତରକୁ ମା'-ଝିଅଙ୍କ ମୃତ୍ୟୁ ଘଟଣା ପଶିଛି। ଜଳାଶୟରୁ ଉଠିଥିବା ମାଟି ଯୋଗୁଁ ମା'-ଝିଅଙ୍କ ସ୍କୁଟି ଖସିଯିବାରୁ ଟ୍ରକ୍ ଚକ ତଳେ ଉଭୟଙ୍କ ଜୀବନ ଯାଇଛି। ଏହାକୁ ନେଇ କଂଗ୍ରେସ ଓ ବିଜେଡି ଆଗକୁ ଆସିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଏହି ଘଟଣା ପାଇଁ ପୌର ପରିଷଦକୁ ଦାୟୀ କରି କଂଗ୍ରେସ ଟାଉନ ଥାନାରେ ଏତଲା ଦେଇଥିଲା। ଅନ୍ୟପକ୍ଷେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକକୁ ଗିରଫ ସହ ଗାଡିର ସଂପୂର୍ଣ୍ଣ ଯାଞ୍ଚ କରାଯାଇ ଟ୍ରକ୍ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ବୁଧବାର ଦାବି କରିଛି।

ମଙ୍ଗଳବାର ସକାଳୁ ବଲାଙ୍ଗିର ସହରରେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଥିଲା। ଏକ ସ୍କୁଟିରେ ଯାଉଥିବା ସୁନୀତା ନାଗ ଓ ତାଙ୍କ ଝିଅ ସୁଷମା ନାଗ ରାସ୍ତା କଡ଼ କାଦୁଅରେ ଖସିଯାଇ ଟ୍ରକ ଚକ ତଳେ ପଶିଯାଇଥିଲେ। ଉଭୟଙ୍କ ମୁଣ୍ଡରେ ଟ୍ରକ୍ ଚକ ଚଢିଯିବାରୁ ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଜଳାଶୟରୁ ଉଠିଥିବା ମାଟି ପଡିଥିବାରୁ ବର୍ଷାରେ ତାହା କାଦୁଅ ହୋଇଯାଇଥିଲା। ଏଥିରେ ସ୍କୁଟି ଖସିଯିବାରୁ ସୁନୀତା ଓ ସୁଷମାଙ୍କ ଜୀବନ ଯାଇଥିବା ଲୋକେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ କଂଗ୍ରେସର ବୁଲୁ ଦାନୀଙ୍କ ନେତୃତ୍ୱରେ ଏକ ଟିମ୍ ଟାଉନ ଥାନାରେ ପହଞ୍ଚି ଥିଲେ। ପୌରାଧ୍ୟକ୍ଷା ଓ ପୌର ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ରାସ୍ତାରେ ପଡିଥିବା ମାଟି ଉଠାଇବା ପାଇଁ ଦାବି ହେଉଥିବା ବେଳେ ପୌର ପରିଷଦ ପକ୍ଷରୁ ସଫା କରାଯାଇ ନ ଥିଲା। ଏହାଫଳରେ ଏହି ଦୁର୍ଘଟଣା ଘଟିଲା ବୋଲି କଂଗ୍ରେସ ଅଭିଯୋଗ କରିଥିଲା।



ତେବେ ଏହି ଘଟଣାକୁ ନେଇ ବିଧାୟକ କଳିକେଶ ସିଂଦେଓ ଓ ପୌର ପରିଷଦ ଦୁଃଖ ପ୍ରକାଶ କରିଥିଲା। ଦୁର୍ଘଟଣା ପରେ ଶ୍ରମିକମାନେ ରାସ୍ତା ସଫା କରିଥିଲେ; କିନ୍ତୁ ଯେଉଁ ଟ୍ରକ୍‌ଟି ସ୍କୁଟିକୁ ଧକ୍କା ଦେଇଥିଲା ସେହି ଟ୍ରକ୍‌ର ବୀମା ସହ ଅନ୍ୟ କୌଣସି କାଗଜପତ୍ର ଠିକ ନ ଥିବା ବିଜେଡି ଅଭିଯୋଗ କରିଛି। ୨୪ ବର୍ଷର ଟ୍ରକ୍ କିଭଳି ସହରରେ ବେଶ୍ ଆରାମରେ ଚଳାଚଳ କରୁଛି ତାକୁ ନେଇ ବିଜେଡି ପ୍ରଶ୍ନ ଉଠାଇଛି। ଟ୍ରକ୍‌ଟି ସ୍ଥାନୀୟ ଜଣେ କଂଗ୍ରେସ ନେତାଙ୍କ ବଡ଼ ଭାଇଙ୍କର ବୋଲି ଜଣା ପଡିଛି। ଟ୍ରକ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିବାକୁ କଂଗ୍ରେସ କାହିଁକି ପଛଘୁଞ୍ଚା ଦେଉଛି ବୋଲି ବିଜେଡି ପ୍ରଶ୍ନ କରିଛି। ତେବେ ଟାଉନ ଥାନା ପୁଲିସ ଟ୍ରକ୍ ଜବତ କରି ଚାଳକଙ୍କୁ ମଧ୍ୟ ଗିରଫ କରିଛି।

ତେବେ ଦୁର୍ଘଟଣା ଘଟାଇ ଫେରାର ହୋଇଯିବା, ବିନା କାଗଜପତ୍ରରେ ଟ୍ରକ୍ ଚଳାଇବା ଅଭିଯୋଗରେ ସଂପୃକ୍ତ ମାଲିକଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ଦାବି କରିଛି। ବୁଧବାର ପୌର ପରିଷଦ ଉପାଧ୍ୟକ୍ଷା ଗାୟିତ୍ରୀ ଭୋଇ, ବିଜେଡି ନେତା ବିଧୂଭୂଷଣ ତ୍ରିପାଠୀ, କାଉନସିଲର ଶମ୍ଭୁ ନାଗ, ସୁମନ ନନ୍ଦ, ବିଭୂତି ଭୂଷଣ ମିଶ୍ରଙ୍କ ସମେତ ବହୁ ବିଜେଡି ନେତା ଏନେଇ ଟାଉନ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ସହରରେ ଚାଲୁଥିବା ପୁରୁଣା, ବିନା କାଗଜପତ୍ର ଗା।ଡିଗୁଡିକର ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ।

### ମୃତକଙ୍କ ପରିବାରଙ୍କୁ ଭେଟିଲେ ନରସିଂହ

**ବଲାଙ୍ଗିର:** ଗାନ୍ଧୀନଗରପଡା ମୁଖ୍ୟ ରାସ୍ତାରେ ସୁନିତା ନାଗ ଓ ତାଙ୍କ ଝିଅ ସୁଷମା ନାଗଙ୍କ ମୃତ୍ୟୁ ଘଟଣା ବଲାଙ୍ଗିର ସହରବାସୀଙ୍କୁ ମର୍ମାହତ କରିଛି। ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଡୁଙ୍ଗୁରିପଡାସ୍ଥିତ ମୃତକଙ୍କ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜ୍ଞାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଏହି ଘଟଣାରେ ସେ ପୌ÷ର ପରିଷଦକୁ ଦାୟୀ କରିଛନ୍ତି। ସରକାର ଏବଂ ବୀମା କମ୍ପାନୀଠାରୁ



ଉଚିତ ଓ ପର୍ଯ୍ୟାପ୍ତ ସହାୟତା ରାଶି ମିଳିବା ଦିଗରେ ସେ ଉଦ୍ୟମ କରିବେ ବୋଲି କହିଥିଲେ। ଶ୍ରୀ ମିଶ୍ରଙ୍କ ସହ ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ଆରତିପ୍ରୀତି ନାଗ, ଦୀପକ ନାଗ, ଉପେନ ଦୀପ, ଜୁଲୁ ପଟ୍ଟନାୟକ, ବଜରଙ୍ଗ ବନଛୋର, ବିଦୁ କୁମ୍ଭାର, ଜ୍ୟୋତି ରଂଜନ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

● କାଦୋପଡ଼ାରେ ନିମ୍ନମାନର କଂକ୍ରିଟ ନାଳ ନିର୍ମାଣ ଘଟଣା

# ଜନସ୍ୱାର୍ଥ ମାମଲା ପାଇଁ ଲୋକଙ୍କ ପ୍ରସ୍ତୁତି

**ପାଟଣାଗଡ଼,୧୦।୫ (ସମିସ):** ପାଟଣାଗଡ଼ ସହରର କାଦୋପଡାରେ ନିମ୍ନମାନର ଡ୍ରେନ ନିର୍ମାଣ କାମର ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଏହି ନିମ୍ନମାନର କାମକୁ ନେଇ ପଡ଼ାବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗିରହିଛି। ଏନେଇ ପଡ଼ାବାସୀଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି କର୍ଣ୍ଣପାତ କରୁନାହାନ୍ତି। ଦୁର୍ନୀତି ମିଳିମିଶି ଚାପିଦେବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହେଉଛି। ଜନସ୍ୱାର୍ଥ ମାମଲା ପାଇଁ ଲୋକଙ୍କ ପ୍ରସ୍ତୁତି ଚାଲିଛି।

ଆଣ୍ଠୁଏ ପାଣି ଭିତରେ କଂକ୍ରିଟକରଣ ସହ ରଡ୍ ବାଇଣ୍ଡିଂ କାମ କରାଯାଉଥିଲେ ସୁଦ୍ଧା ଠିକାଦାର ଜଣକ ଶାସକ ଦଳର ହୋଇଥିବାରୁ ଏନଏସି ଇଓଙ୍କଠାରୁ ଆରମ୍ଭ କରି ଉପଜିଲ୍ଲାପାଳ ମଧ୍ୟ ପାଟି ଫିଟାଉ ନାହାନ୍ତି। କିଭଳି ଡ୍ରେନ କାମ ତୁରନ୍ତ ସମ୍ପୂର୍ଣ୍ଣ କରାଯାଇ ଦୁର୍ନୀତିକୁ ଚାପିଦିଆଯିବ ସେଥିପାଇଁ ଉଦ୍ୟମ ଜାରି ରହିଛି। ଗତ କିଛିଦିନ ହେଲା ଡ୍ରେନ ନିର୍ମାଣ କାମ ବନ୍ଦ ରହିଥିଲା। ପଡ଼ାବାସୀ ବୈଠକ କରି ଡ୍ରେନ କାମ ଠିକ୍ ଭାବେ ନ ହେଲେ ରାସ୍ତାକୁ ଓହ୍ଲାଇବା ପାଇଁ ପ୍ରସ୍ତୁତି ଚଳାଇଥିଲେ। ଏହି ଭୟରେ ଠିକାଦାର ଜଣକ ପୁଣି ବୁଧବାରଠାରୁ କାମ ଆରମ୍ଭ କରିଛି। ତଥାପି ଡ୍ରେନ ନିର୍ମାଣ କାମରେ ଦୁର୍ନୀତି ଜଳ ଜଳ ହୋଇ ଦିଶୁଥିବା ପଡ଼ାର କିଛି ଯୁବକ ଅଭିଯୋଗ ଆଣିଛନ୍ତି। ଦୁର୍ନୀତି ଜଳ ଜଳ ହୋଇ ଦିଶୁଥିଲେ ହେଁ କାହା ଚାପରେ ପ୍ରଶାସନ ଠିକାଦାର ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାହସ ଜୁଟାଇ ପାରୁନି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଅଭିଯୋଗ ହେଉଛି। ଅନ୍ୟପଟେ ଯାହା ଶୁଣିବାକୁ ମିଳିଛି ଏହି କାମରେ ତଳୁ ଉପର ପର୍ଯ୍ୟନ୍ତ ମୋଟା ଅଙ୍କର ପିସି କାରବାର ହୋଇଛି। ଏହାଫଳରେ ଦୁର୍ନୀତି ଚାପିବାକୁ ଠିକାଦାର ଜଣକ ଜୋରସୋର

### ମିଳିମିଶି ଦୁର୍ନୀତି ଚାପିଦେବାକୁ ଉଦ୍ୟମ

### କାଦୋପଡ଼ାରେ ଅସନ୍ତୋଷ

ଉଦ୍ୟମ ଚଳାଇଥିବା ଅଭିଯୋଗ ଉଠିଛି। ଦୁଇ କୋଟି ଟଙ୍କାର ଡ୍ରେନ କାମକୁ ଦେଖିଲେ ସ୍ପଷ୍ଟ ଜଣାପଡୁଛି ଯେ କିଭଳି ଦୁର୍ନୀତି ହୋଇଛି। ଏହି ଘଟଣାକୁ ନେଇ ପଡ଼ାବାସୀ ମଧ୍ୟରେ ଅସନ୍ତୋଷ ଲାଗିରହିଛି। ଡ୍ରେନ ନିର୍ମାଣ କାମରେ ଗଡାଣିଆ ହେଉ ନ ଥିବାରୁ ପଡାରେ ପୁଣି ପାଣି ଜମିବା ଆଶଙ୍କା ପ୍ରକାଶ ପାଇଛି। ଏହି ଦୁର୍ନୀତି ମାମଲାରେ ଜିଲ୍ଲା ପ୍ରଶାସନଠାରୁ ଉପଖଣ୍ଡ ପ୍ରଶାସନ ଆଖି ବୁଜିଦେଇଥିବା ଫଳରେ ପଡାର କିଛି ସଚେତନ ନାଗରିକ ଏହି ମାମଲାକୁ ନେଇ ସମସ୍ତ ପ୍ରମାଣ ସହ ଠିକାଦାର ଓ ପ୍ରଶାସନ ବିରୋଧରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିବାକୁ ପ୍ରସ୍ତୁତି ଚଳାଇଥିବା ସୂଚନା ମିଳିଛି। ଅନ୍ୟପଟେ ଏହି ଦୁର୍ନୀତି ବିରୋଧରେ କେତେକ ସଂଗଠନ ଏନ୍‌ଏସି ଘେରାଓ କରିବା ପାଇଁ ସଜବାଜ ହେଉଥିବା ଜଣାପଡିଛି।

## ୩ ଲକ୍ଷ ଟଙ୍କାର ଚୋରି ସାମଗ୍ରୀ ଜବତ; ୬ ଗିରଫ

**ଲୋଇସିଂହା,୧୦।୬(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ବନ୍ଧଲିପଡା ଓ ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ଆଲୁମିନିୟମ ତାର, କେବୁଲ, ଲୁହା ପାଇପ, ଲୁହା ସେଣ୍ଟ୍ରି ସାମଗ୍ରୀ ଇତ୍ୟାଦି ଲୋଇସିଂହା ପୁଲିସ ଜବତ କରିଛି। ଜବତ ସାମଗ୍ରୀର ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ। ଏହି ଚୋରି ଘଟଣାରେ ୬ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ ଜିଲ୍ଲା ଗାଇସିଲେଟ ଥାନା ଉମରାଟ ଗ୍ରାମର ମହାଦେବ ଭୁଏ (୬୦), ଗାଇସିଲେଟ ଥାନା ଶରଧାପାଲି ଗ୍ରାମର କବିରାଜ ଭୋଇ (୪୮), ଗାଇସିଲେଟ ଥାନା ସରଗିପାଲିର ଜେଠୁ ସାହୁ (୫୮), ଆଗଲପୁର ଥାନା ଝରଣିପାଲିର ଜଗଦୀଶ ସାହୁ (୪୨), ଆଗଲପୁର ଥାନା ଭରସୁଜା ଗ୍ରାମର ବିକ୍ରମ ପାତ୍ର (୫୪) ଓ ଲୋଇସିଂହା ଥାନା ସୁଜିଆ ଗ୍ରାମର ପ୍ରଫୁଲ୍ଲ ସଲତର (୩୮)। ଏନେଇ ପୁଲିସ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି। ସୋମବାର ସକାଳେ ବନ୍ଧଲିପଡା ଗାଁ ନିକଟରେ ଗଚ୍ଛିତ ଥିବା ଆଲୁମିନିୟମ ତାର ଚୋରି ହେଉଥିବା ଗ୍ରାମବାସୀ ଜାଣିବାକୁ ପାଇଥିଲେ। ଏନେଇ ଗ୍ରାମବାସୀ ପୁଲିସକୁ ସୂଚନା ଦେଇ ସେଠାକୁ ଯାଇଥିଲେ। ଗ୍ରାମବାସୀଙ୍କୁ ଦେଖି ଘଟଣାସ୍ଥଳରୁ କେତେଜଣ ଫେରାର ହୋଇଯାଇଥିଲେ; ହେଲେ ବାଇକ୍‌ରେ ତାର ଲୋଡ୍ କରି ଯାଉଥିବା ୨ ଜଣ ବ୍ୟକ୍ତିଙ୍କୁ ଗ୍ରାମବାସୀ ଧରିଥିଲେ। ସେମାନଙ୍କୁ ପୁଲିସ ଜିମା ଦିଆଯାଇଥିଲା। ସେମାନଙ୍କୁ ପଚରାଉଚରା କରି ପୁଲିସ ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଧରିଥିଲା।

## ପୁଣି ନାବାଳକଙ୍କ ଜୀବନ ନେଲେ କ୍ୱାକ୍

**କଣ୍ଟାବାଞ୍ଜି,୧୦।୬(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଡାକ୍ତରଖାନାରେ ବୁଧବାର ଚିକିତ୍ସିତ ଅବସ୍ଥାରେ ଜଣେ ନାବାଳକାଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳକ ଜଣକ ବେଳପଡା ଥାନାତ ମାଲପଡା ଗାଁର ବିକାଶ ବନଛୋର (୧୭)। ସେ ଅସୁସ୍ଥ ହୋଇ ପଡ଼ିବାରୁ ପରିବାର ଲୋକେ ପ୍ରଥମେ ସ୍ଥାନୀୟ ଜଣେ କ୍ୱାକ୍‌ଙ୍କୁ ଖବର ଦେଇଥିଲେ। କ୍ୱାକ୍ ଜରକ ପହଞ୍ଚି ନାବାଳକଙ୍କୁ ଏକ ଇଞ୍ଜେକସନ ଦେଇଥିଲେ। ଏହାପରେ ନାବାଳକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ହୋଇ ପଡିଥିଲା। ଏଣୁ ପରିବାର ଲୋକେ ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନାକୁ ଆଣିଥିଲେ; ହେଲେ ଚିକିତ୍ସାଧୀନ ଅବସ୍ଥାରେ ନାବାଳକ ଜଣକ ଆଖି ବୁଜିଥିଲେ। ଏହାପରେ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ କ୍ୱାକ୍‌ଙ୍କ ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ନାବାଳକଙ୍କ ଜୀବନ ଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।


## କୁସଙ୍ଗ ହାଇସ୍କୁଲରେ ସମ୍ବର୍ଦ୍ଧନା ପର୍ବ

**ବଲାଙ୍ଗିର,୧୦।୬(ସମିସ):** କୁସଙ୍ଗ ପଞ୍ଚାୟତ ହାଇସ୍କୁଲରେ ନୂଆ ପ୍ରଧାନ ଶିକ୍ଷକ ଭାବେ କାହ୍ନୁ ଚରଣ ଧରୁଆ ଯୋଗ ଦେଇଛନ୍ତି। ପୂର୍ବରୁ ସେ ବିଲେଇସର୍ଡା ହାଇସ୍କୁଲରେ ଟିଜିଟି (କଳା) ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ଶ୍ରୀ ଧରୁଆ ବିଦ୍ୟାଳୟରେ ପହଞ୍ଚିବା ପରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସର୍ଜନ ନେଗୀ, ଶିକ୍ଷକ ସଚ୍ଚିଦାନନ୍ଦ ସାହୁ, ବିଜୟ ପ୍ରଧାନ, ଲକ୍ଷ୍ମୀକାନ୍ତ ପଟେଲ, କରୁଣାକର ପଟେଲ, କୃଷ୍ଣକାନ୍ତ ମହାରଣା, ସୁଶାନ୍ତ ରଞ୍ଜନ ସାହୁ, ସରୋଜ ରାଉତ, ଶିକ୍ଷା କର୍ମଚାରୀ ମୁରାରୀ ଚନ୍ଦ୍ର ପୋଢ଼, ବିଷ୍ଣୁ ପ୍ରସାଦ ବେହେରା, ବାଞ୍ଛାନିଧି ନାଏକ, ସୁଶାନ୍ତ ଧରୁଆ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୁର୍ବାଦଳ ଦିଶ୍ରୀ ପ୍ରମୁଖ ସ୍ୱାଗତ କରିଥିଲେ। ଅନ୍ୟପକ୍ଷେ ଏଠାରେ ଅବସ୍ଥାପିତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ନେଗୀ ପଦୋନ୍ନତି ପାଇଛନ୍ତି। ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାବେ ତାଙ୍କ ବଦଳି ହୋଇଛି। ଶ୍ରୀ ଧରୁଆଙ୍କୁ ସମସ୍ତେ ସ୍ୱାଗତ କରିଥିବାବେଳେ ଶ୍ରୀ ନେଗୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ।



## ଖେଳପଡ଼ିଆ ଉନ୍ନତୀକରଣ ନାଁରେ ହେର୍‌ଫେର୍

**ଗୋଲାମୁଣ୍ଡା,୧୦।୬(ସମିସ):** କ୍ରୀଡ଼ାକୁ ଗୁରୁତ୍ୱ ଦେଇ ସରକାର ସହର ଠାରୁ ଗ୍ରାମାଞ୍ଚଳ ସବୁ ସ୍ଥାନରେ ଖେଳ ପଡିଆ ଗୁଡିକ ନିର୍ମାଣ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କେତେକ ସ୍ଥାନରେ ଖେଳ ପଡିଆ ଉନ୍ନତିକରଣ ପାଇଁ ଆସୁଥିବା ଟଙ୍କା ହରିଲୁଟ ହେଉଥିବା ଖବର ସାମ୍ନାକୁ ଆସିଛି। ଏଭଳି ଖବର କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଚିଚିଆ ପଞ୍ଚାୟତର ଶିବମନ୍ଦିର ଖେଳ ପଡିଆରେ ଦେଖିବାକୁ ମିଳିଛି। ସୂଚନାରୁ ପ୍ରକାଶ ୨୦୨୨-୨୦୨୩ ଆର୍ଥିକ ବର୍ଷରେ ଖେଳପଡିଆ କାମର ଉନ୍ନତିକରଣ ପାଇଁ ୧୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସେଥିମଧ୍ୟରୁ ମନରେଗା କାମ ପାଇଁ ୫୭୦୬୧୨, ଗାଁସାଥି ପାଇଁ ୧୮୦୦, ମେଟେରିଆଲ କାମ ପାଇଁ



୪୧୪୩୩୦, ମୋଟ ୯୮୬୭୪୨ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡିଛି। କାମ ଅନ ଗୋଇଙ୍ଗ ଅଛି ବୋଲି ୧୩୨୫୮ ଟଙ୍କା ଖର୍ଚ୍ଚ ନ କରି ଛାଡି ଦେଇଛନ୍ତି। ଯାହାକି କି ମନରେଗା ଏମଆଇଏସ ତଥ୍ୟ ରିପୋର୍ଟରୁ ଜଣାପଡିଛି। ତେବେ ଖେଳ ପଡିଆରେ ସେ ଭଳିଆ କାମ ହୋଇଥିବାଦେଖା ଯାଉନାହିଁ। ପଞ୍ଚାୟତ ଦାୟିତ୍ୱରେ ଥିବା ଅଧିକାରୀମାନେ କାମ ନ କରି ସମସ୍ତ ଟଙ୍କା ହରିଲୁଟ କରିଥିବା ସନ୍ଦେହ ଉପୁଜିଛି। ଏ ଭଳିଆ ପଞ୍ଚାୟତ ଅଧିକାରୀମାନେ ହେବେ ତେବେ ଉନ୍ନତି ବଦଳରେ ଅବନତି ଆଡକୁ ଗତି କରିବ ବୋଲି ଆଶଙ୍କା କରାଯାଉଛି। ଏ ନେଇ ବିଡ଼ିଓ ତ୍ରିପୁର ମହାନନ୍ଦଙ୍କୁ ଫୋନ ଯୋଗାଯୋଗ କରାଯାଇଥିଲା। ୨୦୨୨-୨୦୨୩ ଆର୍ଥିକ ବର୍ଷର କଥା ମୁଁ ଜାଣିନି ତଥାପି ତଦନ୍ତ କରି କହିବି ବୋଲି ପ୍ରକାଶ କରିଥିଲେ।

## ମାଲପଡ଼ା ନାଗରିକ କମିଟିର ବୈଠକ



**ବଲାଙ୍ଗିର,୧୦।୬(ସମିସ):** ବଲାଙ୍ଗିର ମାଲପଡା ନାଗରିକ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଗୋପବନ୍ଧୁ ପୁରୋହିତ ଏଥିରେ ଅଧ୍ୟକ୍ଷତା କରିଥିଲେ। ପରିବେଶ ସୁରକ୍ଷା ନିମନ୍ତେ ପଡାର ବିଭିନ୍ନ ସ୍ଥାନରେ ଚାରାରୋପଣ କରିବା ପାଇଁ ନିଷ୍ପତ୍ତି ହୋଇଛି। ସହରର ପ୍ଲାଷ୍ଟିକ ବହୁଳ ବ୍ୟବହାର ଯୋଗୁଁ ପରିବେଶ ଦୂଷିତ ହେଉଛି।

ଏହି ପ୍ଲାଷ୍ଟିକ ଜରି ଖାଇ ଗୋରୁଙ୍କ ଜୀବନ ଯାଉଛି। ଏଣୁ ପ୍ଲାଷ୍ଟି ନିଷେଧ କରିବାକୁ ଦୃଢ ପଦକ୍ଷେପ କରିବା ପାଇଁ ଜିଲ୍ଲାପାଳ ଓ ପୌର ପାଳିକାକୁ ଅନୁରୋଧ କରାଯିବ ବୋଲି ଆଲୋଚନା ହୋଇଛି। ସେହିଭଳି ବର୍ଷା ପୂର୍ବରୁ ଡ୍ରେନ୍ ସଫେଇ ପାଇଁ ପୌର ପାଳିକାର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ସଭ୍ୟ ଜଗଦାନନ୍ଦ ଛୁରିଆଙ୍କୁ ସମ୍ମାନିତ କରାଯାଇଥିଲା। ଉପସଭାପତି ପ୍ରଫେସର ତରୁଣ ମିଶ୍ର, ସଂପାଦକ ପଞ୍ଚାନନ ସେଠ, କୋଷାଧ୍ୟକ୍ଷ ଦିବାକର ହୋତା, ସହ-ସଂପାଦକ ଅଶୋକ .ନ୍ଦ, ସଂଘର ସଭ୍ୟ ବିମଳ ଚକ୍ରବର୍ତ୍ତି, ଅମୀୟ ମିଶ୍ର, ଗଣେଶରାମ ବେହେରା, ଦୟାସାଗର ବଗର୍ତ୍ତି, ନିମାଇଁ ଚରଣ ଦାଶ, ଦେବଜ୍ୟୋତି ଯୋଷୀ, ସନ୍ତୋଷ ସାହୁ, ସୁରେଶ ଅଗ୍ରୱାଲ, ଛବିଲାଲ ବେହେରା, ଶିବ ପ୍ରସାଦ ଶତପଥୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ଡବଲ ଇଞ୍ଜିନ ସରକାର ବିରୋଧରେ ବର୍ଷିଲେ ନରସିଂହ ମିଶ୍ର

**ବଲାଙ୍ଗିର,୧୦।୬(ସମିସ):** ମନରେଗା ଯୋଜନାର ଲକ୍ଷ୍ୟ ହେଲା ଗ୍ରାମାଞ୍ଚଳ ଲୋକଙ୍କ ଜୀବନ ଜୀବିକା ତଥା ସାମାଜିକ ସୁରକ୍ଷାକୁ ନିଶ୍ଚିତ କରିବା। ଏହି ଯୋଜନାରେ ଗ୍ରାମର ବୟସ୍କ ଅଣକୁଶଳି ଲୋକଙ୍କୁ ଅତି କମ୍‌ରେ ୧୦୦ ଶ୍ରମ ଦିବସ ସୃଷ୍ଟ କରି ସରକାର ଲୋକଙ୍କୁ କାମ ପ୍ରଦାନ କରିବେ। ଏହା ଦ୍ୱାରା ଲୋକଙ୍କ ସାମାଜିକ ସୁରକ୍ଷା ଓ ଜୀବିକା ସୁରକ୍ଷିତ ରହିବ; କିନ୍ତୁ କେନ୍ଦ୍ର ସରକାରଙ୍କ ଏହି ଯୋଜନା ଗାଇବାହାଲ ପଞ୍ଚାୟତରେ ଫେଲ୍ ମାରିଛି। ଏହି ପଞ୍ଚାୟତରେ ଅନେକ ଲୋକ କାମ କରିବା ପାଇଁ ଇଚ୍ଛା ପ୍ରକାଶ କରୁଥିଲେ ହେଁ ପ୍ରଶାସନ ଏମାନଙ୍କୁ କାମ ଯୋଗାଉ ନାହିଁ। ଶ୍ରମିକ ଓ ସାମାଜିକ ସୁରକ୍ଷା କଥା କହୁଥିବା ଡବଲ ଇଞ୍ଜିନ ସରକାର ଗ୍ରାମ୍ୟ ଅର୍ଥନୀତିର ବିକାଶ ପାଇଁ ତୁରନ୍ତ ଗାଁ ଲୋକଙ୍କୁ ମନରେଗା ଯୋଜନା ମାଧ୍ୟମରେ ଶିଘ୍ର କାମ ପ୍ରଦାନ କରନ୍ତୁ। ଦେଓଗାଁ ବ୍ଲକ୍ ଗାଇବାହାଲ ପଞ୍ଚାୟତର ଅର୍ଡାରେ ଜନସାଧାରଣଙ୍କ ସମସ୍ୟା ଶୁଣି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ନିଜ ପ୍ରତିକ୍ରିୟାରେ ଏହା କହିଛନ୍ତି। ଅର୍ଡା ଗାଁବାସୀଙ୍କ ଦ୍ୱାରା ଆୟୋଜିତ ଏହି ସଭାରେ ଗାଁ ତରଫରୁ ଶ୍ରୀ ମିଶ୍ରଙ୍କ ଆଗରେ ଅନେକ ଦାବି ତଥା ଅଭିଯୋଗ ରଖାଯାଇଥିଲା। ଗା ସ୍କୁଲ ନାଁରେ ଜମି ନ ଥିବାରୁ ଅନୁଦାନ ଆସିପାରୁନାହିଁ। ଯଦିଓ ୪୦ ବର୍ଷ ପୂର୍ବରୁ ଗାଁର ବଦାନ୍ୟ ବ୍ୟକ୍ତି ସ୍କୁଲ ପାଇଁ ଜାଗା ପ୍ରଦାନ କରିଛନ୍ତି; କିନ୍ତୁ ତା ପାଇଁ ଦରକାର ହେଉଥିବା କଲମ-୨ ପ୍ରକ୍ରିୟା କାମ ହୋଇପାରୁ ନାହିଁ। ଗାଁ ଲୋକେ ବାରମ୍ବାର ତହସିଲକୁ ଯାଇ ନିରାଶ ହୋଇ ଫେରୁଛନ୍ତି। ତେଣୁ ଏହି ସମସ୍ୟାର ସମାଧାନ କରିବା ପାଇଁ ଲୋକେ ଶ୍ରୀ ମିଶ୍ରଙ୍କୁ ଅନୁରୋଧ କରିଥିଲେ। ବାରିଯୋର ଉପରେ ଏକ ଚେକ୍‌ଡ୍ୟାମ୍ ନିର୍ମାଣ ପାଇଁ ଲୋକେ ଦାବି କରିଥିଲେ। ଗାଁରୁ ଏକ ଦଳ ଲୋ ଭୋଲଟେଜ ସମସ୍ୟାକୁ ନେଇ ଶ୍ରୀ ମିଶ୍ରଙ୍କୁ ସପ୍ତାହେ ପୂର୍ବରୁ ଅଭିଯୋଗ କରିଥିଲେ। ଶ୍ରୀ ମିଶ୍ର ବିଜୁଳି ବିଭାଗ ଯନ୍ତ୍ରୀଙ୍କ ସହ କଥା ହୋଇ ଏହାର ସମାଧାନ କରିଥିଲେ। ଗ୍ରାମ୍ୟ ରାସ୍ତା ଓ ଷ୍ଟ୍ରିଟ ଲାଇଟ ମରାମତି ପାଇଁ ଶିଘ୍ର ପଦକ୍ଷେପ ନିଆଯିବ ବୋଲି ସଭାରେ ଆଲୋଚନା ହୋଇଥିଲା। ଅର୍ଡା ନିବାସୀ କାହ୍ନୁ ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ସୁଶାନ୍ତ ବିଶ୍ୱାଳ, ଅନି ମାଝି, ସମ୍ବିଦ ଭୋଇ, ଅସି ଭୋଇ, ସୁମନ୍ତ ସାମଲ, ରିଙ୍କୁ ସୁନା, ଭିକାରୀ ଚରଣ ପ୍ରଧାନ, ଆର୍ତ୍ତ ଘିଭେଲା, ଧନର୍ଯ୍ୟୟ କରନ, ବ୍ଲକ୍ ସଭାପତି ରାମଜୀ ଚୌଧୁରୀ, କାନ୍ତେଶ୍ୱର ପ୍ରଧାନ, ପପୁ ପାତ୍ର, ସଂକୀର୍ତ୍ତନ ମେହେର, ନନ ମେହେର ଓ ମଦନ ସାହୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।



## ୨୫ ବର୍ଷ ହେଲା ରୁଗୁଡିମୁଣ୍ଡା ଦେହେଲିଆକଟାର ପୁନରୁଦ୍ଧାର ହୋଇନି

# ପାଣି ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ବଲାଙ୍ଗିର,୧୦।୬(ସମିସ)

୨୫ ବର୍ଷ ହେଲା ପୋଖରୀ କାମ ହେଉନି। ୨୧ ଏକର ବିଶିଷ୍ଟ ଏହି ଜଳାଶୟର ଅଧା ଜାଗା ଏବେ ଜବରଦଖଲକାରୀଙ୍କ ଅଧୀନରେ ରହିଛି। ନା ସେହି ଜବରଦଖଲ ଅଞ୍ଚଳକୁ ଉଚ୍ଛେଦ କରି ଜଳାଶୟ ସହ ସଂଲଗ୍ନ କରାଯାଉଛି ନା ଜଳାଶୟର ମାଟି କାମ ହେଉଛି। ଏକଦା ଏହା ଦୁଇଟି ଗାଁର ଲୋକଙ୍କ ପାଣି ସମସ୍ୟା ସମାଧାନ କରିବା ସହ ଖରିଫ ଓ ରବିରେ ଜମିକୁ ପାଣି ଯୋଗାଉଥିଲା। ପାଟଣାଗଡ ବ୍ଲକର ଏହି ରୁଗୁଡିମୁଣ୍ଡା ଦେହେଲିଆ କଟାର ଅବସ୍ଥାକୁ ନେଇ ବୁଧବାର ରୁଗୁଡିମୁଣ୍ଡା ଓ ସୁନାମୁଦୀ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ବଲାଙ୍ଗିର ଜିଲ୍ଲା ପାଟଣାଗଡ ବ୍ଲକ୍ ସୁନାମୁଦୀ ଓ ରୁଗୁଡିମୁଣ୍ଡା ଗାଁରେ ପାଣି ସମସ୍ୟା ଚଳିତ ବର୍ଷ ଉତ୍କଟ ହୋଇଛି। ରୁଗୁଡିମୁଣ୍ଡାରେ ଥିବା ଦେହେଲିଆ କଟା ଉପରେ ଏହି ଦୁଇ ଗାଁର ଲୋକେ ନିର୍ଭର କରିଥାନ୍ତି। ୨୧ ଏକର ବିଶିଷ୍ଟ ଏହି ଜଳାଶୟ ଏବେ ପୋତି ହୋଇଯାଉଛି।



● ରୁଗୁଡିମୁଣ୍ଡା ଓ ସୁନାମୁଦୀ ଗ୍ରାମବାସୀଙ୍କ ଭରସା
● ପଙ୍କରେ ପୋତି ହୋଇ ଜଳଧାରଣ କ୍ଷମତା ହରାଇଛି
● ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ଜଳାଶୟର ଜଳ ଧାରଣ କ୍ଷମତା ମଧ୍ୟ ହ୍ରାସ ପାଇଛି। ଗତ ୨୫ ବର୍ଷ ହେଲା ଏହି ଜଳାଶୟ କାମ ହୋଇନି। ଏଣୁ ଜଳାଶୟରେ ମାଟି ପୋତି ହୋଇଯାଇଥିବା ଅଭିଯୋଗ ହୋଇଛି। ଜଳ ଧାରଣ କ୍ଷମତା କମି ଯାଇଥିବାରୁ ଖରା ଆସିଲେ ପାଣି ଶୁଖି ଯାଉଛି। ଏବେ ରୁଗୁଡିମୁଣ୍ଡା ଓ ସୁନାମୁଦୀ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ କରିଛନ୍ତି। ତେବେ ଜଳାଶୟ ପୁନରୁଦ୍ଧାର କାମ ହେଉ ନ ଥିବାରୁ ସ୍ଥାନୀୟ କିଛି ବ୍ୟକ୍ତି ଜଳାଶୟ ଜମିକ ଜବରଦଖଲ କରି ରଖିଥିବା ଅଭିଯୋଗ ହୋଇଛି; ଫଳରେ ଜଳାଶୟର ପରିସୀମା ମଧ୍ୟ ସଙ୍କୁଚିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଏନେଇ ସ୍ଥାନୀୟ ବ୍ଲକ ପ୍ରଶାସନ, ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀଙ୍କ ପାଖରେ ଅଭିଯୋଗ କରି ଜଳାଶୟର ପୁନରୁଦ୍ଧାର କାମ, ଓ ଜଳାଶୟ ଜମିର ଡିମାର୍କେସନ କରିବାକୁ ଦାବି କରିଛନ୍ତି; କିନ୍ତୁ ଆଜି ପର୍ଯ୍ୟନ୍ତ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହା ଫଳରେ ବାଧ ହୋଇ ଉଭୟ ଗାଁର ଗ୍ରାମବାସୀ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏହି ସମସ୍ୟାର ସମାଧାନ କରିବା ପାଇଁ ଦାବି କରିଛନ୍ତି। ଶୀଘ୍ର ଜଳାଶୟ ପୁନରୁଦ୍ଧାର କାମ, କାମ ପୂର୍ବରୁ ଡିମାର୍କେସନ କରି ଜବରଦଖଲ ହଟାଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ଯଦି ଏହି ସମସ୍ୟା ର ସମାଧାନ ନ ହୁଏ ତେବେ ଗ୍ରାମବାସୀ ବାଧ ହୋଇ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

## ହକି ଖେଳାଳି ସ୍ୱିଟି କୁଜୁର ଓ ଅର୍ମାନ ଲାକ୍ରା ସମ୍ବର୍ଦ୍ଧିତ



**ରାଉରକେଲା, ୧୦।୬(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଏବଂ ଓଡ଼ିଶା କ୍ରୀଡ଼ା ଜଗତ ପାଇଁ ଏକ ଗର୍ବର ମୁହୂର୍ତ୍ତ ଅବସରରେ ଆଜି ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଏବଂ କ୍ରୀଡ଼ା ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଦୀନା ଦସ୍ତଗୀର ନିକଟରେ ସମ୍ପନ୍ନ ହୋଇଥିବା ଅଣ୍ଡର-୧୮ ଏସିଆ କପ୍ ହକି ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଦୁଇଜଣ ଯୁବ ହକି ଖେଳାଳି ଅର୍ମାନ ଲାକ୍ରା (୧୬) ଏବଂ ସ୍ୱିଟି କୁଜୁର (୧୬)ଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

ସୂଚନାଯୋଗ୍ୟ ଯେ ଅର୍ମାନ ଲାକ୍ରା ଭାରତୀୟ ଅଣ୍ଡର-୧୮ ପୁରୁଷ ହକି ଦଳର ସଦସ୍ୟ ଭାବେ ଏସିଆ କପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ, ସ୍ୱିଟି କୁଜୁର ଭାରତୀୟ ଅଣ୍ଡର-୧୮ ମହିଳା ହକି ଦଳର ଅଧିନାୟିକା ଭାବେ ଦଳକୁ ନେତୃତ୍ୱ ପ୍ରଦାନ କରି ବ୍ରୋଞ୍ଜ ପଦକ ଜିତିବାରେ ସଫଳ ହୋଇଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁଶ୍ରୀ ଦସ୍ତଗୀର୍ ଉଭୟ ଖେଳାଳିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହିତ ସେମାନଙ୍କର ଉଜ୍ଜଳ କ୍ରୀଡ଼ା ଜୀବନ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଉଭୟ ଖେଳାଳି ରାଉରକେଲା ସ୍ଥିତ ପାନପୋଷ କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀ ହୋଇଥିବାରୁ ସେମାନଙ୍କର ଏହି ସଫଳତା ରାଜ୍ୟର କ୍ରୀଡ଼ା ପ୍ରଶିକ୍ଷଣ ବ୍ୟବସ୍ଥା ଓ ଖେଳାଳି ବିକାଶ କାର୍ଯ୍ୟକ୍ରମର ଏକ ଉଜ୍ଜ୍ୱଳ ଉଦାହରଣ ଭାବେ ପରିଗଣିତ ହୋଇଛି। କାର୍ଯ୍ୟକ୍ରମରେ ଉପ ନିର୍ଦ୍ଦେଶକ କ୍ରୀଡ଼ା, ରାଉରକେଲା ସୁଦୀପ୍ତ କୁମାର ନାୟକ ଏବଂ ଡେପୁଟି କଲେକ୍ଟର ପ୍ରାରବ୍ଧା ବଡ଼ପଣ୍ଡା ମଧ୍ୟ ଉପସ୍ଥିତ ରହି ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଖେଳାଳିମାନଙ୍କ ସଫଳତା ପଛରେ ଥିବା ପ୍ରଶିକ୍ଷକ, ସହାୟକ କର୍ମଚାରୀ, ଅଭିଭାବକ ଏବଂ କ୍ରୀଡ଼ା ସଂସ୍ଥାଗୁଡ଼ିକର ଅବଦାନକୁ ମଧ୍ୟ ସ୍ମରଣ କରାଯାଇଥିଲା।

## ଜାତିପ୍ରଥାର ନିଷ୍ଠୁର ଚିତ୍ର

# ଆଖି ବୁଜିଲେ ମା'; ଏକୁଟିଆ ପ୍ରଭାତୀ

**ବଣାଇଁ, ୧୦।୬(ସମିସ)**

ସଭ୍ୟ ସମାଜରେ ଆଜି ବି ଜାତିପ୍ରଥା ଓ ସାମାଜିକ ବାସନ୍ଦର ନିଷ୍ଠୁର ଚିତ୍ର ଲୋକଙ୍କୁ ସ୍ତବ୍ଧ କରିଦେଉଛି। ସୁନ୍ଦରଗଡ଼ ଜିଲ୍ଲା ବଣାଇଗଡ଼ ବ୍ଲକ ଅନ୍ତର୍ଗତ ମହୁଲଡିହା ଗାଁର ପ୍ରଭାତୀଙ୍କ କାହାଣୀ ଏହାର ଜ୍ୱଳନ୍ତ ଉଦାହରଣ। ଖାସି, ଚାଉଳ ଓ ନଗଦ ଟଙ୍କା ଦେଇ ନପାରିବାରୁ ମା' ଓ ଝିଅଙ୍କୁ ୧୨ ବର୍ଷ ଧରି ସମାଜରୁ ବାସନ୍ଦ କରାଯାଇଥିଲା। ଆଜି ମା' ଆଉ ନାହାନ୍ତି, ଆଉ ଭଙ୍ଗା ଘର ଭିତରେ ଏକାକୀ ଜୀବନ ବିତାଉଛନ୍ତି ପ୍ରଭାତୀ।

ଦୀର୍ଘବର୍ଷ ଧରି ରୋଗଶଯ୍ୟାରେ ପଡ଼ିଥିବା ବୃଦ୍ଧା ମା'ଙ୍କ ସେବା ହିଁ ଥିଲା ପ୍ରଭାତୀଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ। ସମାଜର ଅବହେଳା, ଦାରିଦ୍ର୍ୟ ଓ ଏକଘରିଆ ଜୀବନ ମଧ୍ୟରେ ସେ ମା'ଙ୍କ ସାଥୀ ହୋଇ ରହିଥିଲେ। କିନ୍ତୁ ସବୁ ଦିନ ପାଇଁ ଆଜି ମା'ଙ୍କ ମୃତ୍ୟୁ ସହ ସେହି ଆଶ୍ରୟ ମଧ୍ୟ ଚାଲିଗଲା। ଏବେ ନିଃସଙ୍ଗ ପ୍ରଭାତୀଙ୍କ ଆଖିରେ କେବଳ ଲୁହ ଓ ଭବିଷ୍ୟତକୁ ନେଇ ଅନିଶ୍ଚିତତା।

ସୂଚନା ଅନୁଯାୟୀ, ପ୍ରାୟ ୧୨ ବର୍ଷ ପୂର୍ବେ ସମାଜ ପକ୍ଷରୁ ଦଣ୍ଡ ସ୍ୱରୂପ ଖାସି, ଚାଉଳ ଓ ଟଙ୍କା ଦେବାକୁ କୁହାଯାଇଥିଲା। ଅଭାବ ଅନଟନରେ ଜୀବନ ବିତାଉଥିବା ପରିବାର ପକ୍ଷରୁ ଏହା ସମ୍ଭବ ହୋଇନଥିଲା। ଫଳରେ ମା' ଓ ଝିଅଙ୍କୁ ସମାଜରୁ ବାସନ୍ଦ କରାଯାଇଥିଲା। ଗାଁ ମଝିରେ ରହି ମଧ୍ୟ ସେମାନେ ସାମାଜିକ ଭାବେ ସମ୍ପୂର୍ଣ୍ଣ ଅଲଗା ହୋଇ ରହିଥିଲେ। ଆଜି ମା'ଙ୍କ ମୃତ୍ୟୁ ପରେ ସହାନୁଭୂତିର ସ୍ରୋତ ବହୁଥିବା ବେଳେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠୁଛି ଯଦି ଏହି ସହଯୋଗ ଓ ମାନବିକତା ଆଗରୁ ମିଳିଥାନ୍ତା, ତେବେ କି ଜଣେ ଅସହାୟ ମା'ଙ୍କୁ ଏଭଳି ଦୁଃଖ ଓ ଅବହେଳାରେ ଜୀବନ କାଟିବାକୁ ପଡ଼ିଥାନ୍ତା?

### ୧୨ ବର୍ଷର ବାସନ୍ଦ ପରେ ହୃଦୟବିଦାରକ ଘଟଣା; ନ୍ୟାୟ ଅପେକ୍ଷାରେ ଅସହାୟ ଝିଅ



ଘଟଣା ପ୍ରକାଶ ପାଇବା ପରେ ବଣାଇ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ଜ୍ଞାନ ରଞ୍ଜନ ବେହେରା ଆଜି ନିଜେ ଉପସ୍ଥିତ ହୋଇଥିଲେ। କିଛି ସାମାଜିକ ସଂଗଠନ ଓ ସ୍ୱେଚ୍ଛାସେବୀ ମଧ୍ୟ ପ୍ରଭାତୀଙ୍କ ଶବ ସଂସ୍କାରରେ ସହାୟତା କରିଥିଲେ। ତହସିଲଦାର କହିଛନ୍ତି, "ସମାଜ ଆସିଲାନି, ଆମେ କାମ କଲୁ। ଆଗକୁ ପ୍ରଭାତୀ କିପରି ନ୍ୟାୟ ଓ ସରକାରୀ ସହାୟତା ପାଇବେ, ସେଥିପାଇଁ ପ୍ରଶାସନ ଚେଷ୍ଟା କରିବ।"

ତେବେ ଏହି ଘଟଣା କେବଳ ଜଣେ ଅସହାୟ ଝିଅର ଦୁଃଖ କାହାଣୀ ନୁହେଁ, ବରଂ ଆଜି ବି କେତେକ ସ୍ଥାନରେ ଜାତି ପ୍ରଥା ଓ ସାମାଜିକ କୁସଂସ୍କାର କିପରି ମାନବିକତାକୁ ପରାଜିତ କରୁଛି, ତାହାର ଏକ କଠୋର ପ୍ରମାଣ।

ମହୁଲଡିହାର ଏହି ଘଟଣା ଏବେ ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ, ପ୍ରଶାସନର ତଦନ୍ତ ଓ ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି। ପ୍ରଭାତୀଙ୍କ ଆଖିର ଲୁହ ଓ ମୃତ ମା'ଙ୍କ ନୀରବ ବେଦନା ଆଜି ସମାଜର ବିବେକକୁ ପ୍ରଶ୍ନ କରୁଛି।

## ଛତୁ ଚାଷ ମାଧ୍ୟମରେ ଉଦ୍ୟୋଗୀ ଭାବନାକୁ ପ୍ରୋତ୍ସାହିତ କରୁଛି ଆର୍‌ଏସ୍‌ପି



**ରାଉରକେଲା, ୧୦।୬(ସମିସ):** ରାଉରକେଲା ଇସ୍ପାତ କାରଖାନା ନିଜର ଆଖପାଖ ଗ୍ରାମଗୁଡ଼ିକର ବାସିନ୍ଦାମାନଙ୍କୁ ନିଜସ୍ୱ ଛତୁ ବ୍ୟବସାୟ ଆରମ୍ଭ କରିବାର ଦକ୍ଷତା ପ୍ରଦାନ କରି ସେମାନଙ୍କ ମଧ୍ୟରେ ଉଦ୍ୟୋଗୀ ଭାବନାର ବୀଜ ବପନ କରୁଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବର୍ତ୍ତମାନ ସମୟରେ ଛତୁ ଚାଷ ହେଉଛି ଅନ୍ୟତମ ସବୁଠାରୁ ଲାଭଦାୟକ, ସ୍ୱଳ୍ପ ପୁଞ୍ଜି ଏବଂ ସ୍ଥାୟୀ କୃଷି-ବ୍ୟବସାୟ।

ବର୍ଷ ୨୦୨୫-୨୬ ମଧ୍ୟରେ, ଆରଏସପିର ସିଏସ୍‌ଆର ବିଭାଗ ପକ୍ଷରୁ 'ଇନ୍‌ଷ୍ଟିଚ୍ୟୁଟ ଫର ପେରିଫେରାଲ୍ ଡେଭଲପମେଣ୍ଟ' ଠାରେ ଧାରାବାହିକ ଭାବେ ଛତୁ ଚାଷ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା, ଯାହାଦ୍ୱାରା ବିଶ୍ରା, ନୂଆଗାଁ ଏବଂ ଲାଠିକଟା ବ୍ଲକର ପ୍ରାୟ ୮୦ ଜଣ ଗ୍ରାମବାସୀ ଉପକୃତ ହୋଇଛନ୍ତି।

ଏହି ଦୁଇ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନଙ୍କୁ ଛତୁ ଚାଷର ବିଭିନ୍ନ ଦିଗ ବିଷୟରେ ଅବଗତ କରାଯାଇଥିଲା। ଯେଉଁଥିରେ କଞ୍ଚାମାଲ ଚୟନ, ଛତୁ ବେଡ୍ ପ୍ରସ୍ତୁତି, ବିହନ ବୁଣିବା କୌଶଳ, ତାପମାତ୍ରା ଓ ଆଦ୍ରତା ନିୟନ୍ତ୍ରଣ, କୀଟନାଶକ ପରିଚାଳନା, ଛତୁ ତୋଳିବା ପଦ୍ଧତି ଏବଂ ଅମଳ ପରବର୍ତ୍ତୀ ରକ୍ଷଣାବେକ୍ଷଣ ସାମିଲ ଥିଲା। କ୍ଲାସରୁମ୍ ଶିକ୍ଷା ବ୍ୟତୀତ ପ୍ରଶିକ୍ଷାର୍ଥୀମାନଙ୍କୁ ବ୍ୟାବହାରିକ ପ୍ରଦର୍ଶନ ଏବଂ ପ୍ରତ୍ୟକ୍ଷ ଅନୁଭୂତି ପ୍ରଦାନ କରାଯାଇଥିଲା, ଯାହା ସେମାନଙ୍କୁ ସ୍ୱାଧୀନ ଭାବରେ ଚାଷ କରିବା ପାଇଁ ଆତ୍ମବିଶ୍ୱାସ ଦେଇଥିଲା। ଟି. ଭେଙ୍ଗରା ଏବଂ କମଳା ଟପ୍ପୋ ଏହି କାର୍ଯ୍ୟକ୍ରମର ମୁଖ୍ୟ ପ୍ରଶିକ୍ଷକ ଥିଲେ। ଶିକ୍ଷା ଯେପରି କାର୍ଯ୍ୟରେ ପରିଣତ ହେବ, ତାହା ନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀଙ୍କୁ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଏକ ଛତୁ ବ୍ୟାଗ୍ ଏବଂ ୨୦୦ ଗ୍ରାମ ଛତୁ ବିହନ ଥିବା ଏକ ବୋତଲ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହେବା ପରେ ପ୍ରମାଣପତ୍ର ମଧ୍ୟ ବିତରଣ କରାଯାଇଥିଲା। ପ୍ରଶିକ୍ଷଣର କିଛି ଦିନ ପରେ ହିଁ ଏହାର ପ୍ରଭାବ ସ୍ପଷ୍ଟ ଦେଖାଯାଇଥିଲା। ଦକ୍ଷତା ଏବଂ ଷ୍ଟାର୍ଟର କିଟ୍‌ରେ ସଜ୍ଜିତ ହୋଇ ପ୍ରଶିକ୍ଷାର୍ଥୀମାନେ ନିଜ ନିଜ ଘରେ ଛତୁ ଚାଷ କରିଥିଲେ ଏବଂ ଚଳିତ ବର୍ଷ ମଧ୍ୟରେ ସମୂହ ଭାବେ ୧୦୦ କିଲୋଗ୍ରାମରୁ ଅଧିକ ଛତୁ ଉତ୍ପାଦନ କରିଥିଲେ। ଏହି ଉତ୍ପାଦିତ ଛତୁକୁ ପରିବାର ଲୋକେ ବ୍ୟବହାର କରିବା ସହ ସ୍ଥାନୀୟ ବଜାରରେ ବିକ୍ରି ମଧ୍ୟ କରିଥିଲେ, ଯାହା ଛତୁ ବ୍ୟବସାୟର ପୁଷ୍ଟିସାର ଗୁଣ ଏବଂ ସମ୍ଭାବନା ବିଷୟରେ ସଚେତନତା ସୃଷ୍ଟି କରିଥିଲା। ଅନେକଙ୍କ ପାଇଁ ଏହି ଅର୍ଜିତ ଦକ୍ଷତା ଏବେ ନୂତନ ବ୍ୟବସାୟିକ ଯାତ୍ରାର ଏକ ପ୍ରାରମ୍ଭିକ ବିନ୍ଦୁ ପାଲଟିଛି।

## ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ଋତୁସ୍ରାବ ସ୍ୱଚ୍ଛତା କାର୍ଯ୍ୟକ୍ରମ



**ରାଉରକେଲା, ୧୦।୬(ସମିସ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଝାରସୁଗୁଡା ଏବଂ ସୁନ୍ଦରଗଡ଼ ଜିଲ୍ଲାର ଜାମଖାନୀ, କୁରାଲୋଇ ଏବଂ ଘୋଗରପାଲି ଅଞ୍ଚଳରେ ମାସିକ ଧର୍ମ (ଋତୁସ୍ରାବ) ସ୍ୱଚ୍ଛତା ଏବଂ କିଶୋର ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ଶହରୁ ଅଧିକ ମହିଳା ଏବଂ କିଶୋରୀ ଉପକୃତ ହୋଇଥିଲେ। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଆଗଧାଡ଼ିର କର୍ମୀମାନଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ସଚେତନତା ବୃଦ୍ଧି, ସ୍ୱଚ୍ଛତା ସାମଗ୍ରୀର ଉପଲବ୍ଧତା ଏବଂ ଋତୁସ୍ରାବ ସ୍ୱାସ୍ଥ୍ୟ ବିଷୟରେ ଖୋଲାଖୋଲି ଆଲୋଚନାକୁ ପ୍ରୋତ୍ସାହିତ କରିବା। ଋତୁସ୍ରାବ ସମୟରେ ଦେଖାଦେଉଥିବା ଆହ୍ୱାନର ମୁକାବିଲା ପାଇଁ ଏହି ପଦକ୍ଷେପରେ ଶିକ୍ଷଣୀୟ କର୍ମଶାଳା, ସାନିଟାରୀ ପ୍ୟାଡ୍ ବଣ୍ଟନ ଏବଂ ଚିକିତ୍ସକଙ୍କ ନେତୃତ୍ୱରେ ଏବଂ କର୍ମଚାରୀ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସଚେତନତା ଅଭିଯାନ ଅନ୍ତର୍ଭୁକ୍ତ ଥିଲା।

ହେମଗିରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସୀମା କୁଆ ଛୋଟ ଛୋଟ ହସ୍ତକ୍ଷେପ ଠାରୁ ଆଗକୁ ବଢ଼ିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ରାହୁଲ ସାହୁ ଋତୁସ୍ରାବ ସ୍ୱଚ୍ଛତା ଏବଂ ପ୍ରଜନନ ସ୍ୱାସ୍ଥ୍ୟ ଉପରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ। ଭୋଗ୍ରାକାଚର କମ୍ୟୁନିଟି ରିସୋର୍ସ୍ ପର୍ସନ୍ ସରସ୍ୱତୀ ସା କହିଛନ୍ତି, ଏହି କାର୍ଯ୍ୟକ୍ରମ କିଶୋରୀଙ୍କ ସମେତ କମ୍ୟୁନିଟି ସଦସ୍ୟମାନଙ୍କୁ ଋତୁସ୍ରାବ ସ୍ୱାସ୍ଥ୍ୟ ଉପରେ ଖୋଲା ଆଲୋଚନାରେ ନିୟୋଜିତ ହେବାକୁ ଏକ ମୂଲ୍ୟବାନ ମଞ୍ଚ ପ୍ରଦାନ କରିଥିଲା। କୁଡାଲୋଇର ବାସିନ୍ଦା ଦିନା କେରକେଟା କହିଛନ୍ତି, ଅଧିବେଶନ ପରେ ମୁଁ ଅଧିକ ସକାରାତ୍ମକ ଏବଂ ଆତ୍ମବିଶ୍ୱାସ ଅନୁଭବ କରୁଛି, ଏବଂ ଖୁସି ଯୋଜନା ପରି ଉତ୍ତମ ସ୍ୱଚ୍ଛତା ଅଭ୍ୟାସ ଏବଂ ସମର୍ଥନ ଯୋଜନା ବିଷୟରେ ମଧ୍ୟ ଜାଣିବାକୁ ପାଇଲି, ଯାହା ମହିଳାମାନଙ୍କ ପାଇଁ ଅତ୍ୟନ୍ତ ସହାୟକ।

## ବୀର ବିର୍ସା ମୁଣ୍ଡା କମିଟି ପକ୍ଷରୁ ଧରତି ଆବାଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା, ୧୦।୬(ସମିସ):** ମଙ୍ଗଳବାର ବୀର ବିର୍ସା ମୁଣ୍ଡାଙ୍କ ପୂଣ୍ୟତିଥି ତିରୋଧାନ ଦିବସ ଅବସରରେ ସୁନ୍ଦରଗଡ଼ ବୀର ବିର୍ସା ମୁଣ୍ଡା କମିଟିର ସଭାପତି ପଞ୍ଚା ବାର୍ଲାଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜୁ ଜନତା ଦଳର ଯୁଗ୍ମ ସମ୍ପାଦକ ଜୟ ନାରାୟଣ ତ୍ରିପାଠୀ ଯୋଗ ଦେଇ ମହାନ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଥିଲେ ବୀର ବିର୍ସା ମୁଣ୍ଡାଙ୍କ ଜୀବନାଦର୍ଶ, ନିଃସ୍ୱାର୍ଥପର ଦେଶସେବା, ସ୍ୱାଧୀନତା ସଂଗ୍ରାମରେ ଇଂରେଜ ସରକାରଙ୍କ ବିରୁଦ୍ଧରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋଚନା କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବୀର ବିର୍ସା ମୁଣ୍ଡା କମିଟି ସଭାପତି ପଞ୍ଚା ବାର୍ଲା, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ଉପନଗରପାଳ ଲଲାଟ ପରିଡ଼ା, ବରିଷ୍ଠନେତା ଉପେନ୍ଦ୍ର ମିଶ୍ର, ଯୁବନେତା ଆଶିଷ ତ୍ରିପାଠୀ, ସଞ୍ଜୟ ପଟ୍ଟନାୟକ, ଟୁନା ଭଞ୍ଜ, ଅଶୋକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



# ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘ ଧର୍ମଘଟ ପ୍ରତ୍ୟାହୃତ

### ଆସନ୍ତା ୧୫ରୁ ଆର୍‌ଏସ୍‌ପିରୁ ମିଳିବ ଲୋକାଲ ଟିପ୍ପରକୁ ଲୋଡିଂ

**ରାଉରକେଲା, ୧୦।୬ (ସମିସ):** ରାଉରକେଲା ଇସ୍ପାତ କାରଖାନାରୁ ବିଓଏଫ୍ ସ୍ଲାଗ୍ ପରିବହନ ପାଇଁ ସ୍ଥାନୀୟ ଟିପ୍ପରକୁ ଅଣଦେଖା କରି ବାହାର ରାଜ୍ୟର ଟିପ୍ପରଗୁଡ଼ିକୁ ଲୋଡିଂ ଦିଆଯିବା ପ୍ରତିବାଦରେ ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ବୁଧବାର ତୃତୀୟ ଦିନରେ ପ୍ରତ୍ୟାହୃତ ହୋଇଛି। ଜୁନ୍ ୧୫ ତାରିଖରୁ ଆର୍‌ଏସ୍‌ପିରେ ଲୋକାଲ ଟିପ୍ପରକୁ ଲୋଡିଂ ମିଳିବା ନେଇ ପ୍ରତିଶ୍ରୁତି ପରେ ଆଜି ଏହି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି। ଏ ନେଇ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘ ପକ୍ଷରୁ ଆଜି ଆରଏସପି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହୋଇଥିଲା। ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘ ପକ୍ଷରୁ ଏସ୍ ଏସ୍ ଟ୍ରେଡିଂ ଏବଂ ସ୍ୱସ୍ତିକ୍ ଏଣ୍ଟରପ୍ରାଇଜେସ୍‌ର ରାକେଶ ସିଂହ, ଏଟିଚ୍ୟୁଡ୍ ଏକ୍ସିମ୍ ପ୍ରାଇଭେଟ୍ ଲିମିଟେଡ୍‌ର ଜଗନ୍ନାଥ ଧଳଙ୍କ ସହ ଆର୍‌ଏସପି ସିଜିଏମ୍ (ପିପିସି) ସୁନୀତା ସିଂହ, ଏଚ୍‌ଓଡି ଏମ୍‌ଆର୍‌ଡି ସନ୍ତୋଷ ଭୂୟାଁ ପ୍ରମୁଖ ଆଲୋଚନା କରିଥିଲେ। ଏହି ଅବସରରେ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘର ସଭାପତି ଅଶୋକ କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ ଅବନୀ ରଞ୍ଜନ ଷଡ଼ଙ୍ଗୀ, ଉପସଭାପତି ଦେବ ପ୍ରସାଦ ମିଶ୍ର, କୋଷାଧ୍ୟକ୍ଷ ବ୍ରଜ କିଶୋର ସାମଲ, ସହସମ୍ପାଦକ ଅଜିତ ଛୋଟରାୟ, ସହସମ୍ପାଦକ ସୌମ୍ୟ ରଞ୍ଜନ ନାୟକଙ୍କ ସମେତ ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ ନିରଞ୍ଜନ ସେଠୀ, ସିଆଇଏସ୍‌ଏଫ୍ ଅଧିକାରୀ ଏ. କେ. ଶର୍ମା, ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

ବିଭିନ୍ନ ପ୍ରସଙ୍ଗ ଆଲୋଚନା ହେବା ସହ ସ୍ଲାଗ୍ ପରିବହନର ପ୍ରତି ଟନ୍ ମୂଲ୍ୟ ନିର୍ଦ୍ଧାରଣ ପାଇଁ ୧୪ ତାରିଖ ପର୍ଯ୍ୟନ୍ତ ଆରଏସପି କର୍ତ୍ତୃପକ୍ଷ ମହଲତ ନେଇଥିଲେ ଏବଂ ଆସନ୍ତା ଜୁନ ୧୫ ତାରିଖ ଠାରୁ ଲୋକାଲ ଟିପ୍ପରକୁ ସ୍ଲାଗ୍ ଲୋଡିଂ ପାଇଁ ଅନୁମତି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘର ସଭାପତି ଅଶୋକ କୁମାର ପଟ୍ଟନାୟକ ଏନେଇ କହିଛନ୍ତି ଯେ, ଆରଏସପି ଏବଂ ଟିପ୍ପରମାଲିକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆର୍‌ଏସ୍‌ପିର ସର୍ତ୍ତାବଳୀକୁ ମାନି ଆନ୍ଦୋଳନକୁ ପ୍ରତ୍ୟାହାର କରାଗଲା। କେବଳ ମୂଲ୍ୟ ଧାର୍ଯ୍ୟ ପାଇଁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ସମୟ ନେଇଥିବା ସେ କହିଥିଲେ।

### ଆର୍‌ଏସ୍‌ପିକୁ ୨ଦିନିଆ ଗସ୍ତ ସାରି ଫେରିଲେ 'ସିଭିଓ'

# 'ବ୍ୟବସ୍ଥା ଯେତିକି ସୁଲଭ ଏବଂ ସ୍ୱଚ୍ଛ ହେବ, ତ୍ରୁଟିର ସମ୍ଭାବନା ସେତିକି କମ୍ ରହିବ'

**ରାଉରକେଲା, ୧୦।୬(ସମିସ)**

ବ୍ୟବସ୍ଥା ଯେତିକି ସୁଲଭ ଏବଂ ସ୍ୱଚ୍ଛ ହେବ, ତ୍ରୁଟି କିମ୍ବା ଅପବ୍ୟବହାରର ସମ୍ଭାବନା ସେତିକି କମ୍ ରହିବ ବୋଲି ସେଲ୍‌ଫର ମୁଖ୍ୟ ଭିଜିଲାନ୍ସ ଅଧିକାରୀ (ସିଭିଓ) ଦିଲୀପ କୁମାର 'ମନ୍ଥନ' ସମ୍ମିଳନୀ କକ୍ଷରେ ରାଉରକେଲା ଇସ୍ପାତ କାରଖାନାର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା ଅବସରରେ କହିଛନ୍ତି। ତାଙ୍କ ସହ ସେଲ୍‌ଫର କାର୍ଯ୍ୟକାରୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଭିଜିଲାନ୍ସ) ଜ୍ଞାନେଶ ଝା ମଧ୍ୟ ଉପସ୍ଥିତ ଥିଲେ। କାରଖାନାର ନିର୍ବାହୀ ନିର୍ଦ୍ଦେଶକ, ମୁଖ୍ୟ ମହାପ୍ରବନ୍ଧକ ଏବଂ ବିଭାଗୀୟ ମୁଖ୍ୟମାନେ ସାମିଲ ଥିବା ଏକ ଆଲୋଚନା କାର୍ଯ୍ୟକ୍ରମ ବିଶେଷ ଆକର୍ଷଣ ଥିଲା। ଏଥିରେ ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ବି. ଆର୍. ପଲାଇ, ନିର୍ବାହୀ ନିର୍ଦ୍ଦେଶକ (ଏମଏମ) ଅନିଲ କୁମାର ଏବଂ ଅନ୍ୟ ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଆଲୋଚନା ସମୟରେ ସିଭିଓ ଦିଲୀପ କୁମାର କହିଥିଲେ ଯେ, ସେଲ୍‌ଫର ଯେକୌଣସି ଇସ୍ପାତ କାରଖାନାକୁ ଏହା ତାଙ୍କର ପ୍ରଥମ ଗସ୍ତ ଏବଂ ଖଣିଜ ପଥର କିଭଳି ଭାବେ ଇସ୍ପାତ ଭଳି ଏକ ଶକ୍ତ ଓ ସୁଦୃଢ଼ ସାମଗ୍ରୀରେ ରୂପାନ୍ତରିତ ହେଉଛି, ତାହା





ଦେଖି ସେ ବହୁତ ପ୍ରଭାବିତ ଓ ମୁଗ୍ଧ। ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ସତର୍କତା ଅଧିକାରୀ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇ ଶ୍ରୀ ଦିଲୀପ କୁମାର ପ୍ରତ୍ୟେକଙ୍କୁ, ବିଶେଷ କରି ଯୁବ ଅଧିକାରୀ ଏବଂ ଆଗ ଧାଡ଼ିରେ କାର୍ଯ୍ୟରତ ଅଧିକାରୀମାନଙ୍କୁ ନିୟମ ଓ କାର୍ଯ୍ୟପଦ୍ଧତି ବିଷୟରେ ଅବଗତ କରାଇବା ଉପରେ ଗୁରୁତ୍ୱ ଦେଇଥିଲେ। ସିଭିଓ ମୁଖ୍ୟ ମହାପ୍ରବନ୍ଧକମାନଙ୍କ ଦ୍ୱାରା ପଚରାଯାଇଥିବା ଅନେକ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଥିଲେ ଏବଂ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ।

ଏହାପୂର୍ବରୁ ଶ୍ରୀ ପଲାଇ ନିଜର ବକ୍ତବ୍ୟରେ ସିଭିଓଙ୍କ କାରଖାନାର କାର୍ଯ୍ୟକଳାପ ଏବଂ ବ୍ୟବସ୍ଥାଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଭାବେ ଅବଗତ ହେବାକୁ ପ୍ରକାଶ କରିଥିବା ଆଗ୍ରହକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଜ୍ଞାନେଶ ଝା ଏହି ଗସ୍ତର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

ପରିଶେଷରେ ଅନିଲ କୁମାର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆରଏସପି ର ମହାପ୍ରବନ୍ଧକ (ସତର୍କତା) ତଥା ଏସିଭିଓ ରଞ୍ଜନ ଭାରତୀ କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ। ଏଠି ପୂର୍ବରୁ ୧୦ ତାରିଖ ସକାଳେ ଶ୍ରୀ କୁମାର, ଶ୍ରୀ ପଲାଇଙ୍କ ସହ ମିଶି 'ରାଉରକେଲା ହାଉସ୍' ଠାରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହାପରେ ସେ ପ୍ରଶାସନିକ ଭବନରେ ଥିବା ସତର୍କତା କାର୍ଯ୍ୟାଳୟରେ ସତର୍କତା ଅଧିକାରୀମାନଙ୍କ



ସହ ଏକ ବୈଠକ ମଧ୍ୟ କରିଥିଲେ। ସେଲ୍‌ଫର ବିଭିନ୍ନ ୟୁନିଟ୍‌ର ସହକାରୀ ମୁଖ୍ୟ ସତର୍କତା ଅଧିକାରୀ ମାନେ ମଧ୍ୟ ଭର୍ଚୁଆଲ୍ ମାଧ୍ୟମରେ ଏହି ବୈଠକରେ ଯୋଗ ଦେଇଥିଲେ, ଯାହାଦ୍ୱାରା ସତର୍କତା ସମ୍ବନ୍ଧୀୟ ବିଷୟଗୁଡ଼ିକ ଉପରେ ବ୍ୟାପକ ଅଂଶଗ୍ରହଣ ଏବଂ ମତାମତ ବିନିମୟ ସମ୍ଭବ ହୋଇପାରିଥିଲା।

ସିଭିଓ ଅପରାହ୍ନରେ ରାଉରକେଲା ରୁ ବିଦାୟ ନେଇଥିବା ବେଳେ ରାଉରକେଲା ହାଉସ୍ ଠାରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ରଞ୍ଜନ ଭାରତୀ ଏବଂ ସତର୍କତା ବିଭାଗ ଏହି ସମ୍ପୂର୍ଣ୍ଣ ଗସ୍ତ କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ।

## ଏଲ୍‌ଡି ସ୍ଲାଗ୍ ପରିବହନ ନେଇ ଆର୍‌ଏସ୍‌ପିର ସ୍ପଷ୍ଟୀକରଣ

**ରାଉରକେଲା, ୧୦।୬(ସମିସ):** ରାଉରକେଲା ଇସ୍ପାତ କାରଖାନାର ଏଲ୍‌ଡି ସ୍ଲାଗ୍ ପରିବହନ କାର୍ଯ୍ୟରେ ସ୍ଥାନୀୟ ଗାଡ଼ିକୁ ସୁଯୋଗ ନ ମିଳିବା ଅଭିଯୋଗ ସମ୍ପୂର୍ଣ୍ଣ ଭ୍ରମାତ୍ମକ ଓ ଭିତ୍ତିହୀନ। ଅନେକ ସମ୍ବାଦପତ୍ରରେ ଖବର ପ୍ରକାଶ ପାଇଛି ଯେ, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ପରିବହନ କାର୍ଯ୍ୟରେ ସ୍ଥାନୀୟ ଯାନବାହନଗୁଡ଼ିକୁ ସୁଯୋଗ ଦିଆଯାଉନାହିଁ। ଏହା ସମ୍ପୂର୍ଣ୍ଣ ଭ୍ରମାତ୍ମକ ଏବଂ ତଥ୍ୟହୀନ ଅଟେ। ବାସ୍ତବରେ, ରାଉରକେଲା ଇସ୍ପାତ କାରଖାନା ଏଭଳି କୌଣସି ପରିବହନ କାର୍ଯ୍ୟ ଆବଣ୍ଟନ କରେନାହିଁ। ଏହାର ବଦଳରେ, କାରଖାନା ଭିତରେ ଥିବା ବର୍ଜ୍ୟବସ୍ତୁ (ଯାହା ବ୍ୟବହାର ଯୋଗ୍ୟ ନୁହେଁ)କୁ ବିଭିନ୍ନ ଲଟ୍‌ରେ ବିଭକ୍ତ କରାଯାଇ ଖୋଲା ଟେଣ୍ଡର ଏବଂ ଫରୱାର୍ଡ ନିଲାମୀ ମାଧ୍ୟମରେ 'ଯେଉଁଠି ଅଛି ଯେମିତି ଅଛି' ଭିତ୍ତିରେ ସର୍ବାଧିକ ବୋଲି ଲଗାଇଥିବା ସଂସ୍ଥାଗୁଡ଼ିକୁ ବିକ୍ରି କରାଯାଇଥାଏ। ସଫଳ ନିଲାମୀ ଧାରକ (ଏଚ୍-୧) ଦ୍ୱାରା ସମ୍ପୂର୍ଣ୍ଣ ଅର୍ଥ ପୈଠ କରାଯିବା ପରେ, ସେମାନଙ୍କୁ ନିଜ ଖର୍ଚ୍ଚରେ ସେହି ଲଟ୍ ଅଧୀନରେ ଥିବା ବର୍ଜ୍ୟବସ୍ତୁକୁ ନେବାକୁ ଅନୁମତି ଦିଆଯାଇଥାଏ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା କେନ୍ଦ୍ରୀୟ ସତର୍କତା ଆୟୋଗ ଏବଂ ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ନିୟମାବଳୀ ଅନୁଯାୟୀ ପରିଚାଳିତ ହୋଇଥାଏ। ଏହି ବିକ୍ରୟ ପ୍ରକ୍ରିୟା ଅଧୀନରେ, ସାମଗ୍ରୀ କ୍ରୟ କରୁଥିବା ସଂସ୍ଥା କିମ୍ବା ଗ୍ରାହକମାନେ ପରିବହନ ପାଇଁ ନିଜସ୍ୱ ଯାନବାହନର ବ୍ୟବସ୍ଥା କରିଥାନ୍ତି, ଏଥିରେ ରାଉରକେଲା ଇସ୍ପାତ କାରଖାନାର କୌଣସି ଭୂମିକା ନଥାଏ। ତେଣୁ ଏହି ଅଭିଯୋଗଗୁଡ଼ିକ ତଥ୍ୟଗତ ଭାବେ ଭୁଲ୍ ଏବଂ ଭିତ୍ତିହୀନ ଅଟେ। ଅପରପକ୍ଷରେ, ରାଉରକେଲା ଇସ୍ପାତ କାରଖାନା ଏକ ସ୍ୱଚ୍ଛ ବ୍ୟବସ୍ଥା ମାଧ୍ୟମରେ ବର୍ଜ୍ୟବସ୍ତୁର ପରିଚାଳନା କରୁଛି, ଯାହା କେବଳ ସ୍ଥାନୀୟ ଶିଳ୍ପଗୁଡ଼ିକୁ କଞ୍ଚାମାଲ ଯୋଗାଉ ନାହିଁ, ବରଂ ସରକାରୀ ରାଜସ୍ୱ ମଧ୍ୟ ବୃଦ୍ଧି କରୁଛି। ଏହା ସହିତ, ଏଭଳି କାର୍ଯ୍ୟକଳାପ ସ୍ଥାନୀୟ ଲୋକଙ୍କ ପାଇଁ ଅତିରିକ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି ବୋଲି ଆରଏସପି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

ସକାଳ
THE SAKALA

# ସମ୍ପାଦକୀୟ



ଲୋକମାନେ ଯାହା ଶୁଣିବାକୁ ଚାହାନ୍ତି ନାହିଁ, ତାହା ସେମାନେ ପରିପ୍ରକାଶ କରିବାର ଅଧିକାର ହିଁ ସ୍ୱାଧୀନତା
-ଜର୍ଜ ଅରୱେଲ୍

## ନଦୀର ଅପମୃତ୍ୟୁ!

ନଦୀମାତୃକାର ଦେଶ ଭାବେ ପରିଗଣିତ ହେଉଥିବା ଭାରତରେ ନଦୀସମୂହଙ୍କ ସ୍ଥିତି ଅତି ଶୋଚନୀୟ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ର ରିପୋର୍ଟ ଅନୁସାରେ ଦେଶର ୨୭୧ ନଦୀର ୨୯୬ ବିଭିନ୍ନ ଜଳଖଣ୍ଡ (ଷ୍ଟ୍ରେଚ୍)ରେ ପ୍ରଦୂଷିତ ଏବଂ ମଣିଷ ଓ ଜୀବଜନ୍ତୁଙ୍କ ବ୍ୟବହାର ପାଇଁ ଉପଯୁକ୍ତ ନୁହେଁ। ଓଡ଼ିଶା ଏହି ତାଲିକାରେ ଷଷ୍ଠରେ ରହିଛି। ରାଜ୍ୟର ପ୍ରମୁଖ ନଦୀ ଯଥା, ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ, ନାଗାବଳୀ ଓ ଋଷିକୂଲ୍ୟା ତଥା ଏହାର ଉପ ଏବଂ ଶାଖାନଦୀଗୁଡ଼ିକ ବିଭିନ୍ନ ସ୍ଥାନରେ ପ୍ରଦୂଷିତ। ଓଡ଼ିଶାର ୭ ଟି ନଦୀ ବିଭିନ୍ନ ଖଣ୍ଡରେ ଗୁରୁତର ପ୍ରଦୂଷିତ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ସମଗ୍ର ଦେଶର ୩୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ନଦ-ନଦୀମାନ ବିଭିନ୍ନ ସ୍ଥାନରେ ପ୍ରଦୂଷିତ ହୋଇ ଦୀର୍ଘକାଳ ଧରି ବିଷାକ୍ତ ପାଲଟିଥିଲେ ମଧ୍ୟ ଭାରତ ସରକାର କେବଳ ଗଙ୍ଗା ସଫେଇ ଓ ପୁନରୁଦ୍ଧାର ଉପରେ ଦୀର୍ଘକାଳ ଧରି ଲାଗିଛନ୍ତି। ଗତବର୍ଷ କେନ୍ଦ୍ର ସରକାର ଦେଶର ଆଉ କେତେକ ପ୍ରମୁଖ ନଦୀରେ ସଫେଇ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ ମଧ୍ୟ ଓଡ଼ିଶାରୁ ଅତି ପ୍ରଦୂଷିତ ବ୍ରାହ୍ମଣୀ ଓ ମହାନଦୀ ସେଥିରେ ସ୍ଥାନ ନ ପାଇବା ଏକ ବିଡ଼ମ୍ବନା।

ଓଡ଼ିଶାର ନଦୀଗୁଡ଼ିକର ପ୍ରଦୂଷଣ ସ୍ଥିତିର ତଥ୍ୟ ଉପସ୍ଥାପନ ଅନାବଶ୍ୟକ। କାରଣ ଏହା ଜଳ ଜଳ ଦିଶୁଛି। କଟକଠାରୁ ତଳକୁ ମହାନଦୀର ଶାଖା କାଠଯୋଡ଼ି, କୁଆଖାଇ, ଦୟା, ଭାର୍ଗବୀ ଆଦି ବର୍ଷର ଅଧିକାଂଶ ସମୟ ଶୁଖିଲା ପଡୁଥିବାରୁ ସେସବୁ ସହରାଞ୍ଚଳର ବର୍ଜ୍ୟ ନିଷ୍କାସନ ସ୍ରୋତ ପାଲଟିଛି। ସେହିଭଳି ସହର ଓ ଶିଳ୍ପାଞ୍ଚଳର ବର୍ଜ୍ୟବସ୍ତୁ ଓ ପରିତ୍ୟକ୍ତ ଜଳଯୋଗୁଁ ବ୍ରାହ୍ମଣୀ, ମହାନଦୀ ଏବଂ ସେସବୁ ଉପ ଓ ଶାଖାନଦୀ ବିଶେଷ ପ୍ରଦୂଷିତ। ମହାନଦୀ ଏବଂ ବ୍ରାହ୍ମଣୀ ଉପତ୍ୟକାରେ ଅଧିକ ସହର ଓ ଶିଳ୍ପାଞ୍ଚଳ ଥିବାରୁ ଏହା ଜଳ ପ୍ରଦୂଷଣର ଉତ୍ସ ପାଲଟିଛି। ଜାତୀୟ ପରିବେଶ ଓ ସବୁଜ ଆଇ କହୁଛି ଯେ ନଦୀକୁ ଜୀବନ୍ତ ସତ୍ତାଭାବେ ପରିଗଣିତ କରି ଏହାକୁ ସୁରକ୍ଷିତ କରିବାକୁ ହେବ। ବାସ୍ତବତା କହୁଛି ଯେ ଡ୍ୟାମ ଓ ବ୍ୟାରେଜ୍ ଆଦି ଯୋଗୁଁ ନଦୀ ସବୁ ଶୁଷ୍କ ଏବଂ ସହର, ଶିଳ୍ପାଞ୍ଚଳ ଆବର୍ଜନା ଓ ବର୍ଜ୍ୟ ଜଳଯୋଗୁଁ ପ୍ରଦୂଷିତ। ଏ କ୍ଷେତ୍ରରେ ପରସ୍ପର ବିବଦମାନ ସ୍ୱାର୍ଥ ରହୁଛି ଏବଂ ମଣିଷ ନିଜ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ନଦୀ ପ୍ରତି ଉଦାସୀନ ରହୁଛି। ଏହା ଏକ ଗୁରୁତର ଅପରାଧ।



ଏନ୍‌ଜିଟି ଓ ସରକାର ପ୍ରଦୂଷଣର କାରଣ ସଂପର୍କରେ ଯେ ଅଜ୍ଞ, ତାହା ନୁହେଁ। ବାସ୍ତବରେ ଏ କ୍ଷେତ୍ରରେ ଓଡ଼ିଶାରେ ପ୍ରତିକାର ବ୍ୟବସ୍ଥା ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହେଉ ନଥିବା ଅନୁଭୂତ ହେଉଛି। ସହର ଓ ଶିଳ୍ପାଞ୍ଚଳର ବର୍ଜ୍ୟବସ୍ତୁ ଓ ଅପରିଷ୍କାର ପାଣି ସିଧାସଳଖ ନଦୀରେ ମିଶୁଛି। ଆବଶ୍ୟକ ବିଶୋଧନ ପ୍ଲାଣ୍ଟ ବସା ଯାଉନାହିଁ କିମ୍ବା ଏ କ୍ଷେତ୍ରରେ ବିଳମ୍ବ ପ୍ରଦର୍ଶନ କରାଯାଉଛି। ଖଡ଼ଗପୁର ଆଇଆଇଟି ଓଡ଼ିଶାର ନଦୀଜଳ ପ୍ରଦୂଷଣ ସଂପର୍କରେ ଏକ ଅନୁଧ୍ୟାନ ରିପୋର୍ଟ ଦେବା ପରେ ସରକାର କିଛି କାମ ଆରମ୍ଭ କରିଥିଲେ। ହେଲେ ତାହା କିଛିକାଳ ପରେ ଶୀଥିଳ ହୋଇଯାଇଥିଲା। ସିଏଜି ମଧ୍ୟ ଏ ସଂପର୍କରେ ତାଙ୍କ ରିପୋର୍ଟରେ ଚିନ୍ତାପ୍ରକଟ କରି ସରକାରଙ୍କୁ ତାଗିଦ କରିଥିଲେ। ରାଜ୍ୟରେ ଥିବା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କାମ ହେଲା ସରକାରଙ୍କୁ ରିପୋର୍ଟ ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପ୍ରବର୍ତ୍ତାଇବା। ଏହାଛଡ଼ା ଏହି ବୋର୍ଡ ଅଧିକ କିଛି କରିବା ସ୍ଥିତିରେ ନାହିଁ। ପ୍ରଦୂଷଣ ନିୟନ୍ତ୍ରଣ ଆଇନ ଯେତେ କଠୋର ଏହାର କାର୍ଯ୍ୟକାରିତା ସେତେ ପ୍ରଭାବଶାଳୀ ନୁହେଁ। ଏହାର କାରଣଟି ହେଲା ପ୍ରତିକାର ବ୍ୟବସ୍ଥା ସରକାରଙ୍କ ଦାୟିତ୍ୱ। ସରକାରୀ ତଥ୍ୟ ଅନୁସାରେ ରାଜ୍ୟରେ ଦୈନିକ ପ୍ରାୟ ୩୦୦ ନିୟୁତ ଟନ୍ ବର୍ଜ୍ୟ ସାମଗ୍ରୀ ଓ ଆବର୍ଜନା ବିଭିନ୍ନ ନଦୀଜଳରେ ମିଶୁଥିବାରୁ ଛ'ଟି ପ୍ରମୁଖ ସହର ନିକଟରେ ନଦୀଜଳର ଜୈବ ଅମ୍ଳଜାନ ଅନୁପାତ ବିଗିଡ଼ି ଯାଉଛି ଓ ପାଣି ବିଷାକ୍ତ ପାଲଟୁଛି।

କଟକ, ଭୁବନେଶ୍ୱର, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁର ଭଳି ବଡ଼ ସହରର ବର୍ଜ୍ୟବସ୍ତୁକୁ ବିଶୋଧନ କରି ନଦୀକୁ ଛାଡ଼ିବାକୁ ପ୍ଲାଣ୍ଟ ନିର୍ମାଣ କରିବାକୁ ଅତୀତରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥିର ହୋଇଥିଲା। ନଗର ଉନ୍ନୟନ ବିଭାଗ ପକ୍ଷରୁ ମଧ୍ୟ ଅନ୍ୟାନ୍ୟ ସ୍ଥାନରେ ଛୋଟ-ବଡ଼ ଜଳ ବିଶୋଧନ ପ୍ଲାଣ୍ଟ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବିଭିନ୍ନ କାରଣରୁ ତାହା ହୋଇପାରିନାହିଁ। ଆଶା କରିବା ସରକାର ଓ ମୁଖ୍ୟ ଶାସନ ସଚିବ ଏ କ୍ଷେତ୍ରରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ କିଛି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ ନଦୀ ସମୂହଙ୍କୁ ଅପମୃତ୍ୟୁରୁ ବଞ୍ଚାଇବାର ଉଦ୍ୟମ କରିବେ। ପୂର୍ବତନ ରାଜ୍ୟ ସରକାର ମହାନଦୀ ମଧ୍ୟ-ଅବବାହିକାର ଦୁଇ କୂଳରେ ବନୀକରଣ କରି ଏହାର ଜଳଉତ୍ସ ଓ ଜୈବ ବିବିଧତାକୁ ବଢ଼ାଇବାକୁ ଉଦ୍ୟମ କରୁଥିଲେ। ନୂଆ ସରକାର ଆସିବା ପରେ ତାହା ଗତାନୁଗତିକ ରୀତିରେ ସ୍ଥାଣୁ ହୋଇଯାଇଛି। ତେଣୁ ଆଜିର ପ୍ରଥମ ଆବଶ୍ୟକତା ହେଲା ନଦୀଶଯ୍ୟା ଓ ଏହାର ଜଳ ଉତ୍ସକୁ ସୁରକ୍ଷିତ ରଖିବା। କ୍ରମବର୍ଦ୍ଧିଷ୍ଣୁ ଭୁବନେଶ୍ୱର ମହାନଗରୀର ଜଳ ଆବଶ୍ୟକତା ପୂରଣ ପାଇଁ ସାତକୋଶିଆର ବଡ଼ମୂଳରୁ ପାଇପ ଯୋଗେ ପାଣି ଆଣିବାର ଉଦ୍ୟମ ହେଉଛି। କୁଆଖାଇ, ଦୟା ଆଦି ଶୁଖିଯାଇ ଅଧାମଲାନଦୀ ପାଲଟିଥିବାରୁ ଏତେଦୂରରୁ ପାଣି ଆଣିବାର ଆବଶ୍ୟକତା ଦେଖାଦେଇଛି।

ନଦୀ ଓ ଏହାର ଜଳଉତ୍ସର ସୁରକ୍ଷାର ଗୁରୁତ୍ୱ ବୁଝାଇବା ଅନାବଶ୍ୟକ। ନଦୀ ମରିଗଲେ ବା ବିଷାକ୍ତ ପାଲଟିଲେ ସଭ୍ୟତା ମରିଯାଏ ଓ ପରିବେଶର ବିନାଶ ଘଟେ, ଏ କଥା ସମସ୍ତଙ୍କୁ ଜଣା। ଏକ ପ୍ରଗତିଶୀଳ ଓ ସମୃଦ୍ଧ ରାଜ୍ୟ ଗଠନରେ ନଦୀର ଭୂମିକାକୁ ଅଗ୍ରାଧିକାର ଦିଆଯିବା ଉଚିତ। ସଭ୍ୟତା ଓ ସଂସ୍କୃତିର ଜୀବନରେଖା ନଦୀକୁ ବଞ୍ଚାଇବାକୁ ପଡ଼ିବ। ●

## ଆଇସିୟୁରେ ପରୀକ୍ଷା ବ୍ୟବସ୍ଥା

ଶ୍ରୀବତ୍ସ ନାୟକ

ଭାରତରେ ଶିକ୍ଷା ଏବଂ ନିଯୁକ୍ତି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହେବା ଘଟଣା ଏକ ଦୀର୍ଘସ୍ଥାୟୀ ବ୍ୟାଧିରେ ପରିଣତ ହେଲାଣି। ପରୀକ୍ଷାକୁ ନେଇ ସରକାର ନୀତି ନିର୍ଦ୍ଧାରଣ କରୁଛନ୍ତି, ଏସ୍‌ଓପି ଜାରି କରୁଛନ୍ତି, ବଡ଼ବଡ଼ ସରକାରୀ ବାବୁମାନେ ଦାୟିତ୍ୱ ନେଉଛନ୍ତି। ଏ ସବୁ ସତ୍ତ୍ୱେ ଜାତୀୟସ୍ତରର ବଡ଼ବଡ଼ ପ୍ରତିଯୋଗିତାମୂଳକ ପରୀକ୍ଷାଠାରୁ ଆରମ୍ଭ କରି ରାଜ୍ୟସ୍ତରୀୟ ନିଯୁକ୍ତି ପରୀକ୍ଷା ପର୍ଯ୍ୟନ୍ତ ସବୁଠି ପ୍ରଶ୍ନପତ୍ର ପ୍ରଘଟ ଘଟଣାମାନ ଦେଖିବାକୁ ମିଳୁଛି। ବାରମ୍ବାର ଘଟୁଥିବା ଏହି ଦୁର୍ନୀତି ସ୍ପଷ୍ଟ କରୁଛି ଯେ ଆମର ସମଗ୍ର ପରୀକ୍ଷା ପରିଚାଳନା ବ୍ୟବସ୍ଥା ଏବେ ଅତି ସଂକଟଜନକ ସ୍ଥିତିରେ ବା 'ଆଇସିୟୁ' ଭିତରେ ଗତି କରୁଛି, ଯାହାକୁ ତୁରନ୍ତ ଜରୁରୀକାଳୀନ ଚିକିତ୍ସାର ଆବଶ୍ୟକତା ରହିଛି।

ଭାରତ ଭଳି ଏକ ବିଶାଳ ଗଣତାନ୍ତ୍ରିକ ଦେଶରେ ଶିକ୍ଷାକୁ ସଫଳତାର ସବୁଠାରୁ ବଡ଼ ମାଧ୍ୟମ ବୋଲି ବିଚାର କରାଯାଏ। ବିଶେଷକରି ମେଡିକାଲ୍ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ହେଉଥିବା 'ନିଟ୍' ପରୀକ୍ଷା କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ଏହା ଦେଶର ଲକ୍ଷ ଲକ୍ଷ ଗରିବ, ମଧ୍ୟବିତ୍ତ ଓ ମେଧାବୀ ଛାତ୍ରଛାତ୍ରୀଙ୍କ ଡାକ୍ତର ହେବାର ସ୍ୱପ୍ନ ସହ ଜଡ଼ିତ। କିନ୍ତୁ ନିକଟ ଅତୀତରେ 'ନିଟ୍' ପରୀକ୍ଷାରେ ଘଟିଥିବା ବ୍ୟାପକ ପ୍ରଶ୍ନପତ୍ର ଲିକ୍, ଦୁର୍ନୀତି ଓ ଦ୍ୱାଦଶ ବାର୍ଷିକ ପରୀକ୍ଷା ମୂଲ୍ୟାୟନରେ ଅନିୟମିତତା ଜାତୀୟସ୍ତରରେ ଆମ ଶିକ୍ଷା ଓ ପରୀକ୍ଷା ପରିଚାଳନା ବ୍ୟବସ୍ଥାର ଅସଲ ଚେହେରାକୁ ପଦାରେ ପକାଇ ଦେଇଛି। ଏହି ଘଟଣା ସ୍ପଷ୍ଟ କରୁଛି ଯେ ଆମର ପରୀକ୍ଷା ପରିଚାଳନା କରୁଥିବା ଶୀର୍ଷ ସଂସ୍ଥା ଏବଂ ସମଗ୍ର ବ୍ୟବସ୍ଥା ଏବେ ଏକ ସାଂଘାତିକ ବିଫଳତା ଦେଇ ଗତି କରୁଛି।

ପ୍ରଶ୍ନପତ୍ର ପ୍ରଘଟ ହେବା ପଛରେ କେବଳ କିଛି ଅସାଧୁ ବ୍ୟକ୍ତି ନାହାନ୍ତି, ବରଂ ଏକ ସୁସଂଗଠିତ 'ଲିକ୍ ମାଫିଆ' ବା ସିଣ୍ଡିକେଟ୍ କାମ କରୁଛି। ପ୍ରଶ୍ନପତ୍ର ପ୍ରସ୍ତୁତିଠାରୁ ଆରମ୍ଭ କରି ପ୍ରିଣ୍ଟିଂ ପ୍ରେସ୍, ପରିବହନ ଓ ପରୀକ୍ଷା କେନ୍ଦ୍ର ପର୍ଯ୍ୟନ୍ତ ଏହି ଅଦୃଶ୍ୟ ଚେନ୍‌ର ଚେର ବହୁତ ଗଭୀରକୁ ଯାଇଛି। ଡିଜିଟାଲ୍ ଯୁଗରେ ଟେକ୍ନୋଲୋଜିର ବ୍ୟବହାର ସୁରକ୍ଷା ବଢ଼ାଇବା ପରିବର୍ତ୍ତେ ମାଫିଆମାନଙ୍କ ପାଇଁ କିଛି ମିନିଟ୍‌ର ପ୍ରଶ୍ନପତ୍ର ଭାଇରାଲ୍ କରିବାର ସହଜ ମାଧ୍ୟମ ସାଜିଛି। ସରକାରୀ ଅଧିକାରୀ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପ୍ରୋତ୍ସାହନ ବିନା ଏହା ସମ୍ଭବ ନୁହେଁ। ଯେଉଁଠି ମେଧା ଓ ଯୋଗ୍ୟତା ଆଧାରରେ ଭବିଷ୍ୟତ ନିର୍ଦ୍ଧାରଣ ହେବା କଥା, ସେଠାରେ କୋଟି କୋଟି ଟଙ୍କାର ବିନିମୟରେ ପ୍ରଶ୍ନପତ୍ର ବିକ୍ରି ହେଉଛି। ଏହା ଶିକ୍ଷା ବ୍ୟବସ୍ଥାରେ ଏକ ପ୍ରକାର 'ମେଧାର ଗଣହତ୍ୟା' ସଦୃଶ।

ନିଟ୍, ୟୁଜିସି-ନେଟ୍ ଭଳି ସମ୍ବେଦନଶୀଳ ପରୀକ୍ଷା ପରିଚାଳନାର ଦାୟିତ୍ୱ ପାଇଥିବା 'ଜାତୀୟ ପରୀକ୍ଷା ସଂସ୍ଥା' ନିଜର ବିଶ୍ୱସନୀୟତା ସମ୍ପୂର୍ଣ୍ଣ ରୂପେ ହରାଇ ବସିଛି। ଏକ ଜାତୀୟ ସଂସ୍ଥାର ପରିଚାଳନା ଓ ପ୍ରସ୍ତୁତିରେ ଏତେ ବଡ଼ ଗଳାବାଟ କେମିତି ରହିଲା? ଯଦି ଏକ ସରକାରୀ ସଂସ୍ଥା ଦେଶର ସବୁଠାରୁ ବଡ଼ ମେଡିକାଲ ପରୀକ୍ଷାକୁ ସ୍ୱଚ୍ଛତାର ସହ ଶେଷ କରିପାରୁ ନାହିଁ, ତେବେ ତା'ର ସ୍ଥିତି ଓ ଆବଶ୍ୟକତା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ପ୍ରଶ୍ନପତ୍ର ଲିକ୍ ହେବା କାରଣରୁ ପରୀକ୍ଷା ବାତିଲ ହେବା କିମ୍ବା ମାମଲା କୋର୍ଟକୁ ଯିବା ଦ୍ୱାରା ପ୍ରକ୍ରିୟା ବହୁ ବର୍ଷ ବିଳମ୍ବ ହୋଇଥାଏ। ଏହି ସମୟ ଶିକ୍ଷାର୍ଥୀଙ୍କ ପାଇଁ ଅତ୍ୟନ୍ତ ଯନ୍ତ୍ରଣାଦାୟକ। ସମ୍ପ୍ରତି ତଥ୍ୟ ଅନୁଯାୟୀ, ଭାରତରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ମାମଲା ବୃଦ୍ଧି ପାଉଛି। ବିଶେଷକରି ଉତ୍ତରପ୍ରଦେଶ, ରାଜସ୍ଥାନ (କୋଟା) ଭଳି ସ୍ଥାନରେ ପ୍ରତିଦିନ ପରୀକ୍ଷା ଜନିତ ଚାପ ଏବଂ ବ୍ୟବସ୍ଥାର ପ୍ରତାରଣା ସହି ନପାରି ଯୁବପିଢ଼ି ନିଜର ଜୀବନ ହାରୁଛନ୍ତି। ଯେତେବେଳେ ଜଣେ ମଧ୍ୟବିତ୍ତ କିମ୍ବା ଗରିବ ପରିବାରର ମେଧାବୀ ଛାତ୍ର ଦେଖେ ଯେ ତା'ର ବର୍ଷବର୍ଷର ପରିଶ୍ରମ ଅପେକ୍ଷା କାହାର ମୋଟା ଅଙ୍କର ଟଙ୍କା ପରୀକ୍ଷାରେ ଅଧିକ ଯୋଗ୍ୟତା ସାବ୍ୟସ୍ତ କରୁଛି, ସେତେବେଳେ ସେ ଗଭୀର ମାନସିକ ଅବସାଦ ଭିତରକୁ ଚାଲିଯାଏ। ବେକାରୀର ଭୟ ଏବଂ ପରିବାରର ଆଶା ପୂରଣ ନ କରିପାରିବାର ଗ୍ଲାନି ସେମାନଙ୍କୁ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ବାଧ୍ୟ କରେ। ବାରମ୍ବାର ପ୍ରଶ୍ନପତ୍ର ପ୍ରଘଟ ଘଟଣା ଶିକ୍ଷା ବ୍ୟବସ୍ଥା ଉପରୁ ସମାଜର ଭରସା ସମ୍ପୂର୍ଣ୍ଣ ରୂପେ ତୁଟାଇ ଦେଇଛି। ଲୋକଙ୍କ ମନରେ ଏକ ଧାରଣା ସୃଷ୍ଟି ହେଲାଣି ଯେ, ଆମ ଦେଶରେ ଚାକିରି କିମ୍ବା ଉଚ୍ଚଶିକ୍ଷାରେ ସିଟ୍ କେବଳ ଯୋଗ୍ୟତା ଦ୍ୱାରା ନୁହେଁ, ବରଂ କଳାବଜାରୀ ଦ୍ୱାରା ମଧ୍ୟ କିଣାଯାଇପାରିବ। ଯଦି ଜଣେ ଅଯୋଗ୍ୟ ଛାତ୍ର ଟଙ୍କା ବଳରେ ପ୍ରଶ୍ନପତ୍ର କିଣି 'ନିଟ୍' ପାସ୍ କରେ ଏବଂ ଆଗାମୀ ଦିନରେ ଡାକ୍ତର ହୁଏ ତେବେ ସେ ଦେଶର ନାଗରିକଙ୍କୁ କିଭଳି ସ୍ୱାସ୍ଥ୍ୟସେବା ଯୋଗାଇବ? ଏହା ସୁଦୂରପ୍ରସାରୀ ଭାବେ ସମଗ୍ର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଧ୍ୱଂସ କରିଦେବ।

ଭାରତରେ ଯେକୌଣସି ପରୀକ୍ଷାରେ ଦୁର୍ନୀତିର ଏକପ୍ରକାର ନିର୍ଦ୍ଦିଷ୍ଟ ଚିତ୍ର ଦେଖିବାକୁ ମିଳେ। ପ୍ରଥମେ ପରୀକ୍ଷା ହୁଏ, ତା'ପରେ ଲିକ୍ ଖବର ଆସେ, ସରକାର ପ୍ରଥମେ ଏହାକୁ ଅସ୍ୱୀକାର କରନ୍ତି, ଛାତ୍ରମାନେ ଆନ୍ଦୋଳନ କରନ୍ତି, ମାମଲା କୋର୍ଟକୁ ଯାଏ, କୋର୍ଟ କମିଟି ଗଠନ କରନ୍ତି ଏବଂ ପୁଣି ଥରେ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦିଅନ୍ତି। ଗୋଟିଏ ପରୀକ୍ଷା ପ୍ରକ୍ରିୟା ଶେଷ ହେବାକୁ ୩ ରୁ ୪ ବର୍ଷ ଲାଗିଯାଏ। ଏହି ସମୟ ମଧ୍ୟରେ ଶିକ୍ଷାର୍ଥୀର ବୟସ ଗଡ଼ିଚାଲେ, ପରିବାରର ଆର୍ଥିକ ସ୍ଥିତି ବିଗିଡ଼ିଯାଏ ଏବଂ ଶେଷରେ ସରକାର ଓ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ ନିଜର ମର୍ଯ୍ୟାଦା, ସ୍ୱଚ୍ଛତା ଓ ଗରିମା ହରାଇ ବସନ୍ତି।

କେବଳ ସାମାନ୍ୟ ଆଇନ ବଦଳାଇଲେ କିମ୍ବା ଉପରଠାଉରିଆ ତଦନ୍ତ କଲେ ଏହି ସମସ୍ୟାର ସମାଧାନ ହେବନାହିଁ। ଏଥିପାଇଁ ପରୀକ୍ଷା ପ୍ରଣାଳୀର ଆମୂଳଚୂଳ ସଂସ୍କାର ଜରୁରୀ। ପ୍ରଶ୍ନପତ୍ରର ସୁରକ୍ଷା ପାଇଁ 'ବ୍ଲକଚେନ୍ ଟେକ୍ନୋଲୋଜି' ଏବଂ ଉଚ୍ଚ ସ୍ତରୀୟ ଡିଜିଟାଲ୍ ଏନକ୍ରିପ୍ସନର ବ୍ୟବହାର କରାଯାଉ। ପରୀକ୍ଷା ଆରମ୍ଭ ହେବାର ମାତ୍ର କିଛିମିନିଟ୍ ପୂର୍ବରୁ କେନ୍ଦ୍ରଗୁଡ଼ିକରେ ପ୍ରଶ୍ନପତ୍ର ଡିଜିଟାଲ୍ ଲକ୍ ଜରିଆରେ ଖୋଲିବା ଉଚିତ୍, ଯାହାଦ୍ୱାରା ଶାରୀରିକ ପରିବହନ ସମୟରେ ପ୍ରଶ୍ନପତ୍ର ପ୍ରଘଟ ହେବାର ଆଶଙ୍କା ଶୂନ୍ୟ ହୋଇଯିବ। ପ୍ରଶ୍ନପତ୍ର ପ୍ରଘଟକୁ 'ରାଷ୍ଟ୍ରଦ୍ରୋହ' କିମ୍ବା 'ଜାତୀୟ ସୁରକ୍ଷା ବିପଦ' ଭଳି ଗମ୍ଭୀର ଅପରାଧ ଶ୍ରେଣୀଭୁକ୍ତ କରାଯାଉ। ଦୋଷୀଙ୍କ ପାଇଁ ଆଜୀବନ କାରାଦଣ୍ଡ ଏବଂ ସେମାନଙ୍କ ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ କରିବାର ନିୟମ କରାଯାଉ। ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥାରେ ଶୀର୍ଷ ପଦବୀଗୁଡ଼ିକରେ କେବଳ ପ୍ରଶାସନିକ ଅଧିକାରୀଙ୍କୁ ନୁହେଁ, ବରଂ ଆଇଟି ବିଶେଷଜ୍ଞ, ଶିକ୍ଷାବିତ୍ ଓ ପ୍ରଯୁକ୍ତିବିଦ୍ୟା ସମ୍ପନ୍ନ ବ୍ୟକ୍ତିମାନଙ୍କୁ ସ୍ଥାନ ଦିଆଯାଉ।

ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣା କେବଳ ଏକ ବିଭାଗୀୟ ତ୍ରୁଟି ନୁହେଁ, ଏହା ଭାରତୀୟ ସମାଜର ନୈତିକ ପତନ ଏବଂ ପ୍ରଶାସନିକ ଅପାରଗତାର ଏକ ଜ୍ୱଳନ୍ତ ଉଦାହରଣ। ଯେଉଁ ଦେଶରେ ଯୁବପିଢ଼ିଙ୍କ ସ୍ୱପ୍ନ ଓ ମେଧାକୁ ବଜାରରେ ନିଲାମ କରାଯାଏ, ସେ ଦେଶ କେବେ ହେଲେ ବିଶ୍ୱଗୁରୁ କିମ୍ବା ବିକଶିତ ହୋଇପାରିବ ନାହିଁ। ●

(ଅଧ୍ୟାପକ, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ)
କଟକ, ମୋ: ମୋ: ୯୪୩୮୦୭୦୮୪୯

## ମହୁମାଛି ଅଳିନ୍ଦ

ଡ. ବିଜୟକେତନ ପଟ୍ଟନାୟକ

ମହୁମାଛି ଅଳିନ୍ଦ(କରିଡର) ଏକପ୍ରକାରର ନୂତନ ଶବ୍ଦ ସଂଯୋଜନା। ଆମେ ପୂର୍ବରୁ ହାତୀ ଚଲାପଥ(କରିଡର) ଏବଂ ବନ୍ୟପ୍ରାଣୀ କରିଡର ବିଷୟରେ ଶୁଣିଥିଲୁ। ଏହା ଥିଲା ଦୁଇଟି ଜଙ୍ଗଲ ପରିସଂସ୍ଥାକୁ ସଂଯୋଗ କରୁଥିବା ସଂକୀର୍ଣ୍ଣ ଜଙ୍ଗଲିଆ ରାସ୍ତା। ଏବେ କୁହାଯାଉଛି ଜାତୀୟ ରାଜପଥ କଡ଼ରେ ଯେଉଁ ପଥପାର୍ଶ୍ୱ ବନୀକରଣ କରାଯିବ ସେଥିରେ ମହୁମାଛି ଅଳିନ୍ଦ(କରିଡର) ପାଇଁ ଧ୍ୟାନ ଦିଆଯିବ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଢେଙ୍କାନାଳ, ଅନୁଗୋଳ ଓ ସମ୍ବଲପୁର ଜିଲ୍ଲାରେ ପଥପାର୍ଶ୍ୱ ବନୀକରଣ ମାଧ୍ୟମରେ ପ୍ରଥମ ଥର ନିମନ୍ତେ ମହୁମାଛି ଅଳିନ୍ଦ ପ୍ରତିଷ୍ଠା କରିବାକୁ ଘୋଷଣା କରିଛନ୍ତି। ଜାତୀୟ ରାଜପଥ ୧୬ ରେ ପୁଇଁତୋଳା ଠାରୁ ଇଚ୍ଛାପୁର, ରାଜପଥ ୫୩ରେ ତାଳଚେରରୁ କାମାକ୍ଷାନଗର ଏବଂ କାମାକ୍ଷାନଗରରୁ ଯାଜପୁରରୁ ଡୁବୁରି ଏବଂ ଜାତୀୟ ରାଜପଥ ୫୫ରେ ଅନୁଗୋଳଠାରୁ ସମ୍ବଲପୁର ସେକ୍ସନ ପର୍ଯ୍ୟନ୍ତ ଏହି ପ୍ରୟାସ ଚଳିତ ଜୁନ୍ ମାସରେ ବା ବର୍ଷା ଆରମ୍ଭ ହେଲା ପରେ ଆରମ୍ଭ କରାଯିବ।

ପୃଥିବୀ ତଥା ପୃଥିବୀ ବାସୀଙ୍କୁ ସୁସ୍ଥ ରଖିବା ସହିତ ପରାଗ ସଂଗମରେ ମହୁମାଛିମାନଙ୍କର ଅବଦାନ ଅତୁଳନୀୟ। ପ୍ରାୟ ୨୦, ୦୦୦ ପ୍ରଜାତିର ଏହି ମାଛି ଜାତୀୟ ପତଙ୍ଗ ମଧ୍ୟରୁ ମହୁମାଛି ପ୍ରଜାତି କିୟଦଂଶ ହୋଇଥିଲେ ମଧ୍ୟ ସେମାନେ ମନୁଷ୍ୟ ଜାତି ସହିତ ବେଶ୍ ପରିଚିତ। କାରଣ ସେମାନେ ବିଭିନ୍ନ ଜାତିର ଫୁଲରୁ ମହୁ ସଂଗ୍ରହ କରି ମହୁଫେଣାରେ ସାଇତି ରଖନ୍ତି। କୃଷି ଓ ଉଦ୍ୟାନ କୃଷିରେ ଉତ୍ପାଦନ ବୃଦ୍ଧି ନିମନ୍ତେ ଏମାନଙ୍କର ଯୋଗଦାନ ଯଥେଷ୍ଟ ଅଧିକ। ମହୁମାଛିଙ୍କର ଅନ୍ୟ ଏକ ବିଶେଷତ୍ୱ ହେଲା, ଏମାନେ ବଡ଼ ବଡ଼ ଗଛ ଡାଳରେ, କୋଠାଘର ଛାତରେ, ପରିତ୍ୟକ୍ତ ଘରର କଡ଼ି ଆଦିରେ ମହୁଫେଣା ତିଆରି କରନ୍ତି। ଯେଉଁଥିରେ ଛଅବାହୁ ବିଶିଷ୍ଟ ସ୍ତରସ୍ତର କରି ଅନେକ କୋଠରି ଥାଏ। ଏଗୁଡ଼ିକୁ ପୁରୁଷ ମହୁମାଛି କର୍ମୀମାନେ ବ୍ୟବହାର କରନ୍ତି। ବହୁତଳ ପ୍ରାସାଦ ନିର୍ମାଣ ସଂସ୍କୃତି ହୁଏତ ୫୦ ରୁ ୧୦୦ ବର୍ଷ ତଳୁ ଆରମ୍ଭ ହୋଇଥାଇପାରେ। କିନ୍ତୁ ମହୁଫେଣାକୁ ଦେଖିଲେ ଆଶ୍ଚର୍ଯ୍ୟ ଲଗେ କିପରି ଯୁଗ ଯୁଗରୁ ମହୁମାଛିମାନେ ବିଭିନ୍ନ ସ୍ତରରେ ବହୁତଳ କୋଠରି ନିର୍ମାଣ କରି ତାହା ଭିତରେ ବସତି ସ୍ଥାପନ କରି ରହୁଛନ୍ତି।

ମନୁଷ୍ୟ ଖାଉଥିବା ଖାଦ୍ୟଦ୍ରବ୍ୟର ପାଖାପାଖି ଏକ-ତୃତୀୟାଂଶ କୀଟପତଙ୍ଗଙ୍କ ଦ୍ୱାରା ଘଟିଥିବା ପରାଗସଂଗମ ଉପରେ ନିର୍ଭର କରେ। ତନ୍ମଧ୍ୟରୁ ପ୍ରମୁଖ ପରାଗସଂଗମକାରୀ ପତଙ୍ଗ ହେଉଛନ୍ତି ମହୁମାଛି। ସେମାନେ ୧୩୦ ପ୍ରକାରର ଫଳ, ମଞ୍ଜି ଓ ପନିପରିବା ଉତ୍ପାଦନ ନିମନ୍ତେ ଦାୟୀ। ସୂର୍ଯ୍ୟମୁଖୀ, ସୋରିଷ ଆଦି ତୈଳବୀଜ ଏବଂ ନଡ଼ିଆ, କମଳା ଲେମ୍ବୁ ଗଛର ଫଳର ଗୁଣବତ୍ତା ବୃଦ୍ଧି ନିମନ୍ତେ ସେମାନଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ। ଯୁକ୍ତରାଷ୍ଟ୍ର ଆମେରିକା କୃଷି ବିଭାଗ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟ ମୁତାବକ ପୃଥିବୀର ତିନି-ଚତୁର୍ଥାଂଶ ସପୁଷ୍ପକ ଉଦ୍ଭିଦ ଓ ୩୫ ପ୍ରତିଶତ ଶସ୍ୟଜାତୀୟ ଫସଲରେ ପରାଗସଂଗମ ପ୍ରାୟତଃ ମହୁମାଛିମାନଙ୍କ ଦ୍ୱାରା ସଂଘଟିତ ହୋଇଥାଏ। ଏହି ପ୍ରକ୍ରିୟା ବିଶ୍ୱର ଖାଦ୍ୟ ଉତ୍ପାଦନର ୯ ପ୍ରତିଶତ ବୃଦ୍ଧି ଘଟିଥାଏ।

ଖଦୀ ଓ ଗ୍ରାମୋଦ୍ୟୋଗ ବିଭାଗ ଦ୍ୱାରା ପ୍ରଥମେ ଆରମ୍ଭ କରାଯାଇଥିବା ମହୁ ଚାଷ ଏବେ ଅନେକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଘରେ ଘରେ କରୁଛନ୍ତି। ଏହି କାମ ପାଇଁ ପଶ୍ଚିମା ମହୁମାଛି ଓ ଭାରତୀୟ ମହୁମାଛି ବେଶ୍ ଉପଯୋଗୀ। ଏମାନେ ଅଧିକ ମହୁ ସଂଗ୍ରହ କରିଥା'ନ୍ତି ଏବଂ ପରାଗସଂଗମରେ ମଧ୍ୟ ସହାୟକ ହୁଅନ୍ତି। କୃଷି ଉତ୍ପାଦନରେ ବୃଦ୍ଧି ଘଟାଇ ଗ୍ରାମୀଣ ଜୀବିକାର ସହାୟକ ହୁଅନ୍ତି। ଏମାନେ ସୋରିଷ, ସୂର୍ଯ୍ୟମୁଖୀ, ତୈଳଜୀବ ଓ ଅନ୍ୟାନ୍ୟ ଫସଲ ଉତ୍ପାଦନ ବୃଦ୍ଧିର କାରକ। ଅନ୍ୟ ପ୍ରଜାତିର ମହୁମାଛିଗୁଡ଼ିକ ହେଉଛନ୍ତି ବୃହତ୍ତ ମହୁମାଛି, ଲାଲ ବାମନ ମହୁମାଛି ଓ କ୍ଷୁଦ୍ରଭାରତୀୟ ବିଷାକ୍ତ କଣ୍ଟକହୀନ ମହୁମାଛି। ଏହି ପ୍ରଜାତିର ମହୁମାଛିଗୁଡ଼ିକ ଜଙ୍ଗଲ ପରିସଂସ୍ଥା ସଂରକ୍ଷଣ, ଜଙ୍ଗଲୀ ମହୁ ଉତ୍ପାଦନ ଓ ଜଙ୍ଗଲୀ ଫୁଲଗଛର ପୁନରୁଦ୍ଧାରରେ ସହାୟକ ହୋଇଥା'ନ୍ତି। କ୍ଷୁଦ୍ର ଭାରତୀୟ କଣ୍ଟକବିହୀନ ମହୁମାଛି ଆଦୌ ଆକ୍ରାମକ ନୁହନ୍ତି। କିନ୍ତୁ ପରାଗସଂଗମର ଦକ୍ଷତା ଏମାନଙ୍କର ଯଥେଷ୍ଟ ଅଧିକ। ଏମାନେ ବିଶେଷ ଭାବେ ଔଷଧୀୟ ବ୍ୟବହାର ପାଇଁ ଆବଶ୍ୟକ ହେଉଥିବା ମହୁ ସଂଗ୍ରହ କରିଥା'ନ୍ତି।

କୃଷି ଓ ଉଦ୍ୟାନ କୃଷିରେ ପ୍ରମୁଖ ସହାୟତା କରୁଥିବା ମହୁମାଛିଙ୍କର ସଂଖ୍ୟା ସାରା ବିଶ୍ୱରେ ଆମ ଭାରତରେ ବିଶେଷକରି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ହ୍ରାସ ପାଇବାରେ ଲାଗିଛି। ଏହାର କାରଣ ହେଲା କୃଷି କ୍ଷେତ୍ରରେ ରାସାୟନିକ ସାର ଓ ବିଷାକ୍ତ କୀଟନାଶକ ଔଷଧର ପ୍ରୟୋଗ, ଏକକ ଫସଲ ଚାଷ, ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ପରିସଂସ୍ଥାର ଅବକ୍ଷୟ, ଏକକ ବୃକ୍ଷରୋପଣ, ଜନସଂଖ୍ୟା ବୃଦ୍ଧି ହେତୁ ଜଙ୍ଗଲ ନଷ୍ଟ ଓ ପରିଶେଷରେ ବାୟୁ ପ୍ରଦୂଷଣ କାରଣରୁ ଫୁଲର ସୁଗନ୍ଧି ହ୍ରାସ ପାଉଛି ଏବଂ ମହୁମାଛିଙ୍କର ଘ୍ରାଣଶକ୍ତି ପ୍ରଭାବିତ ହେଉଛି। ସେମାନେ ଆକୃଷ୍ଟ ହୋଇ ଫୁଲ ନିକଟରେ ସହଜରେ ପହଞ୍ଚି ପାରୁନାହାନ୍ତି। ବିଭିନ୍ନ ସ୍ଥାନରେ ଠିଆ ହୋଇଥିବା ମୋବାଇଲ ଟାୱାରର ବିଦ୍ୟୁତ୍ ଚୁମ୍ବକୀୟ ବିକିରଣ ମଧ୍ୟ ସେମାନଙ୍କୁ ପଥଭ୍ରଷ୍ଟ କରୁଛି। ତେଣୁ ପରାଗ ସଂଗମରେ ସଫଳତା ପାଇଁ ମହୁମାଛିଙ୍କୁ ସୁହାଇଲା ଭଳି ପରିସଂସ୍ଥାର ପୁନରୁଦ୍ଧାର ଆବଶ୍ୟକତା ରହିଛି।

ଏହି କାରଣରୁ ଚଳିତ ବର୍ଷ ବର୍ଷାଦିନେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓଡ଼ିଶାର ତିନୋଟି ଜିଲ୍ଲାରେ ରାଜପଥ କଡ଼ରେ ଆରମ୍ଭ କରିବାକୁ ଯାଉଛନ୍ତି ମହୁମାଛି ଅଳିନ୍ଦ। ବର୍ଷର ଭିନ୍ନ ଭିନ୍ନ ସମୟରେ ଫୁଲ ଫୁଟୁଥିବା ଗଛକୁ ନେଇ ପଥପାର୍ଶ୍ୱ ବନୀକରଣ ବେଳେ କିଛି ସ୍ଥାନରେ ମହୁମାଛିଙ୍କୁ ସୁହାଉଥିବା ଗଛ ଯଥା ନିମ୍ବ, କରଞ୍ଜ, ଅର୍ଜୁନ, କଦମ୍ବ, ଜାମୁ, କୟଁ, କାଞ୍ଚନ, ଶିରୀଷ ଓ ପଳାଶ ଆଦି ପ୍ରାୟ ୨୦, ୦୦୦ ସପୁଷ୍ପକ ଉଦ୍ଭିଦ ଏ ବର୍ଷ ଲଗାଯିବ। ତା'ଛଡ଼ା ରାସ୍ତାର ମିଡିଆନ୍‌ରେ ବୁଦାଜାତୀୟ ଫୁଲଗଛ ଲଗାଯିବ। ମୋଟାମୋଟି ଭାବରେ ପଥପାର୍ଶ୍ୱ ବନୀକରଣ, କେବଳ ଆଳଙ୍କରିକ ବୃକ୍ଷରୋପଣରେ ସୀମିତ ନ ରହି ପାରିବେଶିକ ସୌନ୍ଦର୍ଯ୍ୟ ତଥା ଲ୍ୟାଣ୍ଡସ୍କେପ ଉପରେ ଅଧିକ ଧ୍ୟାନ ଦିଆଯିବ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଜୈବ ବିବିଧତାରେ ଉନ୍ନତି, ମହୁମାଛି ବଂଶ ସଂରକ୍ଷଣରେ ସହାୟତା, ରାଜପଥର ନାନ୍ଦନିକ ସୌନ୍ଦର୍ଯ୍ୟ ବୃଦ୍ଧି ସହ ରାସ୍ତାରେ ପରିବହନ ଜନିତ ପ୍ରଦୂଷଣ ହ୍ରାସ ଏବଂ ରାସ୍ତାକଡ଼ର ପରିବେଶ ସନ୍ତୁଳନ। ଆଶା କରିବା ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ମହୁମାଛି ଅଳିନ୍ଦ ନିଶ୍ଚିତ ଭାବେ ପ୍ରକୃତିର ସୁରକ୍ଷାରେ ସହାୟକ ହୋଇପାରିବ। ●

(ଓଡ଼ିଶାର ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

## ବୈଜ୍ଞାନିକ ସାହିତ୍ୟର ବିସ୍ମୟ: ଗୋକୁଳାନନ୍ଦ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଆଜି ଯିଏ ଓଡ଼ିଆ ବୈଜ୍ଞାନିକ ସାହିତ୍ୟର ଜନକ ଭାବରେ ଅସାମାନ୍ୟ ଲୋକାଦୃତି ଲାଭ କରିଛନ୍ତି ସେଇ ଲେଖକ ଗୋକୁଳାନନ୍ଦ ମହାପାତ୍ରଙ୍କ ରଚିତ ପୁସ୍ତକ ପ୍ରକାଶ କରିବାକୁ ପ୍ରଥମରୁ ସାହସ କରିପାରି ନ ଥିଲେ ବହୁ ପ୍ରକାଶକ। ରେଭେନ୍ସା କଲେଜରେ ଅଧ୍ୟାପକ ଭାବରେ ସେ ନିଯୁକ୍ତି ପାଇବା ପରେ ଜାଗ୍ରତ ସ୍ୱପ୍ନ ତାଙ୍କର ପରିଣତ ହୋଇଗଲା ନବାଲୋକ ବିକିରଣ-କ୍ଷମ ଏକ ପ୍ରଦୀପରେ। ୧୯୪୮ ମସିହାରେ ଆଠଟି ରଚନା ତାଙ୍କର ସଂକଳିତ ହୋଇ 'ବିଜ୍ଞାନ ବିସ୍ମୟ' ନାମରେ ଭାରତ ବିହାର ସଂସ୍ଥା ଦ୍ୱାରା ପ୍ରକାଶିତ ହୋଇଥିଲା। ତାହା ହିଁ ଲେଖକଙ୍କ ପ୍ରଥମ ପୁସ୍ତକ। ପୃଥିବୀରେ ବିଜ୍ଞାନର ଜୟଯାତ୍ରା ଯେପରି ତୀବ୍ରତର ହେଉଥିଲା, ଗୋକୁଳାନନ୍ଦଙ୍କ ବିଜ୍ଞାନ-କୈନ୍ଦ୍ରିକ ସାହିତ୍ୟର ସର୍ଜନା ତା'ଠାରୁ ଅଧିକ ବୈଚିତ୍ର୍ୟ-ବିମଣ୍ଡିତ ହୋଇ ଉଠୁଥିଲା କ୍ରମଶଃ। ଯାହା ବୈଜ୍ଞାନିକମାନେ କଳ୍ପନା କରିବା ମଧ୍ୟ ଥିଲା ଅସମ୍ଭବ ସେପରି ନୂତନ ପରିକଳ୍ପନାର ଜଗତରେ ନିମଜ୍ଜିତ ହୋଇ ରହୁଥିଲେ ଗୋକୁଳାନନ୍ଦ। ତାଙ୍କ ରଚିତ ପୁସ୍ତକ ତାଲିକାବଦ୍ଧ କଲେ ସୁଦୀର୍ଘ ଆକାର ଧାରଣ କରିବ। ତାଙ୍କ ଉପନ୍ୟାସ ତ ଏକ ଏକ ଯାଦୁ-ଜଗତ।

ପ୍ରଥମରୁ ସିନା ଏପରି ନବ-ସୃଜନର ପ୍ରକାଶନ ପାଇଁ ଅନିଚ୍ଛୁକ ଥିଲେ ପ୍ରକାଶକବୃନ୍ଦ, କିନ୍ତୁ ଗୋଟିକ ପରେ ଗୋଟିଏ ପୁସ୍ତକ ପ୍ରକାଶିତ ହୋଇ ପାଠକମାନଙ୍କ ଦ୍ୱାରା ଆଦୃତ ହେବା ପରେ ଆଶଙ୍କାର ଅଦିନିଆ ମେଘ ଅପସୃତ ହୋଇଯାଇ ନୀଳ ଚକ୍ରବାଳରୁ ବିଚ୍ଛୁରିତ ହୋଇ ଆସିଲା ଆଶା-ଉଷାର ଗୈରିକ ଆଭା। ବିଜ୍ଞାନର ଜଟିଳ ତତ୍ତ୍ୱକୁ ସରଳ ସରସ ଭାଷାରେ ଉପସ୍ଥାପନ କରି ବିଜ୍ଞାନ ତଥା ବୈଜ୍ଞାନିକ ସାହିତ୍ୟକୁ ଲୋକ-ମାନସର ନିକଟବର୍ତ୍ତୀ କରିବାରେ ଗୋକୁଳାନନ୍ଦ ଯେଉଁ ବିଶିଷ୍ଟ ଭୂମିକା ନେଲେ ତାହା ଓଡ଼ିଆ ସାହିତ୍ୟର ଇତିହାସରେ ଏକ ଅଭିନ୍ନ ଧାରାର ପ୍ରବର୍ତ୍ତନ। ମନକୁ ଏ ପ୍ରଶ୍ନ ଆନ୍ଦୋଳିତ କରିବା ସ୍ୱାଭାବିକ ଯେ, ଲେଖକ ତାଙ୍କର ଏହିସବୁ କାଳ୍ପନିକ ବୈଜ୍ଞାନିକ ତଥ୍ୟରାଜି ଉପସ୍ଥାପନ ମାଧ୍ୟମରେ ନବଯୁଗର ମଣିଷକୁ ବାସ୍ତବରେ କି ବାର୍ତ୍ତା ଦେବା ପାଇଁ ଚାହିଁଛନ୍ତି? ଯେ କୌଣସି ତଥ୍ୟ ବା ତତ୍ତ୍ୱ ଆଧାରରେ ପରିବେଷିତ ହେଉନା କାହିଁକି ସାହିତ୍ୟର ସର୍ବମୂଳ ଲକ୍ଷ୍ୟ ହେଲା, ମାନବତାର ବିକାଶ। ଏହି ମହତ ଉଦ୍ଦେଶ୍ୟକୁ ଲେଖକ ଗୋକୁଳାନନ୍ଦ ଆଦୌ ବିସ୍ମୃତ ହୋଇଯାଇ ନାହାନ୍ତି। ତତ୍ତ୍ୱକଥାର ସରଳ ବ୍ୟାଖ୍ୟା ବ୍ୟତୀତ ବୈଜ୍ଞାନିକ ସାହିତ୍ୟ କିପରି ଜୀବନ ଓ ଜଗତ ପ୍ରତି ପ୍ରେମାନୁରାଗ ସଂଚାର ସକାଶେ ଉଦ୍ଦିଷ୍ଟ ହେବା ବିହିତ - ସେଇ ବିଷୟରେ ଲେଖକଙ୍କ ଉପଲବ୍ଧି ଅତ୍ୟନ୍ତ ସୁସ୍ପଷ୍ଟ। ବୈଜ୍ଞାନିକ ଯୁଗରେ ଯନ୍ତ୍ର-ନିର୍ଭର-ମାନବ ଯନ୍ତ୍ର-ସର୍ବସ୍ୱ ହୋଇ ନ ଯାଉ, ବୁଦ୍ଧି ବୃତ୍ତିକୁ ତୀକ୍ଷଣ କରିଚାଲିଥିବା ମଣିଷର ହୃଦୟ-କକ୍ଷ ସଂକୁଚିତ ହୋଇ ନଯାଉ - ଏଥିପାଇଁ ଗୋକୁଳାନନ୍ଦ ପ୍ରଦାନ କରିଛନ୍ତି ଯୁଗୋପଯୋଗୀ ଚେତାବନୀ। ଓଡ଼ିଆ 'କଳ୍ପ-ବିଜ୍ଞାନ ସାହିତ୍ୟ'ର ଜନକ ଭାବରେ ତେଣୁ ସେ ସମ୍ମାନିତ ଆସନରେ ଅଧିଷ୍ଠିତ।

ମୌଳିକ କଥାବସ୍ତୁ ସୃଷ୍ଟିରେ ସେ ଥିଲେ କେତେ ସୁଦକ୍ଷ, ତାହା ପ୍ରମାଣିତ ହୋଇଯାଏ ତାଙ୍କ ଉପନ୍ୟାସ ରଚନାଦର୍ଶରୁ। ସମାଜରୁ ଅନ୍ଧବିଶ୍ୱାସ ଦୂର କରି ବୈଜ୍ଞାନିକ ଦୃଷ୍ଟିକୋଣର ନିର୍ମାଣ, ବିଜ୍ଞାନର ସଦୁପଯୋଗ, ପ୍ରକୃତି ଓ ପରିବେଶର ସୁରକ୍ଷା ପ୍ରତି ପାଠକଙ୍କ ଦୃଷ୍ଟି ଆକର୍ଷଣ ତାଙ୍କ ରଚନାର ବିଶେଷତ୍ୱ। ବିଜ୍ଞାନର ସମୃଦ୍ଧି ସହିତ ମାନବୀୟ ସ୍ନେହ, କରୁଣା, ସହାନୁଭୂତି ଓ ନୈତିକତାର ସମନ୍ୱୟ ସାଧନ ଥିଲା ତାଙ୍କର ତପସ୍ୟା। 'ପୃଥିବୀ ବାହାରେ' ମଣିଷ ଉପନ୍ୟାସରେ ଯେଉଁ ମଙ୍ଗଳ ଗ୍ରହର ଚିତ୍ରାଙ୍କନ କରିଛନ୍ତି ସେ, ତା'ର ଅନ୍ତରାଳରେ ଅଭିବ୍ୟଞ୍ଜିତ ହୋଇଉଠିଛି ପ୍ରିୟ ପୃଥିବୀକୁ ସେହିଭଳି ରୂପରେ ଦେଖିବାର ମହତ୍ତର ଅଭିଳାଷ। ନିଜର ବ୍ୟବସାୟିକ ଅଭିବୃଦ୍ଧି ପାଇଁ ଯେଉଁ ପୁଞ୍ଜିପତିମାନେ ବିଜ୍ଞାନାଗାରରେ ଭେଜାଲ ଦ୍ରବ୍ୟ ତିଆରି ସକାଶେ ବୈଜ୍ଞାନିକମାନଙ୍କୁ ଅସ୍ତ୍ର ଭାବରେ ନିୟୋଜିତ କରନ୍ତି ଆଉ ଯେଉଁ ବୈଜ୍ଞାନିକମାନେ ନିଜର ବ୍ୟକ୍ତିଗତ ଲାଭ ଓ ବିଳାସ ନିମିତ୍ତ ସେମାନଙ୍କ ଦ୍ୱାରା ବିନିଯୁକ୍ତ ହୁଅନ୍ତି, ଉଭୟ ଶ୍ରେଣୀର ଲୋକଙ୍କ ପ୍ରତି ଲେଖକ ପ୍ରକାରାନ୍ତରେ ତୀବ୍ର ଶର ନିକ୍ଷେପ କରିଛନ୍ତି 'ମଧ୍ୟାହ୍ନର ଅନ୍ଧକାର' ଉପନ୍ୟାସରେ। ବୃକ୍କ ଓ ହୃତପିଣ୍ଡ ପ୍ରତିରୋପଣ ପରି ଯଦି ମସ୍ତିଷ୍କ ପ୍ରତିରୋପିତ ହୁଏ କେଉଁ ବିପଜ୍ଜନକ ପରିସ୍ଥିତି ସୃଷ୍ଟି ହୋଇପାରେ ତା'ର ସଂକେତ ସଂରକ୍ଷିତ 'ନିଶ୍ଚଳ ପୃଥିବୀ' ଉପନ୍ୟାସରେ। ସେପରି ଲିଙ୍ଗ ପରିବର୍ତ୍ତନ ଦ୍ୱାରା ମାନବିକ ସମ୍ବେଗ କିପରି କ୍ଷତାକ୍ତ ତାହା ଦର୍ଶାଇ ଦେଇଛନ୍ତି 'ଏକ ମାତୃତ୍ୱର ମୃତ୍ୟୁ' ପ୍ରସଙ୍ଗରେ। ଶିଶୁମାନଙ୍କ ପାଇଁ ସୃଷ୍ଟି କରିଥିବା ବୈଜ୍ଞାନିକ ସାହିତ୍ୟ ମଧ୍ୟ କି ମାଧୁର୍ଯ୍ୟମୟ! 'ବୈଜ୍ଞାନିକ ଜ୍ଞାନ କୋଷ', ପ୍ରଣୟନ ତାଙ୍କର ଆଉ ଏକ ଅବିସ୍ମରଣୀୟ କୀର୍ତ୍ତି। ଅନ୍ତର୍ଜାତୀୟ ସୁଖ୍ୟାତି ଅର୍ଜନ କରିଥିବା ଏହି ସିଦ୍ଧ ସାଧକ ଉଭୟ ବିଜ୍ଞାନ ଓ ସାହିତ୍ୟ କ୍ଷେତ୍ରରେ ଚିରପୂଜ୍ୟ ପଥପ୍ରଦର୍ଶକ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୁଃସ୍ଥିତି ଆଣିବ...

ହେଉଥିବା ଡାଲି ଏବଂ ଶସ୍ୟ ଜାତୀୟ ଖାଦ୍ୟ ସାମଗ୍ରୀର ଦରଦାମ ହୁ ହୁ ହୋଇ ବଢ଼ିବ, ଯାହା ସାଧାରଣ ଜନତାଙ୍କ ବଜେଟ୍ ଉପରେ ଚାପ ପକାଇବ। ବର୍ଷା କମିବା ଦ୍ୱାରା କେବଳ ଚାଷ ନୁହେଁ, ବରଂ ସହରଗୁଡ଼ିକର ପାନୀୟ ଜଳ ବ୍ୟବସ୍ଥା ଏବଂ ନଦୀଭିତ୍ତିକ ଜଳବିଦ୍ୟୁତ ପ୍ରକଳ୍ପଗୁଡ଼ିକ ମଧ୍ୟ ପ୍ରଭାବିତ ହେବ। ଜଳଭଣ୍ଡାରଗୁଡ଼ିକରେ ଜଳସ୍ତର ହ୍ରାସ ପାଇବା ଯୋଗୁଁ ଜଳ ସଙ୍କଟ ଆହୁରି ଗମ୍ଭୀର ରୂପ ନେବ। ଅନ୍ୟପଟେ, ଅତ୍ୟଧିକ ଗରମ ଯୋଗୁଁ ଲୋକମାନେ ଫ୍ୟାନ୍, ଏୟାର କଣ୍ଡିସନର ଏବଂ ରେଫ୍ରିଜରେଟରର ବହୁଳ ବ୍ୟବହାର କରିବେ। ଏହାଦ୍ୱାରା ବିଦ୍ୟୁତ ଶକ୍ତିର ଚାହିଦା ବହୁ ପରିମାଣରେ ବୃଦ୍ଧି ପାଇବ। ଗତ ମେ ମାସରେ ଭାରତରେ ସର୍ବକାଳୀନ ସର୍ବାଧିକ ୨୬୫ ଗିଗାୱାଟ ବିଦ୍ୟୁତ ଚାହିଦା ରେକର୍ଡ କରାଯାଇଥିଲା। ଯଦି ଏହି ଗ୍ରୀଷ୍ମ ପ୍ରବାହ ଜାରି ରହେ, ତେବେ ବିଦ୍ୟୁତ ଗ୍ରୀଡ୍ ଏବଂ କୋଇଲା ସମେତ ଅନ୍ୟାନ୍ୟ ଜାଳେଣି ଯୋଗାଣ ଉପରେ ଅତ୍ୟଧିକ ଚାପ ପଡ଼ିବ। ଏଲ୍ ନିନୋର ପ୍ରଭାବ କେବଳ ସ୍ଥାନୀୟ ଅଞ୍ଚଳରେ ସୀମିତ ରହିବ ନାହିଁ। ପୂର୍ବରୁ ଏହାର ପ୍ରଭାବ ଯୋଗୁଁ ମଧ୍ୟ ଆମେରିକାର ପାନାମା କେନାଲ ଭଳି ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ବାଣିଜ୍ୟ ପଥରେ ଜଳସ୍ତର କମିଯିବା ସହ ଜାହାଜ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଏହାଦ୍ୱାରା ଆନ୍ତର୍ଜାତୀୟ ସ୍ତରରେ ସାମଗ୍ରୀ ଆଦାନପ୍ରଦାନ ମହଙ୍ଗା ଏବଂ ବିଳମ୍ବ ହେବ, ଯାହାର ପରୋକ୍ଷ ପ୍ରଭାବ ଭାରତୀୟ ବଜାର ଉପରେ ମଧ୍ୟ ପଡ଼ିବ। ତେଣୁ, ପ୍ରଶାନ୍ତ ମହାସାଗରର ଏହି ଉଷ୍ଣତା ଭାରତ ପାଇଁ କେବଳ ଏକ ପାଣିପାଗ ଖବର ନୁହେଁ, ବରଂ ଏହା ଆଗାମୀ ମାସଗୁଡ଼ିକରେ ଦେଶର ରୋଷେଇ ଘରଠାରୁ ଆରମ୍ଭ କରି ଶିଳ୍ପ ଜଗତ ପର୍ଯ୍ୟନ୍ତ ସବୁକିଛିକୁ ପ୍ରଭାବିତ କରିବାର ସାମର୍ଥ୍ୟ ରଖିଛି।

### କଂଗ୍ରେସରେ ମିଶିବ...

ମାସ ମଧ୍ୟରେ ଟିଏମ୍‌ସିକୁ ନେଇ ଯାହା ସବୁ ଘଟିଯାଉଛି, ତାହା ଏହି ଉକ୍ତିକୁ ସତ ପ୍ରମାଣିତ କରିବାରେ ଲାଗିଛି।

କଂଗ୍ରେସରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିବା ମମତା ବାନାର୍ଜୀ ୧୯୯୭ରେ କଂଗ୍ରେସ ସହ ସଂପର୍କ ଛିନ୍ନ କରି ଟିଏମସି ଗଠନ କରିଥିଲେ। ଦୀର୍ଘ ୧୫ ବର୍ଷ ଧରି ପଶ୍ଚିମବଙ୍ଗରେ ଶାସନ କ୍ଷମତାରେ ରହିବା ପରେ ଗତ ବିଧାନସଭା ନିର୍ବାଚନରେ ଟିଏମସିର ଶୋଚନୀୟ ପରାଜୟ ଘଟିଲା। ଏହାପରେ ଦଳ ଭିତରେ ମମତାଙ୍କ ବିରୋଧରେ ବିଦ୍ରୋହ ଏମିତି ରୂପ ନେଲା ଯେ ୮୦ ବିଧାୟକଙ୍କ ମଧ୍ୟରୁ ୬୦ ଜଣ ତାଙ୍କ ହାତ ଛାଡ଼ି ସ୍ୱତନ୍ତ୍ର ଗୋଷ୍ଠୀ ଗଠନ କଲେ। କଥା କେବଳ ରାଜ୍ୟରେ ସୀମିତ ରହିଲା ନାହିଁ। ଦିଲ୍ଲୀରେ ମଧ୍ୟ ଟିଏମସି ସଂସଦୀୟ ଦଳ ଭାଗ ଭାଗ ହୋଇଗଲାଣି। ଲୋକସଭାରେ ତାଙ୍କର ୨୮ ଜଣ ସାଂସଦ ଥିବା ୨୦ ଜଣ ବିଜେପି ସହ ଯାଇ ଯୋଡ଼ି ହେଲେଣି। ରାଜ୍ୟସଭାରେ ମଧ୍ୟ ୧୧ ଜଣଙ୍କ ମଧ୍ୟରୁ ଦୁଇ ଜଣ ସାଂସଦ ଟିଏମସିରୁ ଇସ୍ତଫା ଦେଇ ବିଜେପି ଆଡ଼କୁ ମୁହାଁଇ ।ଲେଣି। ଯେଉଁ ଦଳକୁ ସେ ଗଠନ କରିଥିଲେ, ଆଜି ସେହି ଦଳରେ ସେ ଏକଘରିକିଆ ହୋଇଗଲେଣି। ଏଥିରେ ନିରାଶ ହୋଇ ମମତା କଂଗ୍ରେସ ଆଡ଼କୁ ମୁହାଁଉଥିବାର ଆଭାସ ମିଳିଲାଣି।

ରାଜ୍ୟରେ ଟିଏମ୍‌ସିର ଏକ ହଜାରରୁ ଅଧିକ କାଉନସିଲର ଇସ୍ତଫା ଦେଇସାରିଲେଣି। ଦୁଇ ଜଣ ମେୟର ମଧ୍ୟ ପଦତ୍ୟାଗ କରିଛନ୍ତି। ରାଜ୍ୟରେ ଏମିତି ହଟଚମଟ ଚାଲିଥିବା ବେଳେ ମମତା ମାନାର୍ଜୀ ଏବଂ ତାଙ୍କର ପୁତୁରା ଅଭିଷେକ ବାନାର୍ଜୀ ଗତ ତିଦି ଦିନ ହେଲା ଦିଲ୍ଲୀରେ ରହିଛନ୍ତି। ଦୁଇ ଜଣ ଇଣ୍ଡିଆ ମେଣ୍ଟ ବୈଠକରେ ଯୋଗ ଦେବାକୁ ଦିଲ୍ଲୀ ଆସିଥିଲେ। କିନ୍ତୁ ଦଳରେ ଅଶାନ୍ତି ଲାଗି ରହିଥିବା ବେଳେ ସେମାନେ ଦିଲ୍ଲୀରେ ଡେରା ପକାଇଛନ୍ତି। କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ମମତା ଭେଟିବା ସହିତ ରାହୁଲ ଗାନ୍ଧୀଙ୍କ ସହିତ ଅଭିଷେକ ବାନାର୍ଜୀଙ୍କ ସାକ୍ଷାତ ଦଲ୍ଲୀ ରାଜନୀତିକୁ ସରଗରମ କରି ରଖିଛି। ଏଭଳି ସାକ୍ଷାତ ଆଲୋଚନା ଅନେକ କଳ୍ପନାଜଳ୍ପନାକୁ ଜନ୍ମ ।ଦେଇଛି। ଏଭଳି ସାକ୍ଷାତ ଆଲୋଚନାକୁ ନେଇ ସମସ୍ତଙ୍କ ମୁହଁରେ ସେହି ଗୋଟିଏ ପ୍ରଶ୍ନ: କଂଗ୍ରେସରେ ମିଶିବ ଯିବ କି ଟିଏମସି? କିନ୍ତୁ ଏସଂପର୍କରେ ମମତା କିମ୍ବା କଂଗ୍ରେସ ନେତା ମୁହଁ ଖୋଲୁ ନାହାନ୍ତି। ଶୁଣାଯାଉଛି ଯେ ମମତା କଂଗ୍ରେସ ସହିତ ମିଶି ଜାତୀୟ ରାଜନୀତିରେ ସକ୍ରିୟ ରହିବାକୁ ଚାହୁଁଛନ୍ତି। କେବଳ ଏତିକି ନୁହେଁ, ନିଜ ପୁତୁରା ଅଭିଷେକଙ୍କୁ ମଧ୍ୟ ସମ୍ମାନ ସହ ଥଇଥାନ କରିବାକୁ ଚାହାନ୍ତି। ଏହାଛଡ଼ା ମମତାଙ୍କ ପାଖରେ ଆଉ କୌଣସି ବିକଳ୍ପ ନାହିଁ ବୋଲି କୁହାଯାଉଛି। କିନ୍ତୁ ଏବେଠାରୁ ଏମିତି ଅନୁମାନ ଲଗାଇବା ଠିକ୍ ନୁହେଁ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ସତର୍କ କରାଇଛନ୍ତି। ସେମାନଙ୍କ ମତରେ ମମତା ଜଣେ ଷ୍ଟ୍ରିଟ୍ ଫାଇଟର୍‌ର ରୂପେ ପରିଚିତ ଏବଂ ସେ ଏତେ ସହଜରେ ହାର ମାନିବା ଭଳି ବ୍ୟକ୍ତିତ୍ୱ ନୁହନ୍ତି।

### ଏସ୍‌ଆଇଆର୍ ସମୟରେ...

ଆହୁରି ଶୋଚନୀୟ ହୋଇ ପଡିଛି। ବିଜେଡି ସରକାର କ୍ଷମତାରୁ ଯିବା ସମୟରେ ୪୫ ହଜାର କୋଟି ଟଙ୍କାର ବଳକା ରାଜସ୍ୱ ଛାଡି ଯାଇଥିଲା ବେଳେ ଏବେ ରାଜ୍ୟର ଋଣ ଭାର ବଢ଼ି ଚାଲିଛି। ଦୁଃଖର କଥା ବୁଢାବୁଢୀ, ଭିନ୍ନକ୍ଷମ ମାନଙ୍କୁ ସାମାଜିକ ସୁରକ୍ଷା ପେନ୍‌ସନ୍ ମଧ୍ୟ ଏ ସରକାର ଅମଳରେ ମିଳୁନାହିଁ। ଓଡ଼ିଶା ଶାସନରେ ଏଭଳି ଅବ୍ୟବସ୍ଥା କୌଣସି ସରକାର ଅମଳରେ ଦେଖା ନ ଥିଲା ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି। ଏହା ସହ ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ପୂର୍ଣ୍ଣ ଆତ୍ମବିଶ୍ୱାସ ସହ ପ୍ରସ୍ତୁତି ଆରମ୍ଭ ସହ ଏସ୍‌ଆଇଆର୍ ସମୟରେ ସତର୍କ ଓ ସଜାଗ ରହିବାକୁ ମଧ୍ୟ ନବୀନ ପରାମର୍ଶ ଦେଇଛନ୍ତି।

ନବୀନ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ଚାଲିଥିବା ଏସଆଇଆର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ। ଅନ୍ୟ ରାଜ୍ୟରେ ଏସଆଇଆର ସମୟରେ ଘଟିଥିବା ଘଟଣାବଳୀକୁ ଦୃଷ୍ଟିରେ ରଖି ଆମକୁ ସତର୍କ ଓ ସଜାଗ ରହି କାମ କରିବାକୁ ପଡ଼ିବ। ସାମାନ୍ୟ ମୁଦ୍ରଣ ତ୍ରୁଟି ପାଇଁ ଯେପରି ଜଣେ ବି ଯୋଗ୍ୟ ଭୋଟରର ନାମ ବାଦ୍ ନ ଯିବ ସେଥିପ୍ରତି ଦୃଷ୍ଟି ଦେବାପାଇଁ ସେ ପରାମର୍ଶ ଦେଇଛନ୍ତି। ବିଜେଡିର ୨୪ ବର୍ଷ ଶାସନ ସମୟରେ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଭଲ କାମ କରି ସାରା ଦେଶରେ ନିଜର ଏକ ଉଜ୍ଜ୍ୱଳ ପରିଚୟ ସୃଷ୍ଟି କରିଥିଲା। ବିପର୍ଯ୍ୟୟ ପ୍ରଶମନ ଓ ଖାଦ୍ୟ ସୁରକ୍ଷା ଠାରୁ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ଶିକ୍ଷା, କ୍ରୀଡ଼ା, ଜଳସେଚନ, ଭିତ୍ତିଭୂମି ଆଦିର ବିକାଶ, ଚାଷୀ, ମହିଳା ଓ ଗରୀବ ଲୋକଙ୍କ କଲ୍ୟାଣ ପାଇଁ ଅନେକ ଭଲ କାମ କରିଥିଲା। ସରକାରଙ୍କ ବିଫଳତା ବିଶେଷ କରି ମହିଳା ସଂରକ୍ଷଣ କ୍ଷେତ୍ରରେ ବିଜେପିର ଛଳନାପୂର୍ଣ୍ଣ ଆଚରଣର ବିରୋଧ କରି ବିଜୁ ଜନତା ଦଳ ପକ୍ଷରୁ ଚାଲିଥିବା ନାରୀ ଅଧିକାର ଅଭିଯାନର ବିପୁଳ ସଫଳତା ପରିବର୍ତ୍ତନର ସୂଚନା ଦେଉଛି। ଏଥିପାଇଁ ଦଳୀୟ କର୍ମକର୍ତ୍ତା ଓ ପ୍ରବଳ ଖରାରେ ଘରୁ ବାହାରି ନାରୀ ଅଧିକାର ଅଭିଯାନରେ ସାମିଲ ହୋଇଥିବା ସମସ୍ତ ମା' ମାନଙ୍କୁ ଧନ୍ୟବାଦ ଜଣାଉଛି। ଏହି ଅଭିଯାନର ସଫଳତା ଏକ ପରିବର୍ତ୍ତନର ସୂଚନା ଦେଉଛି ବୋଲି ନବୀନ କହିଛନ୍ତି। ଦୀର୍ଘ ଦୁଇ ଘଣ୍ଟା ଧରି ଚାଲିଥିବା ଏହି ବୈଠକକୁ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ସଞ୍ଚାଳନ କରିଥିଲେ ଓ ବିଧାୟକ ପ୍ରାର୍ଥୀମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ସେମାନଙ୍କ ମତାମତ ଦେଇଥିଲେ। ଏହି ବୈଠକରେ ବିଜେଡିର ସାଙ୍ଗଠନିକ କାର୍ଯ୍ୟକ୍ରମ, ବିଜେଡି ସରକାର ସମୟର ସଫଳତା ଓ ଏସଆଇଆର ଉପରେ ଏକ ଉପସ୍ଥାପନା ମଧ୍ୟ କରାଯାଇଥିଲା।

### ପେଟ୍ରୋଲ୍‌ର ବିକଳ୍ପ...

ସେମାନଙ୍କର ଚିନ୍ତା ବଢ଼ିଲାଣି। ସୂଚନାଯୋଗ୍ୟ ଯେ ଇ-୮୫ ଇନ୍ଧନ ହେଉଛି ଏକ ସ୍ୱତନ୍ତ୍ର ପ୍ରକାର ପେଟ୍ରୋଲ ମିଶ୍ରଣ, ଏଥିରେ ୮୫% ଯାଏ ଇଥାନଲ୍ ମିଶ୍ରଣ କରାଯାଇଛି। ଏଥିରେ କେବଳ ୧୫% ପେଟ୍ରୋଲ୍ ଅଛି। ଭାରତରେ ଏବେ ଇ-୨୦ ଅର୍ଥାତ୍ ୨୦ ପ୍ରତିଶତ ଇଥାନଲ୍ ସହିତ ମିଶ୍ରିତ ପେଟ୍ରୋଲ ଗାଡ଼ି ଚାଲିଛି। ହେଲେ ଇ-୨୦ ଗାଡ଼ି ପାଇଁ ଇ-୮୫ ଇନ୍ଧନ ସୁରକ୍ଷିତ କି? ଏହା ଏବେ ସମସ୍ତଙ୍କ ମନରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ଇ-୮୫ କୁ ଇ-୨୦ ମାନଦଣ୍ଡ ପାଇଁ ଡିଜାଇନ୍ କରାଯାଇଥିବା ଗାଡ଼ିରେ ଭର୍ତ୍ତି କରାଯାଏ ତେବେ କ'ଣ ହେବ, ଏହା ଗାଡ଼ି ମାଲିକଙ୍କ ପାଇଁ ନିରାପଦ ତ? ବିଶେଷଜ୍ଞମାନଙ୍କ ମତରେ କେବଳ ଇ-୨୦ ଇନ୍ଧନ ପାଇଁ ଡିଜାଇନ୍ ହୋଇଥିବା କାରଗୁଡ଼ିକ ଇ-୮୫ କିମ୍ବା ଇ-୧୦୦ ଇନ୍ଧନରେ ସିଧାସଳଖ ଚାଲିପାରିବନାହିଁ। କାରଣ ଏହି ଗାଡ଼ି ୨୦ ପ୍ରତିଶତ ମାତ୍ରା ପର୍ଯ୍ୟନ୍ତ ଥିବା ଇଥାନଲ ପାଇଁ ହିଁ ଉପଯୁକ୍ତ। ୮୫ ପ୍ରତିଶତ ମାତ୍ରାର ଏଥାନଲ ଯୁକ୍ତ ଇନ୍ଧନ ଇ-୨୦ ଗାଡ଼ିର ଇଞ୍ଜିନକୁ ନଷ୍ଟ କରିଦେବ। ଏଥିପାଇଁ ଇଞ୍ଜିନ୍ ଏବଂ ଉପାଦାନଗୁଡ଼ିକରେ ପ୍ରମୁଖ ପରିବର୍ତ୍ତନ ଆବଶ୍ୟକ। ଇଥାନଲ୍ ପେଟ୍ରୋଲ ଠାରୁ ଯଥେଷ୍ଟ ଭିନ୍ନ ହୋଇଥିବାରୁ ଗାଡ଼ି ଟେକ୍ନୋଲୋଜି ।ରେ ପରିବର୍ତ୍ତନ ଆବଶ୍ୟକ। ଇଥାନଲ୍ ପେଟ୍ରୋଲ୍ ତୁଳନାରେ କମ୍ ଶକ୍ତି ଧାରଣ କରିଥାଏ, ତେଣୁ ସମାନ ପରିମାଣର ଶକ୍ତି ଉତ୍ପାଦନ କରିବା ପାଇଁ ଇଞ୍ଜିନ୍ ୩୦ ରୁ ୪୦ ପ୍ରତିଶତ ଅଧିକ ଇନ୍ଧନ ଆବଶ୍ୟକ କରେ। ଏଥିପାଇଁ ଗାଡ଼ିକୁ ଏକ ଉଚ୍ଚ-ପ୍ରବାହ ଇନ୍ଧନ ପମ୍ପ ଏବଂ ବଡ଼ ଇଞ୍ଜେକ୍ଟର ସହିତ ସଜ୍ଜିତ କରିବା ଆବଶ୍ୟକ। ଏହାସହିତ ଫ୍ଲେକ୍ସ-ଫୁଏଲ ଗାଡ଼ିରେ ଅପଗ୍ରେଡ୍ କିମ୍ବା ଅପ୍ଟିମାଇଜ୍ କରାଯାଇଥିବା ପ୍ରାଥମିକ ଉପାଦାନଗୁଡ଼ିକ ମଧ୍ୟରେ ଇନ୍ଧନ ଲାଇନ୍, ଇନ୍ଧନ ପମ୍ପ, ଇନ୍ଧନ ଫିଲ୍ଟର ଏବଂ ଇଞ୍ଜିନ୍ ନିୟନ୍ତ୍ରଣ ୟୁନିଟ୍ (ଇସିୟୁ) ଅନ୍ତର୍ଭୁକ୍ତ। ଏଗୁଡ଼ିକ ମଧ୍ୟରେ, ଇସିୟୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଗାଡ଼ିର ମସ୍ତିଷ୍କ ଭାବରେ କାର୍ଯ୍ୟ କରି, ଏହା ବ୍ୟବହୃତ ଇନ୍ଧନକୁ ନିରନ୍ତର ନିରୀକ୍ଷଣ କରେ ଏବଂ ବିଭିନ୍ନ ଇଥାନଲ୍ ମିଶ୍ରଣରେ ସର୍ବୋତ୍ତମ କାର୍ଯ୍ୟଦକ୍ଷତା, ଦକ୍ଷତା ଏବଂ ନିର୍ଭରଯୋଗ୍ୟତା ସୁନିଶ୍ଚିତ କରିବା ପାଇଁ ପ୍ରମୁଖ ଇଞ୍ଜିନ୍ ପାରାମିଟରଗୁଡ଼ିକୁ ଆଡଜଷ୍ଟ କରେ। ଅନ୍ୟପକ୍ଷରେ ଇ-୮୫ ଫ୍ଲେକ୍ସ ଫୁଏଲ ଗାଡ଼ିରେ ଇ-୨୦ ଇନ୍ଧନ କାମ ଦେଇପାରିବ। ଏହି ଗାଡ଼ିଗୁଡ଼ିକ ଏପରି ଢଙ୍ଗରେ ତିଆରି କରାଯାଇଛି, ଯାହାକି ୨୦ ପ୍ରତିଶତ ଠାରୁ ଆରମ୍ଭ କରି ୮୫ ପ୍ରତିଶତ ମାତ୍ରା ପର୍ଯ୍ୟନ୍ତ ଏଥାନଲ ବ୍ୟବହାର କରିପାରିବ। ହିରୋ କଂପାନୀ ପକ୍ଷରୁ ଏଭଳି ବାଇକ୍ ଉତ୍ପାଦନ ଆରମ୍ଭ କରାଯାଇଥିବା ବେଳେ ମାରୁତି ସୁଜୁକି ୱାଗନର ଆର ଫ୍ଲେକ୍ସ ଫୁଏଲ କାର ନିର୍ମାଣ କରି ବଜାରକୁ ଛାଡ଼ିଛି।

ଇ-୮୫ର ଉଦ୍ଦେଶ୍ୟ ହେଉଛି ଅଶୋଧିତ ତୈଳ ଆମଦାନୀ ହ୍ରାସ କରିବା, ଘରୋଇ ଇଥାନଲ୍ ଉତ୍ପାଦନ ବୃଦ୍ଧି କରିବା ଏବଂ କାର୍ବନ ନିର୍ଗମନ ହ୍ରାସ କରିବା। ଇ-୮୫ ଇନ୍ଧନ ଦିଲ୍ଲୀରେ ପ୍ରତି ଲିଟର ୮୨.୧୨ ଟଙ୍କାରେ ମିଳୁଥିବା ବେଳେ ଇ-୨୦ ପେଟ୍ରୋଲ ଦାମ ୧୦୨.୧୨ ଟଙ୍କା ରହିଛି। ଇ-୮୫ ଇନ୍ଧନ କ୍ଷେତ୍ରରେ ବର୍ତ୍ତମାନ ସବୁଠାରୁ ବଡ଼ ପ୍ରତିବନ୍ଧକ ହେଉଛି ଇନ୍ଧନ ଉପଲବ୍ଧତା। ଦିଲ୍ଲୀରେ, ବର୍ତ୍ତମାନ କେବଳ ଗୋଟିଏ ଆଉଟଲେଟ୍ ଖୋଲାଯାଇଛି। ଯଦି ଅଧିକ ସଂଖ୍ୟାରେ ଇ-୮୫ ଫ୍ଲେକ୍ସ-ଫୁଏଲ ଗାଡ଼ି ବଜାରକୁ ଆସେ, ତେବେ ସେଗୁଡ଼ିକୁ ଇନ୍ଧନ ଯୋଗାଇବା ଲାଗି ପର୍ଯ୍ୟାପ୍ତ ସଂଖ୍ୟାରେ ଆଉଟଲେଟ୍ ଖୋଲାଯିବା ଜରୁରୀ।

### କେନ୍ଦ୍ରମନ୍ତ୍ରୀ ଇସ୍ତଫା...

କରିବା ପରିବର୍ତ୍ତେ ବଦନାମ କରୁଛନ୍ତି। ପ୍ରଧାନମନ୍ତ୍ରୀ ପରୀକ୍ଷା ପେ ଚର୍ଚ୍ଚା କରୁଛନ୍ତି; କିନ୍ତୁ ଲକ୍ଷାଧିକ ଛାତ୍ରଙ୍କ ପରୀକ୍ଷା ପୂର୍ବରୁ ପ୍ରଶ୍ନ ପତ୍ର ଲିକ୍ କରୁଛନ୍ତି। ତେଣୁ ସମସ୍ତେ ପ୍ରଧାନମନ୍ତ୍ରୀଙ୍କୁ ଏ ସମ୍ପର୍କରେ ପଚାରିବାର ଆବଶ୍ୟକ ରହିଛି। ଯୁବପିଢ଼ିଙ୍କ ଆଖିରେ ଧୂଳିଦେଇ ସରକାର ବିକଶିତ ଭାରତର ଚଷମା ବିକୁଛନ୍ତି। ଯେଉଁ ସରକାର ଗୋଟିଏ ପରୀକ୍ଷା ଠିକ୍ ଭାବେ କରାଇପାରୁ ନାହିଁ, ସେହି ସରକାର ପରୀକ୍ଷା ଉପରେ ଚର୍ଚ୍ଚା କରାଉଛି। ଯେଉଁ ସରକାର ବିଶ୍ୱସ୍ତ ଶିକ୍ଷକମାନଙ୍କର ଏକ ପ୍ୟାନେଲ୍ ଗଠନ କରିପାରିଲା ନାହିଁ, ସେହି ସରକାର କହୁଛି ଆମେ ବିଶ୍ୱଗୁରୁ ହେବୁ। ପ୍ରଶ୍ନପତ୍ର ଲିକ୍ କରାଉଥିବା ଗୁରୁମାନଙ୍କୁ ନେଇ ବିଶ୍ୱଗୁରୁ ହେବେ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ। ସିବିଏସଇ ପରୀକ୍ଷା ପତ୍ର ମୂଲ୍ୟାଙ୍କନ ଦାୟିତ୍ୱ ନେଇଥିବା କମ୍ପାନୀ କିପରି ଜାଲିଆତି କରିଥିଲା, ସେ ସମ୍ପର୍କରେ କହ୍ନେୟା କୁମାର ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ କେବଳ ପ୍ରଶ୍ନପତ୍ର ଲିକ୍ ହୋଇନାହିଁ ସରକାର ଯୁବପିଢ଼ିଙ୍କ ସ୍ୱପ୍ନର ଗଳା ଚିପି ଦେଇଛନ୍ତି। ଏ ମୃତ୍ୟୁ ପାଇ କିଏ ଦାୟୀ ତାର ଉତ୍ତର କେନ୍ଦ୍ରମନ୍ତ୍ରୀ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ସମାବେଶରେ ପିସିସି ସଭାପତି ଭକ୍ତଚରଣ ଦାସ ଏ ଆନ୍ଦୋଳନ ଏପରି ଭାବେ ଜାରି ରହିବ ବୋଲି କହିଥିଲେ। ଆଜିର କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ଆସୁଥିବା ପ୍ରତିନିଧିଙ୍କୁ ଏ ସରକାର ଅଟକାଇ ରଖିଥିବା କହିଛନ୍ତି। ଯେତେ ଚେଷ୍ଟା କଲେ ମଧ୍ୟ କଂଗ୍ରେସର ଏହି ଆନ୍ଦୋଳନକୁ ଭଣ୍ଡୁର କରିପାରିବେ ନାହିଁ। ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଥିଲେ।


## ପୂର୍ବ ତଟ ରେଳପଥ

ଫାଇଲ ସଂ. SNTPBBSTELE-052026-STUDIO, ତା.05.06.2026ରିଖ

**କାର୍ଯ୍ୟର ନାମ :** ଭୁବନେଶ୍ୱରସ୍ଥିତ ଉନ୍ନତ ସେବା ଭବନ (Improved Service Building) ରେ ଅବସ୍ଥିତ ଜୋନାଲ ମୁଖ୍ୟ କାର୍ଯ୍ୟାଳୟ ପାଇଁ ମିଡିଆ ଆଡ୍ରେସିଂ ରୁମ୍/ଷ୍ଟୁଡିଓ ସ୍ଥାପନ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹48,44,020.60, EMD : ₹₹ 96900/-

ଶେଷ ହେବା ଅବଧି : 4 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.06.2026 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟରଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଡିଏସଟିଇ/ଭଣ୍ଡାର/(ମୁଖ୍ୟ କାର୍ଯ୍ୟାଳୟ), ଭୁବନେଶ୍ୱର

PR-87/CJ/26-27



Office of the Secretary Governing Body

## BRUNDABATI MAHILA HIGHER SECONDARY SCHOOL, SARGIBAHAL

AT/PO-SARGIBAHAL, Dist- BARGARH (Odisha), Mob -9937021426,7067428312,9938201443

Email Id: brundabatimahilamahavidyalaya@gmail.com

### WALK-IN-INTERVIEW

A walk-in-interview for lecturers in the subject of Home sc, Odia, will be conducted on **21.06.2026.** Interested Candidates having 55% marks or above in the P.G. level can apply for the post of lecturer. They are to report in the college office with their original certificate/mark sheets along with a set of self-attested photocopy & resume at 9.00 A.M.(Only Female Candidates)

**Sd/-Secretary Governing Body**
**BMHS sargibahal**



## ମୂଳ ଲିଙ୍କ୍ ଦଲିଲ ହଜିଛି

ମୁଁ ଭଗବାନ ପ୍ରଧାନ, ବୟସ-୪୦ବର୍ଷ, ପିତା: ଭୋବନା ପ୍ରଧାନ, ସା: ହିରାଦେଇପୁର, ପୋ: ମାଳିସାହି, ଥାନା: ନୟାଗଡ଼, ଜିଲ୍ଲା: ନୟାଗଡ, ଓଡ଼ିଶା-୭୫୨୦୭୦, ମୋ: ୯୯୩୭୩୯୪୬୨୫, LIC HFL, Bhubaneswarଙ୍କ ଠାରୁ ଋଣ ପ୍ରାପ୍ତି ନିମନ୍ତେ ମୋର ସମ୍ପତ୍ତି ଯାହାର ଜିଲ୍ଲା-ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦନଗର, ଥାନା ନଂ.: ୭୯, ଜିଲ୍ଲା: ସବରେଜିଷ୍ଟ୍ରାର: ଭୁବନେଶ୍ୱର, ମୌଜା: କେଶୁରା, ଥାନା ନଂ.: ୫୧୪/୪୧୦୩, ପ୍ଲଟ ନଂ.: ୧୨୯/୨୭୪୧/୧୯୮୦/୪୨୬୪, କ୍ଷେତ୍ର ଏକର ୦.୦୧୪.୬ ଡିସିମିଲି, ସ୍ୱତ୍ୱ: ସ୍ଥିତିବାନ (ଫ୍ରି ହୋଲ୍ଡ) କିସମ: ଘରବାରୀ (ହୋମଷ୍ଟିଡ) ବନ୍ଧକ ରଖିବାକୁ ଚାହୁଅଛି। ଏହି ସମ୍ପତ୍ତିର ପୂର୍ବ ଲିଙ୍କ୍ ଦଲିଲ ଯଥା: ମୂଳ ପଞ୍ଜିକୃତ ବିକ୍ରୟ ଦଲିଲ ନଂ: ୧୧୦୮୧୩୧୦୯୬୫, ତା ୧୬.୦୭.୨୦୧୩, ଯାହାକି ଜ୍ଞାନରଞ୍ଜନ ଜେନା ଏବଂ ଶ୍ରୀ ଆଜୟ କୁମାର ସୁବୁଦ୍ଧିଙ୍କ ଦ୍ୱାରା ରଶ୍ମିକାନ୍ତ ସାମଲ, ପିତା: କଳ୍ପତରୁ ସାମଲଙ୍କ ସପକ୍ଷରେ ସମ୍ପାଦିତ କରାଯାଇଥିଲା ଯାହାକି ମୋ ସମ୍ପତ୍ତିର ଖାତା ନଂ.: ୫୧୪/୪୧୦୩ ସମ୍ବନ୍ଧୀୟ ଅଟେ, ତାହା ତା.୧୯.୦୫.୨୦୨୬ ରିଖରେ ଚିନ୍ତାମଣିଶ୍ୱର ରୋଡ ଅଞ୍ଚଳରେ କେଉଁଠାରେ ହଜିଯାଇଛି। ଏ ବିଷୟରେ ସହୀଦ ନଗର ଥାନା, ଭୁବନେଶ୍ୱର କ୍ରନଂ: ୧୯, ତା. ୦୫.୦୬.୨୦୨୬ରେ ରିପୋଟ କରାଯାଇଥିଲା। ଯଦି କେହି ଉପରୋକ୍ତ ବିକ୍ରୟ ଦଲିଲ ଏବଂ ପଟା ପାଇଁଥାନ୍ତି ତେବେ ୧୫ ଦିନ ମଧ୍ୟରେ LIC HFL, IPICOL, House, BBSRଙ୍କୁ ଜଣାନ୍ତୁ। ଏହି ଦଲିଲ ଆମ ଗ୍ରାହକଙ୍କ ଗୁରୁତ୍ୱପୂର୍ଣ୍ଣ ଋଣ କାଗଜପତ୍ର ଅଟେ। ଯଦି କେହି କଥିତ କାଗଜାତ୍‌କୁ ଦାବୀ କରନ୍ତି, ତେବେ LIC HFL ଦାୟୀ ରହିବେ ନାହିଁ। ଯୋଗାଯୋଗ: **LIC HFL, IPICOL, House, Bhubaneswar**

ମାନସ କୁମାର ନାୟକ, ଆଡଭୋକେଟ, ମୋ-୮୯୦୮୨୫୭୧୧୩



## Government of Odisha " e " Procurement Notice

25001/366/2627

**Bid Identification No. : Online-AGL-06 of 2026-2027**

1. Name of the Work : Road Works
2. Estimated Cost. : Rs. 60.00 to 99.85 Lakhs
3. Period of Completion : 4(Four) Calendar Months
4. Date & time of availability of : From 16.06.2026. to 25.06.2026 upto 5.00 P.M
5. Last Date/time for receipt of bids In the portal : 25.06.2026 upto 05.00 P.M.
6. Name & Address of the OIT : Executive Engineer, Rural Works Division, Angul

Further details can be seen from the Govt. website **www.tendersorissa.gov.in**

Executive Engineer
R.W. Division, Angul.

OIPR-25001/25096/1/26-27/0003



## OFFICE OF THE MUNICIPAL COUNCIL, TALCHER

DIST :- ANGUL

13001/847/2627

Phone No.- (06760) 240259 E-Mail ID : e.o.talcher@gmail.com

No. 2109 Date 10.06.2026

### QUOTATION CALL NOTICE

The Executive Officer, Talcher Municipality on behalf of Talcher, Dist- Angul invites sealed Quotations from the intending registered firms/ authorized dealers/ distributors/ suppliers and manufacturers of **"Repairing & Maintenance of all urinals , public & community toilets under the Talcher Municipality"**. The prescribed Quotation schedule can be obtained from the Cashier section of Talcher Municipality on payment of Rs. 2500 /- (Rupees two thousand five Hundred) only including GST@18% (non-refundable) in shape of cash / bank draft / banker's cheque drawn in favour of the Executive Officer, Talcher Municipality payable at Talcher from any nationalized bank from Dt.11.06.2026 to Dt.20.06.2026 up to 1.00 PM. during office hour except holidays.

The Quotation paper along with all documents should reach the undersigned by Regd. Post /Speed Post/Courier Service or by person on or before Dt.20.06.2026 up to 1.30 PM. And this office will in no way, be responsible for any delay in receipt of the Quotation documents. The Quotation will be opened on the same date at 3.00 PM in presence of the Quotationer or their authorized representative if any. The Quotation received beyond the schedule date and time will not be considered at all.

All terms and conditions may be seen in the Quotation proforma. The undersigned has rights to accept, cancel or reject any or all the Quotations without assigning any reason thereof.

**Executive Officer**
**Talcher Municipality**

OIPR-13001/13077/1/26-27/0014



GOVERNMENT OF ODISHA 32001/377/2627

## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER
## MINOR IRRIGATION DIVISION, NAYAGARH

e-Procurement Notice

**BID IDENTIFICATION NO.-SEMIDN-3/2026-27**

Letter No.- 1952, Date- 09/06/2026

| | |
|---|---|
| Name of work | Improvement to Check Dams under Imp. to Check Dam grant & Renovation of projects under ERM grant during the year 2026-27. |
| No. Works | 24 (Twenty four) |
| Estimated Cost | Varies from Rs. 6.90 lakh to Rs. 12.51 lakh Approximately. |
| Class of Contractor | Class "D" & "C" |
| Tender paper cost | Rs 4000.00 & 6000.00 (Non-refundable). |
| Period of completion | 02 (Two) Calendar months. |
| Availability of Bid documents | From 10.00 AM of 13.06.2026 to 17.00 hrs of 19.06.2026 in website (www.tendersodisha.gov.in) |
| Time of receipt of bid through online | From 10.00 AM of 13.06.2026 to 17.00 hrs of 19.06.2026 through online. |
| Date of opening of bid documents | At 11.00 hrs of 20.06.2026 in the O/O S.E., M.I. Division, Nayagarh. |
| Digital signature certificate | The bidder must possess compatible digital signature certificate (DSC) of class II or class-III. |

The detail tender call notice can also be seen in the DOWR website http://dowrorissa.gov.in.

Name and address of the OIT: Office of Superintending Engineer, M.I. Division, Nayagarh, Tel No. (06753)291009, e-mail- emidivisionnayagarh@gmail.com

Further details can be seen from the e-procurement market place, http://www.tendersodisha.gov.in

Superintending Engineer
M.I. Division, Nayagarh

OIPR-32001/32260/1/26-27/0003



## OFFICE OF THE DEPUTY DIRECTOR, GEOLOGY
## GROUND WATER DEVELOPMENT DIVISION, CUTTACK

32001/372/2627

1ST FLOOR OF SURVEY AND MAP PUBLICATION OFFICE, BADA JOBRA, COLLEGE SQUARE, CUTTACK-753003

email-srgeologistcuttack@gmail.com, Phone No-06712954096

**INVITATION FOR BIDS (IFB)**

**e- Procurement Notice : 498** **Date: 06.06.2026**

The Deputy Director Geology, Ground Water Development Division, Cuttack on behalf of the Governor of Odisha invites on-line **item rate** bids from eligible **'D' & 'C'** Class contractors (or equivalent) for the construction of the following civil works under CHHATA and ARUA scheme during FY 2026-27.

| Sl. No | Name of the work | Est. cost (in Lakh) (Excl. GST) | EMD/ Bid security (in Rs.) (Online) | Bid Identification No. |
|---|---|---|---|---|
| 1 | 06 nos RRHS in Naugaon Block of Jagatsinghpur Dist. | 15.56 | 15600 | 01/GWDCTC/CHHATA/26-27 |
| 2 | 07 nos RRHS in Kujanga Block of Jagatsinghpur Dist. | 18.2 | 18300 | 02/GWDCTC/CHHATA/26-27 |
| 3 | 06 nos RRHS in Jagatsinghpur Block of Jagatsinghpur Dist. | 15.6 | 15600 | 03/GWDCTC/CHHATA/26-27 |
| 4 | 05 Nos. Of Recharge Shaft in Kujanga Block of Jagatsinghpur Dist. | 8.77 | 8800 | 01/GWDCTC/ARUA/26-27 |
| 5 | 6 Nos. Of Recharge Shaft in Dasarathpur Block of Jajpur Dist. | 10.95 | 11000 | 02/GWDCTC/ARUA/26-27 |
| 6 | 6 Nos. Of Recharge Shaft in Dasarathpur Block of Jajpur Dist. | 10.45 | 10500 | 03/GWDCTC/ARUA/26-27 |
| 7 | 06 Nos. Of Recharge Shaft in Pattamundai Block of Kendrapada Dist. | 10.76 | 10800 | 04/GWDCTC/ARUA/26-27 |
| 8 | 06 Nos. Of Recharge Shaft in Pattamundai Block of Kendrapada Dist. | 10.26 | 10300 | 05/GWDCTC/ARUA/26-27 |

Period of Completion: **60 Days for all works.**
Cost of Tender Document: **Rs. 6,000/- (Online) for all works.**
Start Date of availability of bid document online: **09.06.2026** from **11.00 AM**
Last Date of availability of bid document online: **22.06.2026** up to **05.00 PM**
Last date and time for receipt of bid document: **22.06.2026** up to **05.00 PM**
Date and Time of opening of bid document: **23.06.2026** from **11.00 AM**
Further details and other necessary documents can be seen and downloaded from the e-procurement portal: www.tendersodisha.gov.in.

Sd/- Deputy Director, Geology,
G.W.D. Division, Cuttack

OIPR-32001/32464/1/26-27/0001



## AFFIDAVIT

By virtue of an Affidavit resident before Notary Public, Malkangiri, I Krutibash Katali, aged about 36 Years, S/o.: Basu Katali, of village: Ganjeibahal, PO.: Biralaxmanpur, P.S./Dist.: Malkangiri, Odisha declare by this Affidavit No.: 752/2026, Dated: 02/05/2026, That I have changed my name from **Krutibas Kadhali to Krutibash Katali.** Henceforth I shall be known as **Krutibash Katali** for all future purposes

## DOCUMENT LOST

**Corrigendum to the Publication dated- 07/05/2026**

ମୁଁ, କୃଷ୍ଣ ପ୍ରସାଦ ମଣ୍ଡଳ, ପିତା- ସ୍ୱର୍ଗତ ଅଚ୍ୟୁତାନନ୍ଦ ମଣ୍ଡଳ, ଠିକଣା- ୱାର୍ଡ ନଂ-୨୬, ପି.ଓ/ପି.ଏସ୍- ଭଞ୍ଜପୁର, ବାରିପଦା, ଜିଲ୍ଲା- ମୟୂରଭଞ୍ଜ, ଓଡ଼ିଶା, ଏଠାରେ ଘୋଷଣା କରୁଛି ଯେ, ସବ-ରେଜିଷ୍ଟ୍ରାର, ବାରିପଦାଙ୍କ ସମ୍ମୁଖରେ ମୌଜା ଯମୁନାଦେଇପୁର, ଖାତା ନଂ. ୭୯, ପ୍ଲଟ ନଂ. ୬୮୯, ବିକ୍ରୟ ଦଲିଲ ନଂ. ୧୫, ଖଣ୍ଡ-୧ ପୃଷ୍ଠା ୧୫୯ ରୁ ୧୭୨ ତାରିଖ- ୦୩.୦୧.୧୯୯୨ରେ ପଞ୍ଜିକୃତ ବିକ୍ରୟ ଦଲିଲ, ମୋ ଭଞ୍ଜପୁର ବାସଭବନ ୱାର୍ଡ ନଂ- ୨୬ ରେ ୨୫/୦୪/୨୦୨୬ ରେ ହଜିଯାଇଛି। ଯଦି କେହି ଏହାକୁ ପାଆନ୍ତି, ଦୟାକରି ଭଞ୍ଜପୁର ପୋଲିସ ଷ୍ଟେସନ, ବାରିପଦାକୁ ହସ୍ତାନ୍ତର କରନ୍ତୁ। ଯଦି କେହି ଏହାର ଅପବ୍ୟବହାର କରନ୍ତି ତେବେ ଆମେ ଦାୟୀ ରହିବୁ ନାହିଁ।

## AFFIDAVIT

I, Sekh Mahammad Quamiruddin, S/o- Sekh Mahammad Basiruddin, resident of At: Kanipadasabalanga, Po-Sabalangakanipada, Dist-Kendrapara, Pin-754208, Odisha declare by this affidavit No-19033, date-09/06/2026 that now onwards I shall be known as **SEKH MAHAMMAD KAMIRUDDIN** for all future purposes.



## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
## ଗ୍ରାମ୍ୟ ନିର୍ମାଣ ବିଭାଜନ, ପୁରୀ
### ବିଜ୍ଞାପନ

25001/363/2627

ପତ୍ର ସଂଖ୍ୟା - ୬୪୦୭ ତାରିଖ: ୦୩.୦୬.୨୦୨୬

ଗ୍ରାମ୍ୟ ଉନ୍ନୟନ ବିଭାଗ, ଓଡିଶା ସରକାର ତଥା ଗ୍ରାମ୍ୟ ନିର୍ମାଣ ବିଭାଜନ,ପୁରୀ ଙ୍କ ଅଧୀନରେ କଣାସ ତହସିଲ ଅନ୍ତର୍ଗତ ଗଡସାନପୁଟ ମୌଜାର ୨୪ ଗୋଟି ପ୍ଲଟର ରାକୁଆ ନଦୀ ଉପରେ ଗଡସାନପୁଟ-ଡାହାନିଗଡିଆ ରୋଡ ନିକଟସ୍ଥ ବ୍ରିଜ୍ ଏବଂ ରାସ୍ତାର ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ସିଧାସଳଖ କ୍ରୟ ଓ ବିକ୍ରୟ ମାଧ୍ୟମରେ କରାଯିବ, ଏହି ଜମିର ମାଲିକମାନଙ୍କ ନାମ ନିମ୍ନରେ ପ୍ରଦତ୍ତ କରାଯାଇଛି। ଏହି ଜମି ମାଲିକମାନଙ୍କର ତାଲିକା ରେ ଯଦି କାହାର କିଛି ଅଭିଯୋଗ ଥାଏ ତେବେ ତାହା ନିମ୍ନ ସାକ୍ଷରକାରୀଙ୍କ କାର୍ଯ୍ୟାଳୟ ରେ ତା-୨୨.୦୬.୨୦୨୬ ରିଖ କିମ୍ବା ପୂର୍ବରୁ ଲିଖିତ ଆକାର ରେ ଦର୍ଶାଇଲେ ତାହା ବିଚାର ଯୋଗ୍ୟ ହେବ। ନଚେତ ନିମ୍ନ ଜମି ମାଲିକମାନଙ୍କୁ ସତ୍ତ୍ୱାଧିକାରୀ ଭାବେ ବିବେଚନା କରାଯାଇ ପ୍ରାପ୍ୟ ପ୍ରଦାନ କରାଯିବ। ନିର୍ଦ୍ଧାରିତ ତାରିଖ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

ଏଥି ସହିତ ଜମି ମାଲିକମାନଙ୍କୁ ଅନୁରୋଧ କରାଯାଉଅଛି କି ସେମାନଙ୍କର ଜମିର ବିକ୍ରି କବଲା କରିବା ନିମ୍ନ ପ୍ରଦତ୍ତ ଉପ-ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ,ଉପ ବିଭାଗ କଣାସ ଙ୍କ କାର୍ଯ୍ୟାଳୟରେ ତା-୨୨.୦୬.୨୦୨୬ ସୁଧା ଦାଖଲ କରନ୍ତୁ।

୧) ଜମିର ପଟା ଏବଂ ହାଲ ପାଉତିର କପି ।
୨) ତା-୨୨.୦୬.୨୦୨୬ ସୁଧା ଜମି ମାଲିକାନା ସତ୍ୱ ୧୩ ବର୍ଷ ଅବଧିର ପ୍ରମାଣପତ୍ର (E.C)।
୩) ଜମି ମାଲିକଙ୍କ ଫଟୋ ପରିଚୟ ପତ୍ର କିମ୍ବା ଅଧାରକାର୍ଡ ।
୪) ୨ଟି ରଙ୍ଗିନ ପାସ ପୋର୍ଟ ସାଇଜ ଫଟୋ ।

ଅଧୀକ୍ଷଣ ଯନ୍ତ୍ରୀ
ଗ୍ରାମ୍ୟ ନିର୍ମାଣ ବିଭାଜନ, ପୁରୀ

### ଜମିର ବିବରଣୀ

| କ୍ରମ. ନଂ | ଖାତା ନଂ | ପ୍ଲଟ ନଂ | ଅଧିଗ୍ରହଣ ରକବା | କିସମ | ଭୂମି ମାଲିକଙ୍କ ନାମ ଓ ଧାମ: ନାମ | ଭୂମି ମାଲିକଙ୍କ ନାମ ଓ ଧାମ: ପିତା/ସାମୀଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧୪୪୮ | ୮୪୦୯ | ୦.୪୦ | ଶାରଦ ଦୋଫସଲି ଦୁଇ | ଫକିର ଛୁଆଳସିଂହ . ଚକ୍ରଧର ଛୁଆଳସିଂହ | ପି- ଅକ୍ରୁର ଛୁଆଳସିଂହ | |
| ୨ | ୯୧୮ | ୮୪୨୧ | ୦.୦୪ | ଶାରଦ ଦୋଫସଲି ଦୁଇ | ତାରେଶ୍ୱର ସୁନ୍ଦରା,<br>ଚକ୍ରଧର ସୁନ୍ଦରା,<br>ଖାଦୁ ସୁନ୍ଦରା,<br>ତୃଷି ସୁନ୍ଦରା, ରଙ୍ଗନାଥ ସୁନ୍ଦରା,<br>ଗୋକୁଳ ସୁନ୍ଦରା,ନକୁଳ ସୁନ୍ଦରା,<br>ଧୋବି ସୁନ୍ଦରା,<br>ତମା ସୁନ୍ଦରା, ଅଇଁଠା ସୁନ୍ଦରା | ପି- ନାଦ ସୁନ୍ଦରା,<br>ପି-ଅକ୍ରୁର ସୁନ୍ଦରା,<br>ପି-ଉଦ୍ୟନାଥ ସୁନ୍ଦରା,<br>ପି-ଲୋକନାଥ ସୁନ୍ଦରା,<br>ପି-ଜଗନ୍ନାଥ ସୁନ୍ଦରା,<br>ସା-ସନାତନ ସୁନ୍ଦରା,<br>ପି-ଭ୍ରମର ସୁନ୍ଦରା | |
| ୩ | ୯୧୮ | ୮୪୨୦ | ୦.୦୨ | ଶାରଦ ଦୋଫସଲି ଦୁଇ | ତାରେଶ୍ୱର ସୁନ୍ଦରା,<br>ଚକ୍ରଧର ସୁନ୍ଦରା,<br>ଖାଦୁ ସୁନ୍ଦରା,<br>ତୃଷି ସୁନ୍ଦରା, ରଙ୍ଗନାଥ ସୁନ୍ଦରା,<br>ଗୋକୁଳ ସୁନ୍ଦରା,ନକୁଳ ସୁନ୍ଦରା,<br>ଧୋବି ସୁନ୍ଦରା,<br>ତମା ସୁନ୍ଦରା, ଅଇଁଠା ସୁନ୍ଦରା | ପି- ନାଦ ସୁନ୍ଦରା,<br>ପି-ଅକ୍ରୁର ସୁନ୍ଦରା,<br>ପି-ଉଦ୍ୟନାଥ ସୁନ୍ଦରା,<br>ପି-ଲୋକନାଥ ସୁନ୍ଦରା,<br>ପି-ଜଗନ୍ନାଥ ସୁନ୍ଦରା,<br>ସା-ସନାତନ ସୁନ୍ଦରା,<br>ପି-ଭ୍ରମର ସୁନ୍ଦରା | |
| ୪ | ୨୭୩୨ | ୮୪୧୦ | ୦.୧୦ | ଶାରଦ ଦୋଫସଲି ଦୁଇ | ହୃଷିକେଶ ହରିଚନ୍ଦନ | ପି-ଲିଙ୍ଗରାଜ ହରିଚନ୍ଦନ | |
| ୫ | ୨୭୩୩/୧୪୮୯ | ୮୪୧୧ | ୦.୨୭ | ଶାରଦ ଦୋଫସଲି ଦୁଇ | ଭାଗୀରଥୀ ନରେନ୍ଦ୍ର | ପି-ସତ୍ୟବାଦୀ ନରେନ୍ଦ୍ର | |
| ୬ | ୨୭୩୩/୧୪୮୯ | ୮୪୧୩ | ୦.୦୮ | ଶାରଦ ଦୋଫସଲି ଦୁଇ | ଭାଗୀରଥୀ ନରେନ୍ଦ୍ର | ପି-ସତ୍ୟବାଦୀ ନରେନ୍ଦ୍ର | |
| ୭ | ୮୪୫ | ୮୪୧୮ | ୦.୦୧ | ଶାରଦ ଦୋଫସଲି ଦୁଇ | ଜାଗେଶ୍ୱର ଛୁଆଳସିଂହ .<br>ରମେଶ ଛୁଆଳସିଂହ,<br>କମିନା ଛୁଆଳସିଂହ,<br>ପ୍ରଭାସିନୀ ଛୁଆଳସିଂହ,<br>ଉମା ଛୁଆଳସିଂହ,<br>ବିକ୍ରମ ଛୁଆଳସିଂହ,<br>ବାବୁଲି ଛୁଆଳସିଂହ,<br>ଶୈଳବାଳା ଛୁଆଳସିଂହ,<br>ଶାନ୍ତିଲତା ଛୁଆଳସିଂହ,<br>କାନ୍ତିଲତା ଛୁଆଳସିଂହ,<br>ସତ୍ୟଭାମା ଛୁଆଳସିଂହ,<br>ଲଳିତା ଛୁଆଳସିଂହ,<br>ସିପୁ ଛୁଆଳସିଂହ,<br>ନେପାଳୀ ଛୁଆଳସିଂହ,<br>ଲିପି ଛୁଆଳସିଂହ,<br>ତିଳୋତମା ଛୁଆଳସିଂହ,<br>କୁମା ଛୁଆଳସିଂହ,<br>ନୀଳକଣ୍ଠ ଛୁଆଳସିଂହ,<br>ଶ୍ୟାମାସୁନ୍ଦର ଛୁଆଳସିଂହ,<br>ସୋର୍ଣଲତା ଛୁଆଳସିଂହ,<br>ଭିନା ଛୁଆଳସିଂହ,<br>ମନୋରମା ଛୁଆଳସିଂହ . | ପି-କୁବେର ଛୁଆଳସିଂହ .<br>ପି-ସୁଦାମ ଛୁଆଳସିଂହ,<br>ପି-ଈଶ୍ୱର ଛୁଆଳସିଂହ,<br>ପି-ବାଘ ଛୁଆଳସିଂହ,<br>ସା-ପିତବାସ ଛୁଆଳସିଂହ,<br>ପି-ପିତବାସ ଛୁଆଳସିଂହ,<br>ପି-ବାଘ ଛୁଆଳସିଂହ,<br>ସା-ଜଗନ୍ନାଥ ଛୁଆଳସିଂହ,<br>ପି- ଜଗନ୍ନାଥ ଛୁଆଳସିଂହ | |
| ୮ | ୧୨୭୦ | ୮୪୧୪ | ୦.୧୦ | ଶାରଦ ଦୋଫସଲି ଦୁଇ | ପଦ୍ମ ଚରଣ ପଟନାୟକ | ପି-ନଟବର ପଟନାୟକ | |
| ୯ | ୮୨୨ | ୮୪୧୭ | ୦.୦୨ | ଶାରଦ ଦୋଫସଲି ଦୁଇ | ଯଧିଷ୍ଠିର ହରିଚନ୍ଦନ .<br>ଲକ୍ଷ୍ମୀଧର ପାଲଟାସିଂ,<br>ବେଦୁ ପାଲଟାସିଂହ,<br>ଦୁଃଖୀ ଜେନା,<br>ନିଶା ଜେନା, | ପି-ବଂଶୀଧର ହରିଚନ୍ଦନ,<br>ପି-ହିନ ପାଲଟାସିଂହ,<br>ପି-ମାର୍କଣ୍ଡ ପାଲଟାସିଂହ,<br>ପି-ଯୋଗୀ ଜେନା,<br>ପି-ନବୀନ ଜେନା | |
| ୧୦ | ୮୨୨ | ୮୪୧୬ | ୦.୦୫ | ଶାରଦ ଦୋଫସଲି ଦୁଇ | ଯଧିଷ୍ଠିର ହରିଚନ୍ଦନ .<br>ଲକ୍ଷ୍ମୀଧର ପାଲଟାସିଂହ .<br>ବେଦୁ ପାଲଟାସିଂହ,<br>ଦୁଃଖୀ ଜେନା,<br>ନିଶା ଜେନା, | ପି-ବଂଶୀଧର ହରିଚନ୍ଦନ,<br>ପି-ହିନ ପାଲଟାସିଂହ,<br>ପି-ମାର୍କଣ୍ଡ ପାଲଟାସିଂହ,<br>ପି-ଯୋଗୀ ଜେନା,<br>ପି-ନବୀନ ଜେନା | |
| ୧୧ | ୧୮୮୫ | ୮୪୧୫ | ୦.୧୫ | ଶାରଦ ଦୋଫସଲି ଦୁଇ | ବେଦୁ ପାଲଟାସିଂହ, | ପି-ମାର୍କଣ୍ଡ ପାଲଟାସିଂହ | |
| ୧୨ | ୧୪୫୮ | ୮୨୧୦ | ୦.୦୨ | ଶାରଦ ଦୋଫସଲି ଦୁଇ | ହରେକୃଷ୍ଣ ରାଉତରାୟ .<br>ସୁକାନ୍ତି ରାଉତରାୟ .<br>ବାସନ୍ତୀ ରାଉତରାୟ | ପି-ଫକିର ରାଉତରାୟ | |
| ୧୩ | ୩୧୦ | ୮୨୧୨ | ୦.୨୨ | ଶାରଦ ଦୋଫସଲି ଦୁଇ | ଏକାଦଶି ପଟ୍ଟଆରସିଂହ .<br>ଦିବ୍ୟସିଂହ ପଟ୍ଟଆରସିଂହ | ପି- ପଦନ ପଟ୍ଟଆରସିଂହ | |
| ୧୪ | ୮୨୨ | ୮୨୧୩ | ୦.୧୦ | ଶାରଦ ଦୋଫସଲି ଦୁଇ | ଯୁଧିଷ୍ଠିର ହରିଚନ୍ଦନ .<br>ଲକ୍ଷ୍ମୀଧର ପାଲଟାସିଂହ .<br>ବେଦୁ ପାଲଟାସିଂହ,<br>ଦୁଃଖୀ ଜେନା,<br>ନିଶା ଜେନା, | ପି-ବଂଶୀଧର ହରିଚନ୍ଦନ,<br>ପି-ହିନ ପାଲଟାସିଂହ,<br>ପି-ମାର୍କଣ୍ଡ ପାଲଟାସିଂହ,<br>ପି-ଯୋଗୀ ଜେନା,<br>ପି-ନବୀନ ଜେନା | |
| ୧୫ | ୨୭୩୩/୯୭୩ | ୮୩୦୪ | ୦.୨୨ | ଶାରଦ ଦୋଫସଲି ଦୁଇ | ସରୋଜ କୁମାର ପରିଡା .<br>ମନୋଜ କୁମାର ପରିଡା,<br>ଫିରୋଜ କୁମାର ପରିଡା | ପି-ବୃନ୍ଦାବନ ପରିଡା | |
| ୧୬ | ୧୮୩ | ୮୩୦୨ | ୦.୧୧ | ଶାରଦ ଦୋଫସଲି ଦୁଇ | ଅପ୍ରତି ପରିଡା | ପି-ଗାଜି ପରିଡା | |
| ୧୭ | ୨୭୩୩/୨୨୪ | ୮୩୧୨ | ୦.୦୨ | ଶାରଦ ଦୋଫସଲି ଦୁଇ | ସସ୍ମିତା ମାନସିଂହ | ସା- ବିଦ୍ବସେନ ସାମନ୍ତରାୟ | |
| ୧୮ | ୨୪୩୩ | ୮୩୧୩ | ୦.୦୩ | ଶାରଦ ଦୋଫସଲି ଦୁଇ | କୈଳାଶ ଚନ୍ଦ୍ର ଚମତି .<br>ଗୋଲେଖ ବିହାରୀ ଚମତି .<br>ନୀଳମଣି ଚମତ,<br>ତ୍ରିଲୋଚନ ଚମତି .<br>ସଚଳା ଚମତିରାୟ .<br>କ୍ଷେତ୍ରବାସୀ ମଙ୍ଗରାଜ | ପି- ସାଧୁ ମଙ୍ଗରାଜ,<br>ପି- ମଙ୍ଗରାଜ | |
| ୧୯ | ୨୪୩୩ | ୮୩୧୪ | ୦.୦୩ | ଶାରଦ ଦୋଫସଲି ଦୁଇ | କୈଳାଶ ଚନ୍ଦ୍ର ଚମତି .<br>ଗୋଲେଖ ବିହାରୀ ଚମତି .<br>ନୀଳମଣି ଚମତ,<br>ତ୍ରିଲୋଚନ ଚମତି .<br>ସଚଳା ଚମତିରାୟ .<br>କ୍ଷେତ୍ରବାସୀ ମଙ୍ଗରାଜ | ପି- ସାଧୁ ମଙ୍ଗରାଜ,<br>ପି- ମଙ୍ଗରାଜ | |
| ୨୦ | ୧୫୩୧ | ୭୨୨୨ | ୦.୧୦ | ଶାରଦ ଦୋଫସଲି ଦୁଇ | ବଂଶୀଧର ବୈରିଗଞ୍ଜନ .<br>ଆଦିକନ୍ଦ ବୈରିଗଞ୍ଜନ,<br>ନିଶା ବୈରିଗଞ୍ଜନ .<br>ଯୁଧିଷ୍ଠିର ବୈରିଗଞ୍ଜନ .<br>ସୁବଳ ବୈରିଗଞ୍ଜନ,<br>ଧୃଷା ବୈରିଗଞ୍ଜନ,<br>କାର୍ତ୍ତିକ ବୈରିଗଞ୍ଜନ | ପି- ସହଦେବ ବୈରିଗଞ୍ଜନ .<br>ପି-ବାସୁଦେବ ବୈରିଗଞ୍ଜନ | |
| ୨୧ | ୧୮୮୨ | ୮୪୪୯ | ୦.୨୩ | ବାଜେଫସଲ ଦୁଇ | ବେଦୁ ପାଟସାଣୀ .<br>କେଳି ଦେଇ | ପି-ମୀନ ପାଟସାଣୀ .<br>ସା-ବେଣୁଧର ପାଟସାଣୀ | |
| ୨୨ | ୧୩୩୪ | ୮୪୪୮ | ୦.୦୩ | ଶାରଦ ଦୋଫସଲି ଦୁଇ | ବୈରାଗି ଗଜେନ୍ଦ୍ର | ପି-ଅପର୍ଣ୍ଣ ଗଜେନ୍ଦ୍ର | |
| ୨୩ | ୫୦୯ | ୮୫୫୨ | ୦.୦୧ | ଶାରଦ ଦୋଫସଲି ଦୁଇ | ଖଗେଶ୍ୱର ମଙ୍ଗରାଜ | ପି-ମର୍ଦ୍ଦରାଜ ମଙ୍ଗରାଜ | |
| ୨୪ | ୫୦୯ | ୮୫୫୫ | ୦.୧୧ | ଶାରଦ ଦୋଫସଲି ଦୁଇ | ଖଗେଶ୍ୱର ମଙ୍ଗରାଜ | ପି-ମର୍ଦ୍ଦରାଜ ମଙ୍ଗରାଜ | |

ଅଧୀକ୍ଷଣ ଯନ୍ତ୍ରୀ
ଗ୍ରାମ୍ୟ ନିର୍ମାଣ ବିଭାଜନ, ପୁରୀ

OIPR-25001/25065/3/26-27/0002

# କାମକୁ ଆସୁନି ଅମୃତାଧାରା ପ୍ରକଳ୍ପ

## ୨ ବର୍ଷ ହେଲା ଅଚଳ

## ପଞ୍ଚାୟତକୁ ଆସୁଥିବା ଲୋକଙ୍କୁ ମିଳୁନି ପାଣି

ଶଗଡ଼ା,୧୦।୬(ସମିସ): କଣ୍ଟାମାଳ ବ୍ଲକ୍ ଯୋଗୀନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଅମୃତାଧାରା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଗତ ଦୁଇ ବର୍ଷରୁ ଅଧିକ ହେବ ଅଚଳ ହୋଇ ପଡିଛି; କିନ୍ତୁ ଆଜି ଯାଏଁ ଏହି ପକଳ୍ପଟି ଅଚଳ ଅବସ୍ଥାରେ ପଡ଼ିରହିଥିଲେ ସୁଦ୍ଧା ସରପଞ୍ଚ କି ପଞ୍ଚାୟତ ନିର୍ବାହୀ ଅଧିକାରୀ କାହାରି ବି ନଜର ପଡୁ ନ ଥିବା ଅଭିଯୋଗ ହୋଇଛି। ଏହି ପଞ୍ଚାୟତ କାର୍ଯ୍ୟାଳୟକୁ ପ୍ରତ୍ୟେକ ଦିନ ଦୂରଦୂରାନ୍ତରୁ ଲୋକେ ବିଭିନ୍ନ କାମ ନେଇ ଆସିଥାନ୍ତି। ଏପରିକି ବୃଦ୍ଧବୃଦ୍ଧା ଭତ୍ତା ପାଇଁ ଆସି ପାଣି ଲାଗି ବହୁ ହଇରାଣ ହେଉଛନ୍ତି; ହେଲେ ପ୍ରକଳ୍ପ ଅଚଳ ଯୋଗୁଁ ଲୋକେ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହି ପ୍ରକଳ୍ପ ବ୍ୟତୀତ ପଞ୍ଚାୟତରେ ଅନ୍ୟ କୌଣସି ପାନୀୟ ଜଳର ବ୍ୟବସ୍ଥା ନ ଥିବା ଲୋକେ କହିଛନ୍ତି। ଏପରିକି ଲୋକଙ୍କୁ ପାଣି କିଣି ପିଇବାକୁ ପଡୁଥିବା ଲୋକେ ପ୍ରକାଶ କରିଛନ୍ତି। ସରକାର ପ୍ରତ୍ୟେକ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଯୋଗୀନ୍ଦ୍ର ପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏଭଳି ଅବ୍ୟବସ୍ଥାକୁ ଦେଖିଲେ ଯୋଜନାର ଠିକ୍ କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକଳ୍ପ କାର୍ଯ୍ୟକାରୀ ନେଇ ଲୋକେ ବାରମ୍ବାର ସରପଞ୍ଚ ସହ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ କରି ଆସୁଥିଲେ ସୁଦ୍ଧା କେହି ତାଙ୍କ କଥା ଶୁଣୁ ନ ଥିବା ଲୋକେ ପ୍ରକାଶ କରିଛନ୍ତି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ପ୍ରତ୍ୟେକ ଦିନ ଏଠାରେ ଜନସମାଗମ ସହ ପ୍ରଚଣ୍ଡ ଖରା ହେଉଥିବାରୁ ଏଠାରେ ପାନୀୟ ଜଳର ନିତ୍ୟାନ୍ତ ଆବଶ୍ୟକ ଥିବା ବେଳେ୨ ବର୍ଷ ହେବ ଏଥିପ୍ରତି କେହି ଧ୍ୟାନ ନ ଦେବା ଦୁର୍ଭାଗ୍ୟଜନକ। ଏଣୁ ବ୍ଲକ ପ୍ରଶାସନ ତୁରନ୍ତ ଏହି ପ୍ରକଳ୍ପଟିକୁ ଚାଲୁ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ପ୍ରକଳ୍ପ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀଙ୍କ ଅବହେଳା ସହ ରକ୍ଷଣାବେକ୍ଷଣ ଅଭାବରୁ ଏଭଳି ହୋଇଥିବା ଲୋକେ ପ୍ରକାଶ କରିଛନ୍ତି।




# ମରାମତି ହେଲା ଅଚଳ ନଳକୂଅ

ଶଗଡା,୧୦।୬(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଯୋଗୀନ୍ଦ୍ରପୁର ପଞ୍ଚାୟତ ଗୋଛାପଡା ଗାଁରେ ଅଚଳ ନଳକୂଅ ନଳକୂଅ ଶେଷରେ ମରାମତି ହୋଇଛି। ଗାଁର ଏହି ଏକମାତ୍ର ନଳକୂଅଟି ଗତ ୧ ମାସରୁ ଅଧିକ ହେବ ଅଚଳ ହୋଇ ପଡିରହିଥିଲା। ଗାଁରେ ୬୦ ପରିବାରର ପାଖାପାଖି ୨୩୦ଜଣ ଲୋକ ବସବାସ କରୁଥିବା ବେଳେ ପିଇବା ପାଣି ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ। ନଳକୂଅର ଚେନ୍ ଛିଣ୍ଡି ଯାଇଥିବାରୁ ପାଣି ଆସୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଅଚଳ ନଳକୂଅଟିର ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଥିଲା। ଏ ନେଇ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ବରଗଡ଼ ଜିଲ୍ଲାର ରମେଶ ମେହେର ବିନୋଜ କନ୍ଧେର, ଅତାବିରାର ରିଙ୍କୁ ଜଗଦଲା, କେନ୍ଦୁଝର ଜିଲ୍ଲାର ବିକ୍ରମ କେଶରୀ ମହନ୍ତ, ବଲାଙ୍ଗୀର ଜିଲ୍ଲାର ସୁଶାନ୍ତ ପ୍ରଧାନ, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ, ବୌଦ୍ଧ ଜିଲ୍ଲା କଣ୍ଟାମାଳର ଆଜାଦ କଲତା, ଅନନ୍ତ ମିଶ୍ର ପ୍ରମୁଖ ସାମାଜିକ ଗଣମାଧ୍ୟମ 'ଏକ୍ସ' ପେଜ୍‌ରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜିଲ୍ଲା ପ୍ରଶାସନ ଏବଂ ଜଳ ପରିମଳ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ ବିଭାଗ ପକ୍ଷରୁ ଏହି ନଳକୂଅଟିର ମରାମତି କରାଯାଇଛି। ସମସ୍ୟାର ସମାଧାନ ହୋଇଥିବାରୁ ଗ୍ରାମବାସୀ ଖୁସି ବ୍ୟକ୍ତ କରିବା ସହ 'ସକାଳ'କୁ ଧନ୍ୟବାଦ ଜଣାଇଛନ୍ତି।




■ ୨ ବର୍ଷ ହେଲା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଚଳ

# ଖଇରମାଲରେ ପାନୀୟ ଜଳ ସଙ୍କଟ

## ଯେତେ ଅଭିଯୋଗ କଲେ ପ୍ରଶାସନର ଚିନ୍ତା ନାହିଁ

## ପାଣି ପାଇଁ ଲୋକେ ଦିନରାତି ଅନିଦ୍ରା

ବୀରମହାରାଜପୁର, ୧୦।୬ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ କେନଝିରିଆପାଲି ପଞ୍ଚାୟତ ଖଇରମାଲରେ ଥିବା ବସୁଧା ପ୍ରକଳ୍ପ ମାଧ୍ୟମରେ ଏକ ଟ୍ୟାଙ୍କ ତିଆରି ହୋଇଛି; ହେଲେ ପ୍ରାୟ ୨ ବର୍ଷରୁ ଅଧିକ ହେଲା ଏହି ପ୍ରକଳ୍ପ ଅଚଳ ଅବସ୍ଥାରେ ପଡ଼ିରହିଛି। ଗାଁର ସ୍ୱେଚ୍ଛାସେବୀ ପ୍ରଦୀପ ପଧାନଙ୍କ ଅଭିଯୋଗ ଅନୁସାରେ ଗ୍ରାମର ଗୋଟିଏ ୱାର୍ଡବିଶିଷ୍ଟ ପ୍ରାୟ ୧୦୦୦ ବାସିନ୍ଦା ପିଇବା ପାଣି ପାଇଁ ନିର୍ଭର କରୁଛନ୍ତି; ହେଲେ ଏବେ ପ୍ରକଳ୍ପଟି ଅଚଳ ହୋଇ ପଡିଥିବାରୁ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଗାଁ ଲୋକେ ଗାଁ ପାଖରେ ଥିବା ବନ୍ଧ ଏବଂ ଯୋର ପାଣି ଆଣି ବ୍ୟବହାର କରୁଛନ୍ତି। ବସୁଧା ଯୋଜନାରେ କୋଡିଏ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଏହି ପ୍ରକଳ୍ପର ରକ୍ଷଣାବେକ୍ଷଣ ଅଭାବରୁ ପ୍ରକଳ୍ପରେ ଲାଗିଥିବା ସୋଲାର ପ୍ଲେଟ୍ ଉପରେ ଗଛଲତାରେ ଢାଙ୍କି ହୋଇପଡ଼ିରହିଛି; ହେଲେ ଅନେକ ସମୟ ରେ ବୀରମହାରାଜପୁର ଉପଖଣ୍ଡରେ ପାନୀୟ ଜଳ ପ୍ରକଳ୍ପ ଅଚଳ ହେଉଥିଲେ ହେଁ ଯନ୍ତ୍ରୀଙ୍କ ପାଖରେ ଖବର ରହୁନାହିଁ। ବୀରମହାରାଜପୁର ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରୁଥିଲେ ହେଁ ସେ ଫୋନ୍ ରିସିଭ କରି ନ ଥିଲେ। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ଏହାକୁ ମରାମତି କରିବାକୁ ଦାବି ହୋଇଛି।



ସମ୍ପ୍ରତି ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବା ଯୋଗୁଁ ପୋଖରୀ, ନଈ ନାଳ ଆଦି ଜଳାଶୟ ଶୁଖିଲା ପଡ଼ିଛି। ଅପରପକ୍ଷରେ ଜଳସ୍ତର ନିମ୍ନଗାମୀ ଯୋଗୁଁ ଗ୍ରାମର କୂପ, ନଳକୂପ ମଧ୍ୟ ଶୁଖିଲା ପଡ଼ିଛି। କେତେକ ନଳକୂପରୁ ଆବଶ୍ୟକ ଅନୁସାରେ ପାଣି ବାହାରୁ ନାହିଁ। ଆଉ ଯେଉଁ କେତୋଟି ନଳକୂପରୁ ପାଣି ବାହାରୁଛି ସେଥିରୁ ଫ୍ଲୋରାଇଡଯୁକ୍ତ ପାଣି ଯୋଗୁଁ ତାହା ବ୍ୟବହାର ହୋଇ ପାରୁ ନାହିଁ। ଏଭଳି ପରିସ୍ଥିତିରେ ଲୋକେ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ଲୋକେ ପାନୀୟ ଜଳଠୁ ଆରମ୍ଭ କରି ସ୍ନାନ, ଶୌଚ, ରୋଷେଇବାସ ପାଇଁ ମଧ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗାଈଗୋରୁ ମଧ୍ୟ ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ତେବେ ବିଭାଗ ତୁରନ୍ତ ଏହାକୁ ମରାମତି କରି ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରି ଜଳ ଯୋଗାଣ କରିବାକୁ ଦାବି ହେଉଛି।

# ଝଡ଼ତୋଫାନରେ ଉଡ଼ିଗଲା ଆଜବେଷ୍ଟ



ଡୁଙ୍ଗୁରିପାଲି,୧୦।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଗଜବନ୍ଦ ପଞ୍ଚାୟତ କାଇସକନ୍ଦ ଗ୍ରାମରେ ପ୍ରବଳ ଝଡ଼ତୋଫାନ୍ ଯୋଗୁ ଜଣେ ବ୍ୟକ୍ତିଙ୍କ ଘରର ଆଜବେଷ୍ଟ ଉଡି ଯାଇଛି। ତେବେ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗାଁର ସୁରେଶ ମହନନ୍ଦଙ୍କ ଏହି କ୍ଷତି ହୋଇଛି। ସେ ପରିବାର ସଦସ୍ୟଙ୍କ ସହ ଘରେ ଶୋଇଥିବା ବେଳେ ଏଭଳି ଘଟିଥିଲା। ଘରେ ଥିବା ଧାନ, ଚାଉଳ, ଖାଦ୍ୟ ସାମଗ୍ରୀ ସବୁ ନଷ୍ଟ ହୋଇ ଯାଇଛି।

# କାଳବୈଶାଖୀ କ୍ଷତିଗ୍ରସ୍ତଙ୍କୁ ମିଳୁନି ସହାୟତା



ଶଗଡା,୧୦।୬(ସମିସ): କଣ୍ଟାମାଳ ବ୍ଲକ୍ ଲମ୍ବସରୀ ପଞ୍ଚାୟତ ବେହେରାପଡ଼ା ଗ୍ରାମର ଦେବଧର ବଣ୍ଡଙ୍କର ମାଟି ଘର ଗତ ୨୮ ତାରିଖରେ କାଳବୈଶାଖୀରେ ଉଜୁଡି ଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କୁ କୌଣସି ସହାୟତା ମିଳି ନ ଥିବା ସେ ଅଭିଯୋଗ କରିଛନ୍ତି। ଭଙ୍ଗାଘରକୁ ସଜାଡି ସେ ବହୁ କଷ୍ଟରେ କାଳତିପାତ କରୁଛନ୍ତି। ଏନେଇ ଅତିରିକ୍ତ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଦପଲା ରାଜସ୍ୱ ନିରୀକ୍ଷକଙ୍କୁ ମଧ୍ୟ ଜଣାଇଥିଲେ; ହେଲେ ଘର ଥିବାରୁ ପଲିଥିନଟେ ମଧ୍ୟ ଦିଆଯିବ ନାହିଁ ବୋଲି ରାଜସ୍ୱ ନିରୀକ୍ଷକ ସଫାସଫା ମନା କରି ଦେଇଥିଲେ। ନିରୀକ୍ଷଣରେ ଆସିବେ ବୋଲି କହିଥିଲେ; କିନ୍ତୁ ୬ ଦିନ ବିତି ଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ନିରୀକ୍ଷଣରେ ଆସିଲେ ନାହିଁ।

## ସହରାଞ୍ଚଳ ଜନସମ୍ପର୍କ ଏବଂ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ

# ୬୨ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବଣ୍ଟନ

ତରଭା,୧୦।୬ (ସମିସ): ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ତରଭା ଏନଏସି ଟାଉନହଲରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସଙ୍ଗୀତା ବିଶି ଓ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଦୀପକ ମେହେର ଯୋଗ ଦେଇଥିଲେ। ଡାକ୍ତର ବିଶି ସ୍ୱାସ୍ଥ୍ୟ ଓ ପରିବାର ବିଭାଗର ବିଭିନ୍ନ ଜନାଭିମୁଖୀ କାର୍ଯ୍ୟକ୍ରମ ସଂପର୍କରେ କହିଥିବା ବେଳେ ଶ୍ରୀ ମେହେର ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସଂପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ ଡାକ୍ତର ସୁଶାନ୍ତ ମିଶ୍ର, ଫାର୍ମାଶିଷ୍ଟ ସୁବୋଧ ପଟ୍ଟନାୟକ, ଏଏନ୍ଏମ୍ ଭୂମିସୂତା କାଲସାଏ ୬୨ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ। ଡିଏମ୍ଏମ୍ ପ୍ରସନ୍ନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପରିମଳ ବିଶେଷଜ୍ଞ ହରିହର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ମାହେଶ୍ୱରୀ ସଂଗଠନର ସଭାପତି ପ୍ରଦୀପ ମେହେର, ବିଜ୍ଞାନ ମିଶ୍ରଙ୍କ ସମେତ ସଂଗଠନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।




# ଗଞ୍ଜେଇ କାରବାରରେ ୫ ଗିରଫ



ତରଭା,୧୦।୬(ସମିସ): ତରଭା ପୁଲିସ ଗଞ୍ଜେଇ କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ୫ ଜଣ ଯୁବକଙ୍କୁ ଗିରଫ କରିଛି। ଏମାନେ ହେଲେ ପଣ୍ଡକିମାଲର ରୁଦ୍ର ପ୍ରତାପ ସାହୁ (୪୦), ବହିରଖମନର ଦୁର୍ଜ ପାଣ୍ଡେ (୩୦), ବୁଦେଲମୁଣ୍ଡା ଗୋପାଳ ପାତ୍ର (୩୫), କନକେଡାର ଅସିନ କୁମ୍ଭାର (୩୯) ଓ କାର୍ତ୍ତିକ ଦଲବେହେରା (୩୪)। ଏପ୍ରିଲ ୧୨ ତାରିଖରେ ତରଭା ପୁଲିସ ଗଞ୍ଜେଇ ଚୋରା ଚାଲାଣ ନେଇ ଖବର ପାଇବା ପରେ ଶତ୍ରୁପାଲି ପତ୍ରା ଜଙ୍ଗଲରେ ଚଢ଼ଉ କରିଥିଲା। ତେବେ ପୁଲିସର ଉପସ୍ଥିତି ଜାଣିପାରି ମାଫିଆମାନେ ଏକ ପାଳଗଦାରେ ଗଞ୍ଜେଇ ଲୁଚାଇ ଫେରାର ମାରିଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରିବାରୁ ୭୨ କେଜି ୯୩୦ ଗ୍ରାମ ହୋଇଥିଲା। ଏ ନେଇ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଥିଲା। ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୁଲିସ ଶେଷରେ ଏମାନଙ୍କୁ ଗିରଫ କରିଛି।

# ସ୍ୱତନ୍ତ୍ର ସଘନ ସଂଶୋଧନ ଓ ସଚେତନତା ପଦଯାତ୍ରା

ଧର୍ମଗଡ଼,୧୦।୬(ସମିସ): ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟ ସମେତ କଳାହାଣ୍ଡି ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି।ଜନସାଧାରଣଙ୍କୁ ସଚେତନତା କରିବା ଉଦ୍ଦେଶ୍ୟରେ ଧର୍ମଗଡ଼ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ ପଦଯାତ୍ରାର ନେତୃତ୍ୱ ନେଇଥିଲେ। ପଦଯାତ୍ରା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି କଳାହାଣ୍ଡି ଉତ୍ସବ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା। ଧର୍ମଗଡ଼ ତହସିଲଦାର କୀର୍ତ୍ତିଚନ୍ଦ୍ର ପ୍ରଧାନ, ବିଡିଓ ସଦାଶିବ ନାୟକ,ଡେପୁଟି କଲେକ୍ଟର ପୁନମ ଅଗ୍ରୱାଲ,ଅତିରିକ୍ତ ଜିଲ୍ଲାପାଳ (ନିର୍ବାଚନ) ଶ୍ରୀକାନ୍ତ ଶତପଥୀଙ୍କ ସମେତ ବିଭିନ୍ନ ସରକାରୀ ବିଭାଗର ପଦାଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ। ଘୁମୁରା ନୃତ୍ୟ ଏବଂ ବିଭିନ୍ନ ସଚେତନତାମୂଳକ ଗୀତ ଓ ନୃତ୍ୟ ମାଧ୍ୟମରେ ସହରବାସୀଙ୍କୁ ନିର୍ବାଚନ ପ୍ରକ୍ରିୟା ବିଷୟରେ ବାର୍ତ୍ତା ଦିଆଯାଇଥିଲା। ଏହି ସଘନ ସଂଶୋଧନ ପ୍ରକ୍ରିୟାର ମୁଖ୍ୟ ଉଦ୍ଦେଶ୍ୟ ସମସ୍ତ ଯୋଗ୍ୟ ଭୋଟର ଯେପରି ନିଜର ସଠିକ ଓ ନିର୍ଭୁଲ ତଥ୍ୟ ଦେଇ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇପାରିବେ।

# ଗୋଛାସାହି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ



ହରଭଙ୍ଗା,୧୦।୬(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଆଡେଣୀଗଡ ପଞ୍ଚାୟତ ୫୭ ନମ୍ବର ଜାତୀୟ ରାଜପଥର ଗୋଛାସାହି ରାସ୍ତା ଭାୟା ବଦଲା ସାହିର ଉନ୍ନତିକରଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଡେଣୀଗଡ଼ ପଞ୍ଚାୟତ ସରପଞ୍ଚ ଅଜିତ ପ୍ରଧାନ, ସମିତି ସଭ୍ୟ ପପିନା କହଁର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

● ଜୟ ମା' କନ୍ଧେନବୁଢ଼ୀ ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ବରଗାଁକୁ ପରାସ୍ତ କରି ବରଡ଼ିପଦର ଚାମ୍ପିଅନ



କଣ୍ଟାମାଳ/ଶଗଡା,୧୦।୬(ସମିସ): କଣ୍ଟାମାଳ ବ୍ଲକ୍ ଲେନ୍ଦ୍ରୀମାଳ ଜୟମା' କନ୍ଧେନବୁଢ଼ୀ ରାତ୍ରକାଳୀନ ୪ର୍ଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଆୟୋଜକ ଦଳର ଅଧିନାୟକ ରମାକାନ୍ତ ସେଲମାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସୁନାମଧନ୍ୟ ଅମ୍ପାୟାର ଜେବି ଓ ସୋନୁ ଖେଳ ପରିଚାଳନା କରିଥିଲେ। ଏଥିରେ ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରିଥଲେ। ଫାଇନାଲ ମ୍ୟାଚରେ ବରଗାଁକୁ ପରାସ୍ତ କରି ବରଡିପଦର ଦଳ ଚାମ୍ପିଅନ ହୋଇଥିଲା। ଅତିଥି ଭାବେ ସ୍ଥାନୀୟ ୱାର୍ଡମେମ୍ବର ସଦାଶିବ କହଁର, ସମାଜସେବୀ ସର୍ବେଶ୍ୱର ସାହୁ, ବାଲୁତ ସାହୁ, ଲିଙ୍ଗରାଜ ସାହୁ ଏବଂ ଈଶ୍ୱର ସାହୁ ମଞ୍ଚାସୀନ ଥିଲେ। କ୍ଲବ୍ ସଦସ୍ୟ ନରୋତ୍ତମ, ମୋହନ, ସୁରେନ୍ଦ୍ର, ପୁରୁଷୋତ୍ତମ, ଉତ୍ତମ, ସୁଶାନ୍ତ, ରଞ୍ଜିପ, ସଞ୍ଜୟ, ତ୍ରିନାଥ, ସ୍ୱାଧୀନ, ସିଦ୍ଧାନ୍ତ, ଉଗ୍ରସେନ, ପଦ୍ମଚରଣ, ଅରକ୍ଷିତ, ସନା ଓ ସଂକୀର୍ତ୍ତନ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣ ସଫଳତା ଜନସଚେତନତା କାର୍ଯ୍ୟକ୍ରମ



ମନମୁଣ୍ଡା,୧୦।୬(ସମିସ): କଣ୍ଟାମାଳ ନିର୍ବାଚନମଣ୍ଡଳୀ ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ '୧୨ ବର୍ଷ ବିଶ୍ୱାସର ଏବଂ ଜନକଲ୍ୟାଣର ବିକାଶର ଧାରା, ଓଡିଶା ସାରା' (୨ ବର୍ଷ ପୂର୍ତ୍ତି) କାର୍ଯ୍ୟକ୍ରମ ରକ୍ସା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଭାରତର ଗଣତାନ୍ତ୍ରିକ ଇତିହାସରେ ସର୍ବାଧିକ ସମୟ ପର୍ଯ୍ୟନ୍ତ ନିର୍ବାଚିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରାଷ୍ଟ୍ର ସେବାରେ ତାଙ୍କର ଜନକଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ଜନତାଙ୍କୁ ଅବଗତ କରାଯାଇଥିଲା। ପ୍ରତ୍ୟେକ ସଫଳତା ତଥା ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘାୟୁ ପାଇଁ ଉପସ୍ଥିତ ଜନତା ପ୍ରାର୍ଥନା କରିଥିଲେ। ଏହି ବିଶେଷ କାର୍ଯ୍ୟକ୍ରମରେ କଣ୍ଟାମାଳ ବିଧାୟକ ତଥା ବୌଦ୍ଧ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଏବଂ ବୌଦ୍ଧ ବ୍ଲକ୍ ଅଧ୍ୟକ୍ଷ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ନୂଆ ସାଂସଦ ପ୍ରତିନିଧି ବୀରେନ୍ଦ୍ର କଠାରଙ୍କୁ ସ୍ୱାଗତ

ଡୁଙ୍ଗୁରିପାଲି, ୧୦।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଆର୍ଏମ୍ସିରେ ନୂତନ ସାଂସଦ ପ୍ରତିନିଧିଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଜେପି ନେତା ଗୋବିନ୍ଦ ବାରିକ୍‌ଙ୍କ ନେତୃତ୍ୱରେ ଡୁଙ୍ଗୁରିପାଲି ବ୍ଲକ୍ ବିଜେପି ପକ୍ଷରୁ ବଲାଙ୍ଗିର ସାଂସଦ ମହାରାଣୀ ସଙ୍ଗୀତା ସିଂଦେଓଙ୍କ ନୂତନ ସାଂସଦ ପ୍ରତିନିଧି ବୀରେନ୍ଦ୍ର କଠାରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସଭାରେ ମଣ୍ଡଳ ସଭାପତି ପ୍ରବୀର ସାହୁ, ଶ୍ରବଣ ଭୋଇ, ସୁନୀଲ ବେହେରା, ନିତେଇ ପାଲ, ବିକାଶ ହାତୀ, ସୁରେଶ ପଧାନ, ସରପଞ୍ଚ କ୍ଷୀରୋଦ୍ର ବୁଡେକ୍, ସମିତି ସଭ୍ୟ ପୂର୍ଣ୍ଣଚନ୍ଦ୍ର ମେହେରଙ୍କ ସମେତ ସତାଧିକା ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଯୋଗାଣ ପାଇଁ ଜିଲ୍ଲାପାଳଙ୍କୁ ଫେରାଦ

# ବନ୍ଧପାଲି ନୂଆପଡ଼ାରେ ଡିବିରି ଭରସା

କଣ୍ଟାମାଳ,୧୦।୬(ସମିସ): ଗ୍ରାମାଞ୍ଚଳରେ କେହି ମୌଳିକ ସୁବିଧାରୁ ବଞ୍ଚିତ ନ ହେବା ଲକ୍ଷ୍ୟରେ ସରକାର କୋଟି କୋଟି ଟଙ୍କା ବ୍ୟୟରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଛନ୍ତି। ଯୋଜନାର ସୁଫଳ କିପରି ଲୋକମାନଙ୍କ ନିକଟରେ ପହଞ୍ଚିବ ସେନେଇ ବିଭିନ୍ନ ଜନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି; ହେଲେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ନିକଟ ବନ୍ଧପାଲି ନୂଆପଡାରେ ବାସ କରୁଥିବା ପ୍ରାୟ୨୫ରୁ ଅଧିକ ପରିବାର ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଛନ୍ତି। ଶେଷରେ ବନ୍ଧପାଲି ନୂଆପଡାବାସୀ ଜିଲ୍ଲାପାଳଙ୍କୁ ଫେରାଦ ହୋଇଛନ୍ତି। ସମସ୍ତଙ୍କୁ ବିଦ୍ୟୁତ ସେବା ଯୋଗାଇ ଦେବା ଲକ୍ଷ୍ୟରେ ସରକାର ବିଭିନ୍ନ ଯୋଜନା କରି ତାହାର ଭିତ୍ତିଭୂମି ପ୍ରସ୍ତୁତି ନିମନ୍ତେ ରାଜକୋଷରୁ ବିପୁଳ ଟଙ୍କା ଯୋଗାଇ ଦେଉଛନ୍ତି। କିନ୍ତୁ ବିଭାଗୀୟ ଅବହେଳା ଯୋଗୁଁ କଣ୍ଟାମାଳ ବ୍ଲକ୍‌ର ମୁଖ୍ୟାଳୟରୁ ମାତ୍ର ଶହେ ମିଟର ଦୂରରେ ଥିବା ବନ୍ଧପାଲି ନୂଆପଡ଼ାରେ ବିଦ୍ୟୁତ୍ ନ ଥିବାରୁ ଲୋକେ ଅନ୍ଧାରରେ ରହିଛନ୍ତି। ଗ୍ରାମବାସୀଙ୍କ ଲାଗି ଡିବିରି ଆଲୁଅ ହିଁ ଭରସା। ବିଦ୍ୟୁତ ଯୋଗାଣ ପାଇଁ ପ୍ରଶାସନଠାରୁ ଆରମ୍ଭ କରି ନିର୍ବାଚିତ ପ୍ରତିନିଧିଙ୍କୁ ଗୁହାରି କଲେ କେବଳ ପ୍ରତିଶ୍ରୁତି ମିଳୁଛି। ବିଦ୍ୟୁତ୍ ବିଭାଗ ସହ ଯୋଗାଯୋଗ କରିଥିଲେ ହେଁ କିଛି ସୁଫଳ ମିଳୁନି। ବିଦ୍ୟୁତ ଅଭାବରୁ ସନ୍ଧ୍ୟାରେ ପିଲାଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ଅନ୍ୟପଟେ ବର୍ତ୍ତମାନ ବର୍ଷାଋତୁ ଆସୁଥିବାରୁ ରାତିରେ ପଦାକୁ ବାହାରିଲେ ସରୀସୃପ ଭୟ ରହିଛି। ଅନ୍ଧାରର ସୁଯୋଗ ନେଇ ଚୋର ତସ୍କରଙ୍କ ପ୍ରାଦୁର୍ଭାବ ଲାଗି ରହୁଛି। ଅନ୍ଧାର ରାତିରେ ଯିବାଆସିବା ବେଳେ ଅନେକ ସମୟରେ ଘର ନିକଟ ଖାଲଖମାରେ ପଡି ଦୁର୍ଘଟଣାର ଶିକାର ହେଉଛନ୍ତି। ସନ୍ଧ୍ୟା ହେଲେ ସମ୍ପୂର୍ଣ୍ଣ ଗାଁଟି ଅନ୍ଧକାରମୟ ହୋଇଯାଉଛି। ବିଦ୍ୟୁତ ସଂଯୋଗ ନ ଥିବାରୁ ଗ୍ରାମବାସୀ ରାତିରେ ଏକ ପ୍ରକାର ଯମ ଯନ୍ତ୍ରଣା ଭୋଗ କରୁଛନ୍ତି। ଅପରପକ୍ଷରେ ସବୁ ଗାଁ କୁ ବିଦ୍ୟୁତ ଭଳି ମୌଳିକ ସୁବିଧା ଯୋଗାଇବା ପାଇଁ ସରକାର ପ୍ରତିଶ୍ରୁତି ଦେଉଥିବା ବେଳେ ଏହି ପଡ଼ାକୁ ଅଦ୍ୟାବଧି ବିଦ୍ୟୁତ ଲାଇନ ଯାଇ ନ ଥିବା ପଡାବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି।

# ବାଉଁଶୁଣୀ ଅଞ୍ଚଳରେ ୩ଟିକିଆ ହାତୀପଲ



ଶଗଡା,୧୦।୬(ସମିସ): ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଅଞ୍ଚଳରେ ଆଜି ଭୋର ସକାଳୁ ୩ଟିକିଆ ହାତୀପଲ ଦେଖି ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ହାତୀମାନେ ସକାଳୁ ମହାନଦୀ କୂଳରେ ବୁଲୁଥିବା ଲୋକେ ଦେଖିବାକୁ ପାଇଥିଲେ। ସ୍ନାନ, ଶୌଚ ପାଇଁ ଯାଇଥିବା ଲୋକେ ହାତୀପଲ ଦେଖି ଭୟଭୀତ ହୋଇ ପଡ଼ିଥିଲେ। ପରେ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ହାତୀପଲକୁ ମହାନଦୀ ଅପର ପାର୍ଶ୍ୱକୁ ଘଉଡ଼ାଇଥିଲେ।

## ୧୩୧ କେଜି ଗଞ୍ଜେଇ ଜବତ; ୫ ଗିରଫ, ୩ ଫେରାର

**କୋମନା, ୧୦।୬(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ବିଶେଷ ସୂତ୍ରରୁ ଖବର ପାଇ ଚଢ଼ଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଓଡ଼ିଶା ଏବଂ ମଧ୍ୟପ୍ରଦେଶର ବ୍ୟକ୍ତି ସାମିଲ ଅଛନ୍ତି। ସୂଚନା ଅନୁଯାୟୀ, ଗତ ୯ ତାରିଖ ଦିନ କୋମନା ଥାନା ଅଧିକାରୀ ଇନ୍ସପେକ୍ଟର ଏସ୍. ମଲ୍ଲିକ ଓ ଫୋର୍ସ କୋମନା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ କ୍ରିଷ୍ଣା ଛକ ବସଷ୍ଟାଣ୍ଡ ନିକଟରେ କିଛିଲୋକ ୩ଟି ବାଇକ୍‌ରେ ଗଞ୍ଜେଇ ଆଣି ରାୟପୁର ବସ୍‌କୁ ଅପେକ୍ଷା କରିଥିବାନେଇ ପୁଲିସକୁ ଏକ ଗୁପ୍ତ ସୂଚନା ମିଳିଥିଲା। ଖବର ପାଇବା ମାତ୍ରେ ପୁଲିସ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସକୁ ଦେଖି ୩ ଜଣ ବ୍ୟକ୍ତି ନିଜ ନିଜ ବାଇକ୍ ଧରି ଫେରାର ହୋଇଯାଇଥିବାବେଳେ ଘଟଣାସ୍ଥଳରୁ ୫ ଜଣଙ୍କୁ ପୁଲିସ କାବୁ କରିବାରେ ସଫଳ ହୋଇଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ କରାଯାଇଥିଲା, ଯାହାର ମୋଟ ପରିମାଣ ୧୩୧.୦୬୦ କିଲୋଗ୍ରାମ ବୋଲି ଜଣାପଡ଼ିଛି। ଏହା ସହିତ ଗୋଟିଏ ମୋବାଇଲ୍ ଫୋନ୍ ମଧ୍ୟ ଜବତ ହୋଇଛି। ମାମଲାରେ ଗିରଫ ଅଭିଯୁକ୍ତମାନେ ହେଲେ ତୁଳାରାମ ନାଏକ, ଜଗେନ୍ଦ୍ର ଓରଫ୍ ପେଟୁ ରାଉତ, ଡାଲୋ ତଣ୍ଡି, ସୂରଜ ମୀନା, ପାତାଲ ଓରଫ୍ ଜିତେ କୁଚବନ୍ଦିଆ। ଏହି ଘଟଣାରେ ୩ ଜଣ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ରାଜ୍ୟ ବାହାରର ଆଉ ଜଣେ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ଯାହାଙ୍କ ନାମ ଗୋପନ ରଖାଯାଇଛି। କୋମନା ଥାନାରେ ମାମଲା ରୁଜୁକରି ପୁଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି। ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଖିଲେଶ୍ୱର ସାହୁ, ଅତିରିକ୍ତ ଥାନା ଅଧିକାରୀ ସୁମିତ୍ରା ମଲ୍ଲିକ, ସବ୍‌ଇନ୍ସପେକ୍ଟର ରବୀନ୍ଦ୍ର ଦେବାଙ୍ଗନ, ଏଏସ୍ଆଇ ମଥୁରା ଜାନିଙ୍କ ସମେତ ଅନ୍ୟାନ୍ୟ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।




## ୪ ବର୍ଷ ପରେ ବି ଅଧପନ୍ତରିଆ ଖଜୁରଗୁଡ଼ା ସାନ୍ଧୁଲ ବ୍ରିଜ୍

**ଲାଞ୍ଜିଗଡ଼, ୧୦।୬ (ସମିସ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ଅଧୀନ ଖଜୁରଗୁଡ଼ା ଗାଁ ନିକଟରେ ଥିବା ସାନ୍ଧୁଲ ନଦୀ ବ୍ରିଜ୍ ନିର୍ମାଣରେ ବିଳମ୍ବ ହେଉଥିବା ବେଳେ ଅତି ନିମ୍ନମାନର କାମ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଦୀର୍ଘ ବର୍ଷର ଅଭିଯୋଗ ପରେ ସାନ୍ଧୁଲ ନଦୀ ବ୍ରିଜ ନିର୍ମାଣ ପାଇଁ ୨୦୨୩ ମସିହାରେ ମଞ୍ଜୁର ହୋଇଥିଲା, କିନ୍ତୁ ବ୍ରିଜ ନିର୍ମାଣର ପାଖାପାଖି ୪ବର୍ଷ ପରେ ମଧ୍ୟ ବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରି ନାହିଁ। ଏହି ବ୍ରିଜ୍ ନିର୍ମାଣ ପାଇଁ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର ଜଣେ ଠିକାଦାର ଏହାର ଠିକା ନେଇଥିଲେ ଏବଂ ୨୦୨୩ ମସିହା ମେ' ମାସରେ ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ନଦୀରେ ବ୍ରିଜ ନିର୍ମାଣ ପାଇଁ ନଦୀର ଗୋଟିଏ ପଟେ କେବଳ ଲୁହାଛଡ଼ ଠିଆ ହୋଇଥିବା ବେଳେ ଆଉ ଅନ୍ୟପଟେ ବ୍ରିଜର ଛାତ ପଡ଼ି ପାରିନାହିଁ। ବ୍ରିଜର ଅନେକ ସ୍ଥାନରେ ଫାଟିକି ଆଁ କଲାଣି, କିନ୍ତୁ ଯନ୍ତ୍ରୀଙ୍କ ନଜର ପଡୁନି ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ପୁରୁଣା ରାସ୍ତାରେ ଏକ ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଥିବା ବେଳେ ଅଳ୍ପ ବର୍ଷା ହେଲେ କାଦୁଅ ପଚପଚ ହେଉଥିବାରୁ ଯାନବାହାନ ଯିବାର ଦୂରର କଥା ଲୋକେ ଚାଲିଯିବା ମଧ୍ୟ ସମ୍ଭବ ହୋଇପାରୁନି। ଯାହାଫଳରେ ୧୫ରୁ ଉର୍ଦ୍ଧ୍ୱ ଗାଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାନ୍ଧୁଲ ନଦୀ ବ୍ରିଜ ସମ୍ପୂର୍ଣ୍ଣ ନହେବା ଯୋଗୁଁ ନଦୀ ଆରପଟ ସ୍କୁଲ, ଅଙ୍ଗନବାଡି କେନ୍ଦ୍ର, ଉପ ସ୍ୱାସ୍ଥ୍ୟକେନ୍ଦ୍ର ତଥା ବିଜେପୁର, ମାଳିଯୁବାଙ୍ଗ ଓ ପାହାଡ଼ ପଦର ପଞ୍ଚାୟତର ୧୫ରୁ ଉର୍ଦ୍ଧ୍ୱ ଗାଁ ରହିଥିବାବେଳେ କାମ ସମ୍ପୂର୍ଣ୍ଣ ନ ହେଲେ ଯାତାୟାତରେ ବିଚ୍ଛିନ୍ନ ହେବାର ଆଶଙ୍କା ଦେଖାଦେଇଛି। ପଞ୍ଚାୟତ କାର୍ଯ୍ୟାଳୟ ବିଜେପୁର ଓ ବ୍ଲକ କାର୍ଯ୍ୟାଳୟ ବିଶ୍ୱନାଥପୁରକୁ ଯିବା ଆସିବା ପାଇଁ ହେଲେ ଲୋକେ ନାନା ଅସୁବିଧା ଭୋଗୁଥିବା ବେଳେ ଲୀଳାମ୍ବର ବାଗ, ଯୁଜେଷ୍ଟି ନାଏକ, ବିପିନ ନାଏକ, ନିରାକାର ବାଗ, ଶଙ୍କର ନାଏକ, ବଳ ମାଝୀ, ସୁନ୍ଦରୀ ମାଝୀ, ଲାକ ମାଝୀ, ବିନୋଦ ନାଏକ, ହରି ବାଗ, ସୂର୍ଯ୍ୟବାଗ, ଜମ୍ବୁବତୀ ନାଏକ କୈଳାସ ବାଗଙ୍କ ସମେତ ଗ୍ରାମବାସୀ ଏଥିପ୍ରତି କଳାହାଣ୍ଡି ଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି।



**ବର୍ଷା ଋତୁରେ ବିଚ୍ଛିନ୍ନ ହେବ ୧୫ ଗାଁ**

**ଫାଟିଗଲା ବ୍ରିଜ୍; ଯନ୍ତ୍ରୀଙ୍କ ନଜର ପଡୁନି**

## ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁଁ ବଢୁଛି ଅସନ୍ତୋଷ

**ଖଡ଼ିଆଳ, ୧୦।୬(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଗ୍ରାମାଞ୍ଚଳରେ ଘନଘନ ବିଦ୍ୟୁତ୍ କାଟକୁ ନେଇ ଲୋକେ ଅତିଷ୍ଠ ହେଉଛନ୍ତି। ଏହି ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ନିତିଦିନିଆ ଘଟଣାରେ ପରିଣତ ହୋଇଛି କେତେବେଳେ ମରାମତି ନାଁରେ ତ ଆଉ କେତେବେଳେ ବର୍ଷା, ପବନ, ଘଡ଼ଘଡ଼ି, ହାତୀ ଚଳାଚଳ ବାହାନାରେ ଘଣ୍ଟା ଘଣ୍ଟା ଏବଂ ଦିନ ଦିନ ଧରି ବିଦ୍ୟୁତ୍ ଯୋଗାଣ ବନ୍ଦ ରହୁଛି। ବିଭାଗୀୟ ଅଧିକାରୀଙ୍କୁ ଲୋକେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ପ୍ରତିକାର କରାଯାଉ ନ ଥିବା ଅଭିଯୋଗ ହେଉଛି। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସୂଚନା ଅନୁଯାୟୀ, କେବଳ ସହରାଞ୍ଚଳକୁ ଛାଡିଦେଲେ ଗତ କିଛି ଦିନ ହେଲା ରାଣୀମୁଣ୍ଡା, ଦାବ୍ରି, କିରିକିଟା, ସୁନାରିସୀକୁଆଁ, ବିରିଘାଟ, ଲାଞ୍ଜି, ଖାସବାହାଲ, ଦୋହେଲ ପଡ଼ା, ସାନମହେଶ୍ୱର, ସରଧାପୁର, ତଥା ବ୍ଲକର ଅନେକ ପଞ୍ଚାୟତରେ ଦିନକୁ ୮ ରୁ ୧୦ ଥର ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ବର୍ତ୍ତମାନ ଅସହ୍ୟ ଗ୍ରୀଷ୍ମ ପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛନ୍ତି। ଠିକ୍ ଏହି ସମୟରେ ଘନ ଘନ ବିଦ୍ୟୁତ୍‌କାଟ ଲୋକଙ୍କୁ ଯନ୍ତ୍ରଣାରେ ଛଟପଟ କରୁଛି। ବିଦ୍ୟୁତ୍ ବିଭାଗର ଏଭଳି ନୀତିକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି।

## ଆବାସଗୃହ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ହିତାଧିକାରୀଙ୍କୁ ନିର୍ଦ୍ଦେଶ

**କେସିଙ୍ଗା, ୧୦।୬(ସମିସ):** କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ଆକ୍ଟ ମାଧ୍ୟମରେ ଘରପାଇ ଆଜି ପର୍ଯ୍ୟନ୍ତ ଘର ସମ୍ପୂର୍ଣ୍ଣ କରିନଥିବା ୪୨ ହିତାଧିକାରୀଙ୍କୁ ଯଥାଶୀଘ୍ର ଘରକାମ ସାରିବାକୁ ଏନ୍‌ଏସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ କେସିଙ୍ଗା ଏନ୍‌ଏସିର ସଦ୍‌ଭାବନା ସଭାଗୃହରେ ନଗରପାଳ ନୃପରାଜ ଯାଦବଙ୍କ ଅଧ୍ୟକ୍ଷତାରେ ହିତାଧିକାରୀଙ୍କୁ ନେଇ ଏକ ଆଲୋଚନା ହୋଇଥିଲା। ଧାର୍ଯ୍ୟ ସମୟସୀମା ମଧ୍ୟରେ ଆବାସ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରି ସରକାରଙ୍କ ଦ୍ୱାରା ମିଳିଥିବା ଅନ୍ୟ ଆର୍ଥିକ ସହାୟତା ପାଇବାରେ ଯୋଗ୍ୟ ବିବେଚିତ ହେବାପାଇଁ ସମସ୍ତ ହିତାଧିକାରୀଙ୍କୁ ବୁଝାଇବା ସହିତ ଶୀଘ୍ର କାମ ସାରିବା ପାଇଁ ଅନୁରୋଧ କରିବା ସହିତ ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟଙ୍କ ସମେତ ପରିଷଦ ବୃନ୍ଦ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## କଳାହାଣ୍ଡିରେ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି

**ଭବାନୀପାଟଣା, ୧୦।୬(ସମିସ):** ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରେ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ ନିଷ୍ପତ୍ତି ନେଇଛି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ। ଏହାକୁ ଦୃଷ୍ଟିରେ ରଖି କେବିକେ ଅଞ୍ଚଳର ସବୁଠୁ ଗୁରୁତ୍ୱପୂର୍ଣ୍ଣ କଳାହାଣ୍ଡି ଜିଲ୍ଲାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଆଉ ତିନୋଟି ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି କରିଛି ବିକଶିତ କଳାହାଣ୍ଡି-ନୂଆପଡ଼ା ନାମକ ଅଗ୍ରଣୀ ନାଗରିକ ସଂଗଠନ। କଳାହାଣ୍ଡି ଜିଲ୍ଲାର କେସିଙ୍ଗା, ମଦନପୁର ରାମପୁର ଏବଂ ଥୁଆମୂଳ ରାମପୁରଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି ସଂଗଠନର ଅଧ୍ୟକ୍ଷ ଡ. ଭବାନୀଶଙ୍କର ନିଆଲ। ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଭାରତୀୟତା ଓ ଜାତୀୟ ଏକତାର ଭାବନାକୁ ପ୍ରୋତ୍ସାହିତ କରିବାରେ ଏହି ବିଦ୍ୟାଳୟ ସକ୍ଷମ ହେବ। ସେହିପରି ହିନ୍ଦୀ ଓ ଇଂରାଜୀ ଭଳି ଦ୍ୱିଭାଷୀ ମାଧ୍ୟମରେ ଶିକ୍ଷାଦାନ ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ଜାତୀୟସ୍ତରୀୟ ପ୍ରତିଯୋଗିତାମୂଳକ ପାଇଁ ପଥ ପ୍ରଶସ୍ତ କରିବ ବୋଲି ଡ. ନିଆଲ ଆଶାପୋଷଣ କରିଛନ୍ତି। ଏ ସମ୍ପର୍କିତ ଦାବିପତ୍ର କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାରଙ୍କ ଜରିଆରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ପ୍ରେରଣ କରିଥିବା ଜଣାପଡ଼ିଛି। ଏହାସହିତ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ, ରାଜ୍ୟସଭା ସାଂସଦ ସୁଜିତ କୁମାର, ଲୋକସଭା ସାଂସଦ ମାଳବିକା ଦେବୀଙ୍କୁ ପ୍ରେରଣ କରିଥିବା ଜଣାପଡ଼ିଛି। ଅପରପକ୍ଷରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦାବିପତ୍ର ଗ୍ରହଣ କରିବା ସହିତ ମନ୍ତ୍ରଣାଳୟ ଏହି ବିଷୟରେ ଅନୁଧ୍ୟାନ ପୂର୍ବକ ପଦକ୍ଷେପ ନେଉଥିବା ସୂଚନା ମିଳିଛି।

## ଡୋଲାମଣି ସାହୁ ପାଇଲେ 'ପ୍ରକୃତି ବନ୍ଧୁ ପୁରସ୍କାର'

**ଭବାନୀପାଟଣା, ୧୦।୬ (ସମିସ):** ସଦର ବ୍ଲକ ଅଧୀନ ମାଲଗାଁ ପଞ୍ଚାୟତର କନ୍ଧବାନ୍ଧୋପଲା ନିବାସୀ ଡୋଲାମଣି ସାହୁଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ମିଳିଛି। ସେ ଏକା ଧାରରେ ଜଣେ ଶିକ୍ଷକ, ସମାଜସେବୀ ଓ ପରୋପକାରୀ ଅଟନ୍ତି। ଦୀର୍ଘ ଦିନରୁ ପରିବେଶ ସୁରକ୍ଷା ପାଇଁ ସ୍ଥାନୀୟ ଯୁବକ ସଂଘ, ବନସୁରକ୍ଷା ସମିତି, ମହିଳା ସମିତି, ସ୍ୱୟଂସହାୟକ ଗୋଷ୍ଠୀ ଓ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ପରିବେଶ ସୁରକ୍ଷା, ଚାରାରୋପଣ, ବନ୍ୟପ୍ରାଣୀ ସୁରକ୍ଷା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ବର୍ତ୍ତମାନ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଗୁଣପୁର ବିଦ୍ୟାଳୟରେ କାର୍ଯ୍ୟରତ। ଶିକ୍ଷାଦାନକୁ ପେଶା ଓ ପରିବେଶ ସୁରକ୍ଷାକୁ ନିଶା ବୋଲି ଚିନ୍ତାକରି ବଣ ପାହାଡ଼ ଘେରା ଥୁଆମୂଳ ରାମପୁର ବ୍ଲକର ବିଭିନ୍ନ ଗ୍ରାମରେ ଜନ ସଚେତନତା ସଭା, ପଥପ୍ରାନ୍ତ ନାଟକ ଓ ଲିଫ୍‌ଲେଟ ବଣ୍ଟନ କାର୍ଯ୍ୟକ୍ରମମାନ ଆୟୋଜନ କରି ବର୍ଷ ତମାମ ଜନ ସାଧାରଣଙ୍କୁ ସଚେତନ ବାର୍ତ୍ତା ଦେବା ଜାରି ରଖିଥାନ୍ତି। ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଜିଲ୍ଲା ପରିବେଶ ସମିତି ଓ ଜିଲ୍ଲା ପ୍ରଶାସନ ଶ୍ରୀ ସାହୁଙ୍କୁ ମାନପତ୍ର ସହ ଦଶ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଛନ୍ତି।




## ୮୦% ଦିବ୍ୟାଙ୍ଗ ପ୍ରମାଣପତ୍ର ଥାଇ ବି ମିଳୁନି ଭତ୍ତା ଓ ଘର

**ଗୋଲାମୁଣ୍ଡା, ୧୦।୬ (ସମିସ):** ଗୋଲାମୁଣ୍ଡା ବ୍ଲକ ଲିମସେର ଗ୍ରାମର ରାହାସ ବିହାରୀ ପଟେଲଙ୍କ ଝିଅ ମିକି ପଟେଲ ୮୦% ଦିବ୍ୟାଙ୍ଗ ପ୍ରମାଣପତ୍ରଧାରୀ ହୋଇଥିଲେ ବି ଭତ୍ତା ଓ ଆବାସ ଯୋଜନାର ସୁବିଧା ପାଇନଥିବା ଦେଖିବାକୁ ମିଳିଛି। ସରକାର ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକରୀ କରୁଥିବା ବେଳେ ପ୍ରକୃତ ହିତାଧିକାରୀମାନେ କେତେ ପରିମାଣରେ ଏହାର ଲାଭ ପାଉଛନ୍ତି, ତାହା ନେଇ ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ସମସ୍ତ ଯୋଗ୍ୟତା ଥିବା ସତ୍ତ୍ୱେ ସମ୍ପୃକ୍ତ ହିତାଧିକାରୀଙ୍କ ନାମକୁ ଭତ୍ତା ଓ ଆବାସ ଯୋଜନାରେ ସାମିଲ କରାଯାଇନାହିଁ। ଏଥିପାଇଁ ବୃନ୍ଦାବାହାଲ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ମନମାନି ଓ ଅବହେଳା ଦାୟୀ ବୋଲି ଅଭିଯୋଗ ହେଉଛି। ବ୍ଲକ ପ୍ରଶାସନ ତଦନ୍ତ କରି ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।



## ସିଆରପି-ସିଏମ ଓ ଏମ୍‌ବିକେଙ୍କ ଦରମା ପ୍ରଦାନ ପାଇଁ ତତ୍ପରତା

**ଧର୍ମଗଡ଼, ୧୦।୬(ସମିସ):** ଧର୍ମଗଡ଼ ବ୍ଲକର ସିଆରପି-ସିଏମ ଏବଂ ଏମ୍‌ବିକେ ମାନଙ୍କର ଦୀର୍ଘ ୧୫ ମାସର ବକେୟା ଦରମା ସମ୍ପର୍କିତ ଖବର ଦୈନିକ 'ସକାଳ' ଖବରକାଗଜ ରେ ପ୍ରକାଶ ପାଇବା ପରେ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଖବରପ୍ରକାଶ ପାଇବାର ମାତ୍ର କେଇ ଘଣ୍ଟାମଧ୍ୟରେ ସ୍ଥାନୀୟ ପ୍ରଶାସନ ଚେତିଛି ଏବଂ ମହିଳା କ୍ୟାଡରମାନଙ୍କର ନ୍ୟାଯ୍ୟ ଦାବିପୂରଣ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହୋଇଛି। ପ୍ରଶାସନର କଡ଼ା ଆଭିମୁଖ୍ୟ ଓ ନିର୍ଦ୍ଦେଶସୂଚନା ଅନୁଯାୟୀ, ଖବରପ୍ରକାଶ ପାଇବା ପରେ ଗୋଷ୍ଠୀଉନ୍ନୟନ ଅଧିକାରୀ ବ୍ଲକ ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ତୁରନ୍ତ ସମସ୍ତ ପ୍ରୋତ୍ସାହନ ରାଶି ଏବଂ ବକେୟା ବିଲ୍ ପ୍ରସ୍ତୁତ କରି ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଚଳିତ ମାସ ମଧ୍ୟରେ ଏହି ବିଲ୍ ପାସ୍ ନହୁଏ, ତେବେ ଦାୟିତ୍ୱରେ ଥିବା ବିପିଏମ୍ ଏବଂ ବିଏଲସି ଙ୍କ ନିଜ ଦରମା ବନ୍ଦ କରାଯିବ ବୋଲି ପ୍ରଶାସନ ଚେତାବନୀ ଦେଇଛି। ୨ ଦିନର ଷ୍ଟ୍ରାର୍ଟ ଡେଡଲାଇନ୍ ଆସନ୍ତା ୧୬ ରୁ ୧୯ ତାରିଖ ପର୍ଯ୍ୟନ୍ତ ଅଧିକାରୀ ଅନୁପସ୍ଥିତ ରହୁଥିବାରୁ, କ୍ୟାଡରମାନଙ୍କ ହିତକୁ ଦୃଷ୍ଟିରେ ରଖି ଆସନ୍ତା ୨ ଦିନ ମଧ୍ୟରେ ସମସ୍ତ ଫାଇଲ୍ ସ୍ୱାକ୍ଷର ପାଇଁ ଉପସ୍ଥାପନ କରିବାକୁ ସମୟ ସୀମା ଧାର୍ଯ୍ୟ କରାଯାଇଛି। 'କୌଣସି ବ୍ୟକ୍ତି ବିନା ଦରମାରେ କାମ କରିପାରିବେ ନାହିଁ' ବୋଲି ସ୍ୱୀକାର କରି ପ୍ରଶାସନ ଆଜି କିମ୍ବା ଆସନ୍ତାକାଲି ସୁଦ୍ଧା ଫାଇଲ୍ କ୍ଲିୟର କରିବାକୁ କଡ଼ା ନିର୍ଦ୍ଦେଶ ଜାରି କରିଛି।

ସକାଳ THE SAKALA ପ୍ରଭାବ

**ଫୁଟବଲ ଫ୍ଲଡ୍ ଲାଇଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନୀ**

## ଭେଲାକୁ ହରାଇ ସିନାପାଲି ଚାମ୍ପିଅନ

**ସିନାପାଲି, ୧୦।୬(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସଦର ପଞ୍ଚାୟତ ହାଇସ୍କୁଲ ଖେଳପଡ଼ିଆଠାରେ ମାଆ ମହୁଲଗଛେନ ଫୁଟବଲ କ୍ଲବ ଆନୁକୂଲ୍ୟରେ ଫୁଟବଲ ଫ୍ଲଡ୍‌ଲାଇଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନୀ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଫାଇନାଲ ମ୍ୟାଚ୍ ମାଆ ମହୁଲଗଛେନ ଫୁଟବଲ କ୍ଲବ୍ ଓ କୋମନା ବ୍ଲକ ଭେଲା ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ମାଆ ମହୁଲଗଛେନ ଫୁଟବଲ କ୍ଲବ ୧-୦ ଗୋଲରେ ଭେଲାକୁ ପରାସ୍ତ କରି ଟୁର୍ଣ୍ଣାମେଣ୍ଟ ରେ ବିଜୟୀ ହୋଇଥିବାବେଳେ କମିଟି ପକ୍ଷରୁ ଚାମ୍ପିଅନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ସିନାପାଲି ବ୍ଲକ ଉପାଧ୍ୟକ୍ଷା ମିନା ଘିଭେଲା, ଏବିଡିଓ ସୁବ୍ରତ କୁମାର ବେହେରା, ସମିତିସଭ୍ୟ ମନିଷ ପଟେଲ, ଘଣ୍ଟିଗୁଡା ସରପଞ୍ଚ ତଥା ସିନାପାଲି ସରପଞ୍ଚସଂଘ ସଭାପତି ଖୁଟୁରାମ ସୁନାନୀ, ଲମ୍ବୋଦର ନିଆଲ, ସୁବ୍ରତ ଠାକୁର, ଅରିଗଞ୍ଜନ ଯୋଶୀ, ସଞ୍ଜୀବ ପାତ୍ର, ଶରତଚନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ ଏକାଧିକ ଖେଳାଳିଙ୍କୁ ସମ୍ମାନିତ କରାଗଲା। ରିଙ୍କୁ ମାଝୀ, ଚନ୍ଦ୍ର ମାଝୀ, ବିହାରୀ ଲାଲ ମଶ୍ରା ଓ ସୁମନ ମାଝୀ ଖେଳ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ପ୍ରକାଶଚନ୍ଦ୍ର ପାତ୍ର ଓ ଭାସ୍କର ମାଝୀ ଧାରାବିବରଣୀ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ମାଆ ମହୁଲଗଛେନ ଫୁଟବଲ କ୍ଲବ୍‌ର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ନୂଆପଡ଼ା ଜିଲ୍ଲାକୁ ଅତ୍ୟାଧୁନିକ କୃଷି ଜିଲ୍ଲାରେ ପରିଣତ କରିବାକୁ ଆହ୍ୱାନ

**ନୂଆପଡ଼ା/ ଖଡ଼ିଆଳ, ୧୦।୬ (ସମିସ)**

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ କୃଷି ବିଭାଗର ବିଭିନ୍ନ ଯୋଜନା ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଣତି ରାଣୀ ପ୍ରଧାନ ସମସ୍ତଙ୍କୁ ସ୍ୱାଗତଜଣାଇ ବୈଠକର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ଚଳିତ ଖରିଫ-୨୦୨୬ ଋତୁ ପାଇଁ ଜିଲ୍ଲାରେ ମୋଟ ୧, ୬୭, ୮୩୦ ହେକ୍ଟର ଅଞ୍ଚଳରେ ଚାଷ କରିବାର ଲକ୍ଷ୍ୟ ରଖାଯାଇଛି। ଏଥିମଧ୍ୟରୁ ଧାନ ୯୩, ୭୦୦ ହେକ୍ଟରରେ, ମକା ୭, ୬୦୦ ହେକ୍ଟରରେ, ମିଲେଟ ୫, ୧୭୦ ହେକ୍ଟରରେ ଏବଂ ଡାଲି ଜାତୀୟ ଫସଲ ୨୬, ୧୨୦ ହେକ୍ଟରରେ ଚାଷ କରାଯିବ ବୈଠକରେ ସୂଚନା ଦେଇଥିଲେ। ଜିଲ୍ଲାରେ ଖରିଫ ଋତୁରେ ୧, ୦୨, ୯୪୦ ହେକ୍ଟର ଅଞ୍ଚଳକୁ ଜଳସେଚନ ସୁବିଧା ଯୋଗାଇବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ବିହନ ଯୋଗାଣ, ସାର ବିତରଣ, ମୃତ୍ତିକା ନମୁନା ସଂଗ୍ରହ, ଶ୍ରୀଅନ୍ନ ଅଭିଯାନ, ମୁଖ୍ୟମନ୍ତ୍ରୀ ମକା ମିଶନ, ତୈଳବୀଜ ଓ ଡାଲିଜାତୀୟ ଫସଲ ପ୍ରୋତ୍ସାହନ ସହ ବିଭିନ୍ନ କୃଷି ଯୋଜନାର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଜିଲ୍ଲାରେ ଚାଷୀ ପଞ୍ଜୀକରଣ କାର୍ଯ୍ୟରେ ୪୪.୪୨ ପ୍ରତିଶତ ଅଗ୍ରଗତି ହୋଇଥିବା ବେଳେ ଏହାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲାପାଳ ସୂଚନା ଦେଇଥିଲେ ଯେ ନୂଆପଡ଼ାକୁ ଏକ ଅତ୍ୟାଧୁନିକ କୃଷି ଜିଲ୍ଲା ଭାବେ ଗଢ଼ି ତୋଳିବା ପାଇଁ ସମସ୍ତ ଅଧିକାରୀଙ୍କୁ ସାମାଜିକ ପ୍ରତିବଦ୍ଧତା ଓ ବୈଜ୍ଞାନିକ ମନୋବୃତ୍ତି ସହ କାର୍ଯ୍ୟ କରିବାକୁ ହେବ। କ୍ଷେତ୍ରସ୍ତରରେ ନିୟମିତ ଗସ୍ତ ବୃଦ୍ଧି, ଚାଷୀ ମାନଙ୍କୁ ଆଧୁନିକ କୃଷି ପ୍ରଯୁକ୍ତି ସହ ଯୋଡ଼ିବା, ଜଳ ସଂରକ୍ଷଣ, ଫସଲ ବିବିଧୀକରଣ ଓ ଗୁଣାଧିକ କୃଷି ସେବା ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସରକାରୀ ଯୋଜନାର ସୁଫଳ ପ୍ରତ୍ୟେକ ଚାଷୀଙ୍କ ନିକଟରେ ପହଞ୍ଚିବା ସହ କୃଷିକୁ ଅଧିକ ଲାଭଜନକ କରିବା ଦିଗରେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପ୍ରଗତିଶୀଳ ଚାଷୀ ଚନ୍ଦ୍ରଶେଖର ଶବର (କୋମନା), ସରୋଜ କୁମାର ପାଣିଗ୍ରାହୀ (ବ୍ରାହ୍ମଣପଡ଼ା, ସିନାପାଲି) ଏବଂ ଶିବ ପ୍ରସାଦ ରଣା (ପିପଲଛେଣ୍ଡି, ଖୈରାଣୀ ଗ୍ରାମପଞ୍ଚାୟତ, ନୂଆପଡ଼ା)ଙ୍କୁ ସମ୍ମାନିତ କରାଯାଇଥିଲା। ବୈଠକରେ ନୂଆପଡ଼ା ବ୍ଲକ କୃଷି ଅଧିକାରୀ ସତ୍ୟଭୂଷଣ ନାଗ, ସହକାରୀ କୃଷି ଅଧିକାରୀ ବର୍ଷା ଆଜାଦଙ୍କ ସମେତ ବିଭାଗର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।




## ମୋପେଡ୍‌କୁ ଧକ୍କାଦେଲା ପିକ୍‌ଅପ୍; ବୃଦ୍ଧ ମୃତ

**ଖଡ଼ିଆଳ, ୧୦।୬ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ଅଧୀନ ବଡ଼ମୂଳା ଗ୍ରାମର ଘନଶ୍ୟାମ ମହାକୁଡ଼ (୬୦) ମୋପେଡରେ ନିଜ ଗ୍ରାମକୁ ଫେରୁଥିବାବେଳେ ଭାଲୁମୁଣ୍ଡା ପେଟ୍ରୋଲ ପମ୍ପ ନିକଟରେ ଖଡ଼ିଆଳରୁ କଣ୍ଟାବାଞ୍ଜି ଯାଉଥିବା ପିକଅପ୍‌ଟି ପଛପଟୁ ଧକ୍କା ଦେଇଥିଲା। ଘନଶ୍ୟାମଙ୍କୁ ଗୁରୁତର ଅବସ୍ଥାରେ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ନୂଆପଡ଼ା ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ରାୟପୁର ସ୍ଥାନାନ୍ତର କରୁଥିବାବେଳେ ତାଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ଶବ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଥିବାବେଳେ କାଲି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ। ଏନେଇ ମୃତକଙ୍କ ପୁଅ ହସମୁଖ ମହାକୁଡ଼ ଖଡ଼ିଆଳ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଦୁର୍ଘଟଣା ଘଟାଇଥିବା ପିକଅପ୍‌କୁ ଖଡ଼ିଆଳ ଥାନାରେ ଅଟକ ରଖିଥିବା ବେଳେ ମାଲିକ ସାଙ୍ଗରେ ଥିବା ଜଣାପଡ଼ିଛି। ଏନେଇ ଅଧିକ ତଦନ୍ତ ଚାଲିଥିବା ଏସଆଇ ଅଶୋକ କୁମାର ବିହାରୀ ପ୍ରକାଶ କରିଛନ୍ତି।

## କଣ୍ଟେନର ଧକ୍କାରେ ଦୁଇ ଟ୍ରକ୍ ଡ୍ରାଇଭର ମୃତ

**କେସିଙ୍ଗା, ୧୦।୬(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଅଧୀନ ଖଜୁରପଡ଼ା ଗ୍ରାମରେ ନବରଙ୍ଗପୁରରୁ ବରଗଡ଼କୁ ସଂଯୋଗ କରୁଥିବା ଜାତୀୟ ରାଜପଥ ୨୬ ଉପରେ ବୁଧବାର ଭୋର୍ ଦୁର୍ଘଟଣା ଘଟି୨ ଜଣ ଟ୍ରକ୍ ଡ୍ରାଇଭରଙ୍କ ଜୀବନ ଚାଲିଯାଇଛି। ବୁଧବାର ଭୋର ପ୍ରାୟ ୪ ଟା ସମୟରେ ୩ ଟି ଟ୍ରକ୍ କଳାହାଣ୍ଡି ଜିଲ୍ଲା ହାରାମାଲ୍ ଗ୍ରାମରୁ ଧାନ ଆଣି ଖଜୁରପଡ଼ା ଗ୍ରାମର ଏନ୍ ଏଚ ୨୬ ରାସ୍ତା କଡ଼ରେ ଥିବା ଅରିହନ୍ତ ରାଇସ ମିଲକୁ ଧାନ ଖାଲି କରିବାକୁ ଆସିଥିଲେ। ପାହାନ୍ତିଆ ସମୟ ଥିବାରୁ ଦୁଇ ଟ୍ରକ୍‌ର ଡ୍ରାଇଭର ଗାଡ଼ିକୁ ରାସ୍ତା କଡ଼ରେ ରଖି ଶୌଚ ଯିବାପାଇଁ ଛିଡ଼ା ହୋଇଥିବାବେଳେ ଭବାନୀପାଟଣାରୁ କେସିଙ୍ଗା ପଟେ ଯାଉଥିବା କଣ୍ଟେନର ୩ ଟି ଟ୍ରକ୍‌କୁ ଧକ୍କା ଦେଇଥିଲା ଏବଂ ୨ ଟ୍ରକ୍ ଡ୍ରାଇଭରଙ୍କୁ ପ୍ରାୟ ୫୦ ଫୁଟ୍ ଘୋଷାଡି ନେଇଥିଲା। ଫଳରେ ଘଟଣାସ୍ଥଳରେ ସେହି ଦୁଇ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା। ମୃତ ଦୁଇ ଡ୍ରାଇଭର କଲମପୁର ଥାନା ଚୁରାଗାଁ ଗ୍ରାମର ହିମାଂଶୁ ରାଉତ ଓ ଅନ୍ୟଜଣେ ଖରିଆର ଥାନା ବେହେଲଦା ଗ୍ରାମର କୁମରମଣି ବେହେରା ବୋଲି ଜଣାପଡ଼ିଛି। କେସିଙ୍ଗା ପୁଲିସ ମୃତଶରୀର ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ଘଟଣାସ୍ଥଳରୁ ଫେରାର ମାରିଥିବାବେଳେ ପୁଲିସ ତାକୁ ଠାବକରି ବର୍ତ୍ତମାନ କବ୍ଜ କରିଥିବା ସୂଚନା ମିଳିଛି।

**ଦିନ ଦ୍ୱିପହରରେ ଚୋରି**

## ୪ ଲକ୍ଷ ଟଙ୍କା ଓ ୪ ତୋଳା ସୁନା ଲୁଟ୍

**ଭବାନୀପାଟଣା, ୧୦।୬(ସମିସ):** ନର୍ଲା ଥାନା ତୁଳାଗାଁରେ ବୁଧବାର ମଧ୍ୟାହ୍ନରେ ଚୋରି ହୋଇଛି। ଘରେ କେହି ଉପସ୍ଥିତ ନଥିବା ସୁଯୋଗ ନେଇ ଲୁଟ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଆଜି ଦିନ ୧୨ ଟା ସମୟରେ ସର୍ଗିଗୁଡ଼ା ପଞ୍ଚାୟତ ତୁଳାଗାଁର କୈଳାସ ବୁଦ୍ଧିଆ ଓ ତାଙ୍କ ପତ୍ନୀ ବ୍ୟକ୍ତିଗତ କାର୍ଯ୍ୟରେ ବାହାରକୁ ଯାଇଥିଲେ। ଘରେ କେବଳ ତାଙ୍କ ୧୦ ବର୍ଷର ଝିଅ ଥିଲେ। ଚୋରମାନେ ଝିଅକୁ ଜୀବନରେ ମାରିଦେବା ଧମକ ଦେବାରୁ ଝିଅ ଡରି ଯାଇଥିଲେ। ଏହାର ସୁଯୋଗ ନେଇ ଚୋରମାନେ ଅଲମିରା ଭାଙ୍ଗି ୪ ଲକ୍ଷ ନଗଦ ଟଙ୍କା ସହ ୪ ତୁଳା ସୁନା ଗହଣା ନେଇ ଫେରାର ହୋଇଥିବା ଜଣାପଡ଼ିଛି। ନର୍ଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରୁଛି। ହେଲେ ସ୍ଥାନୀୟ କିଛି ବ୍ୟକ୍ତି ଏହି ମାମଲାରେ ସୂତ୍ରଧର ସାଜିଥିବା ପୁଲିସ ଅନୁମାନ କରୁଛି।

## ରେଳଯାତ୍ରୀ ସଂଘର ଡିଆରଏମ୍‌ଙ୍କ ସହ ସାକ୍ଷାତ

**କେସିଙ୍ଗା, ୧୦।୬(ସମିସ):** କେସିଙ୍ଗାସ୍ଥିତ କଳାହାଣ୍ଡି ଜିଲ୍ଲା ରେଳଯାତ୍ରୀ ସଂଘର ସଭାପତି ସୁଭାଷ ଜୈନଙ୍କ ନେତୃତ୍ୱରେ ଏକ ଚାରି ଜଣିଆ ଟିମ୍ ସମ୍ବଲପୁର ଯାଇ ମଣ୍ଡଳ ରେଳୱେ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି। କେସିଙ୍ଗା ଓ ଆଖପାଖର ରେଳଷ୍ଟେସନରେ ଉପୁଜୁଥିବା ବିଭିନ୍ନ ପ୍ରକାରର ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ମୁଖ୍ୟତଃ କେସିଙ୍ଗା ରେଳଷ୍ଟେସନରେ ବିଶାଖାପାଟଣା ଆଡୁ ଆସୁଥିବା ସମସ୍ତ ଯାତ୍ରୀବାହୀ ଟ୍ରେନ୍‌କୁ ପ୍ଲାଟଫର୍ମ ନଂ ୪ ରେ ଅଟକିବାର ବ୍ୟବସ୍ଥା କରିବା ପାଇଁ ଅନୁରୋଧ କରାଯାଇ ଅନ୍ୟ ଛୋଟ ବଡ଼ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘର ପରାମର୍ଶଦାତା ରାମ କୁମାର ଜୈନ, ସଂଘର ସମ୍ପାଦକ ଡମ୍ବୁରୁଧର ଭୋଇ ଓ ସଭ୍ୟ ବିନୋଦ ଜୈନ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଶିକ୍ଷା ବ୍ୟବସ୍ଥାର ସମୀକ୍ଷା ବୈଠକ

# ଜିଲ୍ଲାରେ ଆରମ୍ଭ ହେବ 'ମିଶନ ଉତ୍ତମ-୧'

**ଝାରସୁଗୁଡ଼ା, ୧୦।୬(ସମିସ)**



### ପିଜିଆଇ ମାନ୍ୟତାରେ ଶ୍ରେଷ୍ଠ ପ୍ରଦର୍ଶନ ଉପରେ ଗୁରୁତ୍ୱ

### ସ୍କୁଲ ଖୋଲିବା ପୂର୍ବରୁ ବଣ୍ଟାଯିବ ପୋଷାକ- ଭଙ୍ଗାଯିବ ଅସୁରକ୍ଷିତ ସ୍କୁଲ ଗୃହ

### ଷଷ୍ଠରୁ ଦଶମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଲାଗୁ ହେବ ଏସ୍‌ଟିଇଏମ୍ ଶିକ୍ଷା ବ୍ୟବସ୍ଥା

ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ 'ଉଦିଆଁ ତାରା' କାର୍ଯ୍ୟକ୍ରମର ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ସ୍ଥାନୀୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ବ୍ଲକ ସମ୍ପଦ କେନ୍ଦ୍ର ସଂଯୋଜକ ଏବଂ ସମସ୍ତ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ଜିଲ୍ଲାରେ ଚାଲୁ ରହିଥିବା ବିଭିନ୍ନ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ଏବଂ ଏହାର ମାସିକ ପ୍ରଗତି ଉପରେ ସବିଶେଷ ବିବରଣୀ ଉପସ୍ଥାପନ କରିଥିଲେ।

ସମୀକ୍ଷା ବୈଠକରେ ଜିଲ୍ଲାର ଶିକ୍ଷାଗତ ମାନଦଣ୍ଡର ବିକାଶ ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ପରଫରମାନ୍ସ ଗ୍ରେଡିଂ ଇଣ୍ଡେକ୍ସ ବା ପ୍ରଦର୍ଶନ ଗ୍ରେଡିଂ ସୂଚକାଙ୍କରେ ଝାରସୁଗୁଡ଼ା ଜିଲ୍ଲାକୁ ଶ୍ରେଷ୍ଠ ସ୍ଥାନରେ ପହଞ୍ଚାଇବା ଲକ୍ଷ୍ୟରେ ଜିଲ୍ଲାରେ 'ମିଶନ ଉତ୍ତମ-୧' ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି। ଏହା ସହିତ ଜାତୀୟ ସଫଳତା ସର୍ବେକ୍ଷଣର ନିୟମାବଳୀ ଅନୁଯାୟୀ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଦକ୍ଷତା ଓ ଫଳାଫଳରେ ସୁଧାର ଆଣିବା ପାଇଁ ବିଶେଷ ଭାବେ ଗୁରୁତ୍ୱାରୋପ କରାଯାଇଛି।

ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ସୁବିଧାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଗ୍ରୀଷ୍ମ ଅବକାଶ ପରେ ବିଦ୍ୟାଳୟଗୁଡ଼ିକ ପୁନର୍ବାର ଖୋଲିବା ପୂର୍ବରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍କୁଲ ପୋଷାକ ବଣ୍ଟନ ଶେଷ କରିବାକୁ ବୈଠକରେ ସ୍ଥିର କରାଯାଇଛି। ବିଦ୍ୟାଳୟଗୁଡ଼ିକରେ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ ଜିଲ୍ଲାରେ ଥିବା ସମସ୍ତ ଅସୁରକ୍ଷିତ କୋଠାକୁ ତୁରନ୍ତ ଭାଙ୍ଗି ଦିଆଯିବ ଏବଂ ପ୍ରତ୍ୟେକ ସ୍କୁଲରେ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଏହାବାଦ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ, ନୂତନ ଚିନ୍ତାଧାରା ଏବଂ ବ୍ୟାବହାରିକ ଶିକ୍ଷାର ବିକାଶ ପାଇଁ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟରେ ଏସ୍‌ଟିଇଏମ୍ (ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ) ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

### ଜିଲ୍ଲାପାଳଙ୍କ ସହ ମାଟ୍ରିକ୍ 'ଏ-୧' କୃତୀ ଛାତ୍ରୀଙ୍କ ଆଲୋଚନା

# ଭବିଷ୍ୟତ ଗଠନ ପାଇଁ ଦେଲେ ସଫଳତାର ମନ୍ତ୍ର




**ଝାରସୁଗୁଡ଼ା, ୧୦।୬(ସମିସ):** ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ମାର୍ଗଦର୍ଶନରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କୃତୀ ଛାତ୍ରୀମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସମାସିଂହା ସ୍ଥିତ କେ.ଜି. ବାଳିକା ଉଚ୍ଚ ବିଦ୍ୟାଳୟର 'ଏ-୧' ଗ୍ରେଡ୍ ପାଇଥିବା ୧୫ ଜଣ କୃତୀ ଛାତ୍ରୀଙ୍କୁ ନେଇ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସାକ୍ଷାତକାର ସମୟରେ ଜିଲ୍ଲାପାଳ ଛାତ୍ରୀମାନଙ୍କ ସହ ପ୍ରାୟ ଦୁଇ ଘଣ୍ଟା କାଳ ସମୟ ଅତିବାହିତ କରିବା ସହ ସେମାନଙ୍କର ଉଚ୍ଚ ଶିକ୍ଷା ଓ ଆଗାମୀ ଭବିଷ୍ୟତ ପାଇଁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରତ୍ୟେକ ଛାତ୍ରୀ ଜିଲ୍ଲାପାଳଙ୍କ ସମ୍ମୁଖରେ ନିଜ ନିଜର କ୍ୟାରିୟର ଆଶା, ଆକାଂକ୍ଷା ଏବଂ ଭବିଷ୍ୟତର ଲକ୍ଷ୍ୟ ବିଷୟରେ କହିଥିଲେ। ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଛାତ୍ରୀମାନଙ୍କର ଏହି ସ୍ୱପ୍ନକୁ ସାକାର କରିବାକୁ ମୂଲ୍ୟବାନ ପରାମର୍ଶ ଓ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଛାତ୍ରୀମାନଙ୍କୁ ପ୍ରେରଣା ଦେବାକୁ ଯାଇ ଜିଲ୍ଲାପାଳ ନିଜ ପିଲାଦିନର ଅନୁଭୂତି, ଶିକ୍ଷାଗତ ସଂଘର୍ଷ ଏବଂ ଜଣେ ଆଇଏଏସ୍ ଅଫିସର ହେବା ପର୍ଯ୍ୟନ୍ତ ନିଜର ସଫଳତା ଯାତ୍ରାର କାହାଣୀ କହିଥିଲେ, ଯାହା ଛାତ୍ରୀମାନଙ୍କୁ ବେଶ ଅନୁପ୍ରାଣିତ କରିଥିଲା। ଏହି

### ସଂଘର୍ଷମୟ ଜୀବନ ଓ ଆଇଏଏସ୍ ଅଫିସର ହେବାର କାହାଣୀ ଶୁଣାଇ କଲେ ଅନୁପ୍ରାଣିତ

ସ୍ୱତନ୍ତ୍ର ପ୍ରେରଣାଦାୟୀ ଅଧିବେଶନରେ କୃତୀ ଛାତ୍ରୀମାନେ ମଧ୍ୟ ସେମାନଙ୍କ ଆଗାମୀ ପାଠପଢ଼ା ଏବଂ କ୍ୟାରିୟର ଗଠନର ବିଭିନ୍ନ ବିକଳ୍ପ ସମ୍ବନ୍ଧରେ ଜିଲ୍ଲାପାଳଙ୍କୁ ଅନେକ କୌତୁହଳପୂର୍ଣ୍ଣ ପ୍ରଶ୍ନ ପଚାରିଥିଲେ। ଜିଲ୍ଲାପାଳ ସ୍ନେହର ସହ ସମସ୍ତ ପ୍ରଶ୍ନର ସରଳ ସମାଧାନ ବତାଇଥିଲେ।

### ■ ଜିଲ୍ଲାସ୍ତରୀୟ ଜନସମ୍ପର୍କ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

# ଏମ୍‌ସିଏଲ୍ ଅଡିଟୋରିୟମଠାରେ ହେବ ୩ ଦିନିଆ ପ୍ରଦର୍ଶନୀ



**ଝାରସୁଗୁଡ଼ା, ୧୦।୬(ସମିସ):** ରାଜ୍ୟ ସରକାରଙ୍କ ଦୁଇ ବର୍ଷର ପୂର୍ତ୍ତି ଉତ୍ସବ ପାଇଁ ଜିଲ୍ଲାରେ ଆୟୋଜିତ ହେବାକୁ ଥିବା ଆଗାମୀ 'ଜିଲ୍ଲା ସ୍ତରୀୟ ଜନସମ୍ପର୍କ ଓ ନାଗରିକ ସମ୍ପୃକ୍ତି କାର୍ଯ୍ୟକ୍ରମ-୨୦୨୬' ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱରଞ୍ଜନ ନାୟକଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ସର୍ବାଙ୍ଗୀନ ସୁନ୍ଦର ଓ ସଫଳ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କଠାରୁ ଗଠନମୂଳକ ପରାମର୍ଶ ଲୋଡ଼ିଥିଲେ ଏବଂ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ, ଆସନ୍ତା ଜୁନ୍ ୧୨ରୁ ୧୪ ପର୍ଯ୍ୟନ୍ତ ତିନି ଦିନ ବ୍ୟାପୀ ଝାରସୁଗୁଡ଼ା ଏମସିଏଲ୍ ଅଡିଟୋରିୟମଠାରେ ଏହି ଜିଲ୍ଲାସ୍ତରୀୟ ବୃହତ ଜନସମ୍ପର୍କ କାର୍ଯ୍ୟକ୍ରମ ଓ ପ୍ରଦର୍ଶନୀ ଆୟୋଜିତ ହେବ। ଏହା ପରେ ବ୍ଲକସ୍ତରରେ ୭ ଦିନ ଏବଂ ଗ୍ରାମ ପଞ୍ଚାୟତସ୍ତରରେ ଗୋଟିଏ ଦିନ ପାଇଁ ଏହି ସଚେତନତା ଓ ଆଉଟରିଚ୍ କାର୍ଯ୍ୟକ୍ରମ କରାଯିବ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏହି ସରକାରୀ ପ୍ରଦର୍ଶନୀ ସର୍ବସାଧାରଣଙ୍କ ପାଇଁ କେବଳ ସନ୍ଧ୍ୟାରେ ଖୋଲା ରହିବ ଏଠାରେ ପାଣି ଓ ଅନ୍ୟାନ୍ୟ ଜରୁରୀ ସୁବିଧା ସୁନିଶ୍ଚିତ କରିବାକୁ ପ୍ରଶାସନ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ, ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସରକାରଙ୍କ ବିଭିନ୍ନ ବିଭାଗର ସଫଳତାକୁ ନେଇ ୬ଟି ମୁଖ୍ୟ ପାଭିଲିୟନ ଏବଂ ୨୦ଟି ଉପ-ପ୍ରସଙ୍ଗ ଆଧାରରେ ଷ୍ଟଲ୍ ଗୁଡ଼ିକ ନିର୍ମାଣ କରାଯିବ।

### ଜନକଲ୍ୟାଣକାରୀ ଯୋଜନାକୁ ନେଇ ସ୍ଥାପନ ହେବ ୬ଟି ମୁଖ୍ୟ ପାଭିଲିୟନ୍ ଓ ୨୦ଟି ଉପ-ପ୍ରସଙ୍ଗ

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କଲେ ମୃତକଙ୍କ ପରିବାର

**କଲମପୁର, ୧୦।୬(ସମିସ):** ମଙ୍ଗଳବାର ପ୍ରାୟ ୨ଟା ସମୟରେ କଲମପୁର ଥାନା ବିଜମରା ଛକ ନିକଟରେ ଦୁର୍ଘଟଣା ଘଟିଥିଲା। ଏକ ବୁଲେରୋ ପିକଅପ ସହିତ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ବାଇକ୍‌ରେ ଥିବା ୨ ଯୁବକଙ୍କ ମଧ୍ୟରୁ ଜଣକର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଆହତ ହୋଇଥିଲେ। ଉଭୟ ବାଇକ ଆରୋହୀ ହେଲେ ଦୋଲକିବନ୍ଧ ଗ୍ରାମର ଜୟନ୍ତ ନାଏକ ଓ ସୁମନ୍ତ ମାଝୀ ବୋଲି ଜଣାପଡ଼ିଛି। ସୁମନ୍ତ ମାଝୀଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରଥମେ ଜୟପାଟଣା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା, ଅତ୍ୟନ୍ତ ଅବସ୍ଥା ଗୁରୁତର ହେବାରୁ ଜୟପାଟଣା ଚିକିତ୍ସାଳୟରୁ ସୁମନ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା, ସେଠାରେ ସୁମନ୍ତଙ୍କ ମୃତ୍ୟୁ ଘଟିଥିଲା। ଆଜି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା। ଏହାପରେ ପରିବାରଲୋକେ ଶବରଖି କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ଫଳରେ ମୋଟେର -ଜୟପାଟଣା ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଘଟଣାସ୍ଥଳରେ ଥାନା ଅଧିକାରୀ ସମେତ ପୁଲିସ ଦଳ ମୃତୟନ ହୋଇଥିଲେ। ଆଜି ଅପରାହ୍ନ ପ୍ରାୟ ୪ଟା ସମୟରେ ଦୋଲକିବନ୍ଧ ପେଟ୍ରୋଲ ପମ୍ପ ନିକଟରେ ରାସ୍ତା ଅବରୋଧ ହୋଇଥିଲା। କଲମପୁର ଅତିରିକ୍ତ ତହସିଲଦାର ଦେବୀ ପ୍ରସନ୍ନ ଷଡ଼ଙ୍ଗୀ, ବଡକୁଟ୍ଟ ଆରଆଇ ଅର୍ଚ୍ଚନା ସାହୁ ଓ ଥାନା ଅଧିକାରୀ ଆନ୍ଦୋଳନରତ ପରିବାର ସହିତ ଆଲୋଚନା କରି ବୁଝାସୁଝା କରିଥିଲେ। ପିକଅପ ଭ୍ୟାନର ମାଳିକ କିଛି କ୍ଷତି ପୂରଣ ଦେବା ସହିତ ବିଜମରା ସରପଞ୍ଚ ମହେନ୍ଦ୍ର ଧଙ୍ଗଡ଼ା ମାଝୀ ହରିଶ୍ଚନ୍ଦ୍ର ଯୋଜନା ସହାୟତା ପ୍ରଦାନ କରିଥିଲେ। ସନ୍ଧ୍ୟାରେ ରାସ୍ତା ଅବରୋଧରୁ ପରିବାର ଲୋକେ ହଟିଥିଲେ।

# ଆର୍‌ଏମ୍‌ସି କମିଶନରଙ୍କ ବନ୍ଧମୁଣ୍ଡା ଅଞ୍ଚଳ ପରିଦର୍ଶନ

**ରାଉରକେଲା, ୧୦।୬ (ସମିସ):** ରାଉରକେଲା ମହାନଗର ନିଗମ କମିଶନର ସୁଶ୍ରୀ ଦୀନାଃ ଦସ୍ତଗିର ନାଗରିକ ଭିତ୍ତିଭୂମିର ମୂଲ୍ୟାଙ୍କନ ଏବଂ ଜନସାଧାରଣଙ୍କ ଅଭିଯୋଗର ସମାଧାନ ପାଇଁ ବନ୍ଧମୁଣ୍ଡାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ସେଥିମଧ୍ୟରେ ମୁଖୀ ବସ୍ତି, ଡିଜେଲ କଲୋନି, ଶ୍ରୀମନ୍ଦିର ବସ୍ତି, ଚୁଡି ବସ୍ତି ଏବଂ ଡି-କ୍ୟାବିନ ଅଞ୍ଚଳର ବ୍ୟାପକ କ୍ଷେତ୍ର ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ କମିଶନର ସ୍ଥାନୀୟ ବାସିନ୍ଦାଙ୍କ ସହିତ ଆଲୋଚନା କରିଥିଲେ ଏବଂ ସମ୍ପ୍ରଦାୟକୁ ପ୍ରଭାବିତ କରୁଥିବା ବିଭିନ୍ନ ସମସ୍ୟାର ସମୀକ୍ଷା ମଧ୍ୟ କରିଥିଲେ। ଆରଏମସି କମିଶନର ସୁଶ୍ରୀ ଦସ୍ତଗିର ଅଞ୍ଚଳର ଡ୍ରେନେଜ୍ ଏବଂ ରାସ୍ତା ଭିତ୍ତିଭୂମି ଯାଞ୍ଚ କରିବା ସହିତ ଏଥିରେ ସମ୍ପୃକ୍ତ ଅଧିକାରୀମାନଙ୍କୁ ଯୋଜନା କାର୍ଯ୍ୟକାରୀ କରିବାରେ ଆବଶ୍ୟକୀୟ ଉନ୍ନୟନ କାର୍ଯ୍ୟ ଅନ୍ତର୍ଭୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବନ୍ଧମୁଣ୍ଡାର ପରିମଳ ସେବାକୁ ସୁଦୃଢ଼ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଏବଂ ସରକାରୀ ଶୌଚାଳୟଗୁଡ଼ିକର ଆବଶ୍ୟକ ମରାମତି ଏବଂ ରକ୍ଷଣାବେକ୍ଷଣ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଖେଳ ପଡ଼ିଆର ଉନ୍ନତିକରଣ ଏବଂ ସ୍ଥାନୀୟ କ୍ରୀଡାବିତ ଏବଂ ବାସିନ୍ଦାଙ୍କ ପାଇଁ ପର୍ଯ୍ୟାପ୍ତ



ଆଲୋକ ବ୍ୟବସ୍ଥା ଯୋଗାଇବା ପାଇଁ ଆହ୍ୱାନ କରିଥିଲେ। ଅଞ୍ଚଳର ଲୋକଙ୍କ ପାଇଁ ଉନ୍ନତ ନାଗରିକ ସୁବିଧା ଏବଂ ଜୀବନର ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ସୁଶ୍ରୀ ଦସ୍ତଗୀର୍ ଅନୁରୋଧ କରିଥିଲେ।

# ଯୋଗ୍ୟ ଭୋଟରଙ୍କ ନାମ ତାଲିକାରେ ସ୍ଥାନ ଦେବାକୁ ବିଜେଡିର ଦାବି

**ରାଉରକେଲା, ୧୦।୬(ସମିସ):** ଏସ୍‌ଆଇଆର୍ ଚାଲିଥିବାବେଳେ ଶତ ପ୍ରତିଶତ ଯୋଗ୍ୟ ଭୋଟରଙ୍କ ନାମ ସଂଶୋଧିତ ଭୋଟର ତାଲିକାରେ ସ୍ଥାନ ଦେବାକୁ ବିଜୁ ଜନତା ଦଳ ପକ୍ଷରୁ ଦାବି କରାଯାଇଛି। ଏ ନେଇ ପାନପୋଷ ଉପଜିଲ୍ଲାପାଳଙ୍କୁ ଦିଆଯାଇଥିବା ଏକ ଦାବିପତ୍ରରେ କୁହାଯାଇଛି ଯେ, ପ୍ରତି ବୁଥର ସୀମାରେଖା ସମ୍ପର୍କରେ ବିଏଲ୍‌ଓମାନେ ସ୍ପଷ୍ଟ କରିପାରୁନାହାନ୍ତି। ବୁଥର ସୀମା ନିର୍ଦ୍ଧାରଣ ହୋଇ ନଥିବାରୁ ଭୋଟର ସଂଶୋଧନ କାର୍ଯ୍ୟରେ ଗୁରୁତର ସମସ୍ୟା ସୃଷ୍ଟି ହେଉଥିବା କୁହାଯାଉଛି। ତେଣୁ ପ୍ରଥମେ ସୀମା ନର୍ଦ୍ଧାରଣ କରି ଭୋଟର ତାଲିକା ସଂଶୋଧନ କାର୍ଯ୍ୟ କରିବା ଉଚିତ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ସେହିପରି ଅନେକ ବିଏଲଓ ପରିଗଣନା ଫର୍ମ ଦେବାକୁ ଓ ସଂଗ୍ରହ ପାଇଁ ଘରକୁ ଘର ଯାଉ ନାହାନ୍ତି। ବୁଥ କେନ୍ଦ୍ରରେ ବସି କରି ଫର୍ମ ବଣ୍ଟନ ଓ ସଂଗ୍ରହ କରୁଛନ୍ତି। ଯାହାଫଳରେ ବରିଷ୍ଠ ନାଗରିକ ତଥା ସଚେତନ ନଥିବା ନାଗରିକମାନଙ୍କ ପାଇଁ ବିଶେଷ ସମସ୍ୟା ସୃଷ୍ଟି ହେଉଛି।



ନିର୍ବାଚନ କମିଶନଙ୍କ ଘୋଷଣା ଅନୁଯାୟୀ ରାଉରକେଲା ନିର୍ବାଚନ ମଣ୍ଡଳୀ ବିଜେଡି ତରଫରୁ ପ୍ରଦାନ କରାଯାଇଥିବା ୨୦୯ ବୁଥ ପାଇଁ ବିଏଲ୍‌ଏ ତାଲିକା ଉପଜିଲ୍ଲାପାଳଙ୍କ ଅନୁମୋଦନ ଲାଭ କରିଛି। କିନ୍ତୁ ସମ୍ପ୍ରତି ପୂର୍ବରୁ ଥିବା ୧୯୭ ବୁଥରେ ସଂଶୋଧନ କାର୍ଯ୍ୟ ହେଉଥିବାରୁ ବିଜେଡି ଦ୍ୱାରା ପ୍ରଦତ୍ତ ବିଏଲଏଙ୍କ ନାମ ସମ୍ପୃକ୍ତ ବୁଥ ସହିତ ମେଳ ଖାଉନାହିଁ। ଯାହାଫଳରେ ସଂଶୋଧନ କାର୍ଯ୍ୟରେ ବିଏଲଓମାନଙ୍କୁ ସହଯୋଗ କରିବାରେ ଗୁରୁତର ବିଭ୍ରାଟ ସୃଷ୍ଟି ହେଉଛି। କେତକ ବିଏଲଓ ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ସହଯୋଗ ପାଇଁ ଦଳ ତରଫରୁ ନିଯୁକ୍ତି ବିଏଲଓମାନଙ୍କୁ ସାଙ୍ଗରେ ନେବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି ବୋଲି ଅଭିଯୋଗ କରାଯାଇ ଏହାର ସମାଧାନ ପାଇଁ ଦାବି କରାଯାଇଛି।

# କୁଲସୁରା ଓ ଠାକୁରପାଲିକୁ ପ୍ରଧାନ ମନ୍ତ୍ରୀ ଆଦର୍ଶ ଗ୍ରାମ ଘୋଷଣା

**ଦେବଗଡ଼, ୧୦।୬(ସମିସ):** ଜିଲ୍ଲା ପ୍ରଶାସନ ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଆଜି ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ବାରକୋଟ ବ୍ଲକର ଅନୁସୂଚିତ ଜାତି ଅଧ୍ୟୁଷିତ ମଧ୍ୟପୁର ପଞ୍ଚାୟତର କୁଲୁସରା ଓ ଝରାକଣ୍ଢଳ ପଞ୍ଚାୟତର ଠାକୁରପାଲି ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଘୋଷଣା କରାଯାଇଛି। ଏହି ଉପଲକ୍ଷେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସମ୍ବଲପୁର ସାଂସଦଙ୍କ ବାରକୋଟ ବ୍ଲକ ପ୍ରତିନିଧି ହରମୋହନ ପାଣି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟକାନ୍ତ ବରିହା ଓ ଗ୍ରାମ ପଞ୍ଚାୟତ ସରପଞ୍ଚ ଓ ଅନ୍ୟ ନିର୍ବାଚିତ ଜନ ପ୍ରତିନିଧି ଯୋଗଦେଇ ଉପୋରକ୍ତ ଦୁଇ ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଘୋଷଣା କରିଥିଲେ।

ପ୍ରକାଶ ଥାଉ କି, ଆଦର୍ଶ ଗ୍ରାମ ଯୋଜନାରେ ଏହି ୨ ଗ୍ରାମକୁ ୪୦ ଲକ୍ଷ ଲେଖାଏଁ ଆର୍ଥିକ ଅନୁଦାନ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ଅର୍ଥରେ ବିଭିନ୍ନ ଆବଶ୍ୟକୀୟ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପନ୍ନ କରାଯିବ। ସଭା ପ୍ରାରମ୍ଭରେ ଗ୍ରାମବାସୀ ସମସ୍ତ ଅତିଥିମାନଙ୍କୁ ସ୍ୱାଗତ କରି ସଭା ସ୍ଥଳକୁ ପାଛୋଟି ନେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଅଧିକାରୀ କର୍ମଚାରୀ, ଗ୍ରାମବାସୀ, ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ।

# ଷ୍ଟ୍ରିଟ୍ ପ୍ରିମିୟର ଲିଗ୍; ଦୁସ ୱାରିୟର୍ସ ଚାମ୍ପିଅନ୍



**ଦେବଗଡ଼, ୧୦।୬(ସମିସ):** ରିଆମାଳ ବ୍ଲକ ଅନ୍ତର୍ଗତ ତେଲିମୁଣ୍ଡା କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଷ୍ଟ୍ରିଟ୍ ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତା ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଅଛି। ଜଙ୍ଗଲ ୱାରିୟର୍ସକୁ ୩୪ ରନ୍‌ରେ ପରାସ୍ତ କରି ଦୁସ ୱାରିୟସ ଚାମ୍ପିଅନ୍ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ଜିଲ୍ଲା ବିଜେପି ସଭାପତି ଅରୁଣ କୁମାର ସାହୁ ଯୋଗ ଦେଇ ଚାମ୍ପିଅନ୍ ଟିମ୍‌କୁ ଟ୍ରଫି ସହିତ ନଗଦ ୮ ହଜାର ଟଙ୍କା ପ୍ରଦାନ କରିଥିଲେ। ସେହିପରି ଦେବଗଡ଼ ଏସ୍‌ଡିସି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହିତ ୬ ହଜାର ଟଙ୍କା ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ବିଜେପି ଅନୁସୂଚିତ ଜନଜାତି ଜିଲ୍ଲା ସଭାପତି ଟିକେଶ୍ୱର ପ୍ରଧାନ, ଜିଲ୍ଲା ସମ୍ପାଦକ ତଥା ସମିତି ସଭ୍ୟ ମୁନସୁନ ସାହୁ, ମଣ୍ଡଳ ସଭାପତି ସଞ୍ଜୀବ ବେହେରା, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସୁବ୍ରତ ବେହେରା, ପୂର୍ବତନ ମଣ୍ଡଳ ସଭାପତି ବୀରେନ କୁମାର ପ୍ରଧାନ, ସମାଜସେବୀ ଲୋକନାଥ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖେଳାଳି ଓ ଆୟୋଜକ ମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲବ୍‌ର ସଭାପତି ସମ୍ବିତ କୁମାର ପ୍ରଧାନ ଓ ସମ୍ପାଦକ ଆଲୋକ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଉକ୍ତ ପ୍ରିମିୟର ଲିଗ୍ ଅନୁଷ୍ଠିତ ହୋଇଥିଲା। ରାହୁଲ ସାହୁ ମ୍ୟାନ ଅଫ ଦି ମ୍ୟାଚ୍ ଓ ଶ୍ରେଷ୍ଠ ବ୍ୟାଟସ୍ ମ୍ୟାନ ଭାବେ ଚିନ୍ମୟ ପ୍ରଧାନ ଓ ବେଷ୍ଟ ବୋଲର ଭାବେ ସୁଶାନ୍ତ ରାଉତ ବିବେଚିତ ହୋଇଥିଲେ।

# 'ସ୍ନେହ ସେତୁ' ମାଧ୍ୟମରେ ଦେଢ଼ ବର୍ଷ ପରେ ଘରକୁ ଫେରିଲେ ନରେନ୍ଦ୍ର

**ଝାରସୁଗୁଡ଼ା, ୧୦।୬(ସମିସ)**

### ଜଣେ ବ୍ଲଗରଙ୍କ ଇନ୍‌ଷ୍ଟାଗ୍ରାମ ପୋଷ୍ଟ ପରେ ବିହାରରୁ ଉଦ୍ଧାର ହୋଇଥିଲେ

### ସୋସିଆଲ ମିଡିଆ ଆମ ପାଇଁ ଲୋକଙ୍କ ସମସ୍ୟା ସହ ଯୋଡ଼ି ହେବାର ସଶକ୍ତ ସେତୁ-ଜିଲ୍ଲାପାଳ

ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଏକ ଅଭିନବ ପଦକ୍ଷେପ 'ସ୍ନେହ ସେତୁ' ମାଧ୍ୟମରେ ଆଜି ପରିବାରରୁ ଅଲଗା ହୋଇଥିବା ଜଣେ ବ୍ୟକ୍ତି ଦେଢ଼ବର୍ଷ ପରେ ଘରକୁ ଫେରିଛନ୍ତି। ବିହାରରୁ ଉଦ୍ଧାର ହୋଇଥିବା ନରେନ୍ଦ୍ର ପୋଢ଼ ଆଜି ଉପଯୁକ୍ତ କାଉନସେଲିଂ ପରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ନିଜ ପତ୍ନୀ ଓ ଦୁଇ ପୁଅଙ୍କ ସହ ସୁରକ୍ଷିତ ଭାବେ ନିଜ ଘରକୁ ଫେରିଛନ୍ତି।

ସୂଚନାଯୋଗ୍ୟ ଯେ, କିର୍ମିରା ବ୍ଲକ ଭିମଯୋର ପଞ୍ଚାୟତ ଅନ୍ତର୍ଗତ ହଣ୍ଡାତୋପା ଗ୍ରାମର ମାନସିକ ଅନଗ୍ରସର ଯୁବକ ନରେନ୍ଦ୍ର ପୋଢ଼ ଗତ ଦେଢ଼ ବର୍ଷ ତଳେ କେଉଁଆଡ଼େ ଚାଲିଯାଇଥିଲେ। ପରିବାର ଲୋକେ ସବୁ ଆଶା ଛାଡ଼ି ଦେଇଥିବା ବେଳେ ୨ ମାସ ତଳେ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ନିଜ ଇନ୍‌ଷ୍ଟାଗ୍ରାମ ଫିଡ୍‌ରେ



ବ୍ଲଗର ଶୁଭମ୍ ବାରିକଙ୍କ ଏକ ଭିଡିଓ ଦେଖିବାକୁ ପାଇଥିଲେ। ଭିଡ଼ିଓଟିରେ ବିହାରର ବଖ୍‌ତିଆରପୁର ଅଞ୍ଚଳରେ ଜଣେ ଅସହାୟ ବ୍ୟକ୍ତି ଉଦ୍ଧାର ପାଇଁ ଆକୁଳ ନିବେଦନ କରୁଥିଲେ। ଜିଲ୍ଲାପାଳ ନିଜ ପକେଟରୁ ସମସ୍ତ ଖର୍ଚ୍ଚ ବହନ କରି ଏକ ସ୍ୱତନ୍ତ୍ର ଉଦ୍ଧାରକାରୀ ଦଳ ବିହାର ପଠାଇବାକୁ ନିଷ୍ପତ୍ତି ନେଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସୁନିଲ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ପିପୁଲ୍ସ ଫୋରମ୍ ଏନ୍‌ଜିଓ ଏବଂ ବିହାର ପୁଲିସର ସହାୟତାରେ ନରେନ୍ଦ୍ରଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇ ଝାରସୁଗୁଡ଼ା ଅଣାଯାଇଥିଲା ଏବଂ 'ଆଶଲୋକ-୧' ରେ ରଖାଯାଇଥିଲା।

ଜିଲ୍ଲାପାଳ କହିଛନ୍ତି ଯେ, 'ପ୍ରଶାସନିକ ଦାୟିତ୍ୱର ଏକ ନିର୍ଦ୍ଦିଷ୍ଟ ପରିସର ଥାଇପାରେ, କିନ୍ତୁ ମାନବିକତାର କୌଣସି ଭୌଗୋଳିକ କିମ୍ବା ଆଇନଗତ ସୀମା ନାହିଁ। 'ସ୍ନେହ ସେତୁ'ର ମୂଳ ଲକ୍ଷ୍ୟ କେବଳ ଉଦ୍ଧାର କରିବା ନୁହେଁ, ବରଂ ଜଣେ ଅସହାୟ ବ୍ୟକ୍ତିଙ୍କୁ ଉପଯୁକ୍ତ ଚିକିତ୍ସା ଓ କାଉନସେଲିଂ ପ୍ରଦାନ କରି ସ୍ୱାଭିମାନର ସହ ନିଜ ପରିବାର ମଧ୍ୟରେ ପୁଣି ଥରେ ହସଖୁସିରେ ବଞ୍ଚିବାର ସୁଯୋଗ ଦେବା। ଆଜି ନରେନ୍ଦ୍ର ନିଜ ସ୍ତ୍ରୀ ଓ ପିଲାମାନଙ୍କ ପାଖକୁ ଫେରିବା ଆମ ଅଭିଯାନର ସବୁଠାରୁ ବଡ଼ ସଫଳତା।

ADMISSION OPEN FOR 2026-27
LOWEST COURSE FEE, BEST RESULT
SRI RAM HIGHER SECONDARY SCHOOL
+2 ARTS
Just Pay 5000/- & Take Admission
Contact: 9777369838 9861284719
SRI RAM SCHOOL & COLLEGE OF NURSING
ANM GNM & BSc. Nursing
Contact:9438671719, 9556245445
SOHELA, DIST.- BARGARH (ODISHA), PH: 9437393719
STIPEND FOR ST/SC & OBC STUDENTS

## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ । ଶୁଭ ଖବର ମିଳିପାରେ । ମନ ଖୁସି ରହିବ । ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି । କର୍ମ ଚଞ୍ଚଳ ରହିବେ । ବ୍ୟବସାୟକୁ ନେଇ ଚିନ୍ତାରେ ରହିପାରନ୍ତି । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ ।

**ମିଥୁନ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି । ନୂତନ ବ୍ୟବସାୟ ଆରମ୍ଭ କରିବେ । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ । ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ । ଖର୍ଚ୍ଚ ଅଧିକ ହେବ ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ । ବ୍ୟବସାୟରୁ କ୍ଷତି ସହିପାରନ୍ତି । ଅନ୍ୟମାନଙ୍କ କଥା ଉପରେ ଧ୍ୟାନ ଦିଅନ୍ତୁ ନାହିଁ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ସିଂହ:** କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଯୋଜନା ମୁତାବକ କାମ କରିବେ । ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ । ଖୁସି ଖବର ମିଳିପାରେ ।

**କନ୍ୟା:** ବ୍ୟବସାୟରେ ଲାଭ ହେବ । ଖର୍ଚ୍ଚ ବଢ଼ିପାରେ । ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ । କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ । ପେଟଜନିତ ସମସ୍ୟା ହୋଇପାରେ ।

**ତୁଳା:** ଅଚାନକ ଖୁସି ଖବର ମିଳିପାରେ । ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ । ପାରିବାରିକ ସମସ୍ୟାର ସମାଧାନ ହେବ । ଦାନ ଧର୍ମ କରିବେ । ଅତିଥି ସତ୍କାର କରିପାରନ୍ତି ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଚକ୍ଷୁ ସମସ୍ୟା ଭୋଗିପାରନ୍ତି ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ । ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ । ଆଇନଜୀବୀଙ୍କୁ ସଫଳତା ମିଳିବ । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ । ସନ୍ତାନ ସୁଖ ପ୍ରାପ୍ତ ହେବ । ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ । ଦିନଟି ବ୍ୟସ୍ତ ଭିତରେ କଟିବ । ରାଜନେତାଙ୍କ ପାଇଁ ଦିନଟି ଭଲ । ଜୀବନସାଥୀଙ୍କୁ ମନ କଥା କହିବେ । ସାମାଜିକ କାର୍ଯ୍ୟରେ ସାମିଲ ରହିପାରନ୍ତି ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ । ବନ୍ଧୁଙ୍କ ସାହାଯ୍ୟ ମିଳିବ । କଳା କ୍ଷେତ୍ରରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ । ସତ୍‌କାର୍ଯ୍ୟରେ ଦାନ କରିପାରନ୍ତି ।

## ଆଜିର ଐତିହ୍ୟ


- ୧୮୬୬- ଆହ୍ଲାବାଦ୍ ଉଚ୍ଚ ନ୍ୟାୟାଳୟର ସ୍ଥାପନା ।
- ୧୯୨୧- ବ୍ରାଜିଲ୍‌ରେ ମହିଳାଙ୍କୁ ମତଦାନ ଅଧିକାର ମିଳିଲା ।
- ୧୯୪୦- ଇଟାଲୀ ମିତ୍ରରାଷ୍ଟ୍ରଙ୍କ ବିପକ୍ଷରେ ଯୁଦ୍ଧ ଘୋଷଣା କଲା ।
- ୧୯୮୭- ମାର୍ଗାରେଟ ଥାଚର ତୃତୀୟ ଥର ପାଇଁ ବ୍ରିଟିଶ ପ୍ରଧାନମନ୍ତ୍ରୀ ହେଲେ ।
- ୧୯୮୭-ଆଫଗାନିସ୍ତାନରେ ଭୂସ୍ଖଳନ ଯୋଗୁ ୮୦ ମୃତ ।

## ଆଜି ବାହୁଡ଼ି ଥିଲେ

### ମହାନ ଜ୍ୟୋତିର୍ବିଜ୍ଞାନୀ

# ପଠାଣି ସାମନ୍ତ


ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ଓଡ଼ିଶାର ଜଣେ ଅସାଧାରଣ ଜ୍ୟୋତିର୍ବିଜ୍ଞାନୀ, ଗଣିତଜ୍ଞ ଏବଂ ବିଦ୍ୱାନ ଥିଲେ । ସେ କୌଣସି ଆଧୁନିକ ଯନ୍ତ୍ରପାତି ବିନା କେବଳ ଖାଲି ଆଖିରେ ଏବଂ ନିଜ ପ୍ରସ୍ତୁତ ବାଉଁଶ ନଳୀ ତଥା କାଠି ସାହାଯ୍ୟରେ ଆକାଶର ଗ୍ରହ, ନକ୍ଷତ୍ର ଓ ସୂର୍ଯ୍ୟ-ଚନ୍ଦ୍ରଙ୍କର ସଠିକ୍ ଗତିବିଧି ଗଣନା କରି ସମଗ୍ର ବିଶ୍ୱକୁ ଚକିତ କରିଦେଇଥିଲେ । ପଠାଣି ସାମନ୍ତ ଓଡ଼ିଶାର ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ାରେ ୧୩ ଡିସେମ୍ବର, ୧୮୩୫ରେ ଜନ୍ମଗ୍ରହଣ କରିଥିଲେ । ଖଣ୍ଡପଡ଼ା ନିକଟସ୍ଥ ଖୁଣ୍ଟୁପଡ଼ା ଗ୍ରାମସ୍ଥିତ ମହାଦେବ ଶ୍ରୀଶ୍ରୀ ଚନ୍ଦ୍ରଶେଖରଙ୍କ ପ୍ରସାଦରୁ ସେ ଜନ୍ମଗ୍ରହଣ କରିଥିବାର ବିଶ୍ୱାସ କରି, ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ବାଲ୍ୟକାଳରୁ ସାମନ୍ତ ଚନ୍ଦ୍ରଶେଖର ଅତ୍ୟନ୍ତ ଜିଜ୍ଞାସୁ ଥିଲେ । ରାତ୍ରି ଆକାଶରେ ଗ୍ରହ, ନକ୍ଷତ୍ରଙ୍କ ଗତିକୁ ସେ ଛୋଟ ବେଳୁ ଲକ୍ଷ୍ୟ କରୁଥିଲେ । ଚାଟଶାଳୀରେ ଓଡ଼ିଆ ଶିକ୍ଷା ସାରିବା



ପରେ ସଂସ୍କୃତ କାବ୍ୟ, ନାଟକ, ପୁରାଣ, ବେଦ ଆଦି ପୋଥି ପଢ଼ି ଜ୍ଞାନ ଆହରଣ କରିଥିଲେ । ୧୫ ବର୍ଷ ବୟସ ବେଳକୁ ସେ ଜ୍ୟୋତିଷ ବିଦ୍ୟାରେ ପାରଙ୍ଗମ ହୋଇସାରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଗୋଟି ବାଉଁଶନଳୀ ସାହାଯ୍ୟରେ ଦୂରଦୂରାନ୍ତର ଗ୍ରହ ମଣ୍ଡଳର ନକ୍ଷତ୍ରମାନଙ୍କର ଗତିବିଧି ଉପରେ ନଜର ରଖି ସେ ପାଣିପାଗ , ସୂର୍ଯ୍ୟପରାଗ , ଚନ୍ଦ୍ରଗ୍ରହଣ ଆଦି ବିଷୟରେ ନିର୍ଭୁଲ ତଥ୍ୟ ଦେଇପାରୁଥିଲେ । ଗୋଲଯନ୍ତ୍ର, ସୂର୍ଯ୍ୟଘଡ଼ି, ଶଙ୍କୁଦଣ୍ଡ, ଉଲମ୍ବୀ ଚକ୍ର, ମାନଯନ୍ତ୍ର, ଖଗୋଳଯନ୍ତ୍ର ପ୍ରଭୃତି ସ୍ୱନିର୍ମିତ ଯନ୍ତ୍ର ସାହାଯ୍ୟରେ ସେ ଗ୍ରହ ନକ୍ଷତ୍ରମାନଙ୍କ ଉପରେ ଗବେଷଣା କରୁଥିଲେ । ଜ୍ୟୋତିଷଶାସ୍ତ୍ରର ନିର୍ଭୁଲ ଗଣନା ପାଇଁ ତାଙ୍କୁ ୧୮୯୩ ମସିହାରେ ମହାମହୋପାଧ୍ୟାୟ ଉପାଧିରେ ଭୂଷିତ କରାଯାଇଥିଲା । ତାଙ୍କ ରଚିତ 'ସିଦ୍ଧାନ୍ତ ଦର୍ପଣ' ସମଗ୍ର ବିଶ୍ୱ ପାଇଁ ଏକ ଅମୂଲ୍ୟ ଗ୍ରନ୍ଥ । ପ୍ରାୟ ୨୦ ବର୍ଷର କଠିନ ପରିଶ୍ରମ ପରେ ସେ 'ସିଦ୍ଧାନ୍ତ ଦର୍ପଣ' ପ୍ରସ୍ତୁତ କରିଥିଲେ । ଏଥିରେ ଗ୍ରହମାନଙ୍କର ସଠିକ୍ ଅବସ୍ଥିତି, କକ୍ଷପଥ ଏବଂ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣର ଅଦ୍ଭୁତ ନିର୍ଭୁଲ ଗଣନା ରହିଛି । ୧୯୦୪ ମସିହା ଆଜିର ଦିନରେ ଏହି ମହାମନିଷୀଙ୍କର ଦେହାନ୍ତ ହୋଇଥିଲା ।



# 'କ୍ରିଶ୍ ୪' ବଜେଟ୍‌କୁ ନେଇ ମୁହଁ ଖୋଲିଲେ ରାକେଶ



ବଲିଉଡ୍ ଅଭିନେତା ହ୍ରିତିକ୍ ରୋଶନଙ୍କ ବହୁ ପ୍ରତୀକ୍ଷିତ ସୁପରହିରୋ ଫିଲ୍ମ 'କ୍ରିଶ୍ ୪'କୁ ନେଇ ଦୀର୍ଘଦିନରୁ ଚର୍ଚ୍ଚା ହେଉଛି । ଫିଲ୍ମର ବଜେଟ୍‌କୁ ନେଇ ହ୍ରିତିକ୍ ରୋଶନ ଏବଂ ଆଦିତ୍ୟ ଚୋପ୍ରାଙ୍କ ମଧ୍ୟରେ ସହମତି ହୋଇ ନ ପାରିବାରୁ ଏହି ଫିଲ୍ମର ସୁଟିଂ ଅଟକି ରହିଥିବା ନିକଟରେ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା । ଏବେ ଏହାକୁ ହ୍ରିତିକ୍‌ଙ୍କ ପିତା ରାକେଶ ରୋଶନ ଖଣ୍ଡନ କରିଛନ୍ତି । ଏନେଇ ପ୍ରକାଶ ପାଇଥିବା କିଛି ରିପୋର୍ଟ ଅନୁସାରେ, " 'କ୍ରିଶ୍ ୪' ର କାମ ୨୦୨୬ ମସିହାରେ ଆରମ୍ଭ ହେବାର ଥିଲା । ଏହି ଫିଲ୍ମକୁ 'କ୍ରିଶ୍' ସିରିଜ୍‌ର ଅଲଗା ଫିଲ୍ମଗୁଡ଼ିକ ଠାରୁ ଆହୁରି ଉନ୍ନତ କରିବା ପାଇଁ ହ୍ରିତିକ୍, ଆଦିତ୍ୟ ଚୋପ୍ରାଙ୍କ ନିକଟରେ ୫୦୦ କୋଟି ଟଙ୍କାର ବଜେଟ୍ ଦାବି କରିବାରୁ ଉଭୟଙ୍କ ମଧ୍ୟରେ ଏହାକୁ ନେଇ ବିବାଦ ଦେଖାଯାଇଛି । ଏଥିପାଇଁ ଫିଲ୍ମର ସୁଟିଂ ଆରମ୍ଭ ହୋଇପାରୁ ନାହିଁ ।" ଏବେ ରାକେଶ ଏହି ସବୁ ରିପୋର୍ଟକୁ ଭୁଲ୍ ବୋଲି କହିବା ସହ ଫିଲ୍ମର ସୁଟିଂ ଚଳିତ ବର୍ଷରୁ ହିଁ ଆରମ୍ଭ ହେବ ବୋଲି କହିଛନ୍ତି । ରାକେଶ ଏନେଇ କହିଛନ୍ତି, 'ହ୍ରିତିକ୍ ନିଜ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା ପ୍ରଥମ ଫିଲ୍ମ ପାଇଁ ଉଚ୍ଚସ୍ତରର ଭିଏଫ୍‌ଏକ୍ସ ଏବଂ ୱାର୍ଲ୍ଡ-କ୍ଲାସ୍ ଆକ୍ସନ୍ ପାଇଁ ପ୍ରଯୋଜକଙ୍କ ନିକଟରେ ୫୦୦ କୋଟିର ବଜେଟ୍ ରଖିଛନ୍ତି, ହେଲେ ଯଶରାଜ ବ୍ୟାନର୍ ଏହି ଖର୍ଚ୍ଚକୁ ୩୫୦ କୋଟି ଟଙ୍କା ମଧ୍ୟରେ ସୀମିତ ରଖିବାକୁ ଚାହିଁବା କଥା ସମ୍ପୂର୍ଣ୍ଣ ଭାବେ ମିଛ । ଭଲ ଫିଲ୍ମ ତିଆରି କରିବାକୁ ସମୟ ଲାଗିଥାଏ । ମୁଁ ମଧ୍ୟ ମୋର 'କ୍ରିଶ୍' ସିରିଜ୍‌ର ପ୍ରତ୍ୟେକ ଫିଲ୍ମ ପାଇଁ ସମୟ ନେଇଛି ।" 'କ୍ରିଶ୍ ୪' ର ସୁଟିଂ ଆରମ୍ଭ ହେବାରେ ବିଳମ୍ବ ହେବାର କାରଣ ଜଣାଇ ରାକେଶ କହିଛନ୍ତି, "ହ୍ରିତିକ୍ ଏବେ ସେହି ପ୍ରଡକ୍ସନ ହାଉସ୍ କାମରେ ବ୍ୟସ୍ତ ଅଛନ୍ତି ଯାହାକୁ ସେ ଚଳିତ ବର୍ଷ ଆରମ୍ଭ କରିଛନ୍ତି । 'କ୍ରିଶ୍ ୪' ପାଇଁ କୌଣସି ଅସୁବିଧା ନାହିଁ, ସବୁ କିଛି ଠିକ୍ ଚାଲିଛି । ଏହା ଆଦିତ୍ୟ ଚୋପ୍ରା, ହ୍ରିତିକ୍ ଏବଂ ମୋ ମଧ୍ୟରେ ଏକ ଟିମ୍ ୱାର୍କ ।" ଏହି ଫିଲ୍ମରେ ହ୍ରିତିକ୍‌ଙ୍କୁ ଗୋଟିଏ କିମ୍ବା ଦୁଇଟି ଚରିତ୍ରରେ ନୁହେଁ ବରଂ ଚାରୋଟି ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିବ ବୋଲି ଜଣାପଡ଼ିଛି । ହ୍ରିତିକ୍‌ଙ୍କ ବ୍ୟତୀତ ଏଥିରେ ପ୍ରିୟଙ୍କା ଚୋପ୍ରା ଏବଂ ପ୍ରୀତି ଜିଣ୍ଟା ମଧ୍ୟ ନଜର ଆସିବେ ।

# ମଳ ମାସରେ କାଉ ଅନ୍ତର୍ଦ୍ଧାନ

ଭାରତର ଅନେକ ମନ୍ଦିର, ତୀର୍ଥସ୍ଥଳ, ସହରକୁ ନେଇ ଏମିତି ସବୁ ରହସ୍ୟ ଅଛି, ଯାହା ଉପରୁ ଆଜିଯାଏଁ ପରଦା ହଟିପାରି ନାହିଁ । ଏହି କ୍ରମରେ ବିହାରର ରାଜଗୀର ସହରରେ ପ୍ରତି ମଳ ମାସରେ କାଉ ଅନ୍ତର୍ଦ୍ଧାନ ହୋଇଯିବା କଥା ଆଜିବି ରହସ୍ୟ ଘେରରେ ରହିଛି । ପୌରାଣିକ ବିଶ୍ୱାସ ଅନୁଯାୟୀ, ମଳମାସ ଚାଲିଥିବା ପୂରା ଏକ ମାସ ପର୍ଯ୍ୟନ୍ତ ରାଜଗୀର ଆକାଶରେ ଗୋଟିଏ ବି କାଉ ଦେଖିବାକୁ ମିଳନ୍ତି ନାହିଁ । ସ୍ଥାନୀୟ ଅଞ୍ଚଳରେ ପ୍ରଚଳିତ ଲୋକକଥା ଅନୁସାରେ, ଏକଦା ଏହି ସ୍ଥାନ ଉପରେ କାଉ କ୍ରୋଧିତ ହୋଇ ଯାଇଥିଲେ । ତେଣୁ ଏଠାରେ ମଳମାସରେ କାଉ ଦେଖାଯାନ୍ତି ନାହିଁ । ତେବେ ଏହି ଘଟଣାଟି ସତ୍ୟଯୁଗର ବୋଲି କୁହାଯାଏ । ଭଗବାନ ବ୍ରହ୍ମାଙ୍କ ମାନସପୁତ୍ର ରାଜା ବସୁ ରାଜଗୀର ବ୍ରହ୍ମକୁଣ୍ଡ ପରିସରରେ ଏକ ବିଶାଳ ଯଜ୍ଞର ଆୟୋଜନ କରିଥିଲେ । ଏହି ଯଜ୍ଞକୁ ୩୩ କୋଟି ଦେବୀଦେବତାଙ୍କୁ ନିମନ୍ତ୍ରଣ କରାଯାଇଥିଲା । ହେଲେ ଭୁଲରେ କାଉଙ୍କୁ ଆମନ୍ତ୍ରଣ କରାଯାଇ ନ ଥିଲା । ଏହି କଥାରେ କ୍ରୋଧ ପ୍ରକଟ କରି କାଉମାନେ ରାଜଗୀର ଛାଡ଼ି ଚାଲି ଗଲେ । ସେବେଠୁ ଏହି ମାନ୍ୟତା ଚାଲି ଆସୁଛି ଯେ, ମଳ ମାସ ଆସିଲା ମାତ୍ରକେ କାଉ ରାଜଗୀରଠାରୁ ଦୂରକୁ ଚାଲି ଯାନ୍ତି । ତେଣୁ ଏଠାରେ ଘରର ଛାତ ଉପରେ, ଗଛରେ ଏବଂ ଆକାଶରେ ପ୍ରତିଦିନ ଦେଖାଯାଉଥିବା କାଉମାନେ ମଳମାସ ସମୟରେ ହଠାତ୍ ଅଦୃଶ୍ୟ ହୋଇଯାଆନ୍ତି । ରାଜଗୀରରେ ପ୍ରତ୍ୟେକ ମଳ ମାସରେ ଏକ ବଡ଼ ମେଳା ଆୟୋଜିତ ହୋଇଥାଏ । ଏଠାରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇଥାନ୍ତି । ଏହି ସମୟରେ ଏଠାରେ ଥିବା କୁଣ୍ଡଗୁଡ଼ିକରେ ସ୍ନାନ କରିବା ଦ୍ୱାରା ସବୁ ପାପରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି ।



# ରଜପର୍ବରେ ଆଧୁନିକତାର ଛାପ





ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ, ଆସିଛି ରଜ ଲୋ ଘେନି ନୂଆ ସଜବାଜ । 'ରଜ ଦୋଳି କଟମଟ, ମୋ ଭାଇ ମୁଣ୍ଡରେ ସୁନା ମୁକୁଟ ଲୋ ଦିଶୁଥାଇ ଝଟଝଟ' ଆଦି ଗୀତ ଶୁଣିଲେ ମନରେ ଆନନ୍ଦ ଲହରୀ ଖେଳିଯାଏ । ଗୀତର ତାଳେ ତାଳେ ମିଠାପାନ, ଏବଂ ପିଠା ଖାଇ ସଭିଏଁ ପାଳନ୍ତି ରଜ ପର୍ବ । ପାଦରେ ଅଳତା, ଗଭାରେ ଗଜରା ଲଗାଇ ଖେଳନ୍ତି ଦୋଳି । ହେଲେ ସମୟାନୁସାରେ ଏହି ପାରମ୍ପରିକ ପର୍ବରେ ଏବେ ଆଧୁନିକତାର ଛାପ ପରିଲକ୍ଷିତ ହୋଇଛି । ରଜସଜ, ଖାଦ୍ୟପେୟ ଏବଂ ପ୍ରସ୍ତୁତିରେ ଦେଖାଯାଉଥିବା ଭିନ୍ନତାକୁ ନେଇ ଏହି ଉପସ୍ଥାପନା ।

### ଡିଜିଟାଲ୍ ସେଲିବ୍ରେସନ୍

ଗାଁ ଗହଳିରେ ଝିଅମାନେ ରଜରେ ସଜ ହୋଇ ସାଙ୍ଗସାଥୀଙ୍କ ସହ ପଡ଼ୋଶୀ ଏବଂ ବନ୍ଧୁବାନ୍ଧବଙ୍କ ଘରକୁ ବୁଲିବାକୁ ଯାଆନ୍ତି । ଭଲିକି ଭଲି ପିଠା, ମିଠା ଏବଂ ପାନ ଖାଇ ରଜ ଦୋଳି ଏବଂ ପୁଚି ଖେଳର ମଜା ନିଅନ୍ତି । ହେଲେ ଏବେ ଏହାର ସ୍ଥାନ ନେଇଛି ସୋସିଆଲ ମିଡିଆ । ଝିଅମାନେ ଦୋଳିଖେଳି, ରଜରେ ସଜ ହୋଇ ରିଲ୍ସ ଭିଡିଓ କରୁଛନ୍ତି । ଏହି ଉତ୍ସବ ଏବେ ଫେସବୁକ୍, ଇନ୍‌ଷ୍ଟାଗ୍ରାମ୍ ଓ ୟୁଟ୍ୟୁବ୍‌ରେ ରିଲ୍ସ ଏବଂ ଫଟୋ ଅପଲୋଡ୍ କରିବାର ଏକ ମାଧ୍ୟମ ପାଲଟିଛି ।

### ସାଜସଜ୍ଜା ଏବଂ ମେକ୍‌ଅପ୍

ରଜର ଦିନକ ପୂର୍ବରୁ ସଜବାଜ ପ୍ରସ୍ତୁତି ଆରମ୍ଭ ହୁଏ । ଯୁବତୀମାନେ ଦିନକ ଆଗରୁ କେଶ ସଫା କରି ହଳଦୀ ବାଟି ରଖନ୍ତି । ହାତରେ ମେହେନ୍ଦୀ ଏବଂ ମୁଣ୍ଡରେ ବାସନାତେଲ ଲଗାଇ କେଶ ବିନ୍ୟାସ କରନ୍ତି । ହେଲେ ଏସବୁର ସ୍ଥାନ ଏବେ ନେଇଛି ପାର୍ଲର । ଏଥିପାଇଁ ଆଗୁଆ ପାର୍ଲରରେ ମହିଳାଙ୍କର ଭିଡ଼ ଜମୁଛି । ମେକ୍-ଅପ୍, ନେଲ୍ ଆର୍ଟ ଏବଂ ହେୟାର୍ କଲର୍ ଆଦି ସାଜସଜ୍ଜାର ମୁଖ୍ୟ ଆକର୍ଷଣ ପାଲଟିଛି । ସେହିପରି ପାରମ୍ପରିକ ପାଟ ଏବଂ ସୂତା ଶାଢ଼ି ସହ ଏବେ ସମ୍ବଲପୁରୀ, ଲେହେଙ୍ଗା ସମେତ ଆଧୁନିକ ପରିଧାନ ସ୍ଥାନ ନେଇଛି ।

### ଖାଦ୍ୟପେୟ

ରଜ ଆସିଲେ ପ୍ରତ୍ୟେକ ଓଡ଼ିଆଣୀଙ୍କ ହାଣ୍ଡିଶାଳ ପିଠାପଣାରେ ମହକୁଥାଏ । ଏହି ପର୍ବରେ ପୋଡ଼ପିଠାର ବିଶେଷ ମହତ୍ତ୍ୱ ଥିଲେ ହେଁ, କାକରା, ଚକୁଳି, ଇଡ୍‌ଲି ଆଦି ପିଠାମାନ ପ୍ରସ୍ତୁତ କରାଯାଏ । ଏଥିପାଇଁ ଦିନକ ପୂର୍ବରୁ ଆବଶ୍ୟକ ସରଞ୍ଜାମ ଯଥା- ବିରି, ଚାଉଳ ବାଟି ରଖାଯାଏ । ହେଲେ ପାରମ୍ପରିକ ପିଠା ସମେତ ଏବେ କେକ୍, ମିଠା ଏବଂ ପାନୀୟ ଆଦି ରଜ ମେନ୍ୟୁରେ ସାମିଲ ହୋଇଛି ।

"ସମୟାନୁସାରେ ଲୋକେ ଏବେ ଆଧୁନିକ ଶୈଳୀରେ ରଜପର୍ବ ପାଳନ କରୁଛନ୍ତି । ପରିବାର ସହ ମଲ୍, ହୋଟେଲ୍ ଏବଂ ବିଭିନ୍ନ ସ୍ଥାନରେ ଆୟୋଜିତ ରଜ ମହୋତ୍ସବ ବୁଲି ଏହାର ମଜା ନେଉଛନ୍ତି । ସ୍ୱାଦିଷ୍ଟ ଖାଦ୍ୟ, ଦୋଳି, ପାନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖି ଫଟୋ ଉଠାଇ ମନୋରଞ୍ଜନ କରୁଛନ୍ତି । ଏଥିପାଇଁ ଆଗୁଆ ଯୋଜନା ମଧ୍ୟ କରୁଛନ୍ତି । ଅବଶ୍ୟ ଆମ ସମୟରେ ଯେମିତି ରଜ ପାଳନ ହେଉଥିଲା ଏବେ ସେସବୁ ଆଉ ନାହିଁ । ଏଥିରେ ଅନେକ ପରିବର୍ତ୍ତନ ଆସିଛି ।



- ଗୀତାଞ୍ଜଳୀ ସ୍ୱାଇଁ
ବରମୁଣ୍ଡା, ଭୁବନେଶ୍ୱର

ଏବେ ଆଉ ଆଗ ପରି ରଜପର୍ବର ଖୁସି ଜଣା ପଡୁନାହିଁ । ଗାଁ ଆମ୍ବତୋଟା ବାଉଁଶ ଦୋଳି, ପୁଚି ଖେଳ ଆଉ ନାହିଁ । ସବୁଠି ଆଧୁନିକ ଶୈଳୀରେ ରଜ ମହୋତ୍ସବ ଅନୁଷ୍ଠିତ ହେଲାଣି । ଏପରିକି ପିଠାପଣା ମଧ୍ୟ ଲୋକେ ଏତେ ଖାଇବାକୁ ପସନ୍ଦ କରୁନାହାନ୍ତି । ଖାଲି ବିଧିକୁ ଯାହା କରିବା କଥା ।




-ପ୍ରତିମା ପାଇକରାୟ
ଶଗଡ଼ଭଙ୍ଗା, ଖୋର୍ଦ୍ଧା"

## ସୁଶ୍ରୀ

# ଆଇବ୍ରୋ ଲାମିନେସନ୍ କରୁଥିଲେ...

ସାମାଜିକ ଗଣମାଧ୍ୟମରେ ମେକ୍‌ଅପ୍‌କୁ ନେଇ ଅନେକ ଟ୍ରେଣ୍ଡ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏବେ ଆଇବ୍ରୋ ଲାମିନେସନ୍ ଚର୍ଚ୍ଚାରେ ରହିଛି । ଫିଲ୍ମ ତାରକାଠୁ ନେଇ ଇନ୍‌ଫ୍ଲୁଏନ୍ସର୍‌ମାନେ ଏହା ଅନୁକରଣ କରୁଛନ୍ତି । ତେବେ ଏହା ତ୍ୱଚା ଏବଂ କେଶ ପାଇଁ କେତେ ସୁରକ୍ଷିତ ଜାଣିବା ସେ ବିଷୟରେ ।



### କ'ଣ ଆଇବ୍ରୋ ଲାମିନେସନ୍

ଏହା ଏକ ପ୍ରକାର ବିୟୁଟି ଟ୍ରିଟ୍‌ମେଣ୍ଟ । ଏଥିରେ ଭ୍ରୂଲତାକୁ ଏକ ସ୍ୱତନ୍ତ୍ର କେମିକାଲ୍ ସାହାଯ୍ୟରେ ସେଟ୍ କରାଯାଏ । ଏହାଦ୍ୱାରା ଦୀର୍ଘ ସମୟ ଧରି ଭ୍ରୂଲତା ଉପରକୁ ଟେକି ହୋଇ ରହିଥାଏ । ଏହା ଭ୍ରୂଲତାକୁ ଘନ, ମୋଟା ଏବଂ ସୁନ୍ଦର କରିଥାଏ । ଫଳରେ ଦୈନିକ ଭ୍ରୂଲତାକୁ ସେପ୍ ଦେବାକୁ ପଡ଼େନି । ଏହି ପ୍ରଭାବ ଚାରିରୁ ପାଞ୍ଚ ସପ୍ତାହ ରହିଥାଏ ।

### ସୁରକ୍ଷିତ କି ନାଇଁ

ତାଲିମପ୍ରାପ୍ତ ହାଇଜେନିକ୍ ସେଲୁନ୍‌ରେ କରିବା ଦ୍ୱାରା ଏହାକୁ ସୁରକ୍ଷିତ ମଣାଯାଏ । ହେଲେ ଇଣ୍ଟରନେଟ୍ ଭିଡିଓ ଦେଖି ଏହାକୁ କରିବା ଖୁବ୍ ବିପଜ୍ଜନକ ହୋଇଥାଏ । ସେହିପରି କିଛି ମହିଳା ସାମାଜିକ ଗଣମାଧ୍ୟମରେ ପୋଷ୍ଟ ଦେଖି ଏହା କରନ୍ତି । ଏହାଦ୍ୱାରା ପରବର୍ତ୍ତୀ ସମୟରେ ତ୍ୱଚାଜନିତ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ ।

### ଧ୍ୟାନ ରଖିବେ

ସମ୍ବେଦନଶୀଳ ତ୍ୱଚା ଥିଲେ ଏହା ନ କରିବା ଭଲ । ସେହିପରି ଏକ୍‌ଜିମା, ଆଲର୍ଜି ଏବଂ ତ୍ୱଚା ସଂକ୍ରମଣ ସମସ୍ୟା ଥିଲେ, ଏହାଠୁ ଯଥା ସମ୍ଭବ ଦୂରେଇ ରହିବା ଭଲ । ଏଥିସହ ଭ୍ରୂଲତା ପତଳା ଥିଲେ ନ କରିବା ଉଚିତ୍ । ବାରମ୍ବାର ଆଇବ୍ରୋ ଲାମିନେସନ୍ କଲେ ଏହା ଭ୍ରୂଲତାକୁ ଖରାପ କରିଥାଏ ।

# ପୁରୁଣା ଜିନ୍ସରୁ ସାଜୋପକରଣ

ଜିନ୍ସ ପ୍ୟାଣ୍ଟ ଢିଲା ହୋଇଗଲେ ଅନେକ ଏହାକୁ ଫୋପାଡ଼ି ଦିଅନ୍ତି ନଚେତ୍ ଘରପୋଛା କରନ୍ତି । ହେଲେ ଏହାକୁ ନ ଫୋପାଡ଼ି ପକେଟ୍‌କୁ ଉପଯୋଗ କରି ଘରପୋକରଣ ସାମଗ୍ରୀ ପ୍ରସ୍ତୁତ କରି ଚାବି, ରିମୋଟ୍ ଆଦି ଜିନିଷ ରଖିପାରିବେ ।

- ପ୍ରଥମେ ଜିନ୍ସରୁ ପକେଟ୍‌କୁ କାଟି ବାହାର କରନ୍ତୁ । ଏହାକୁ ଏକ ମୋଟା ଡେନିମ୍ କପଡ଼ା କିମ୍ବା ଏକ କାର୍ଡବୋର୍ଡ଼ରେ ଅଠା ଦେଇ ପେଷ୍ଟ କରନ୍ତୁ ।
- ଏହାପରେ ଏଥିରେ ଏମ୍ବ୍ରୋଡୋରୀ କିମ୍ବା ମୋତି ମାଳି ଲଗାଇ ଡିଜାଇନ୍ କରନ୍ତୁ ।
- ଏହାକୁ ବିଭିନ୍ନ ଡିଜାଇନ୍ ଯଥା - ମିକି ମାଉସ, ର୍ୟାବିଟ୍ ଆଦି ଆକାର ଦେଇପାରିବେ । ଏହାକୁ କାନ୍ଥରେ ଝୁଲାଇଲେ ଏଥିରୁ ଘରକୁ ଏକ ସୁନ୍ଦର୍ ଲୁକ୍ ମିଳିଥାଏ ।
- ଅଧିକ ସୁନ୍ଦର ଏବଂ ଆକର୍ଷଣୀୟ କରିବାକୁ ଚାହୁଁଥିଲେ ଏଥିରେ ଷ୍ଟିକର୍ ଏବଂ ଗ୍ଲିଟର୍ ମଧ୍ୟ ଲଗାଇପାରିବେ ।



## ହଜିଯାଉଥିବା ସ୍ୱାଦ

# ଆମ୍ବ ପୋଡ଼ପିଠା

ଆମ୍ବରସ – ଦୁଇକପ୍, ଚାଉଳଗୁଣ୍ଡ - ୧ କପ୍, କ୍ଷୀର – ଆବଶ୍ୟକତା ଅନୁସାରେ, ଚିନି – ଏକ କପ୍, ଲୁଣ - ଏକ ଚିମୁଟିଏ, ଅଳେଇଚ ଗୁଣ୍ଡ - ଅଧା ଚାମଚ, ଘିଅ କିମ୍ବା ତେଲ - ୨ ଚାମଚ, କାଜୁ – ଛଅ ସାତୋଟି, କିସ୍‌ମିସ୍ – ଚାରିପାଞ୍ଚୋଟି ଏବଂ ନଡ଼ିଆ କୋରା – ଅଳ୍ପ ।



### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଗୋଟିଏ ପାତ୍ର ନେଇ ସେଥିରେ ଚାଉଳଗୁଣ୍ଡ, ଚିନି, ଲୁଣ ଏବଂ ଆମ୍ବରସକୁ ପକାଇ ଭଲ ଭାବେ ଘାଣ୍ଟନ୍ତୁ । ଏହାପରେ ଏଥିରେ ଆବଶ୍ୟକତା ଅନୁସାରେ କ୍ଷୀର ଦେଇ ବହଳିଆ ଘୋଳ ପ୍ରସ୍ତୁତ କରନ୍ତୁ । ଏଥିରେ ନଡ଼ିଆ କୋରା ଏବଂ ଅଳେଇଚ ଗୁଣ୍ଡ ପକାଇ ୧୫–୨୦ ମିନିଟ୍ ଘୋଡ଼ାଇ ରଖନ୍ତୁ । ଏହାପରେ ଗୋଟିଏ କଡ଼େଇ କିମ୍ବା ହାଣ୍ଡି ନେଇ ସେଥିରେ ତେଲ ନଚେତ୍ ଘିଅ ଲଗାନ୍ତୁ । ଏହାପରେ ଆମ୍ବ ମିଶ୍ରଣକୁ ସେଥିରେ ଦେଇ ଦିଅନ୍ତୁ । ଉପରେ ଡ୍ରାଏଫ୍ରୁଟ୍ସ ପକାଇ ସଜାନ୍ତୁ । ଏହାପରେ ଢାଙ୍କୁଣି ଘୋଡ଼ାଇ ପିଠାକୁ ୩୦ ରୁ ୪୦ ମିନିଟ୍ ପୋଡ଼ିବା ପାଇଁ ଛାଡ଼ି ଦିଅନ୍ତୁ । ପିଠାଟି ସିଝିଗଲେ ଏହାକୁ ଥଣ୍ଡା କରି ଖଣ୍ଡରେ କାଟି ପରଷନ୍ତୁ । ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ଆମ୍ବ ପୋଡ଼ପିଠା' ।




ସକାଳ
www.sakalaepaper.com

## ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ର ଖେଳସୂଚୀ
### ଜୁନ୍ ୧୧ରୁ ୨୦ ତାରିଖ ପର୍ଯ୍ୟନ୍ତ

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ଜୁନ୍ ୧୧ | ମେକ୍ସିକୋ-ଦ.ଆଫ୍ରିକା | ମେକ୍ସିକୋ ସିଟି | ରାତି ୧୨.୩୦ |
| ଜୁନ୍ ୧୨ | ଚେକିଆ-ଦ.କୋରିଆ | ଜାପୋପାନ | ସକାଳ ୭.୩୦ |
| ଜୁନ୍ ୧୨ | କାନାଡା - ବୋସ୍ନିଆ | ଟରଣ୍ଟୋ | ରାତି ୧୨.୩୦ |
| ଜୁନ୍ ୧୩ | ପାରାଗୁଏ-ଆମେରିକା | ଲସ୍‌ଏଞ୍ଜେଲ୍ସ | ସକାଳ ୬.୩୦ |
| ଜୁନ୍ ୧୩ | କତାର-ସୁଇଜରଲାଣ୍ଡ | ସାଣ୍ଟା କ୍ଲାରା | ରାତି ୧୨.୩୦ |
| ଜୁନ୍ ୧୩ | ବ୍ରାଜିଲ-ମରୋକ୍କୋ | ନ୍ୟୁ ଜର୍ସି | ରାତି ୩.୩୦ |
| ଜୁନ୍ ୧୪ | ସ୍କଟ୍‌ଲାଣ୍ଡ-ହାଇତି | ଫକ୍ସବର୍ଗ | ସକାଳ ୬.୩୦ |
| ଜୁନ୍ ୧୪ | ଅଷ୍ଟ୍ରେଲିଆ-ତୁର୍କୀ | ଭାଙ୍କୋଭର | ସକାଳ ୯.୩୦ |
| ଜୁନ୍ ୧୪ | ଜର୍ମାନୀ-କ୍ୟୁରାସାଓ | ହଷ୍ଟନ | ରାତି ୧୦.୩୦ |
| ଜୁନ ୧୪ | ନେଦରଲାଣ୍ଡସ-ଜାପାନ | ଆଲଲିଙ୍ଗ୍‌ଟନ | ରାତି ୧.୩୦ |
| ଜୁନ୍ ୧୪ | ଆଇଭରି କୋଷ୍ଟ-ଇକ୍ୱେଡର | ଫିଲାଡେଲଫିଆ | ୪.୩୦ (୧୫ ଭୋର) |
| ଜୁନ୍ ୧୫ | ସ୍ୱିଡେନ-ଟ୍ୟୁନିସିଆ | ଗୌଦାଲାଜରା | ସକାଳ ୭.୩୦ |
| ଜୁନ୍ ୧୫ | ସ୍ପେନ୍-କେପ୍ ଭର୍ଡ | ଆଟ୍‌ଲାଣ୍ଟା | ରାତି ୯.୩୦ |
| ଜୁନ୍ ୧୫ | ବେଲଜିୟମ-ଇଜିପ୍ଟ | ସିଆଟଲ | ରାତି ୧୨.୩୦ |
| ଜୁନ୍ ୧୫ | ଉରୁଗୁଏ-ସାଉଦି ଆରବ | ମିଆମି | ରାତି ୩.୩୦ |
| ଜୁନ୍ ୧୬ | ଇରାନ-ନ୍ୟୁଜିଲାଣ୍ଡ | ଲସ୍ ଏଞ୍ଜେଲସ୍ | ସକାଳ ୬.୩୦ |
| ଜୁନ୍ ୧୬ | ଫ୍ରାନ୍ସ-ସେନେଗାଲ | ନ୍ୟୁ ଜର୍ସି | ରାତି ୧୨.୩୦ |
| ଜୁନ୍ ୧୬ | ଇରାକ୍-ନରୱେ | ଫକ୍ସବର୍ଗ | ରାତି ୩.୩୦ |
| ଜୁନ୍ ୧୭ | ଆର୍ଜେଣ୍ଟିନା-ଆଲଜେରିଆ | କାନସାସ ସିଟି | ସକାଳ ୬.୩୦ |
| ଜୁନ୍ ୧୭ | ଅଷ୍ଟ୍ରିଆ-ଜୋର୍ଡାନ | ସାଣ୍ଟା କ୍ଲାରା | ସକାଳ ୯.୩୦ |
| ଜୁନ୍ ୧୭ | ପର୍ତ୍ତୁଗାଲ-କଙ୍ଗୋ | ହଷ୍ଟନ | ରାତି ୧୦.୩୦ |
| ଜୁନ୍ ୧୭ | ଇଂଲଣ୍ଡ-କ୍ରୋଏସିଆ | ଆରଲିଙ୍ଗଟନ | ରାତି ୧.୩୦ |
| ଜୁନ୍ ୧୭ | ଘାନା-ପାନାମା | ଟରଣ୍ଟୋ | ୪.୩୦ (୧୮ ଭୋର) |
| ଜୁନ୍ ୧୮ | କଲମ୍ବିଆ-ଉଜ୍‌ବେକିସ୍ତାନ | ମେକ୍ସିକୋ ସିଟି | ସକାଳ ୭.୩୦ |
| ଜୁନ୍ ୧୮ | ଚେକିଆ-ଦ.ଆଫ୍ରିକା | ଆଟଲାଣ୍ଟା | ରାତି ୯.୩୦ |
| ଜୁନ୍ ୧୮ | ସ୍ୱିଜରଲାଣ୍ଡ-ବୋସନିଆ | ଲସ୍ ଏଞ୍ଜେଲ୍ସ | ରାତି ୧୨.୩୦ |
| ଜୁନ୍ ୧୮ | କାନାଡା-କତାର | ଭାଙ୍କୋଭର | ରାତି ୩.୩୦ |
| ଜୁନ୍ ୧୯ | ମେକ୍ସିକୋ-ଦ.କୋରିଆ | ଜାପୋପାନ୍ | ସକାଳ ୬.୩୦ |
| ଜୁନ୍ ୧୯ | ଆମେରିକା-ଅଷ୍ଟ୍ରେଲିଆ | ସିଆଟଲ | ରାତି ୧୨.୩୦ |
| ଜୁନ୍ ୧୯ | ସ୍କଟଲାଣ୍ଡ-ମରୋକ୍କୋ | ଫକ୍ସବର୍ଗ | ରାତି ୩.୩୦ |

# ଆଜିଠାରୁ ଫୁଟ୍‌ବଲ୍ ମହାକୁମ୍ଭ

ମେକ୍ସିକୋ ସିଟି,୧୦।୬ (ସମିସ)



ବିଶ୍ୱର ସବୁଠାରୁ ଲୋକପ୍ରିୟ ଖେଳ ଫୁଟବଲ ପ୍ରତିଯୋଗିତାର ବରିଷ୍ଠ ବିଭାଗ ପୁରୁଷ ବିଶ୍ୱକପ୍ ପ୍ରତିଯୋଗିତା ଆସନ୍ତାକାଲିଠାରୁ ଆରମ୍ଭ ହେବ । ଫୁଟବଲ ଖେଳର ସର୍ବୋଚ୍ଚ ସଂସ୍ଥା ଦ୍ୱାରା ଏହା ଆୟୋଜିତ ହେଉଥିବାରୁ ଫିଫା ବିଶ୍ୱକପ୍ ନାମରେ ପରିଚିତ ଏହି ମେଗା ଇଭେଣ୍ଟ ଜୁନ୍ ୧୧ରୁ ଆରମ୍ଭ ହୋଇ ଜୁଲାଇ ୧୯ ରେ ଶେଷ ହେବ । ପ୍ରଥମଥର ୩ଟି ଦେଶ ଯଥା ଆମେରିକା, ମେକ୍ସିକୋ ଓ କାନାଡ଼ା ଏହି ବିଶ୍ୱକପ୍ ଆୟୋଜନ କରୁଥିବାରୁ ୩ଟି ଟାଇମିଂ ଜୋନ୍‌ରେ ଖେଳ ଦେଖିବା ଦର୍ଶକଙ୍କ ଲାଗି କଷ୍ଟକର ହେଉଛି । ତଥାପି ଅଂଶଗ୍ରହଣକାରୀ ଦେଶର ସମୟ ଅନୁଯାୟୀ ଏହି ମ୍ୟାଚ୍‌ର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଏଥର ୩ଟି ଦେଶର ମୋଟ ୧୬ଟି ଭେନ୍ୟୁରେ ମ୍ୟାଚ୍ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି । ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଏହି ବିଶ୍ୱକପ୍ର ଉଦଘାଟନୀ ଉତ୍ସବ ଏକ ସଙ୍ଗେ ୩ଟି ଦେଶରେ ଆୟୋଜିତ ହେବ । ଆମେରିକାରରେ ସର୍ବାଧିକ ୧୧ଟି ଷ୍ଟାଡିୟମ୍‌ରେ ସର୍ବାଧିକ ୭୮ ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି ।

## ଉଦ୍‌ଘାଟନୀ ଉତ୍ସବର ଆକର୍ଷଣ ସାକିରା



ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଗାୟିକା ସାକିରା ଫିଫା ବିଶ୍ୱକପ୍ ପୂର୍ବର ଉଦ୍‌ଘାଟନୀ ସମାରୋହରେ ସଙ୍ଗୀତ ପରିବେଷଣ କରିବେ । ଫିଫା ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସଙ୍ଗୀତ ଦାଏ ଦାଏ'କୁ ଗାଇବେ ସାକିରା । ତାଙ୍କ ସହ ନରୱେର ବୁର୍ଣ୍ଣା ବୟ ମଧ୍ୟ ଫିଫା ସଙ୍ଗୀତ ପରିବେଷଣ କରିବେ । ଅନ୍ୟ ତାରକାମାନଙ୍କ ମଧ୍ୟରେ ଆଲେଜାଣ୍ଡ୍ରୋ ଫର୍ଣ୍ଣାଣ୍ଡିଜ୍, ବେଲିଣ୍ଡା, ଡାନ୍ନି ଓସେନ୍, ଜେ. ବାଲଭିନ୍, ଲିଳା ଡାଉନ୍ସ, ଲସ୍‌ଆଞ୍ଜିଲ୍ସ ଆଜୁଲେସ୍, ମାନା ଓ ଟିଲା ମଧ୍ୟ ଅଫିସିଆଲ ଫିଫା ସଙ୍ଗୀତ ପରିବେଷଣରେ ସହଯୋଗ କରିବେ । ଉଦ୍‌ଘାଟନୀ ଉତ୍ସବ ମେକ୍ସିକୋ ସିଟିରେ ଭାରତୟ ସମୟ ରାତି ୧୦.୩୦ରୁ ଆରମ୍ଭ ହେବ । ପ୍ରତ୍ୟେକ ଦେଶରେ ଖେଳାଯିବାକୁ ଥିବା ଉଦ୍‌ଘାଟନୀ ମୁକାବିଲା ପୂର୍ବରୁ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହେବ । କାନାଡାରେ ଟରଣ୍ଟୋ ଓ ଆମେରିକାରେ ଲସ୍‌ଏଞ୍ଜେଲ୍ସରେ ଏହି ଉତ୍ସବ ଓ ପରେ ମ୍ୟାଚ୍ ଖେଳାଯିବ । ଟରଣ୍ଟୋରେ ଗାୟକ ଓ ଲେଖକ ମାଇକେଲ ବବଲ ଓ ଆଲାନିସ୍ ମୋରିଷ୍ଟେ, ଆମେରିକାର ସୋଫି ଷ୍ଟାଡିୟମ୍‌ରେ ପପ୍ ଷ୍ଟାର କାଟି ପେର, ରାପର ଫ୍ୟୁଚର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରିବେଷଣ କରିବେ । କାନାଡା ଜନ୍ମିତ ବଲିଉଡ୍ ଷ୍ଟାର ନୋରା ଫତେହୀ ଟରଣ୍ଟୋ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରିବେ ।

## ମେକ୍ସିକୋରେ ଉଦ୍‌ଘାଟନୀ, ନ୍ୟୁ ଜର୍ସୀରେ ଫାଇନାଲ




ବିଶ୍ୱକପ୍‌ରେ ଏଥର ସର୍ବାଧିକ ୪୮ଟି ଦେଶ ଭାଗନେଉଥିବାରୁ ସ୍ୱାଭାବିକ ଭାବେ ସର୍ବାଧିକ ୧୦୪ଟି ମ୍ୟାଚ୍ ଖେଳାଯିବ । ଏହା ମଧ୍ୟରୁ ଆମେରିକାରେ ୭୮ଟି ଓ ଅନ୍ୟ ଦୁଇ ସହଯୋଗୀ ଦେଶରେ ୧୩ଟି ଲେଖାଏଁ ମ୍ୟାଚ୍ ଆୟୋଜିତ ହେବ । ରାଉଣ୍ଡ ଅଫ୍ ୩୨ ଓ ରାଉଣ୍ଡ ଅଫ୍ ୧୬ରେ ୩ଟି ନକ୍‌ଆଉଟ ମ୍ୟାଚ୍ ଆମେରିକା ବାହାରେ ଓ ଅନ୍ୟ ସମସ୍ତ ନକ୍‌ଆଉଟ ମୁକାବିଲା ଆମେରିକାରେ ଅନୁଷ୍ଠିତ ହେବ । ରେକର୍ଡ ତୃତୀୟଥର ଉଦ୍‌ଘାଟନୀ ଉତ୍ସବ ସହ ଉଦ୍‌ଘାଟନୀ ମୁକାବିଲା କରିବାକୁ ଯାଉଥିବା ମେକ୍ସିକୋ ସିଟିର ଆଜ୍‌ଟେକା ଷ୍ଟାଡିୟମ୍‌ରେ ଆୟୋଜକ ମେକ୍ସିକୋ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଭାରତୀୟ ସମୟ ରାତି ୧୨ଟା ୩୦ ମିନିଟ୍‌ରେ ଖେଳାଯିବ । ସେହିପରି ପ୍ରତିଯୋଗିତା ଶେଷରେ ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଆମେରିକାର ନ୍ୟୁ ଜର୍ସୀରେ ଥିବା ମେଟ୍‌ଲାଇଫ୍ ଷ୍ଟାଡିୟମ୍‌ରେ ଫାଇନାଲ ମୁକାବିଲା ଜୁଲାଇ ୧୯ ତାରିଖ ରାତି ୧୨ଟା ୩୦ ମିନିଟ୍‌ରେ ଖେଳାଯିବ ।

## ହାଇତି ଜର୍ସିରେ ରହିବ ପୋଲାଣ୍ଡ ପତାକା




ୱାଶିଂଟନ, ୧୦।୬ (ଏଜେନ୍ସି): ଦୀର୍ଘ ୫୨ ବର୍ଷ ପରେ ହାଇତି ଫିଫା ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି । ଏହି କାରବୀୟ ରାଷ୍ଟ୍ର ପ୍ରଥମ ଓ ଶେଷଥର ଲାଗି ୧୯୭୪ ଫିଫା ବିଶ୍ୱକପ୍‌ରେ ଅଂଶଗ୍ରହଣ କରି ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା । ୫୨ ବର୍ଷ ପରେ ପୁଣିଥରେ ଏହି ମେଗା ଇଭେଣ୍ଟକୁ ଯୋଗ୍ୟତା ଅର୍ଜନ କରିଥିବାରୁ ଏଥର ହାଇତି ପ୍ରଦର୍ଶନର ଛାପ ଛାଡ଼ିବା ଲକ୍ଷ୍ୟରେ ରହିଛି । କିନ୍ତୁ ହାଇତି ଖେଳାଳିମାନେ ପିନ୍ଧିବାକୁ ଥିବା ଜର୍ସିରେ ପୋଲାଣ୍ଡର ଜାତୀୟ ପତାକା ରହିବା ଫୁଟବଲପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ କରିଛି । ପ୍ରଥମତଃ ଏହା କିଟ୍ ନିର୍ମାତାଙ୍କ ଦ୍ୱାରା କୌଣସି ତ୍ରୁଟି ନୁହେଁ । ପ୍ରକୃତରେ ଏହା ଡିଜାଇନର ଏକ ଅଂଶ । ହାଇତି ଦଳର ଜର୍ସିରେ ପୋଲାଣ୍ଡର ଜାତୀୟ ପତାକାର ଉପସ୍ଥିତିର ଏକ ଐତିହାସିକ ଗୁରୁତ୍ୱ ରହିଛି । ତାହା ହେଉଛି ୧୮୦୪ ମସିହାରେ ହାଇତିକୁ ସ୍ୱାଧୀନତା ହାସଲ କରିବାରେ ୫,୦୦୦ ପୋଲାଣ୍ଡ ସୈନିକଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା । ହାଇତିର ପ୍ରତିଷ୍ଠାତା ନେତା ଜିନ୍-ଜ୍ୟାକ୍ ଡେସାଲିନ୍ସ ପୋଲାଣ୍ଡମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସମର୍ଥନକୁ ସ୍ୱୀକାର କରିଥିଲେ । ତେଣୁ ଏଥର ହାଇତିର ଜର୍ସି ଡିଜାଇନ୍ ପୋଲାଣ୍ଡ ସୈନିକଙ୍କ ପ୍ରତି ଏକ ଶ୍ରଦ୍ଧାଞ୍ଜଳି ଭାବରେ ଦେଖାଯାଉଛି । ଯେଉଁମାନେ ସ୍ୱାଧୀନତା ପାଇଁ ସେମାନଙ୍କ ଲଢ଼େଇ ସମୟରେ ହାଇତିଙ୍କ ସହିତ ଠିଆ ହୋଇଥିଲେ । ଅପରପକ୍ଷରେ ଏକ ଉଲ୍ଲେଖନୀୟ ଘଟଣା ହେଉଛି ଏଥର ପୋଲାଣ୍ଡ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛି । କିନ୍ତୁ ହାଇତି ଜର୍ସିରେ ଏହାର ପରୋକ୍ଷ ପ୍ରତିନିଧିତ୍ୱ ରହିଛି ।



## କ୍ୟୁର୍‌ସାଓ ସବୁଠୁ କ୍ଷୁଦ୍ରତମ ଦେଶ

ଫିଫା ବିଶ୍ୱକପ୍ ଇତିହାସରେ କ୍ୟୁରସାଓ ସବୁଠୁ କ୍ଷୁଦ୍ରତମ ଦେଶ ଭାବେ ଯୋଗ୍ୟତା ଅର୍ଜନ କରିଛି । ଏହି କାରବୀୟ ଦ୍ୱୀପ ରାଷ୍ଟ୍ରର ମୋଟ ଜନସଂଖ୍ୟା ଦେଢ଼ ଲକ୍ଷରୁ ସାମାନ୍ୟ ଅଧିକ ରହିଛି । ଏହି କାରିବିଆନ୍ ଦ୍ୱୀପ, ଜନସଂଖ୍ୟା ଏବଂ ଭୂମି ଆକାର ଉଭୟ ଦୃଷ୍ଟିରୁ ଫିଫା ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ସବୁଠାରୁ ଛୋଟ ଦେଶ । ଉତ୍ତର ଆମେରିକୀୟ ମହାଦେଶର ଯୋଗ୍ୟତା ପର୍ଯ୍ୟାୟରେ ପ୍ରଭାବୀ ପ୍ରଦର୍ଶନ କରି କ୍ୟୁରସାଓ ୨୦୨୬ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବାର ସୌଭାଗ୍ୟ ଲାଭ କରିଥିଲା । ଅଧିନାୟକ ର୍‌ୟାନ ମେଣ୍ଡେସ ଏହି ଦଳର ପ୍ରମୁଖ ଖେଳାଳି ରହିଛନ୍ତି । ବିଶ୍ୱକପ୍ ପୂର୍ବରୁ କ୍ୟୁରସାଓ ଦଳର ଖେଳାଳିମାନେ ଝରକା କାଚ ନ ଥିବା ଏକ ପୁରୁଣା ସ୍କୁଲ ବସ୍‌ରେ ଗ୍ରାଉଣ୍ଡକୁ ଯାତ୍ରା କରୁଥିଲେ । ଯାହାର ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଥିଲା ।

## ସିଧା ପ୍ରସାରଣ ଦେଖିପାରିବେ ଭାରତୀୟ ଦର୍ଶକ

ବିଶ୍ୱର ଲୋକପ୍ରିୟ ଟୁର୍ଣ୍ଣାମେଣ୍ଟ ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣର ସିଧାପ୍ରସାରଣ ଅଧିକାର ଭାରତରେ ଜି' ଟିଭି ହାସଲ କରିଛି । ଜି ଟିଭି' ନେଟ୍‌ୱର୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ୪ଟି ୟୁନାଇଟ୍-୮ ସ୍ପୋର୍ଟ୍ସ ଚ୍ୟାନେଲ (unite 8 ) ରେ ବିଶ୍ୱକପ୍‌ର ସମସ୍ତ ୧୦୪ଟି ଯାକ ମ୍ୟାଚ୍ ହିନ୍ଦି ଓ ଇଂରାଜୀ ଭାଷାରେ ସିଧାପ୍ରସାରଣ ହେବ । ଚାରୋଟି ଚ୍ୟାନେଲ ୟୁନାଇଟ୍ ସ୍ପୋର୍ଟ୍ସ-୧, ୟୁନାଇଟ୍ ସ୍ପୋର୍ଟ୍ସ-୧ ଏଚ୍‌ଡି, ୟୁନାଇଟ୍ ସ୍ପୋର୍ଟ୍ସ-୨ ଓ ୟୁନାଇଟ୍ ସ୍ପୋର୍ଟ୍ସ-୨ ଏଚ୍‌ଡି ଚ୍ୟାନେଲରେ ଭାରତୀୟ ଦର୍ଶକ ମ୍ୟାଚ୍ ଦେଖିପାରିବେ । ସେହିଭଳି ଅନ୍‌ଲାଇନରେ ଜି୫(ZEE 5) ଆପ୍ ଓ ୱେବସାଇଟ୍‌ରେ ସମସ୍ତ ମ୍ୟାଚର ସିଧାପ୍ରସାରଣ ମଧ୍ୟ ହେବ ।

## ଭାରତରେ କେତେବେଳେ ଦେଖିବେ ଖେଳ

ବିଶ୍ୱକପ୍ ଏଥର ୩ଟି ଦେଶରେ ଆୟୋଜିତ ହେଉଥିବାରୁ ୩ଟ ଟାଇମିଂ ଜୋନ୍‌ରେ ମ୍ୟାଚ୍ ଖେଳାଯିବ । ଏଣୁ ଭାରତୀୟ ସମୟରେ ୧୨ ଘଣ୍ଟା ମଧ୍ୟରେ ଖେଳ ହେବ ଓ ଜଣେ ଦର୍ଶକ ରାତି ୯ଟା ୩୦ରୁ ତା'ପରଦିନ ସକାଳ ୯ଟା ୩୦ ଯାଏ ଖେଳ ଦେଖିପାରିବେ । ରାତି ୯ଟା ୩୦, ରାତି ୧୦ଟା ୩୦, ରାତି ୧୨.୩୦, ରାତି ୧.୩୦, ରାତି ୩.୩୦, ଭୋର ୪.୩୦, ପରଦିନ ସକାଳ ୬.୩୦, ୮.୩୦ ଓ ୯.୩୦ରୁ ଆରମ୍ଭ ହୋଇ ୨ଘଣ୍ଟା ଯାଏ ଖେଳାଯିବ । ଏଣୁ ଜଣେ ଦର୍ଶକ ରାତିରୁ ପରଦିନ ପୂର୍ବାହ୍ଣ ୧୧ଟା ୩୦ ମିନିଟ୍ ଯାଏ ଖେଳ ଦେଖିପାରିବେ ।

## ଚାରିଥରର ଚାମ୍ପିଅନ ଇଟାଲୀର ଅଲୋଡ଼ା ହ୍ୟାଟ୍ରିକ

ଏଥର ଫିଫା ବିଶ୍ୱକପ୍ ଆରମ୍ଭ ହେବା ପୂର୍ବରୁ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା । ଚାରିଥରର ପୂର୍ବ ବିଜେତା ଇଟାଲୀ ଏଥର ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛି । ଏହାକୁ ମିଶାଇ ଇଟାଲୀ କ୍ରମାଗତ ୩ୟ ସଂସ୍କରଣ ଲାଗି ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ହାସଲ କରିପାରିନାହିଁ । ଏଥିପୂର୍ବରୁ ୨୦୧୮ ଓ ୨୦୨୨ ବିଶ୍ୱକପ ମଧ୍ୟ ଇଟାଲୀ ଖେଳିପାରି ନ ଥିଲା । ବିଶ୍ୱ ମାନ୍ୟତାର ୧୨ତମ ସ୍ଥାନରେ ଥିବା ଏହି ୟୁରୋପୀୟ ଦଳ ଲାଗି ଏହା ଶକ୍ତ ଝଟକା ସଦୃଶ ହୋଇଛି । ସେହିଭଳି ଚଳିତ ବିଶ୍ୱକପ୍‌କୁ ଯୋଗ୍ୟତା ହାସଲ କରିପାରି ନ ଥିବା ଅନ୍ୟ କିଛି ପ୍ରମୁଖ ଦେଶ ହେଲେ ଡେନମାର୍କ, ନାଇଜେରିଆ, ୟୁକ୍ରେନ ଓ ପୋଲାଣ୍ଡ । ୨୦୨୨ ବିଶ୍ୱକପ୍‌ରେ ଡାର୍କହର୍ସ ଥିବା ଡେନମାର୍କ ବର୍ତ୍ତମାନ ଫିଫା ର୍‌ୟାଙ୍କିଙ୍ଗ୍‌ରେ ୨୦ତମ ସ୍ଥାନରେ ରହିଛି । କିନ୍ତୁ ଯୋଗ୍ୟତା ପର୍ଯ୍ୟାୟରେ ଚେକ୍ ରିପବ୍ଲିକ ନିକଟରୁ ସୁଟ୍ ଆଉଟ୍‌ରେ ହାରିବା ପରେ ଡେନମାର୍କର ବିଶ୍ୱକପ୍ ଖେଳିବା ଆଶା ଧୂଳିସାତ୍ ହୋଇଯାଇଥିଲା । ଆଫ୍ରିକ ମହାଦେଶର ଅନ୍ୟତମ ଶକ୍ତିଶାଳୀ ଦଳ ନାଇଜେରିଆ ବର୍ତ୍ତମାନ ଫିଫା ର୍‌ୟାଙ୍କିଙ୍ଗ୍‌ରେ ୨୬ତମ ସ୍ଥାନରେ ରହିଛି । କିନ୍ତୁ ୪୮ ଜଣିଆ ବିଶ୍ୱକପ୍‌କୁ ଦଳ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲା । 'କାଫ୍' ପ୍ଲେ ଅଫ୍ ଫାଇନାଲରେ କଙ୍ଗୋଠାରୁ ହାରିବା ନାଇଜେରିଆ ପାଇଁ ମହଙ୍ଗା ପଡ଼ିଥିଲା । ନାଇଜେରିଆ ୨୦୨୨ ବିଶ୍ୱକପ୍‌କୁ ମଧ୍ୟ ଟିକଟ୍ ହାସଲ କରି ନ ଥିଲା । ଅପରପକ୍ଷରେ ୪ ବର୍ଷ ଧରି ରୁଷ ସହ ଯୁଦ୍ଧରେ ସଂଘର୍ଷ କରୁଥିବା ୟୁକ୍ରେନକୁ ମଧ୍ୟ ଏଥର ବିଶ୍ୱକପ୍ ଟିକଟ୍ ମିଳିନି । ବିଶ୍ୱ ମାନ୍ୟତାର ୩୨ତମ ସ୍ଥାନରେ ଥିବା ଏହି ୟୁରୋପୀୟ ରାଷ୍ଟ୍ର ଶେଷଥର ଲାଗି ୨୦୦୬ ସଂସ୍କରଣ ଖେଳିଥିଲା । ପୋଲାଣ୍ଡ ମଧ୍ୟ ଏଥର ବିଶ୍ୱକପ୍ ବସ୍ ମିସ୍ କରିଛି । ଫିଫା ର୍‌ୟାଙ୍କିଙ୍ଗରେ ୩୨ତମ ସ୍ଥାନରେ ଥିବା ପୋଲାଣ୍ଡ ଯୋଗ୍ୟତା ପର୍ଯ୍ୟାୟର ଫାଇନାଲ ମ୍ୟାଚରେ ୨-୩ ଗୋଲ୍‌ରେ ସ୍ୱିଡେନଠାରୁ ହାରିବା ପୋଲାଣ୍ଡ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା ।

● ନାଇଟ୍ କ୍ଲବ ବିବାଦ

## ଦଳରୁ ବାଦ୍ ସହ ଅଧିନାୟକ ପଦ ହରାଇଲେ ଷ୍ଟୋକ୍ସ

ଲଣ୍ଡନ, ୧୦।୬ (ଏଜେନ୍ସି): ନାଇଟ୍ କ୍ଲବ୍ ବିବାଦ ପରେ ଇଂଲଣ୍ଡ କ୍ରିକେଟ୍ ବୋର୍ଡ (ଇସିବି) ଟେଷ୍ଟ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ନ୍ୟୁଜିଲାଣ୍ଡ ବିପକ୍ଷ ଆଗାମୀ ୧୭ରୁ ଆରମ୍ଭ ହେବାକୁ ଥିବା ଦ୍ୱିତୀୟ ଟେଷ୍ଟରୁ ଷ୍ଟୋକ୍ସଙ୍କ ସମେତ ଦ୍ରୁତ ବୋଲର୍ ଗସ୍ ଆଟକିନସନଙ୍କୁ ବାଦ୍ ଦିଆଯାଇଛି । ଷ୍ଟୋକ୍ସଙ୍କ ସ୍ଥାନରେ ଜୋ ରୁଟ୍‌ଙ୍କୁ ଅନ୍ତରୀଣ ଅଧିନାୟକ ନିଯୁକ୍ତ କରାଯାଇଛି । ସେହିଭଳି ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଏବଂ ବ୍ୟାଟ୍ସମ୍ୟାନ୍ ଜୋର୍ଡାନ କକ୍ସଙ୍କୁ ଦଳରେ ସାମିଲ କରାଯାଇଛି । ଇସିବି ପକ୍ଷରୁ କୁହାଯାଇଛି ଯେ ନାଇଟ୍ କ୍ଲବ୍ ଘଟଣାର ତଦନ୍ତ ଚାଲିଥିବା ହେତୁ ଷ୍ଟୋକ୍ସ ଏବଂ ଆଟକିନସନ୍‌ଙ୍କ ନାମକୁ ଚୟନ ପାଇଁ ବିଚାରକୁ ନିଆଯାଇନାହିଁ ।

ପ୍ରକାଶ ଯୋଗ୍ୟ ଲର୍ଡ୍ସରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ନ୍ୟୁଜିଲାଣ୍ଡକୁ ୧୧୫ ରନରେ ଇଂଲଣ୍ଡ ପରାସ୍ତ କରିଥିଲା । ପରେ ବିଜୟର ଉତ୍ସବ ପାଳନ କରିବା ପାଇଁ ଷ୍ଟୋକ୍ସ ଏବଂ ଆଟକିନସନ୍ ଏକ ନାଇଟ କ୍ଲବ୍‌କୁ ଯାଇଥିଲେ । ଏହି ସମୟରେ ଉଭୟ କ୍ଲବରେ ଜଣେ ରଗବି ଖେଳାଳିଙ୍କ ସହ ଯୁକ୍ତିତର୍କ ଓ ଗଣ୍ଡଗୋଳ ହୋଇଥିଲା । ଝଗଡ଼ାର ସିସିଟିଭି ଫୁଟେଜ୍ ମଧ୍ୟ ସାମ୍ନାକୁ ଆସିଛି । ଇଂଲଣ୍ଡ ବୋର୍ଡ ଏବେ ଏହି ମାମଲାକୁ ବିଚାରକୁ ନେଇ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି ।

ପିଟିଏଫ୍ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍

## ୪ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୬ ପଦକ




ଭୁବନେଶ୍ୱର, ୧୦।୬ (ସମିସ): ଶ୍ରୀନଗରର ସେର ଇ କାଶ୍ମୀର ଇଣ୍ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେଉଥିବା ପ୍ରଥମ ପିଟିଏଫ ଇଣ୍ଟରନେସନାଲ ତାଏକ୍ୱୋଣ୍ଡୋ ଚାମ୍ପିଅନସିପରେ ଓଡ଼ିଶାକୁ ୬ଟି ପଦକ ମିଳିଛି । ଯେଉଁଥିରେ ୪ଟି ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ରହିଛି । ଅନୁଷ୍କା ଦାସ, ମିନାକ୍ଷୀ ନାୟକ, ଅନ୍ୱେଷ ହୋତା ଏବଂ କୁମାର କାଶ୍ୟପ ସରଙ୍ଗୀ ସ୍ୱର୍ଣ୍ଣ ପଦକ ଏବଂ ଆରାଭି ମିଶ୍ର ଓ ଅଂଶୁ ଅନନ୍ୟା ମହାପାତ୍ର ରୌପ୍ୟ ପଦକ ଜିତିଛନ୍ତି । ଏହି ସମସ୍ତ ୬ଜଣ ଖେଳାଳି କୋଚ୍ ଏହେସାସ ହୋତାଙ୍କ ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଶିକ୍ଷଣ ନେଉଛନ୍ତି । ପ୍ରତିଯୋଗିତାରେ ଚାରୋଟି ଦେଶରୁ ପାଖାପାଖି ୭୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ପଦକ ବିଜେତା କ୍ରୀଡ଼ାବିତଙ୍କୁ ଓଡିଶା ତାଇକ୍ୱୋଣ୍ଡୋ ସଂଘ ଓ ଏକାଡେମୀ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି ।

## ରଜରେ ମଦନପୁରରେ ଜାତୀୟ କବାଡ଼ି




ଭୁବନେଶ୍ୱର, ୧୦।୬ (ସମିସ)

ରଜ ପର୍ବ ଉପଲକ୍ଷେ ପାରମ୍ପରିକ କ୍ରୀଡାକୁ ପ୍ରୋତ୍ସାହିତ କରିବା ଲାଗି କବାଡ଼ି ଓ ଟଗ ଅଫ ୱାର ଚାମ୍ପିଅନସିପ ଜୁନ ୧୩ରୁ ଭୁବନେଶ୍ୱର ଉପକଣ୍ଠ ମଦନପୁରରେ ଆରମ୍ଭ ହେବ । ବିଚିତ୍ର ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ୧୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଜାତୀୟସ୍ତରର କ୍ରୀଡ଼ା ପ୍ରତିଯୋଗିତାରେ ୧୬ଟି ଦଳ ଅଂଶଗ୍ରହଣ କରିବେ । ଉଭୟ ପୁରୁଷ ଓ ମହିଳା ବିଭାଗରେ କବାଡି ଓ ଟଗ୍ ଅଫ ୱାର ଚାମ୍ପିଅନସିପ ଅନୁଷ୍ଠିତ ହେବ । କବାଡିରେ ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିବେ । ସମାନ ସଂଖ୍ୟକ ଦଳ ଟଗ ଅଫ ୱାରରେ ଭାଗନେବେ । ପୁରୁଷରେ ଚାମ୍ପିଅନ ଦଳୁ ୫୦ ହଜାର ଓ ରନର୍ସଅପ ଦଳୁ ୩୦ ହଜାର ପ୍ରଦାନ କରାଯିବ । ସେହିପରି ମହିଳାରେ ଚାମ୍ପିଅନଙ୍କୁ ୩୦ ହଜାର ଓ ରନର୍ସ ଅପ ଦଳକୁ ୨୦ ହଜାର ଟଙ୍କା ମିଳିବ ବୋଲି ବୁଧବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମଦନପୁର ପଞ୍ଚାୟତ ରଜ ମହୋତ୍ସବର ସଭାପତି ପ୍ରଫେସର ଛେନୁ ଶେଖର ପଟ୍ଟନାୟକ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ଆବାହକ ଅର୍ଦ୍ଧେନ୍ଦୁ ଦାସ, ସାଧାରଣ ସମ୍ପାଦକ ଅଜୟ ସାହୁ, ସୁଭଦ୍ରାଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର, ପ୍ରଧାନ ଶିକ୍ଷକ କାହ୍ନୁଚରଣ ମିଶ୍ର, ଏମ୍ସର ପୂର୍ବତନ ଡିରେକ୍ଟର୍ ଅଫ ଆକାଉଣ୍ଟାଣ୍ଟ ଜ୍ଞାନରଞ୍ଜନ ସାହୁ ଏବଂ ପୂର୍ବତନ ଫୁଟବଲ ଖେଳାଳି ପ୍ରଦୀପ୍ତ କୁମାର ବଳିୟାରସିଂହ ପ୍ରମୁଖ ଉପସ୍ଥିତ ରହିଥିଲେ ।

● ମହିଳା ଟି-୨୦ ବିଶ୍ୱକପ୍

## ଶେଷ ୱାର୍ମଅପ୍‌ରେ ହାରିଲା ଭାରତ

ଲଣ୍ଡନ, ୧୦।୬ (ଏଜେନ୍ସି): ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ଶୁକ୍ରବାରଠାରୁ ଇଂଲଣ୍ଡରେ ଆରମ୍ଭ ହେବାକୁଯାଉଛି । ଏଥିପୂର୍ବରୁ ଭାରତୀୟ ମହିଳା ଦଳ ଏହାର ଶେଷ ୱାର୍ମଅପ୍ ମ୍ୟାଚରେ ପରାଜୟବରଣ କରିଛି । ବୁଧବାର କାର୍ଡିଫରେ ଆୟୋଜକ ଇଂଲଣ୍ଡ ରୋମାଞ୍ଚକ ଭାବେ ୫ ରନରେ ହରମନପ୍ରୀତ୍ କୌରଙ୍କ ଦଳକୁ ହରାଇ ଦେଇଛି । ଏଥିପୂର୍ବରୁ ଭାରତ ପ୍ରଥମ ୱାର୍ମଅପ୍ ମ୍ୟାଚରେ ୨୬ ରନରେ ଦୁଇଥରର ଚାମ୍ପିଅନ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା । ବିଶ୍ୱକପ୍‌ରେ ଭାରତ ଏହାର ପ୍ରଥମ ମ୍ୟାଚରେ ଜୁନ ୧୪ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ ।

ବୁଧବାର ଅନୁଷ୍ଠିତ ୱାର୍ମଅପ୍‌ରେ ଘରୋଇ ଇଂଲଣ୍ଡ ମହିଳା ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ୱିକେଟ୍‌ରେ ୧୭୧ ରନ କରିଥିଲା । ଆମି ଜୋନ୍ସ ୬୪ ଓ ନାଟାଲୀ ସ୍କିଭର-ବ୍ରଣ୍ଟ ୫୭ ରନ କରିଥିଲେ । ଭାରତ ପକ୍ଷରୁ ଶ୍ରେୟଙ୍କା ପାଟିଲଙ୍କୁ ୨ଟି ୱିକେଟ୍ ମିଳିଥିଲା । ଜବାବରେ ଭାରତ ଗୋଟିଏ ବଲ୍ ବଳକା ଥାଇ ୧୬୬ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ରିଚା ଘୋଷ (୩୬ ବଲରେ ୬୮ ରନ)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବୃଥା ଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ହରମନପ୍ରୀତ୍ ୧୭, ଭାରତୀ ଫୁଲମଣି ୧୮, ଶେଫାଳି ବର୍ମା ୧୩, ସ୍ମୃତି ମନ୍ଧାନା ୧ ରନ କରି ନିରାଶ କରିଥିଲେ । ଇଂଲଣ୍ଡର ଲିନସୀ ସ୍ମିଥଙ୍କୁ ୩ଟି ୱିକେଟ୍ ମିଳିଥିଲା ।

## ଆଫଗାନିସ୍ତାନ ବିପକ୍ଷ ସିରିଜ୍‌ରୁ ପାଣ୍ଡ୍ୟା ବାଦ୍

ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ଆଫଗାନିସ୍ତାନ ବିପକ୍ଷ ଆଗାମୀ ଦିନିକିଆ ସିରିଜରୁ ଭାରତୀୟ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ବାଦ୍ ପଡ଼ିଛନ୍ତି । ପାଣ୍ଡ୍ୟାଙ୍କ ଜଂଘର ମାଂସପେଶୀରେ ଲାଗିଥିବା ଆଘାତରୁ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହାନ୍ତି । ଆଇପିଏଲ୍‌ରେ ଖେଳୁଥିବାବେଳେ ପାଣ୍ଡ୍ୟାଙ୍କ ଏହି ଆଘାତ ସମସ୍ୟା ହୋଇଥିଲା । ଆଫଗାନିସ୍ତାନ ସିରିଜ ଲାଗି କ୍ଲିୟରାନ୍ସ ପାଇବା ପାଇଁ ପାଣ୍ଡ୍ୟା ବୁଧବାର ବେଙ୍ଗାଲୁରୁସ୍ଥିତ ବିସିସିଆଇର ସେଣ୍ଟର ଅଫ୍ ଏକ୍ସଲେନ୍ସରେ ଟେଷ୍ଟ ଦେଇଥିଲେ । ଟେଷ୍ଟ ସମୟରେ ବିସିସିଆଇ ମେଡିକାଲ ଟିମ୍ ଆକଳନ କରିଥିଲା ଯେ ମ୍ୟାଚରେ ପାଣ୍ଡ୍ୟା କୋଟାର ସମ୍ପୂର୍ଣ୍ଣ ୧୦ ଓଭର ବୋଲିଂ କଲେ ନୂତନ ଆଘାତ ପାଇପାରନ୍ତି । ଘରୋଇ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଶନିବାରଠାରୁ ଆରମ୍ଭ ହେବ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS